


▸ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-331 ♦BHUBANESWAR ♦FRIDAY ♦30 MAY 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୨ ♦ସଂଖ୍ୟା-୩୩୧ ♦ଭୁବନେଶ୍ୱର ♦ଶୁକ୍ରବାର ♦୩୦ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

# ଛୁଇଁଦେଇ ବ୍ରେକ୍ ନେବ ମୌସୁମୀ

**ବାଧା ସାଜିବ ପଶ୍ଚିମାଝଡ଼**



■ **ଭୁବନେଶ୍ୱର, ୨୯।୫ (ସମିସ):** ବିରତି ନେବ ମୌସୁମୀ। ରାଜ୍ୟକୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆସୁ ଆସୁ ବର୍ଷାରେ ଲାଗିବ ବଡ଼ ବ୍ରେକ୍। ପ୍ରାୟ ଦୁଇ ସପ୍ତାହ ପର୍ଯ୍ୟନ୍ତ ମୌସୁମୀ ନିଷ୍କ୍ରିୟ ରହିବା ସହ ରାଜ୍ୟରେ ବିଶେଷ ବର୍ଷା ହେବ ନାହିଁ। ଫଳରେ ଚଳିତ ବର୍ଷ ସଅଳ ମୌସୁମୀ ଆସିଥିଲେ ମଧ୍ୟ ପୂର୍ବ ଭଳି ଜୁନ୍ ୧୦ ପରେ ବା ରଜ ବେଳକୁ ବର୍ଷା ହେବାର ସମ୍ଭାବନା ଦେଖାଦେଇଛି। ସୂଚନା ଅନୁଯାୟୀ ଉଭୟ ଆରବ ସାଗରରେ ଓ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ହେତୁ ଚଳିତ ବର୍ଷ ମୌସୁମୀ ବହୁ ଆଗରୁ ଅର୍ଥାତ ୨୪ ମେ'ରେ କେରଳ ଛୁଇଁଥିଲା। ବଙ୍ଗୋପସାଗରେ ସୃଷ୍ଟ ଲଘୁଚାପ ଏହାକୁ ଓଡ଼ିଶା ଆଡ଼କୁ ଟାଣି ଆଣିବାରେ ସକ୍ଷମ ହେବା ହେତୁ ରାଜ୍ୟକୁ ମଧ୍ୟ ସ୍ୱାଭାବିକଠାରୁ ଦୁଇ ସପ୍ତାହ ଆଗରୁ ମୌସୁମୀ ଆସିଥିଲା। ମାତ୍ର ଲଘୁଚାପର ପ୍ରଭାବ କମିବା ପରେ ମୌସୁମୀ ବ୍ରେକ୍ ମାରିବାକୁ ଯାଉଛି। ମୁଖ୍ୟତଃ ଉତ୍ତର ଆଫାଗାନୀସ୍ଥାନରେ ପଶ୍ଚିମା ଝଡ଼ ଓ ଏହା ପଛକୁ ସୃଷ୍ଟି ହେବାକୁ ଥିବା ଆଉ ଏକ ▸ପୃଷ୍ଠା-୭

**ବାୟୁସେନା ମୁଖ୍ୟଙ୍କ କ୍ଷୋଭ**

# ଚୁକ୍ତି ହେଉଛି; ପ୍ରକଳ୍ପ ସରୁନାହିଁ



■ **ନୂଆଦିଲ୍ଲୀ, ୨୯।୫ (ଏଜେନ୍ସି):** ଚୁକ୍ତି ପରେ ଚୁକ୍ତି ହେଉଛି। କିନ୍ତୁ ଠିକ୍ ସମୟରେ ଉପକରଣ ଆସିପାରୁ ନାହିଁ। ଅନେକ ପ୍ରତିରକ୍ଷା ପ୍ରକଳ୍ପ ପଡ଼ି ରହିଛି, ସଂପନ୍ନ ହୋଇପାରୁ ନାହିଁ। ଭାରତର ବାୟୁସେନା ଅଧକ୍ଷ ଏୟାର ଚିଫ୍ ମାର୍ଶଲ ଏପି ସିଂହ ଆଜି ଏଠାରେ ଏକ କାର୍ଯ୍ୟକ୍ରମରେ ଏଭଳି କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ବଡ଼ ଧରଣର ପ୍ରତିରକ୍ଷା ପ୍ରକଳ୍ପରେ ବିଳମ୍ବ ଯୋଗୁଁ ସେନାକୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏହି ପ୍ରକଳ୍ପ ସାରିବା ଲାଗି ଯେଉଁ ସମୟସୀମା ଧାର୍ଯ୍ୟ କରାଯାଉଛି ତାହା ସମ୍ଭବ ହୋଇନାରୁ ନାହିଁ। ଏଭଳି କାହିଁକି ସମୟଲକ୍ଷ୍ୟ ଧାର୍ଯ୍ୟ କରିବା ଯାହା ହାସଲ ହୋଇପାରିବ ନାହିଁ। ଏଦିଗରେ ଆମକୁ ଚିନ୍ତା କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

ବିଶେଷ କରି ଯୁଦ୍ଧବିମାନ ପ୍ରକଳ୍ପକୁ ନେଇ ସେ ଚିନ୍ତା ପ୍ରକଟ କରିଛନ୍ତି। ଭାରତ ସରକାରଙ୍କ 'ଆତ୍ମନିର୍ଭର ଭାରତ' ଯୋଜନାରେ ସ୍ୱଦେଶ ଜ୍ଞାନକୌଶଳରେ ନିର୍ମାଣ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ଅସଂପନ୍ନ ଅବସ୍ଥାରେ ▸ପୃଷ୍ଠା-୭

# ଟ୍ରମ୍ପଙ୍କ ହାତ ଛାଡ଼ିଲେ ମସ୍କ

## 'ବିଗ୍ ବିୟୁଟିଫୁଲ୍ ବିଲ୍'କୁ ବିରୋଧ, ଡିଓଜିଇରୁ ଇସ୍ତଫା

■ **ୱାଶିଂଟନ୍, ୨୯।୫ (ଏଜେନ୍ସି):** ଟ୍ରମ୍ପ ପ୍ରଶାସନ ଛାଡିଛନ୍ତି ଟେସ୍‌ଲା ମାଲିକ ଏବଂ ଆମେରିକୀୟ କୋଟିପତି ଏଲନ୍ ମସ୍କ। ଭାଙ୍ଗିଛି ଟ୍ରମ୍ପ ଓ ମସ୍କଙ୍କ ଯୋଡ଼ି। ଆମେରିକା ସରକାରରୁ ହଠାତ୍ ଇସ୍ତଫା ଦେଇଛନ୍ତି ମସ୍କ। ଟ୍ରମ୍ପ ସରକାରରେ ସରକାରୀ ଦକ୍ଷତା ବିଭାଗ (ଡିଓଜିଇ) ମୁଖ୍ୟ ଭାବେ ଦାୟିତ୍ୱ ସମ୍ଭାଳୁଥିବା ମସ୍କ ଅଚାନକ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏ ନେଇ ନିଜ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ସୂଚନା ଦେଇଛନ୍ତି ମସ୍କ। ମସ୍କ ଟ୍ରମ୍ପଙ୍କ 'ବିଗ୍ ବିୟୁଟିଫୁଲ୍ ବିଲ୍'କୁ ବିରୋଧ କରିବା ସହ ତାହାର ତୀବ୍ର ସମାଲୋଚନା କରିଥିଲେ। ଟ୍ରମ୍ପ୍ ମନଇଚ୍ଛା ନେଉଥିବା ନିଷ୍ପତ୍ତି ମସ୍କଙ୍କ ଇସ୍ତଫା ପଛର ବଡ଼ କାରଣ ବୋଲି କୁହାଯାଉଛି।

ଭାରତୀୟ ସମୟ ଅନୁସାରେ ଗୁରୁବାର ସକାଳ ୫ଟା ୩୦ ମିନିଟ୍‌ରେ ସୋସିଆଲ ମିଡିଆ ଏକ୍ସ'ରେ ମସ୍କ ପ୍ରଥମେ ଇସ୍ତଫା ସମ୍ପର୍କରେ ସୂଚନା ଦେଇଥିଲେ। ମସ୍କ କହିଥିଲେ ଯେ ଜଣେ ସ୍ୱତନ୍ତ୍ର ସରକାରୀ କର୍ମଚାରୀ ଭାବରେ ତାଙ୍କର ନିର୍ଦ୍ଧାରିତ ସମୟ ଶେଷ ହେଉଛି। ସେ



**ସରକାରରେ ମସ୍କଙ୍କ ହସ୍ତକ୍ଷେପ ବିରୁଦ୍ଧରେ ଆମେରିକାରେ ପ୍ରତିବାଦ ପଡ଼ିଲା ମହଙ୍ଗା**

**ଅପଖର୍ଚ୍ଚ ହ୍ରାସ ନିମନ୍ତେ ସୁଯୋଗ ଦେଇଥିବାରୁ ଧନ୍ୟବାଦ: ମସ୍କ**

ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଅପଖର୍ଚ୍ଚ ହ୍ରାସ କରିବା ନିମନ୍ତେ ତାଙ୍କୁ ସୁଯୋଗ ଦେଇଥିବା ନେଇ ଧନ୍ୟବାଦ ଦେଇଛନ୍ତି। ସୂଚନା ଅନୁଯାୟୀ, ରାଷ୍ଟ୍ରପତି ହେବା ପରେ ▸ପୃଷ୍ଠା-୭

# ବିସ୍ଫୋରକ ଉଡାନ୍; ବଢୁଛି ଚିନ୍ତା

## ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ହାଇଆଲର୍ଟ, ସରଣ୍ଡା ଜଙ୍ଗଲରେ ସିଆର୍‌ପିଏଫ୍‌ର ଘେରାବନ୍ଦୀ

■ **ରାଉରକେଲା, ୨୯।୫ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ବଣାଇ ଅଞ୍ଚଳରୁ ମାଓବାଦୀମାନେ ଲୁଟିନେଇଥିବା ୫ ଟନ୍ ବିସ୍ଫୋରକ ସାମଗ୍ରୀ ଗଲା କୁଆଡ଼େ? ମାଓବାଦୀମାନେ କେଉଁଠି ଲୁଚାଇ ରଖିଛନ୍ତି ଏତେ ପରିମାଣର ବିସ୍ଫୋରକ ସାମଗ୍ରୀ? ଲୁଟ୍‌ର ୫୦ ଘଣ୍ଟା ପରେ ବି ଟେର୍ ପାଉନି ସୁରକ୍ଷା ବାହିନୀ। ଲୁଟ୍ ପଛରେ ଝାଡ଼ଖଣ୍ଡୀ ମାଓବାଦୀଙ୍କ ହାତ ଥିବାର ସନ୍ଦେହ କରାଯାଉଛି। ସେମାନଙ୍କୁ ଖୋଜି ବାହାର କରିବା ଲାଗି ସୁରକ୍ଷା ବାହିନୀ ପକ୍ଷରୁ ଆରମ୍ଭ ହୋଇଛି ବଡ଼ ଧରଣର ଅପରେସନ୍। ଓଡ଼ିଶା-ଝାଡ଼ଖଣ୍ଡ ସୀମାକୁ ସିଲ୍ କରାଯିବା ସହିତ ହାଇଆଲର୍ଟ ମଧ୍ୟ ଜାରି କରାଯାଇଛି। ସିଆରପିଏଫ୍ ଏବଂ ରାଜ୍ୟ ପୁଲିସର ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ରହି ତନାଘନା ଚଳାଇଛନ୍ତି। ଏନ୍‌ଆଇଏ ଅଧିକାରୀମାନେ ମଧ୍ୟ ଆସି ଏଥିରେ ସାମିଲ ହେଲେଣି। ଲୁଟ୍ ହେବାକୁ ତିନି ଦିନ ବିତିଯାଇଥିଲେ ମଧ୍ୟ ବିସ୍ଫୋରକ ଠାବ ହୋଇପାରି ନାହିଁ। ମାଓବାଦୀମାନେ କୌଣସି ବଡ଼ ଧରଣର ଆକ୍ରମଣ ପାଇଁ ଯୋଜନା କରିଥାଇପାରନ୍ତି। ଏହାକୁ ନେଇ

- **ତଦନ୍ତ ପାଇଁ ପହଞ୍ଚିଲା ଏନ୍‌ଆଇଏ ଟିମ୍**
- **ସିଆରପିଏଫ୍ ଆଇଜିଙ୍କ ଖୋଳତାଡ଼ ଆରମ୍ଭ**

ସଂପୃକ୍ତ ଅଞ୍ଚଳରେ ଆତଙ୍କର ବାତାବରଣ ଲାଗି ରହିଛି। ତେ।ବେ ଲୁଟ ବିସ୍ଫୋରକ ସାମଗ୍ରୀକୁ ଠାବ କରିବା ପାଇଁ ଓଡ଼ିଶା, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ୩ଟି ରାଜ୍ୟର ପୁଲିସ ନିଜ ନିଜ ଏଜେନ୍ସିକୁ ପୂରା ଦମ୍‌ରେ ଲଗାଇଛନ୍ତି।

୨୦୨୬ ସୁଦ୍ଧା ଭାରତକୁ ମାଓମୁକ୍ତ କରିବା ଲାଗି କେନ୍ଦ୍ର ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସେହି ଅନୁସାରେ ଛତିଶଗଡ଼ରେ ମାଓ ବିରୋଧୀ ଅଭିଯାନରେ ସୁରକ୍ଷା ବାହିନୀକୁ ସଫଳତା ମଧ୍ୟ ମିଳୁଛି। ଜଣେ ପରେ ଜଣେ ବରିଷ୍ଠ ମାଓ ନେତା ମୂଳପୋଛ ହେଉଛନ୍ତି। ଗୋଟିଏ ପଟେ ଛତିଶଗଡ଼ରେ ମାଓବାଦୀ ସଫା ହେଉଥିବା ବେଳେ ଓଡ଼ିଶାରେ ସେମାନେ ହଠାତ୍ ସକ୍ରିୟ ହେବା ସୁରକ୍ଷା ଅଧିକାରୀଙ୍କୁ ଚିନ୍ତାରେ ପକାଇଦେଇଛି। ବିସ୍ଫୋରକ ଲୁଟ୍ ପରେ ତଦନ୍ତ ପାଇଁ ତୁହାକୁତୁହା ବରିଷ୍ଠ ପୁଲିସ ପଦାଧିକାରୀଙ୍କ ସୁଅ ଛୁଟିଛି। ଚାଲିଛି ରୁଦ୍ଧଦ୍ୱାର ବୈଠକ। ରାଉରକେଲାରେ ପହଞ୍ଚିଛନ୍ତି ଏନ୍‌ଆଇଏର ସ୍ୱତନ୍ତ୍ର ଟିମ୍। ଏନ୍‌ଆଇଏର ଏହି ଟିମ୍ ଗୁରୁବାର କେ.ବଲାଙ୍ଗ ଯାଇ ତଦନ୍ତ କରିଛନ୍ତି। ଏହି ସମ୍ବେଦନଶୀଳ ଘଟଣା ତଦନ୍ତ ପାଇଁ ରାଉରକେଲାରେ ପହଞ୍ଚିଛନ୍ତି ସିଆରପିଏଫ୍ ଆଇଜି ଅମିତେନ୍ଦ୍ରନାଥ ସିହ୍ନା ଏବଂ ଡିଆଇଜି ଅସିତ ଚୌଧୁରୀ। ସିଆରପିଏଫ ଆଇଜି ବାଇକରେ ଯାଇ ତଦନ୍ତ କରିଥିଲେ। ସେପଟେ ସୁରକ୍ଷା ଦୃଷ୍ଟିରୁ ଓଡ଼ିଶା - ଝାଡ଼ଖଣ୍ଡ ସୀମାନ୍ତରେ ହାଇ ଆଲର୍ଟ ଜାରି କରାଯାଇଛି। ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ, ବରିଷ୍ଠ ପୁଲିସ ପଦାଧିକାରୀ, ଏନ୍‌ଆଇଏ ଟିମ ସହ ଏହି ଘଟଣା ଉପରେ ସମୀକ୍ଷା କରି ଭୁବନେଶ୍ୱର ଫେରି ଯାଇଛନ୍ତି।

ସୂଚନାଯୋଗ୍ୟ ଯେ ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଉପଖଣ୍ଡର ଝାଡ଼ଖଣ୍ଡ ▸ପୃଷ୍ଠା-୭

# ସିବିଆଇ ଜାଲରେ ଇଡି ଉପନିର୍ଦ୍ଦେଶକ

■ **ଭୁବନେଶ୍ୱର, ୨୯।୫ (ସମିସ):** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଜଣେ ବରିଷ୍ଠ ଅଧିକାରୀ ୨୦ଲକ୍ଷ ଲାଞ୍ଚ ନେବାବେଳେ ସିବିଆଇ ହାତରେ ଧରାପଡ଼ିଛନ୍ତି। ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ କାର୍ଯ୍ୟରତ ଇଡିର ଉପନିର୍ଦ୍ଦେଶକ ଚିନ୍ତନ ରଘୁବଂଶୀ ଏକ ଖଣି ମାମଲାର ରଫାଦଫା ପାଇଁ ଅର୍ଥ ନେଉଥିବା ଅଭିଯୋଗରେ ସିବିଆଇ ତାଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।


**୨୦ ଲକ୍ଷ ଲାଞ୍ଚ ନେବା ବେଳେ ଧରାପଡିଲେ**

ମିଳିଥିବା ସୂଚନା ଅନୁଯାୟୀ, ଖଣିଜନିତ ଏକ ମାମଲାର ରଫାଦଫା ପାଇଁ ୨୦୧୩ର ଭାରତୀୟ ରାଜସ୍ୱ ସେବା (ଆଇଆରଏସ୍) ଅଧିକାରୀ ତଥା ଇଡିର ଉପନିର୍ଦ୍ଦେଶକ ଶ୍ରୀ ରଘୁବଂଶୀ ୫୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ ଦେଇଥିବା ବ୍ୟକ୍ତି ଜଣକ ଏନେଇ ସିବିଆଇକୁ ଜଣାଇବା ପରେ ରଘୁବଂଶୀଙ୍କ କାର୍ଯ୍ୟକଳାପ ଉପରେ ସିବିଆଇ ନଜର ରଖିଥିଲା। ଗୁରୁବାର ସନ୍ଧ୍ୟାରେ ଚିନ୍ତନ ଏବଂ ତାଙ୍କ ସହଯୋଗୀ ଲାଞ୍ଚ ନେବା ସମୟରେ ପୂର୍ବରୁ ସଜାଗ ଥିବା ସିବିଆଇ ଟିମ୍ ତାଙ୍କୁ ଧରିଥିଲା। ଘଟଣାସ୍ଥଳରୁ ସିବିଆଇର ବରିଷ୍ଠ ଅଧିକାରୀମାନେ ରଙ୍ଗବୋଲା ୨୦ ଲକ୍ଷ ଟଙ୍କା ଜବତ କରିଥିଲେ। ଅଭିଯୁକ୍ତ ଚିନ୍ତନ ରଘୁବଂଶୀ ଏବଂ ତାଙ୍କ ସହଯୋଗୀଙ୍କୁ ସିବିଆଇ ପକ୍ଷରୁ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି।

**ହୋମ୍‌ଗାର୍ଡ ଚୟନ ପ୍ରକ୍ରିୟା ବେଳେ ଅଘଟଣ**

# ୨ ନିଯୁକ୍ତି ଆଶାୟୀ ମୃତ, ୪ ଗୁରୁତର





■ **ପାରଳାଖେମୁଣ୍ଡି, ୨୯।୫ (ସମିସ):** ହୋମଗାର୍ଡ ପଦ ନିମନ୍ତେ ଶାରୀରିକ ପରୀକ୍ଷା ଦେବା ବେଳେ ଗଜପତି ଜିଲ୍ଲାରେ ଆଜି ୨ ନିଯୁକ୍ତି ଆଶାୟୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ, ରାମଗିରି ଥାନା ଅନ୍ତର୍ଗତ ପରିସଲ ଗ୍ରାମର ସୁଲନ୍ତ ମିଶାଲ ଓ ରାୟଗଡ଼ ଥାନା ନାରାୟଣପୁର ଗ୍ରାମର ଦୀପକ ପାଡେଲା(୨୭)। ସୁଲନ୍ତଙ୍କର ପାରଳାଖେମୁଣ୍ଡିରେ ମୃତ୍ୟୁ ହୋଇଥିବା ବେଳେ ଦୀପକଙ୍କର ବ୍ରହ୍ମପୁର ବଡ଼ ମେଡିକାଲରେ ମୃତ୍ୟୁ ହୋଇଛି। ସେହିପରି ପରୀକ୍ଷା ବେଳେ ଅନ୍ୟ ୪ଜଣ ଗୁରୁତର ଅସୁସ୍ଥ ହୋଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

**୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

ସୂଚନାନୁଯାୟୀ, ୧୪୪ ହୋମଗାର୍ଡ ପଦ ନିମନ୍ତେ ୨ମାସ ଧରି ଚୟନ ପ୍ରକ୍ରିୟା ଚାଲିଛି। ଗୁରୁବାର ଚୟନ ପ୍ରକ୍ରିୟାରେ ଆବେଦନକାରୀଙ୍କ ଶାରୀରିକ ପରୀକ୍ଷା ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହେଉଥିଲା। ଶେଷ ପର୍ଯ୍ୟାୟରେ ପ୍ରାୟ ୧୨୦୦ ଆବେଦନକାରୀ ଉପସ୍ଥିତ ଥିଲେ। ଏଥିରେ ଆବେଦନକାରୀଙ୍କୁ ୨ କି.ମି ଦୌଡ଼ିବାର ଥିଲା। ୨କିମି ରାସ୍ତାରେ ସମସ୍ତ ବନ୍ଦୋବସ୍ତ କରାଯାଇଥିଲା। ଏଥିପାଇଁ ୬ଟି ଟିମ୍ ନିୟୋଜିତ ଥିଲେ। ସ୍ଥାନେସ୍ଥାନେ ପାଣି, ଗ୍ଲୁକୋଜ୍ ବ୍ୟବସ୍ଥା କରାଯାଇଥିଲା। ▸ପୃଷ୍ଠା-୭

**ସରୁନି ରାସନ୍ କାର୍ଡ ଯନ୍ତ୍ରଣା**

# ରାତିଅଧରୁ ପିଲାଛୁଆ ଧରି ଅଧିଆ




■ **ଭଦ୍ରକ, ୨୯।୫ (ସମିସ):** ପୁଣି ରାସନ୍ କାର୍ଡରେ ନାମ ଯୋଡ଼ିବାକୁ ଶହଶହ ନୂତନ ହିତାଧିକାରୀ ଯନ୍ତ୍ରଣା ଭୋଗୁଥିବା ନଜରକୁ ଆସିଛି। ନୂତନ ହିତାଧିକାରୀଙ୍କ ମଧ୍ୟରେ ବହୁ ମହିଳା, ବୟସ୍କ ଓ ଭିନ୍ନକ୍ଷମମାନେ ରହିଛନ୍ତି। ଗତ ୩ ଦିନ ହେବ, ଭଦ୍ରକ ସଦର ବ୍ଲକ ସମ୍ମୁଖରେ ରାସନ୍ କାର୍ଡ ପାଇଁ ନୂତନ ହିତାଧିକାରୀମାନେ ରାତି ଅଧରୁ ଅଧିଆ ପଡୁଛନ୍ତି। ତଥାପି କାର୍ଡ ନପାଇ ଶହଶହ ଯୋଗ୍ୟ ହିତାଧିକାରୀ ନିରାଶ ହୋଇ ଘରକୁ ଫେରୁଥିବା ଦେଖିବାକୁ ମିଳିଛି।

ସୂଚନାନୁଯାୟୀ, ନୂତନ ରାସନ୍‌କାର୍ଡ ଆବେଦନ ପାଇଁ ନୂଆ ଆଧାରକାର୍ଡ କରିବା ଓ ଆଧାରକାର୍ଡରେ ନାମ ଯୋଡ଼ିବା ପାଇଁ ଭଦ୍ରକ ବ୍ଲକ ପରିସରରେ ହିତାଧିକାରୀଙ୍କ ଦୟନୀୟ ଅବସ୍ଥା ଭୋଗୁଛନ୍ତି। ରାତି ୪ଟାରୁ ଧାଡ଼ି ବାନ୍ଧୁଛନ୍ତି ହଜାରହଜାର ହିତାଧିକାରୀ। ହେଲେ ସକାଳୁ ମିଳୁଛି ମାତ୍ର ଶହେ ଟୋକାନ। ଅର୍ଥାତ ଶହେ ଜଣରୁ ଅଧିକ ହିତାଧିକାରୀଙ୍କ ରାସନ୍ କାର୍ଡ ଯୋଡ଼ା ହେବା କାର୍ଯ୍ୟ ହେଉନି। ଏହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ଦେଖିବାକୁ ମିଳିଛି। ଧାଡ଼ିରେ ଛିଡ଼ା ହେଲେ ମଧ୍ୟ ଭିତିରିଆ ଟୋକାନ୍ ବଣ୍ଟନ ହେଉଥିବା ଅଭିଯୋଗ ହେଉଛି। ଏପରିକି, ଟୋକନ୍ ବଣ୍ଟନରେ ପାତରଅନ୍ତର ନୀତି ଆପଣାଯାଉଥିବା ଅଭିଯୋଗ କରିଛନ୍ତି ବହୁ ହିତାଧିକାରୀ। ଏସବୁ ପାଇଁ ବ୍ଲକ୍ ପ୍ରଶାସନର ଅପାରଗତାକୁ ଦାୟୀ କରିଛନ୍ତି ଲୋକେ। ଅନ୍ୟପଟେ ୩ ଦିନ ମଧ୍ୟରେ ମାତ୍ର ୨୬୦ଜଣଙ୍କ କାର୍ଡରେ ନାମ ସଂଯୋଗୀକରଣ କରାଯାଇଥିବା କହିଛନ୍ତି ଭଦ୍ରକ ବିଡିଓ ରଶ୍ମିରଂଜନ ମଲ୍ଲିକ। ଦିନକୁ ୬ଟି ପଞ୍ଚାୟତର ମାତ୍ର ୧୨୦ଜଣଙ୍କୁ ଟୋକାନ୍ ଦେବା ବ୍ୟବସ୍ଥା କରାଯାଇଛି ଓ ହିତାଧିକାରୀଙ୍କୁ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ବିଡିଓ କହିଛନ୍ତି।

**୩ ଦିନ ହେବ ବ୍ଲକ୍‌ରୁ ନିରାଶରେ ଫେରୁଛନ୍ତି ହିତାଧିକାରୀ**

ପିଲାମାନଙ୍କ ନାମ ରାସନ୍ କାର୍ଡରେ ଯୋଡ଼ିବାକୁ ୩ ଦିନ ହେବ, ରାତି ୩ଟାରୁ ଆସି ବ୍ଲକ୍ ସମ୍ମୁଖରେ ଲାଇନ ଦେଇ ନିୟମିତ ଫେରିବାକୁ ବାଧ୍ୟ ହେଉଛୁ ବୋଲି ଗୁଜିଦରଡ଼ା ଅଞ୍ଚଳର ସେକ୍ ଅବଦୁଲ ରହେମାନ, ପାଟଣା ଗାଁରୁ ପ୍ରମିଳା ନାୟକ ଓ ତପସ୍ୱିନୀ ମଲ୍ଲିକଙ୍କ ଭଳି ବହୁ ହିତାଧିକାରୀ ଅଭିଯୋଗ କରିଛନ୍ତି।



■ ପାକିସ୍ତାନ ପାଇଁ ଗୁଇନ୍ଦାଗିରି

# ସରକାରୀ ଚାକିରିଆ ଗିରଫ

ଜୟପୁର, ୨୯।୫ (ଏଜେନ୍ସି): ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରି ଧରାପଡ଼ିଥିବା ଜ୍ୟୋତି ମଲହୋତ୍ରାଙ୍କ ପରେ ଅନେକ ବ୍ୟକ୍ତିଙ୍କୁ ଗିରଫ କରାଗଲାଣି। ଏବେ ରାଜସ୍ଥାନର ଜଣେ ସରକାରୀ ଚାକିରିଆ ତଥା ଜଣେ ବରିଷ୍ଠ କଂଗ୍ରେସ ନେତାଙ୍କ ପୂର୍ବତନ ବ୍ୟକ୍ତିଗତ ସହାୟକ ଶକୁର ଖାନ ମଙ୍ଗଲିୟାଙ୍କୁ ପୁଲିସ ଗିରଫ କରିଛି। ସେ ଜୈସାଲମେର ସ୍ଥିତ ରାଜ୍ୟ ସରକାରଙ୍କ ନିଯୁକ୍ତି କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ଅପରେସନ ସିନ୍ଦୂର ସମୟରେ ଜିଲ୍ଲା ପ୍ରଶାସନର ନିୟନ୍ତ୍ରଣ କକ୍ଷରେ ସେ ମୁତୟନ ଥିଲେ। ତେବେ ତାଙ୍କ କାର୍ଯ୍ୟକଳାପକୁ ନେଇ ଅଧିକାରୀମାନେ ସନ୍ଦେହ ପ୍ରକାଶ କରିଥିଲେ। ଏହା ପରେ ଶକୁର ପାକିସ୍ତାନ ଦୂତାବାସର ଜଣେ ଅଧିକାରୀଙ୍କ ସହିତ ଯୋଗାଯୋଗରେ ଥିବା ନେଇ ଅଭିଯୋଗ ହୋଇଥିଲା। ପାକିସ୍ତାନ ଗୁଇନ୍ଦା ଏଜେନ୍ସି ଆଇଏସ୍ଆଇ ସହିତ ତାଙ୍କର ସଂପର୍କ ଥାଇପାରେ ବୋଲି ସନ୍ଦେହ କରାଯାଇଥିଲା। ଏହା ପରଠାରୁ ଗୁଇନ୍ଦା ସଂସ୍ଥାଗୁଡ଼ିକ ତାଙ୍କ ଉପରେ ନଜର ରଖିଥିଲେ।

ଜୈସାଲମେର ଏସ୍ପି ସୁଧୀର ଚୌଧୁରୀ କହିଛନ୍ତି ଯେ ଏବେ ମାମଲାର ତଦନ୍ତ ଚାଲିଛି। ଉପରୁ ନିର୍ଦ୍ଦେଶ ଆସିଥିବାରୁ ତାଙ୍କୁ ଗିରଫ କରାଯାଇଛି। ପୂର୍ବରୁ ରାଜ୍ୟ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଶାଲେ ମହମ୍ମଦଙ୍କ ବ୍ୟକ୍ତିଗତ ସହାୟକ ଭାବେ ଶକୁର କାର୍ଯ୍ୟ କରୁଥିଲେ। ଉଭୟେ ଗୋଟିଏ ଗ୍ରାମର ବାସିନ୍ଦା। ଶକୁରଙ୍କ ଫୋନ୍‌ରୁ ଅନେକ ଅଜ୍ଞାତ ପାକିସ୍ତାନୀ ନମ୍ବରକୁ ଫୋନ୍ ଯାଇଛି। ସେହି ନମ୍ବରଗୁଡ଼ିକ ତାଙ୍କ ମୋବାଇଲକୁ କିପରି ଆସିଲା ସେ ନେଇ କୌଣସି ସ୍ପଷ୍ଟ ସୂଚନା ଶକୁର ଦେଇ ନାହାନ୍ତି। ସେ ୬-୭ ଥର ପାକିସ୍ତାନ ଯାଇଥିବା ମଧ୍ୟ ସ୍ୱୀକାର କରିଛନ୍ତି।

# ୨ ଲସ୍କର ଆତଙ୍କବାଦୀ ଗିରଫ

ଶ୍ରୀନଗର, ୨୯।୫ (ଏଜେନ୍ସି): ସ୍ଥଳ ସେନା, ପୁଲିସ୍ ଓ ସିଆରପିଏଫ ମିଳିତ ତଲାସୀ ଅଭିଯାନରେ ବଡ଼ ସଫଳତା ମିଳିଛି। ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣକୁ ସୁରକ୍ଷାବାହିନୀ ପଣ୍ଡ କରିଦେଇଛି। ଜମ୍ମୁ-କଶ୍ମୀର ସୋପିଆନର



ବାସ୍କୁଚାନ ଇମାମସାହିବରୁ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା (ଏଲଇଟି)ର ୨ ଆତଙ୍କବାଦୀଇରଫାନ ବଶିର ଓ ଉଜୈର ସଲାମକୁ ଗିରଫ କରାଯାଇଛି। ଉଭୟଙ୍କ ନିକଟରୁ ୨ଟି ଏକେ-୫୬ ରାଇଫଲ, ୪ଟି ମ୍ୟାଗାଜିନ, ୨ଟି ହ୍ୟାଣ୍ଡ ଗ୍ରେନେଡ ଓ ଅନ୍ୟାନ୍ୟ ଗୁଳିଗୋଳା ଜବତ କରାଯାଇଛି। ଉପତ୍ୟକାରେ ବଡ଼ଧରଣର ଆକ୍ରମଣ କରିବାକୁ ସେମାନେ ଯୋଜନା କରିଥିବା ବେଳେ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡ଼ିଛନ୍ତି। ୨ ଆତଙ୍କବାଦୀଙ୍କ ଠାରୁ ନଗଦ ୫,୪୦୦ ଟଙ୍କା ଏବଂ ଗୋଟିଏ ଆଧାର କାର୍ଡ ମଧ୍ୟ ଜବତ ହୋଇଛି। ଆତଙ୍କବାଦୀ ଲୁଚି ରହିଥିବା ସୂଚନା ପାଇଁ ଆର୍ମିର ୪୪ ରାଷ୍ଟ୍ରୀୟ ରାଫଲ , ପୁଲିସ ଓ ସିଆରପିଏଫର ୧୭୮ ବାଟାଲାୟନ ପକ୍ଷରୁ ଏହି ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା। ନିକଟସ୍ଥ ଫୁଲ ବଗିଚାରେ କିଛି ଆତଙ୍କବାଦୀ କାର୍ଯ୍ୟକଳାପ ଦେଖିବାକୁ ମିଳିଥିଲା। ସୁରକ୍ଷାକର୍ମୀଙ୍କୁ ଦେଖି ୨ ଆତଙ୍କବାଦୀ ଡରି ଯାଇଥିଲେ। ଏନକାଉଣ୍ଟର ଭୟରେ ଉଭୟେ ଆତ୍ମସମର୍ପଣ କରିଥିଲେ ବୋଲି ସେନା ପକ୍ଷରୁ କୁହାଯାଇଛି।

# ସୁପ୍ରିମକୋର୍ଟରେ ୩ ନୂଆ ବିଚାରପତି ନିଯୁକ୍ତ

ନୂଆଦିଲ୍ଲୀ,୨୯ ।୫(ଏଜେନ୍ସି): ସୁପ୍ରିମ୍‌କୋର୍ଟରେ ୩ ଜଣ ନୂଆ ବିଚାରପତି ନିଯୁକ୍ତ ହେବା ସ୍ପଷ୍ଟ ହୋଇଛି। ଗୁରୁବାର କେନ୍ଦ୍ର ସରକାର ଏ ନେଇ ବିଜ୍ଞପ୍ତି ଜାରି କରିଛନ୍ତି। ରାଷ୍ଟ୍ରପତ ଦୌପ୍ରଦୀ ମୁର୍ମୁ ସୁପ୍ରିମକୋର୍ଟ କଲେଜିୟମର ସୁପାରିଶରେ ସ୍ୱାକ୍ଷର କରିବା ପରେ ୩ଜଣ ବିଚାରପତି ଖୁବ୍‌ଶୀଘ୍ର ଦାୟିତ୍ୱ ଗ୍ରହଣ କରିବା ନିଶ୍ଚିତ ହୋଇଛି। ନିଯୁକ୍ତି ପାଇଥିବା ବିଚାରପତି ମାନେ ହେଲେ କର୍ଣ୍ଣାଟକ ହାଇକୋର୍ଟର ମୁଖ୍ୟ ବିଚାରପତି ଏନ୍‌ଭି ଅଞ୍ଜାରିଆ, ଗୌହାଟୀ ହାଇକୋର୍ଟ ମୁଖ୍ୟ ବିଚାରପତି ବିଜୟ ବିଷ୍ଣୋଇ ଏବଂ ବମ୍ବେ ହାଇକୋର୍ଟ ବିଚାରପତି ଏଏସ୍ ଚନ୍ଦୁରକର। କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ ଗୁରୁବାର ଏ ସଂକ୍ରାନ୍ତରେ ସାମାଜିକ ଗଣମାଧ୍ୟମ ଏକ୍ସରେ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ଏଥିସହ ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୪ରେ ପହଞ୍ଚିଛି। ସୁପ୍ରିମକୋଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ବିଆର ଗାଭାଇଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସଦସ୍ୟ ବିଶିଷ୍ଟ କଲେଜିୟମ ଏହି ୩ଜଣ ବିଚାରପତିଙ୍କ ନାମ ସୁପାରିଶ କରିଥିଲା। ଉଲ୍ଲେଖଥାଉ କି, ପୂର୍ବତନ ମୁଖ୍ୟ ବିଚାରପତି ସଞ୍ଜୀବ ଖାନ୍ନା, ବିଚାରପତି ଅଭୟ ଏସ୍ ଓକା ଓ ହୃଷିକେଶ ରଏ ଦାୟିତ୍ୱରୁ ଅପସରିଯିବା ପରେ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିଲା। ଗତ ୨୬ ତାରିଖରେ କଲେଜିୟମ ବୈଠକରେ ବସି ଏହି ସୁପାରିଶ କରିଥିଲା।



ମାନିଲେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ

# ପାକିସ୍ତାନ ସାମରିକ ପ୍ରତିଷ୍ଠାନକୁ ଛାର୍‌ଖାର୍ କରିଦେଇଛି ‘ବ୍ରହ୍ମୋସ୍’

**ନମାଜ ପାଠ ପରେ ସକାଳେ ଭାରତ ଉପରେ ଆକ୍ରମଣ କରିବାକୁ ଯୋଜନା କରିଥିଲା ପାକିସ୍ତାନ**

**ସବୁ ବିଗାଡ଼ିଦେଲା ଭାରତୀୟ ସେନା**

**ଉପଗ୍ରହ ଚିତ୍ରରୁ ମିଳିଛି ଧ୍ୱଂସର ପ୍ରମାଣ**




ନୂଆଦିଲ୍ଲୀ, ୨୯।୫(ଏଜେନ୍ସି):

ଅପରେସନ ସିନ୍ଦୂର ପରେ ପ୍ରଥମ ଥର ଲାଗି ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ସ୍ୱୀକାର କରିଛନ୍ତି ଯେ ଭାରତର ବ୍ରହ୍ମୋସ କ୍ଷେପଣାସ୍ତ୍ର ମାଡ଼ରେ ପାକିସ୍ତାନର ଅନେକ ଗୁରୁତ୍ୱପୂର୍ଣ୍ଣ ସାମରିକ ପ୍ରତିଷ୍ଠାନ ଧ୍ୱଂସ ହୋଇଯାଇଛି। ଏପରିକି ରାୱଲପିଣ୍ଡି ବାୟୁସେନା ଘାଟୀ ମଧ୍ୟ ବର୍ତ୍ତି ପାରିନାହିଁ। ଭାରତ ଏଭଳି ଆକ୍ରମଣ କରିବ ବୋଲି ପାକିସ୍ତାନ କଳ୍ପନା କରିପାରିନଥିଲା।

ଅଜରବୈଜାନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସରିଫ କହିଛନ୍ତି ଯେ ମେ ୧୦ ତାରିଖ ଭୋର ୪ଟା ୩୦ ସମୟରେ ନମାଜ ପରେ ଭାରତ ଉପରେ ଆକ୍ରମଣ କରିବାକୁ ପାକିସ୍ତାନ ଯୋଜନା କରିଥିଲା। ସେନା ଅଧ୍ୟକ୍ଷ ଜେନେରାଲ ମୁନୀର ସ୍ଥିର କରିଥିଲେ ଯେ ୧୦ ତାରିଖ ସକାଳ ପ୍ରାର୍ଥନା ପରେ ଭାରତ ଉପରେ ସମାରିକ କାର୍ଯ୍ୟାନୁଷ୍ଠାନ ହେବ। ଭାରତକୁ ଠିକଣା ଜବାବ ଦେବାଲାଗି ସେନା ପ୍ରସ୍ତୁତ ହୋଇରହିଥିଲା। କିନ୍ତୁ ଏହାପୂର୍ବରୁ ୯-୧୦ ତାରିଖ ରାତିରେ ଭାରତ ପକ୍ଷରୁ ବଡ଼ ଧରଣର ଆକ୍ରମଣ କରାଯାଇଥିଲା। ପାକିସ୍ତାନର ବିଭିନ୍ନ ପ୍ରଦେଶ ଉପରେ ଭାରତ ସୁପରସୋନିକ କ୍ଷେପଣାସ୍ତ୍ର ବ୍ରହ୍ମୋସ ବର୍ଷା କରିଥିଲା। ପାକିସ୍ତାନୀ ସେନା କିଛି କରିବା ପୂର୍ବରୁ ବ୍ରହ୍ମୋସ କ୍ଷେପଣାସ୍ତ୍ର ଆକ୍ରମଣ ଆମର ସବୁ ଯୋଜନାକୁ ଫେଲ୍ କରିଦେଇଥିଲା। ଆକ୍ରମଣରେ ଅନେକ ସାମରିକ ପ୍ରତିଷ୍ଠାନ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ବ୍ରହ୍ମୋସ ଆକ୍ରମଣରେ ରାୱଲପିଣ୍ଡି ବାୟୁସେନା ବିମାନବନ୍ଦର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଅଜରବୈଜାନରେ ଏହି କଥାକୁ ସରିଫ ସ୍ୱୀକାର କରିବା ସମୟରେ ସେଠାରେ ତାଙ୍କର ସେନା ଅଧ୍ୟକ୍ଷ ଜେନେରାଲ ମୁନୀର ମଧ୍ୟ ଉପସ୍ଥିତ ଥିଲେ।

ମେ ମାସର ୮-୯ ତାରିଖ ରାତିରେ ଭାରତର ପଶ୍ଚିମାଞ୍ଚଳ ସୀମାବର୍ତ୍ତୀ ଗାଁ ଗୁଡ଼ିକ ଉପରେ ପାକିସ୍ତାନ କ୍ଷେପଣାସ୍ତ୍ର ଓ ଡ୍ରୋନ ମାଡ଼ କରିବାରୁ ଏହାର ପ୍ରତିଜବାବରେ ଭାରତ ପକ୍ଷରୁ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ରାୱଲପିଣ୍ଡିର ନୂର ଖାନ୍ ବାୟୁସେନା ଘାଟୀ ସମେତ ପାକିସ୍ତାନର ୧୧ଟି ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରିଥିଲା ଭାରତ। ରଫିକି, ମୁରୀଦ, ରହିମ ୟାରଖାନ୍, ସୁକ୍କୁର ଏବଂ ଚୁନିଆନ ଭଳି ସାମରିକ ପ୍ରତିଷ୍ଠାନ ଧ୍ୱଂସ ହୋଇଯାଇଥିଲା। ସ୍କର୍ଦ୍ଦୁ, ଭୋଲାରି, ଜାକୋବାବାଦ ଏବଂ ସରଗୋଧା ବାୟୁସେନା ଘାଟୀ ମଧ୍ୟ ବ୍ୟାପକ ରୂପେ କ୍ଷତିଗ୍ରସ୍ତ ହୋଇଛି।

ମିଳିଥିବା ସୂଚନା ଅନୁସାରେ ଭାରତ ଏସୟୁ-୩୦ ଏମ୍‌କେଆଇ ଜେଟ୍ ଯୁଦ୍ଧ ବିମାନରୁ ପାଖାପାଖି ୧୫ଟି ବ୍ରହ୍ମୋସ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା। ଏହା ସଠିକ ରୂପେ ଲକ୍ଷ୍ୟଭେଦ କରିପାରିଛି। ଉପଗ୍ରହ ଚିତ୍ରରୁ ମିଳିଥିବା ତଥ୍ୟରୁ ଏହାର ପ୍ରମାଣ ମିଳିଛି। ରୁଷ ସହଯୋଗରେ ନିର୍ମିତ ବ୍ରହ୍ମୋସ କ୍ଷେପଣାସ୍ତ୍ର ୩୦୦ କିଲୋମିଟର ଦୂର ପର୍ଯ୍ୟନ୍ତ ତୀବ୍ର ବେଗରେ ଲକ୍ଷ୍ୟଭେଦ କରିପାରିବ। ସବୁଠାରୁ ଉଲ୍ଲେଖନୀୟ କଥା ହେଲା ଯେ ପାକିସ୍ତାନରେ ମୁତୟନ ଚୀନ ନିର୍ମିତ ଏୟାର ଡିଫେନ୍ସ ସିଷ୍ଟମକୁ ଏହି କ୍ଷେପଣାସ୍ତ୍ର ନିଷ୍କ୍ରିୟ କରିଦେଇଥିଲା। ବ୍ରହ୍ମୋସ ଆକ୍ରମଣରୁ ଏହା ପାକିସ୍ତାନକୁ ସୁରକ୍ଷା ଦେବାରେ ବିଫଳ ହୋଇଥିଲା।

# ଆଲୋଚନା ପାଇଁ ପାକିସ୍ତାନ ପ୍ରସ୍ତାବକୁ ଭାରତର ପ୍ରତ୍ୟାଖ୍ୟାନ

ନୂଆଦିଲ୍ଲୀ, ୨୯।୫ (ଏଜେନ୍ସି): ପହଲଗାମ ଆକ୍ରମଣ ପରେ ଭାରତ ସିନ୍ଧୁ ଜଳଚୁକ୍ତିକୁ ରଦ୍ଦ କରିଦେଇଛି। ‘ଅପରେସନ ସିନ୍ଦୂର’ ମାଧ୍ୟମରେ ପାକିସ୍ତାନରେ ଭାରତ ଶକ୍ତି ପ୍ରଦର୍ଶନ କରିଛି। ପାକିସ୍ତାନର ଦମ୍ଭକୁ ଚୁନା କରିଦେଇଛି। ଅସ୍ତ୍ରବିରତି କରିଥିଲେ ବି ଭାରତର ଜଳ ଷ୍ଟ୍ରାଇକ୍‌ରେ ଏବଂ ଅପରେସନ ସିନ୍ଦୂରକୁ ନେଇ ଭୟଭୀତ ପାକିସ୍ତାନ ଏତେ ମାତ୍ରାରେ ଡରି ଯାଇଛି ଯେ ନୂଆଦିଲ୍ଲୀ କେତେବେଳେ ବି କଣ କରିପାରେ ବୋଲି ଭାବୁଛି। ତେଣୁ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଏହି ଦେଶ ବାରମ୍ବାର ଆଲୋଚନା ପାଇଁ ଭାରତକୁ ଅନୁରୋଧ କରିଚାଲିଛି। ପାକିସ୍ତାନକୁ ଭାରତ ପୁଣି ଥରେ ସ୍ପଷ୍ଟ ବାର୍ତ୍ତା ଦେଇଛି। ଦୁଇ ଦିନ ତଳେ ଇରାନରୁ ଭାରତକୁ ଶାନ୍ତି ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିବା ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ଅନୁରୋଧକୁ ଭାରତ ସିଧାସଳଖ ପ୍ରତ୍ୟାକ୍ଷାନ କରିଦେଇଛି। ଆତଙ୍କବାଦ ବିରୋଧରେ ଦୃଢ଼ ଏବଂ ପ୍ରଭାବୀ କାର୍ଯ୍ୟାନୁଷ୍ଠାନ ନ ନେବା ପର୍ଯ୍ୟନ୍ତ ଇସାଲାମାବାଦ ସହ କୌଣସି ଆଲୋଚନା କରାଯିବ ନାହିଁ ବୋଲି ଭାରତ ପକ୍ଷରୁ କୁହାଯାଇଛି।

ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୈସୱାଲ ଗୁରୁବାର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ପାକିସ୍ତାନ ସହ ଆଲୋଚନାକୁ ନେଇ

**ପ୍ରଥମେ ଆତଙ୍କବାଦ ବନ୍ଦ କର; ଏହାପରେ ଆଲୋଚନା**

**କେବଳ ପାକ୍ ଅଧିକୃତ କାଶ୍ମୀର ଫେରାଇବା ଉପରେ ଆଲୋଚନା ହେବ**

ଭାରତର ଆଭିମୁଖ୍ୟ ସମ୍ପୂର୍ଣ୍ଣ ସ୍ପଷ୍ଟ ରହିଛି। ଯେକୌଣସି ପ୍ରକାର ଆଲୋଚନା ହେବ ତାହା ଦ୍ୱିପାକ୍ଷିକ ରହିବ। କିନ୍ତୁ ଭାରତ ଏହା ସ୍ପଷ୍ଟ କରିଦେବାକୁ ଚାହେଁ ଯେ ଆତଙ୍କବାଦ ଓ ଆଲୋଚନା ଏକାସଙ୍ଗେ ହୋଇପାରିବ ନାହିଁ। ଯେଉଁ ଆତଙ୍କବାଦୀଙ୍କ ତାଲିକା ପାକିସ୍ତାନକୁ କିଛି ବର୍ଷ ତଳେ ଦିଆଯାଇଥିଲା ସେହି ଆତଙ୍କବାଦୀଙ୍କୁ ପ୍ରଥମେ ଭାରତକୁ ହସ୍ତାନ୍ତର କରାଯାଉ। ପିଓକେ ଖାଲି କରୁ। ଉକ୍ତ ଅଞ୍ଚଳକୁ ଭାରତକୁ ହସ୍ତାନ୍ତର କରୁ। ଏହା ପରେ ଯାଇଁ ଜମ୍ମୁ-କଶ୍ମୀର ଉପରେ ଆଲୋଚନା କରାଯାଇପାରିବ। ସିନ୍ଧୁ ଜଳଚୁକ୍ତିକୁ ନେଇ ସେ କହିଛନ୍ତି ଯେ ଯେତେଦିନ ପର୍ଯ୍ୟନ୍ତ ସୀମା ପାର ଆତଙ୍କବାଦକୁ ପାକିସ୍ତାନ ପ୍ରୋତ୍ସାହନ କରି ଚାଲିଛି ସେତେ ଦିନ ପର୍ଯ୍ୟନ୍ତ ଏହା ସ୍ଥଗିତ ରହିବ। ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏ ନେଇ ସ୍ପଷ୍ଟ କରିଦେଇଛନ୍ତି ଯେ ଆତଙ୍କବାଦ ଏବଂ ଆଲୋଚନା ଏକା ସାଙ୍ଗରେ ହୋଇପାରିବ ନାହିଁ। ଆତଙ୍କବାଦ ଓ ବାଣିଜ୍ୟ ଏକାଠି ଚାଲିପାରିବ ନାହିଁ। ପାଣି ଓ ରକ୍ତ ଏକା ସଙ୍ଗେ ବହିପାରିବ ନାହିଁ।

ଏହା ପୂର୍ବରୁ ଇରାନରେ ସରିଫ କହିଥିଲେ ଯେ କଶ୍ମୀର ଠାରୁ ଜଳ ସମେତ ସବୁ ବିବାଦର ସମାଧାନ ଚାହୁଁଛୁ। ଆଲୋଚନା ମାଧ୍ୟମରେ ଏହାର ସମାଧାନ ହେବା ଆବଶ୍ୟକ। ଆମେ ପଡ଼ୋଶୀ ସହ ବାଣିଜ୍ୟ ଓ ଆତଙ୍କବାଦ ପ୍ରସଙ୍ଗରେ ମଧ୍ୟ କଥା ହେବାକୁ ପ୍ରସ୍ତୁତ। ପାକିସ୍ତାନ ଶାନ୍ତି ଚାହୁଁଛି।

# ସେନାମୁଖ୍ୟଙ୍କୁ ଗୁରୁଦକ୍ଷିଣାରେ ପିଓକେ ମାଗିଲେ ରାମଭଦ୍ରାଚାର୍ଯ୍ୟ



ଭୋପାଳ, ୨୯।୫ (ଏଜେନ୍ସି): ମଧ୍ୟପ୍ରଦେଶର ଚିତ୍ରକୁଟରେ ରହିଛି ପଦ୍ମ ବିଭୂଷଣ ଜଗଦ୍ଗୁରୁ ରାମଭଦ୍ରାଚାର୍ଯ୍ୟଙ୍କ ଆଶ୍ରମ ତୁଳସୀ ପୀଠ। ସ୍ଥଳ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଏଠାକୁ ସପତ୍ନୀକ ଯାଇ ଜଗଦଗୁରୁଙ୍କ ଆଶୀର୍ବାଦ ନେଇଛନ୍ତି। ସେନାମୁଖ୍ୟଙ୍କୁ ଏଠାରେ ଦୀକ୍ଷା ଦେଇଛନ୍ତି ଜଗଦ୍‌ଗୁରୁ। ଲଙ୍କା ବିଜୟ ପାଇଁ ହନୁମାନଙ୍କୁ ମାତା ସୀତା ଯେଉଁ ଦୀକ୍ଷା ଦେଇଥିଲେ ସେ ସେନାମୁଖ୍ୟଙ୍କୁ ତାହା ପ୍ରଦାନ କରିଥିବା କହିଛନ୍ତି। କିନ୍ତୁ ପରମ୍ପରା ଅନୁଯାୟୀ ଦୀକ୍ଷା ବଦଳରେ ସେ ସେନାମୁଖ୍ୟଙ୍କୁ ମାଗିଛନ୍ତି ଗୁରୁ ଦକ୍ଷିଣା, ଯାହାକୁ ନେଇ ଭାରତରୁ ପାକିସ୍ତାନ ଯାଏଁ ଚର୍ଚ୍ଚା ହେଉଛି। ଜଗତ୍‌ଗୁରୁ ଗୁର ଦକ୍ଷିଣାରେ ସେନାମୁଖ୍ୟଙ୍କୁ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ମାଗିଛନ୍ତି। ଆଉ ପୁଣି ଆକ୍ରମଣ କଲେ ବିଶ୍ୱ ମାନଚିତ୍ରରୁ ପାକିସ୍ତାନକୁ ଲିଭାଇ ଦିଆଯିବ ବୋଲି କହିଛନ୍ତି। ବୁଧବାର ଜେନେରାଲ ଦ୍ୱିବେଦୀ ଜଗଦଗୁରୁଙ୍କୁ ସାକ୍ଷାତ କରିଥିଲେ। ଏଠାରେ ଉଭୟ ବିଭିନ୍ନ ଧାର୍ମିକ ବିଷୟ ଉପରେ ମଧ୍ୟ ଆଲୋଚନା କରିଥିଲେ। ଆଶ୍ରମରେ ଥିବା ସନ୍ଥମାନଙ୍କ ସହ ମଧ୍ୟ ସେନାମୁଖ୍ୟ ଆଲୋଚନା କରିଥିଲେ। ସେ କାଚ ମନ୍ଦିରରେ ଦିବ୍ୟାଙ୍ଗ ଛାତ୍ରମାନଙ୍କୁ ମଧ୍ୟ ସମ୍ବୋଧିତ କରିଥିଲେ। ଏହା ପରେ ସେନା ମୁଖ୍ୟ ସଦଗୁରୁ ସେବା ସଂଘ ଟ୍ରଷ୍ଟକୁ ଯାଇଥିଲେ। ଏଠାରେ ସେ ପଦ୍ମଶ୍ରୀ ଡକ୍ଟର ବୁଧେନ୍ଦ୍ର କୁମାର ଜୈନଙ୍କୁ ଭେଟି କହିଥିଲେ ଯେ ଏହି ସେବା କାର୍ଯ୍ୟ ଦେଖି ସେନା ଅଧିକାରୀମାନେ ପ୍ରେରଣା ନେବା ଉଚିତ। ସେ ଭାରତୀୟ ସେନା ପକ୍ଷରୁ ଡକ୍ଟର ଜୈନଙ୍କୁ ଏକ ସ୍ମାରକୀ ମଧ୍ୟ ପ୍ରଦାନ କରିଥିଲେ। ଏହା ସହିତ ୪ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଭେଟେରାନ ଆଚିଭର୍ସ ପୁରସ୍କାରରେ ସମ୍ମାନିତ କରିଥିଲେ। ଏହା ପରେ ସେନାମୁଖ୍ୟ ସଦଗୁରୁ ଚକ୍ଷୁ ହସ୍ପିଟାଲରେ ପହଞ୍ଚି କହିଥିଲେ ଯେ ମୁଁ ଏକ ଡାକ୍ତରୀ ପୃଷ୍ଠଭୂମିରୁ ଆସିଛି। ଈଶ୍ୱରଙ୍କ ପରେ ଡାକ୍ତର ହେଉଛନ୍ତି ଶ୍ରେଷ୍ଠ।

ଲାଲୁ ପରିବାରରେ ହାଇଡ୍ରାମା

# ଅନୁଷ୍କାଙ୍କ ଭାଇଙ୍କୁ ଦଳରୁ ବାହାରକଲା ଆର୍‌ଏଲ୍‌ଜେପି

ପାଟନା, ୨୯।୫ (ଏଜେନ୍ସି): ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ପରିବାରରେ ହାଇଡ୍ରାମା ଚାଲିଛି। ଏହାକୁ ନେଇ ସାରା ଦେଶରେ ଚର୍ଚ୍ଚା ଜାରି ରହିଛି। ରାଜ୍ୟ ନିର୍ବାଚନ ପୂର୍ବରୁ ବଡ଼ ପୁଅ ତେଜପ୍ରତାପ ଯାଦବଙ୍କ ପ୍ରେମଲୀଳା ଲାଲୁ ପରି ଅଡୁଆ ସ୍ଥିତି ସୃଷ୍ଟି କରିଛି। ଅନୁଷ୍କା ଯାଦବଙ୍କ ସହ ଫଟୋ ଏବଂ ଭିଡିଓ ଭାଇରାଲ ହେବା ପରେ ବଡ଼ ପୁଅକୁ ଦଳରୁ ବାହାର କରିଦେଇଥିବା ଲାଲୁ ଏବେ ଆଉ



ଏକ ବଡ଼ ପଦକ୍ଷେପ ନେଇଛନ୍ତି। ସେ ଆରଏଲଜେପି ମୁଖ୍ୟ ପଶୁପତି ପାରଶଙ୍କୁ କହି ଅନୁଷ୍କାଙ୍କ ଭାଇ ଆକାଶ ଯାଦବଙ୍କୁ ଦଳରୁ ବାହାର କରିଦେଇଥିବା ଅଭିଯୋଗ ଲାଗିଛି। ଆରଏଲଜେପି ପକ୍ଷରୁ ବିଜ୍ଞପ୍ତି ଜାରି କରି ତତ୍କାଳ ପ୍ରଭାବରେ ୬ ବର୍ଷ ପାଇଁ ଆକାଶଙ୍କୁ ଦଳରୁ ବିଦା କରାଯାଇଛି। ଦଳୀୟ ଅଧ୍ୟକ୍ଷ ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ବିଜ୍ଞପ୍ତି ଜାରି କରି କୁହାଯାଇଛି। ପୂର୍ବରୁ ଆକାଶ ଆରଜେଡିରେ ଥିଲେ। ତାଙ୍କ ପାଇଁ ତେଜପ୍ରତାପ ଦଳ ସହ ଲଢି ଯାଇଥିଲେ। ଅଧ୍ୟକ୍ଷଙ୍କୁ ଇସ୍ତଫା ଦେବା ପାଇଁ ମଧ୍ୟ ବାଧ୍ୟ କରିଥିଲେ। କିନ୍ତୁ ଲାଲୁଙ୍କ ହସ୍ତକ୍ଷେପ ଯୋଗୁଁ ଏହି ମାମଲା ଶାନ୍ତ ପଡ଼ିଥିଲା। ମାତ୍ର ଏବେ ସ୍ଥିତି ଓଲଟା ରହିଛି। ତେଜପ୍ରତାପଙ୍କ ପରେ

**୨ ଦିନ ତଳେ ଲାଲୁ ପରିବାରକୁ ଦେଇଥିଲେ ଆହ୍ୱାନ**

ତାଙ୍କର ତଥାକଥିତ ଶଳା କୁହାଯାଉଥିବା ଆକାଶଙ୍କୁ ଆରଏଲେଜେପିରୁ ବିଦା କରିବା ଘଟଣା ଲାଲୁ ପରିବାର ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିବ ବୋଲି କୁହାଯାଇଛି। ଏହା ପୂର୍ବରୁ ଦୁଇ ଦିନ ତଳେ ତେଜପ୍ରତାପ ଏବଂ ଅନୁଷ୍କାଙ୍କ ମାମଲାକୁ ୨ ପରିବାରର ବିବାଦ ବୋଲି ଆକାଶ କହିଥିଲେ। ମାନ ସମ୍ମାନ ନିଲାମ ହେବା ଅନୁଚିତ। ଭଉଣୀ ପାଇଁ ଶେଷ ପର୍ଯ୍ୟନ୍ତ ଲଢେଇ କରିବୁ। ସେ ଲାଲୁ ପରିବାରକୁ ମାମଲାର ସମାଧାନ କରିବା ପାଇଁ ମଧ୍ୟ ନିବେଦନ କରି ଚେତାବନୀ ଦେଇଥିଲେ। ମାମଲାକୁ ଏତିକିରେ ଫଇସଲା ନ କଲେ କଥା ବହୁତ ଦୂରକୁ ଯିବ ବୋଲି ଧମକ ଦେଇଥିଲେ।

## ଜାପାନରେ ପିଲାଙ୍କ ଅଜବ ନାମ ରଖିବା ମନା

ଟୋକିଓ, ୨୯।୫ (ଏଜେନ୍ସି): ଜାପାନ ସରକାର ପିଲାଙ୍କ ଅଜବ ନାମ ରଖିବା ଉପରେ କଟକଣା ଲଗାଇ ଦେଇଛନ୍ତି। ଜାପାନର ଅନେକ ମାତାପିତା ନିଜ ଶିଶୁଙ୍କ ଅଜବ ଏବଂ ଅଲଗା ପ୍ରକାରର ନାମ ରଖୁଥିଲେ। ଏହାକୁ ନେଇ ସରକାର ଚିନ୍ତା ପ୍ରକାଟ କରିଥିଲେ। ନୂଆ ନିୟମ ଅନୁଯାୟୀ ଏବେ ମାତାପିତା ଶିଶୁଙ୍କ ପାଇଁ ଏଭଳି ନାମ ବାଛି ପାରିବେ ନାହିଁ। ଉଚ୍ଚାରଣ ବୁଝିବାରେ ସମସ୍ୟା ହେଉଥିବା ନାମ ରଖିପାରିବେ ନାହିଁ। ଯଦି କୌଣସି ନାମ ପଢ଼ିବା ପରେ ତାହାର ସଠିକ୍ ଉଚ୍ଚାରଣ ବୁଝି ନ ହୁଏ ତେବେ କର୍ତ୍ତୃପକ୍ଷ ଏହାକୁ ବାତିଲ କରିପାରିବେ।

# ପୁଣି ମୋଦୀ-ମମତା ମୁହାଁମୁହିଁ



କୋଲକାତା, ୨୯।୫ (ଏଜେନ୍ସି):

ପୁଣି ଆରମ୍ଭ ହୋଇଛି ରାଜନୀତି। ପଶ୍ଚିମବଙ୍ଗ ପାଲଟିଛି ରାଜନୈତିକ ଲଢେଇର ଯୁଦ୍ଧ କ୍ଷେତ୍ର। ଏଠାରେ ପୁଣି ମୁହାଁମୁହିଁ ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଅଲିପୁରଦ୍ୱାରରେ ଏକ ଜନସଭା ସମ୍ବୋଧନ କରି ମୋଦୀ ରାଜ୍ୟ ସରକାରଙ୍କୁ ନିଶାଣ କରିଛନ୍ତି। ଅପରେସନ ସିନ୍ଦୂର ପ୍ରସଙ୍ଗ ଉଠାଇ ଦୁର୍ନୀତି, ବାକ୍ ସ୍ୱାଧୀନତାରେ ଅଙ୍କୁଶ, ରାଜନୈତିକ ହିଂସା, ତୃଷ୍ଟିକରଣ, ଆଇନଶୃଙ୍ଖଳା ଆଦିକୁ ନେଇ ରାଜ୍ୟ ସରକାରଙ୍କୁ ନିଶାଣ କରିଛନ୍ତି। ରାଜ୍ୟ ସରକାର ମହିଳାଙ୍କ ହକ୍ ମାରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସମାଜରେ ହିଂସା ବ୍ୟାପି ଚାଲିଥିବାବେଳେ ମହିଳାଙ୍କୁ ସୁରକ୍ଷା ମିଳୁନାହିଁ। ତାଙ୍କ ବିରୋଧରେ ଜଘନ୍ୟ ଅପରାଧ ହେଉଥିବା ଅଭିଯୋଗ କରିଥିଲେ। ଏହା ପରେ ମମତା ସାମ୍ନାକୁ ଆସି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ସେ ଗୁରୁବାର କୋଲକାତାରେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ସବୁ ମହିଳାଙ୍କ ସ୍ୱାମୀ ଭଳି କଥା କହୁଛନ୍ତି। ମୋଦୀ ନିଜ ପତ୍ନୀଙ୍କୁ କାହିଁକି ସିନ୍ଦୂର ଦେଉନାହାନ୍ତି? ଏହା ଉପରେ ଆଲୋଚନା କରିବାକୁ ଚାହୁଁ ନ ଥିଲି, କିନ୍ତୁ ମୋଦୀ ବାଧ୍ୟ କରିବାରୁ କହିଲି ବୋଲି ମମତା କହିଛନ୍ତି। ମମତା କହିଥିଲେ ଯେ ପ୍ରତ୍ୟେକ ମହିଳାଙ୍କ ସହ ସିନ୍ଦୂରର ସମ୍ବନ୍ଧ ରହିଛି। ସିନ୍ଦୂରକୁ ପବିତ୍ର ମନେ କରାଯାଏ। ନିଜ ସ୍ୱାମୀ ପାଇଁ ମହିଳା ଏହା ଲଗାଇ ଥାଆନ୍ତି। ‘ଅପରେସନ ସିନ୍ଦୂର’କୁ ନେଇ କୌଣସି ମନ୍ତବ୍ୟ ଦେବାକୁ ଚାହୁଁ ନ ଥିଲି। କାରଣ ପ୍ରତ୍ୟେକ ମହିଳାଙ୍କ ପାଇଁ ଏହା ସମ୍ମାନ ହୋଇଥାଏ।

ଏହା ସହିତ ମୋଦୀଙ୍କୁ ମମତା ମୁହାଁମୁହିଁ ବିତର୍କ ପାଇଁ ଆହ୍ୱାନ ଦେଇଛନ୍ତି। କୌଣସି ପୂର୍ବ ନିର୍ଦ୍ଧାରିତ ବିଷୟବସ୍ତୁ ପରିବର୍ତ୍ତେ ସଙ୍ଗେସଙ୍ଗେ ପ୍ରଶ୍ନୋତ୍ତର ହେବ ଏବଂ ତୁରନ୍ତ ଜବାବ ଦେବାକୁ ପଡ଼ିବ। ଚାହିଁଲେ ପ୍ରଧାନମନ୍ତ୍ରୀ ଟେଲି ପ୍ରମ୍ପଟର ବ୍ୟବହାର କରିପାରିବେ ବୋଲି ମମତା କଟାକ୍ଷ କରିଛନ୍ତି। ପ୍ରଧାନମନ୍ତ୍ରୀ ଗଣମାଧ୍ୟମକୁ ନିୟନ୍ତ୍ରଣ କରୁଥିବା ଦିଦି ଅଭିଯୋଗ କରିଛନ୍ତି। ରାଜସ୍ଥାନ, ବାଂଲାଦେଶ ଏବଂ ଅନ୍ୟ ସ୍ଥାନରେ ହୋଇଥିବା ଘଟଣାକୁ ବ୍ୟବହାର କରି ରାଜ୍ୟରେ ମିଥ୍ୟା ଖବର ପ୍ରଚାରପ୍ରସାର କରାଯାଉଥିବା କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟ କେବଳ ପ୍ରଚାର ବୋଲି ମମତା ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ଅପରେସନ ସିନ୍ଦୂର ସଫଳତାକୁ ନେଇ ବିଜେପି ପ୍ରଚାର ଚଳାଇଥିବାବେଳେ ଏହାର ରାଜ୍ୟ ଶାଖା ମହିଳାଙ୍କୁ ସିନ୍ଦୂର ଭେଟି ଦେବ ଏବଂ ପାମ୍ପଲେଟ ବାଣ୍ଟିବ ବୋଲି ଯୋଜନା କରିଛି। ଜୁନ୍ ୯ ରୁ ଏହା ଆରମ୍ଭ ହେବ ବୋଲି ରାଜ୍ୟ ବିଜେପିର ଜଣେ ବରିଷ୍ଠ ନେତା କହିଛନ୍ତି। ସେହିପରି ମୋଦୀଙ୍କ ସଭାରେ ବିଜେପି ଅଧ୍ୟକ୍ଷ ସୁକାନ୍ତ ମଜୁମଦାର ‘ଅପରେସନ ବଙ୍ଗାଳ’ ଅଧିନରେ ରାଜ୍ୟ ସରକାରଙ୍କୁ କ୍ଷମତାଚ୍ୟୁତ କରିବାକୁ ଆହ୍ୱାନ ଦେଇଥିଲେ। ଏହାକୁ ନେଇ ମମତା ପ୍ରଧାନମନ୍ତ୍ରୀଙ୍କୁ ଘେରିଛନ୍ତି। ଦେଶର ସ୍ୱାର୍ଥ ପାଇଁ ସାଂସଦମାନେ ସାହସିକ ପଦକ୍ଷେପ ନେଉଥିବାବେଳେ ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ନେତା ଅପରେସନ ବଙ୍ଗାଳ କଥା କହୁଛନ୍ତି। ଯଦି ସାହସ ଅଛି ତେବେ କାଲି ନିର୍ବାଚନ ଲଢ। ଆତଙ୍କବାଦ ବିରୋଧରେ ଆମେ କେନ୍ଦ୍ରକୁ ସମର୍ଥନ କରୁଥିବାବେଳେ ମୋଦୀ ରାଜ୍ୟକୁ ସମାଲୋଚନା କରୁଥିବା ଦିଦି ଅଭିଯୋଗ କରିଛନ୍ତି।

# ଶାନ୍ତି ନେଇ ବାଂଲାଦେଶ ମୁଖ୍ୟ ୟୁନୁସ୍ ନାଟକ

**ମୁକ୍ତି ସଂଗ୍ରାମରେ ଗଣହତ୍ୟା କରିଥିବା ବ୍ୟକ୍ତିଙ୍କୁ ମୁକ୍ତ କରାଗଲା**

ଟୋକିଓ,୨୯ ।୫(ଏଜେନ୍ସି): ବାଂଲାଦେଶ ମଧ୍ୟବର୍ତ୍ତୀକଳୀନ ମୁଖ୍ୟ ମହମ୍ମଦ ୟୁନୁସ୍ ଶାନ୍ତିର ବାର୍ତ୍ତା ଦେବାକୁ ପ୍ରୟାସ କରିଛନ୍ତି। କିନ୍ତୁ ଏହା ଏକ ନାଟକ ବା ଏକ ପ୍ରତାରଣା ସାବ୍ୟସ୍ତ ହୋଇଛି। ଜାପାନ ରାଜଧାନୀ ଟୋକିଓରେ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଏସିଆ ଓ ଏହି ମହାଦେଶ ବାହାରେ ଶାନ୍ତି ଏବେ ଦୁର୍ଲଭ ସାବ୍ୟସ୍ତ ହୋଇଛି। ମାନବକୃତ ସଂଘର୍ଷ ଓ ଯୁଦ୍ଧ ହଜାର ହଜାର ଲୋକଙ୍କ ଜୀବନ ଓ ଜୀବୀକାକୁ ନଷ୍ଟ କରୁଛି। ଏପରି ସ୍ଥଳେ ଏସିଆ ମହାଦେଶ



ବିଶ୍ୱକୁ ଏକ ଶାନ୍ତିର ବାର୍ତ୍ତା ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଏଥିପାଇଁ ଏସିଆ ଶକ୍ତି ଉପରେ ଶାନ୍ତି, ପ୍ରତିଯୋଗିତା ଉପରେ ସହଯୋଗ ଓ କ୍ଷଣୀକ ଲାଭ ଉପରେ ସ୍ଥାୟୀ ସମାଧାନ ଆଣିବା ପାଇଁ କାର୍ଯ୍ୟକରୁ। କିନ୍ତୁ ତାଙ୍କର ଏହି କଥା ବିରୋଧାଭାସ ସୃଷ୍ଟି କରିଛି। କାରଣ ବାଂଲାଦେଶ ସୁପ୍ରିମକୋର୍ଟ ୧୯୭୧ ମୁକ୍ତି ସଂଗ୍ରାମରେ ୧,୨୫୬ ଲୋକଙ୍କୁ ହତ୍ୟା କରିଥିବା, ୧୭ଜଣ ବ୍ୟକ୍ତିଙ୍କ ଅପହରଣ କରିଥିବା ଓ ୧୩ ଜଣ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଜମାତ-ଏ-ଇସଲାମି ନେତା ଏଟିଏମ୍ ଆଝାରୁଲଙ୍କୁ ମୁକ୍ତ କରିଛି। ଏହି ମୁକ୍ତି ସଂଗ୍ରାମ ବେଳେ ଜମାତ-ଏ-ଇସଲାମି ପାକିସ୍ତାନ ଓ ତା’ର ସେନାକୁ ଖୋଲାଖୋଲି ସମର୍ଥନ କରୁଥିଲା। ୧୯୫୨ରେ ଅଝାରୁଲ୍ ବାଂଲାଦେଶର ରଙ୍ଗପୁର ଜିଲ୍ଲାର ବଦରଗଞ୍ଜ ଗାଁରେ ଜନ୍ମଗ୍ରହଣ କରିଥିଲା। ଏଭଳି ଜଣେ କୁଖ୍ୟାତ ଅପରାଧୀଙ୍କୁ ମୁକ୍ତି କରିବା ପରେ ୟୁନୁସଙ୍କ ଶାନ୍ତିବାର୍ତ୍ତା କେବଳ ଧର୍ମକୁ ଆଖିଠାର ବୋଲି ମନେହେଉଛି।

### ରାଷ୍ଟ୍ରୀୟ ଲକ୍ଷପତି ଦିଦି ସମ୍ମିଳନୀ

# ମହିଳାଙ୍କୁ ଆର୍ଥିକ ସ୍ୱାଧୀନତା କରିବା ମୂଳ ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୯।୫ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ମାର୍ଗଦର୍ଶନରେ ଲକ୍ଷପତି ଦିଦି ଯୋଜନା ମହିଳାମାନଙ୍କୁ ବାର୍ଷିକ ୧ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରିବାର ମାର୍ଗ ପ୍ରସ୍ତୁତ କରିଛି। ଏହା କେବଳ ରୋଜଗାରର

**ଯୋଗଦେଲେ ୨୫ ରାଜ୍ୟର ଲକ୍ଷପତି ଦିଦି**

କଥା ନୁହେଁ, ବରଂ ମହିଳାମାନଙ୍କୁ ଆର୍ଥିକ ସ୍ୱାଧୀନତା ଦେବା ଏବଂ ଗ୍ରାମାଞ୍ଚଳ ମହିଳାଙ୍କ ମଧ୍ୟରେ ନେତୃତ୍ୱ ଭାବନା ଜାଗ୍ରତ କରିବା ଏହାର ମୂଳ ଉଦ୍ଦେଶ୍ୟ। ଗୁରୁବାର ଲୋକସେବା ଭବନ କନଭେନସନ୍ ସେଣ୍ଟର୍‌ରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ରାଷ୍ଟ୍ରୀୟ ଲକ୍ଷପତି ଦିଦି ସମ୍ମିଳନୀ-୨୦୨୫କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲାର ଲକ୍ଷପତି ଦିଦି ବିନ୍ଧ୍ୟବାସିନୀ, ମହାରାଷ୍ଟ୍ରର ଶୋଭା ଦିଗମ୍ବର କଦମ୍ ସେମାନଙ୍କର ସଫଳତାର ଅନୁଭୂତି ଓ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଶ୍ରେଷ୍ଠ ଲକ୍ଷପତି ଦିଦି ଭାବେ ଦେବଗଡ଼ ଜିଲ୍ଲାର ଶକୁନ୍ତଳା ଧଳ, ଗଜପତି ଜିଲ୍ଲାର ସୁଲମୀ ଦଳବେହେରା ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ମମତା ନାଥ ଶର୍ମାଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ଏହାସହ ନିଜ ଜିଲ୍ଲାରେ ସର୍ବାଧିକ ଲକ୍ଷପତି ଦିଦି ସୃଷ୍ଟି କରିଥିବାରୁ ନୟାଗଡ଼, କେନ୍ଦ୍ରାପଡା, କଟକ, ଭଦ୍ରକ, ଜଗତସିଂହପୁର ଜିଲ୍ଲା ସମେତ ରାଜ୍ୟସ୍ତରରେ ଶ୍ରେଷ୍ଠ ଅଧିକାରୀ ଭାବେ ଓଡ଼ିଶା ଜୀବିକା ମିଶନ, ଭୁବନେଶ୍ୱରର ଦେବୀପ୍ରସାଦ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ବୋଧନ ଦେଇ ଲକ୍ଷପତି ଦିଦି ଯୋଜନା କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ଏକ ଆନ୍ଦୋଳନ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଅନୁ ଗର୍ଗ ଉପସ୍ଥିତ ଥିଲେ। ସମ୍ମିଳନୀରେ ଦେଶର ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଲକ୍ଷପତି ଦିଦି ଓ ସରକାରୀ ଅଧିକାରୀମାନେ ଯୋଗ ଦେଇଥିଲେ।

# ‘ଲକ୍ଷପତି ଦିଦି’: ନବୀନଙ୍କ ବହିରେ ବିଜେପି ମଲାଟ

ଭୁବନେଶ୍ୱର,୨୯।୫(ସମିସ): ମାତ୍ର ଗୋଟିଏ ବର୍ଷରେ ୧୬ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିଛନ୍ତି ବୋଲି କହି ନିଜ ପିଠି ଥାପୁଡ଼ାଉଛନ୍ତି ରାଜ୍ୟ ସରକାର। ତେବେ ଲକ୍ଷପତି ଦିଦି ହେବାର ମାନକ, ପ୍ରକ୍ରିୟା ତଥା ଲକ୍ଷପତି ଦିଦି ସୃଷ୍ଟିରେ ନିଜର ଭୂମିକାକୁ ନେଇ କିନ୍ତୁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ସ୍ପଷ୍ଟୋକ୍ତି ରଖାଯାଉ ନାହିଁ। ଯାହାଫଳରେ ସରକାରଙ୍କ ଦାବି ଉପରେ ସାଧାରଣ ଲୋକଙ୍କ ସନ୍ଦେହ ବଢ଼ୁଛି ବୋଲି ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରି କହିଛି ବିଜେଡି। ବିଜେପି ସରକାରଙ୍କର ଲକ୍ଷପତି ଦିଦି କାର୍ଯ୍ୟକ୍ରମ ଉପରେ ପ୍ରତିକ୍ରିୟା ଦେଇ ବିଜେଡି ଏହା ‘ନବୀନଙ୍କ ବହିରେ ବିଜେପି ମଲାଟ’ ବୋଲି ଅବିହିତ କରିଛି। କ୍ଷମତାକୁ ଆସିବା ପରଠାରୁ, ବିଜେପି ସରକାର କେବଳ ନବୀନ ସରକାରଙ୍କ ବିଭିନ୍ନ ଯୋଜନାର ନାମ ଓ ରଙ୍ଗ ପରିବର୍ତ୍ତନ କରିଆସୁଥିବା ବେଳେ ଲକ୍ଷପତି ଦିଦି କାର୍ଯ୍ୟକ୍ରମ ସେହି ପ୍ରକ୍ରିୟାରେ ଆଉ ଏକ ନମୁନା ବୋଲି ବିଜୁ ଜନତା ଦଳ ପକ୍ଷରୁ କୁହାଯାଇଛି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଡଃ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ଗୋଟିଏ ବର୍ଷରେ ୧୬ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିଛନ୍ତି ବୋଲି ରାଜ୍ୟ ବିଜେପି ସରକାର କରୁଥିବା ଦାବି ଅତ୍ୟନ୍ତ ହାସ୍ୟାସ୍ପଦ। କାହାକୁ ଲକ୍ଷପତି ଦିଦି ଭାବେ ବିଚାର କରାଯାଉଛି, ସରକାର ତାହା ସ୍ପଷ୍ଟ କରିନାହାନ୍ତି। ଲକ୍ଷପତି ଦିଦି କରିବା ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି, ତା’ର ମଧ୍ୟ ସୂଚନା ନାହିଁ। ରାତାରାତି ଲକ୍ଷପତି ଦିଦି ଘୋଷଣା କରି ରାଜ୍ୟ ସରକାର ନିଜ ସଫଳତା ଦାବି କରୁଛନ୍ତି। ତେଣୁ ଏ ବାବଦରେ ସରକାର ସ୍ପଷ୍ଟୀକରଣ ଦେବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି।

ଡ. ସାମନ୍ତସିଂହାର କହିଛନ୍ତି ଯେ ବିଜେପି ସରକାର ଏହି ବର୍ଷର ବଜେଟରେ ମିଶନ ଶକ୍ତି ପାଇଁ ୧୫୯୦ କୋଟି

- ସରକାର ଲକ୍ଷପତି ଦିଦିଙ୍କ ତାଲିକା ସାର୍ବଜନୀନ କରିବାକୁ ଦାବି
- ଗୋଟିଏ ବର୍ଷରେ ୧୬ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ଦାବି ହାସ୍ୟାସ୍ପଦ
- ମିଶନ ଶକ୍ତି ବଜେଟ ହ୍ରାସ କରି ଲକ୍ଷପତି ଦିଦି ସୃଷ୍ଟି ଗ୍ରହଣୀୟ ନୁହେଁ

ଟଙ୍କାର ବ୍ୟୟ ବରାଦ କରିଥିଲେ, ଯାହା ୨୦୨୩-୨୪ ରେ ୩୩୧୬ କୋଟି ଥିଲା। ବଜେଟର ଅର୍ଥ ବରାଦ କମିଥିଲା ବେଳେ ଲକ୍ଷପତି ଦିଦି ହେଲେ କିପରି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ସୁଭଦ୍ରା ଯୋଜନାରେ ମାସକୁ ୮୩୩ ଟଙ୍କା ଦେଇ ସେମାନଙ୍କୁ ଲକ୍ଷପତି ଦିଦି ବୋଲି ଯଦି ଦାବି କରନ୍ତି, ତାହା ଆହୁରି ହାସ୍ୟାସ୍ପଦ ବୋଲି ସେ କହିଛନ୍ତି।

ଡଃ ସାମନ୍ତସିଂହାର ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟର ମହିଳାମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ନବୀନ ସରକାରଙ୍କ ଦ୍ୱାରା ୨୦୦୧ ମସିହାରେ ମିଶନ ଶକ୍ତି ଯୋଜନାର ଆରମ୍ଭ ହୋଇଥିଲା। ଏହି ଯୋଜନା ମାଧ୍ୟମରେ ରାଜ୍ୟର ୭୦ଲକ୍ଷ ମହିଳା ସଶକ୍ତ ହୋଇ ପାରିଥିଲେ। ମହିଳା ଏସ୍‌ଏଚ୍‌ଜିମାନଙ୍କୁ ବିନା ସୁଧରେ ୧୫ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଉଥିଲା। ମହିଳା ଏସ୍‌ଏଚ୍‌ଜିମାନଙ୍କୁ ଓଡ଼ିଶା ସରକାରଙ୍କ ୩୨ଟି ବିଭାଗରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ମହିଳାମାନଙ୍କୁ ବ୍ୟବସାୟ ଦୁନିଆ ସହିତ ଅଧିକ ପରିଚିତ କରାଇବା ଲକ୍ଷ୍ୟରେ ସେମାନଙ୍କୁ ବିଦେଶ ଭ୍ରମଣରେ ପଠାଯାଉଥିଲା। ନବୀନଙ୍କ ଦୂରଦର୍ଶୀ ନେତୃତ୍ୱରେ ହୋଇଥିବା ମହିଳା ସଶକ୍ତକରଣ ନୀତିର ଫଳସ୍ୱରୂପ ଓଡ଼ିଶାରେ ମହିଳାମାନେ ଅଧିକ ସଶକ୍ତ ହୋଇ ପାରିଥିଲେ। ମିଶନ ଶକ୍ତି ମାଧ୍ୟମରେ ସଶକ୍ତ ହୋଇଥିବା ମହିଳାମାନଙ୍କୁ ଆଜି ବିଜେପି ଲକ୍ଷପତି ଦିଦି ଭାବେ ଚିହ୍ନିତ କରି, କେବଳ ପ୍ରଚାର ଉଦ୍ଦେଶ୍ୟରେ ଲକ୍ଷ୍ୟପତି ଦିଦି କାର୍ଯ୍ୟକ୍ରମ କରୁଛି ବୋଲି ଡ. ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ଯେପରି ନବୀନ ସରକାରଙ୍କ ବିକାଶମୂଳକ କାର୍ଯ୍ୟର ନାମ ଓ ରଙ୍ଗ ପରିବର୍ତ୍ତନ କରି ନିଜ କାର୍ଯ୍ୟକ୍ରମ କହୁଛନ୍ତି, ସେହିପରି ଆଜି ଲକ୍ଷପତି ଦିଦି କାର୍ଯ୍ୟକ୍ରମ ମଧ୍ୟ ନବୀନଙ୍କ ବହିରେ ବିଜେପି ମଲାଟ। ଓଡ଼ିଶାବାସୀ ଏହାକୁ ଗ୍ରହଣ କରିବେ ନାହିଁ ବୋଲି ସେ ମତବ୍ୟକ୍ତ କରିଛନ୍ତି।

### ସମ୍ବଲପୁର ଶୀତଳଷଷ୍ଠୀ

# ପତର୍‌ପେଁଡ଼ି ସମ୍ପନ୍ନ

ସମ୍ବଲପୁର, ୨୯।୫(ସମିସ): ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀରେ ‘ପତର୍‌ପେଁଡ଼ି’ ସହ ଦେବବିବାହ ଉତ୍ସବ ରୀତିନୀତିରେ ଆରମ୍ଭ ହୋଇଯାଇଛି। ଆଜି ଦେବଦେବ ମହାଦେବଙ୍କ ବରପିତା କନ୍ୟା ଅନ୍ୱେଷଣରେ ଯାଇ ଜଗଜ୍ଜନନୀ ମାତା ପାର୍ବତୀଙ୍କ ସହ ବିବାହ ନିଶ୍ଚିତ କରିଛନ୍ତି। ସନ୍ଧ୍ୟାରେ ଝାଡ଼ୁଆପଡ଼ାର ଶ୍ରୀଲୋକନାଥ ବାବା, ମୁଦିପଡ଼ାରେ ଶ୍ରୀଜାଗେଶ୍ୱର ବାବା, ବଡ଼ବଜାରର ଶ୍ରୀଶୀତଳେଶ୍ୱର ବାବା ଓ ଠାକୁରପଡ଼ାର ଶ୍ରୀଗୁପ୍ତେଶ୍ୱର ବାବାଙ୍କ ସମେତ ସମ୍ବଲପୁରରେ ଥିବା ସମସ୍ତ ମହାଦେବ ବାବାଙ୍କ ପତର୍‌ପେଁଡ଼ି ସମ୍ପନ୍ନ ହୋଇଛି।

ଉଲ୍ଲେଖଯୋଗ୍ୟ, ନନ୍ଦପଡ଼ାର ବମବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ପତର୍‌ପେଁଡ଼ି ଦୁଇଦିନ ପୂର୍ବରୁ ଗତ ୨୭ ତାରିଖରେ ସମ୍ପନ୍ନ ହୋଇଥିଲା।

ଝାଡ଼ୁଆପଡ଼ାର ଶ୍ରୀଲୋକନାଥ ବାବାଙ୍କ ବରପିତା ଅମରନାଥ ସୂପକାର କନ୍ୟା ଅନ୍ୱେଷଣରେ ସପ୍ତଋଷିଙ୍କ ସହ ବାଜାଗଜା ନେଇ ଶୋଭାଯାତ୍ରାରେ କନ୍ୟାପିତା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବାସଭବନରେ ପହଞ୍ଚି ଥିବା ବେଳେ ମୁଦିପଡ଼ାରେ ଶ୍ରୀଶ୍ରୀଜାଗେଶ୍ୱର ବାବାଙ୍କ ବରପିତା ମଧୁସୂଦନ ନେଗୀ କନ୍ୟାପିତା ମୃତ୍ୟୁଞ୍ଜୟ ଦାଶଙ୍କ କନ୍ୟା ଅନ୍ୱେଷଣରେ ଯାଇ ପାଟଣେଶ୍ୱରୀ କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲେ। ସେହିପରି ବଡ଼ବଜାରର ଶ୍ରୀ ଶ୍ରୀ ଶୀତଳେଶ୍ୱର ବାବାଙ୍କ ବରପିତା ଜଗଦୀଶ ପ୍ରସାଦ କାଲୋନୋରିଆ କନ୍ୟାପିତା ମୁଦିପଡ଼ାର ଅକ୍ଷୟ ଜେନାଙ୍କ ବାସଭବନ ଏବଂ ଠାକୁରପଡ଼ାର ଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ବରପିତା ସପ୍ତଋଷି ସହ ପାଞ୍ଚଗଛିଆ ଛକ ନିକଟସ୍ଥ କନ୍ୟାପିତା ରାଜେନ୍ଦ୍ର ଶର୍ମାଙ୍କ ବାସଭବନରେ ପହଞ୍ଚିଥିଲେ। ପାରମ୍ପରିକ ଶଙ୍ଖ, ଘଣ୍ଟ, ଦୁଲଦୁଲି ଆଦି ବାଜାଗଜା ସହ ସୁସଜ୍ଜିତ ରଥରେ ପହଞ୍ଚିବାପରେ କନ୍ୟାପକ୍ଷ ସେମାନଙ୍କୁ ସ୍ୱାଗତ କରି



ପାଛୋଟି ନେଇଥିଲେ। ପରେ ତାଙ୍କ ଗୃହକୁ ଆଗମନର ଅଭିପ୍ରାୟ ବିଷୟରେ ବରପକ୍ଷଙ୍କୁ ପଚାରିଥିଲେ। ମହାଦେବ ବାବାଙ୍କ ବିବାହ ପାଇଁ କନ୍ୟା ଅନ୍ୱେଷଣରେ ଆସିଥିବା ସେମାନେ କହିଥିଲେ। ଏହାପରେ ବରପିତାଙ୍କ ସହିତ ଆସିଥିବା ସପ୍ତଋଷି ମନ୍ତ୍ର ଉଚ୍ଚାରଣ ସହିତ ମହାଦେବ ବାବାଙ୍କ ଗୁଣ ବଖାଣିଥିଲେ। କନ୍ୟାପକ୍ଷ ମଧ୍ୟ ମାତା ପାର୍ବତୀଙ୍କ ଗୁଣ ବର୍ଣ୍ଣନା କରିବାସହ ଶ୍ମଶାନ ନିବାସୀ ଓ ଭସ୍ମ ବୋଳି ହୋଇଥିବା ମହାଦେବଙ୍କୁ ତାଙ୍କ ଅଲିଅଳ କନ୍ୟା ଦେବାକୁ ଅରାଜି ହୋଇଥିଲେ। ବରପକ୍ଷ ଶ୍ଳୋକ ମାଧ୍ୟମରେ ମହାଦେବଙ୍କ ଉଦାରତା ଓ ମହାନତା ବିଷୟରେ କହିଥିଲେ। ଏହା ପରେ ମହାଦେବ ବାବାଙ୍କ ସହ ମାତା ପାର୍ବତୀଙ୍କ ବିବାହ ନିଷ୍ପତ୍ତି ହୋଇଥିଲା। ବୈଦିକ ରୀତିନୀତି ଅନୁଯାୟୀ, ବରପିତା କନ୍ୟାପିତାଙ୍କୁ ସର୍ଗିପତ୍ର ବିଡ଼ା, ଫୁଲ, ଫଳମୂଳ, ମିଷ୍ଟାନ୍ନ ଆଦି ଦେଇ ବିବାହ ସକାଶେ କନ୍ୟା ଚୂଡ଼ାନ୍ତ କରିଥିଲେ।

ଆସନ୍ତାକାଲି ପ୍ରଭୁ ହନୁମାନ ମନ୍ଦିର ମନ୍ଦିର ବୁଲି ‘ଗୁଆଗୁଣ୍ଡା’ ବା ଦେବ ନିମନ୍ତ୍ରଣ କରିବେ। ପରେ ୩୧ ତାରିଖ ରାତିରେ ବାଜାଗଜା ସହ ‘ବରାତି’ରେ ବାହାରିବେ ମହାଦେବ ବାବା। ସେହିଦିନ ବିଳମ୍ବିତ ରାତ୍ରି ବ୍ରାହ୍ମ ମୁହୂର୍ତ୍ତରେ ବୈଦିକ ରୀତିନୀତିରେ ଶୁଭ ଲଗ୍ନରେ ବିବାହ ହେବ। ଜୁନ ୧ ତାରିଖ ରାତିରେ ଦେବଦମ୍ପତି ନଗର ପରିକ୍ରମା କରି ଶ୍ରଦ୍ଧାଳୁଙ୍କୁ ଦେବେ ‘ଯୁଗଳ ଦର୍ଶନ’। ଏହି ଶୋଭାଯାତ୍ରା ୨ ତାରିଖ ସକାଳୁ କେଇ ଘଣ୍ଟା ପାଇଁ ବିଶ୍ରାମ ପରେ ପୁଣି ନିର୍ଦ୍ଧାରିତ ପଥରେ ପରିକ୍ରମା କରିବ। ୨ ତାରିଖ ଅପରାହ୍ଣରେ ଦେବଦମ୍ପତି ସ୍ୱମନ୍ଦିର ପ୍ରବେଶ କରିବେ।

ଏହାବ୍ୟତୀତ ବାଲିବନ୍ଧାର ଶ୍ରୀ ସୋମନାଥ ବାବା, ବୁଢ଼ାରଜାର ଶ୍ରୀ ପାହାଡ଼େଶ୍ୱର ବାବା, ଦୁର୍ଗାପାଲିର ଶ୍ରୀ ଗୁଡ଼େଶ୍ୱର ବାବା, କୁଲୁଥକାନୀର ଶ୍ରୀ କଙ୍କେଶ୍ୱର ବାବା, ଶଙ୍କର ମଠ (ଭତରା) ର ସପ୍ନେଶ୍ୱର ବାବା, ସାଲିଆ ବଗିଚା (କୁମ୍ଭାରପଡ଼ା)ର ଶ୍ରୀ ରାମେଶ୍ୱର ବାବା, ସିନ୍ଦୂରପଙ୍କର ଶ୍ରୀ ତାରକେଶ୍ୱର ବାବା, ବୁର୍ଲାର ଶ୍ରୀ ନୀଳକଣ୍ଠେଶ୍ୱର ବାବା ଆଦି ଦେବ ଦେବ ମହାଦେବଙ୍କ ପତର୍‌ପେଁଡ଼ି ସମ୍ପନ୍ନ ହୋଇଛି।

### ନିଶା ପାଇଁ ପୁଅର ନୃଶଂସ କାଣ୍ଡ

# ଗାଁ ଦାଣ୍ଡରେ ମା’କୁ ହାଣି ହତ୍ୟା

ପୁରୀ, ୨୯।୫ (ସମିସ): ନିଶା ପାଇଁ ନୃଶଂସ ପାଲଟିଗଲା ପୁଅ। ହରାଇଦେଲା ନିଜର ହିତାହିତ ଜ୍ଞାନ, ଭୁଲିଗଲା ମା’ର ସ୍ନେହ ଆଉ ପ୍ରେମ। ନିଶା ଖାଇବାର ନିଶା ଏମିତି ମୁଣ୍ଡକୁ ଚଢ଼ିଗଲା ଯେ ଗାଁ ଦାଣ୍ଡରେ ମା’କୁ କୋଦାଳରେ ହାଣି ହତ୍ୟା କଲା। ଗୁରୁବାର ସକାଳେ ପୁରୀ ପେଣ୍ଟକଟା ମେରାଇନ ଥାନା ଅଧୀନ ସମଙ୍ଗରା ଗାଁରେ ଘଟିଛି ଏଭଳି ଲୋମଟାଙ୍କୁରା ହତ୍ୟାକାଣ୍ଡ। ମୃତ ମହିଳା ହେଲେ, ଗାଁର କନକ ପ୍ରଧାନ (୫୫)। ଏଭଳି ଅମାନୁଷିକ ଘଟଣା ଦେଖି ଗ୍ରାମବାସୀ ରାଗରେ ପିଟିପିଟି ଅଭିଯୁକ୍ତ ପୁଅ ବିକ୍ରମ ପ୍ରଧାନ (୩୦)କୁ ଦରମରା କରିଦେଇଥିଲେ। ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲେ ହେଁ ଗାଁଲୋକଙ୍କ କବଳରୁ ବିକ୍ରମକୁ ଉଦ୍ଧାର କରିବାକୁ ନାକେଦମ୍ ହେବାକୁ ପଡ଼ିଥିଲା। ଏପରିକି, ପୁଲିସ୍‌କୁ ବି ଗାଁ ଲୋକଙ୍କ ଆକ୍ରୋଶର ଶିକାର ହେବାକୁ ପଡ଼ିଥିଲା।

ସୂଚନାନୁଯାୟୀ, ଆଜି ସକାଳ ପ୍ରାୟ ୭ଟାରେ କନକ ଗୋରୁଙ୍କୁ ଖାଇବାକୁ ଦେଉଥିଲେ। ଏହି ସମୟରେ ବିକ୍ରମ ସେଠାକୁ ଆସି ନିଶା ଖାଇବାକୁ ତାଙ୍କୁ ଟଙ୍କା ମାଗିଥିଲା। ସବୁବେଳେ ନିଶାଗ୍ରସ୍ତ ଅବସ୍ଥାରେ ରହୁଥିବା କାରଣରୁ ପୁଅ ପାଇଁ ଚିନ୍ତିତ ଥିବା କନକ ଟଙ୍କା ଦେବାକୁ ମନା କରିଦେଇଥିଲେ। ଏହାକୁ ନେଇ ମା’ଙ୍କ ସହ ଯୁକ୍ତିତର୍କ କରିଥିଲା ବିକ୍ରମ। କଥା ବଢ଼ିବାରୁ, ହଠାତ୍ ଉତ୍‌କ୍ଷିପ୍ତ ହୋଇ ପାଖରେ ଥିବା ଏକ କୋଦାଳରେ ମା’ ମୁଣ୍ଡକୁ ଚୋଟ ପକାଇଥିଲା। ଏଥିରେ

**ଗ୍ରାମବାସୀଙ୍କ ମାଡ଼ରେ ଲହୁଲୁହାଣ ଅଭିଯୁକ୍ତ ପୁଅ**

କନକଙ୍କ ମୁଣ୍ଡ ଦୁଇଫାଳ ହୋଇଯାଇଥିଲା ଏବଂ ଘଟଣାସ୍ଥଳରେ ହିଁ ସେ ଟଳିପଡ଼ିଥିଲେ। ପ୍ରବଳ ରକ୍ତସ୍ରାବ ହେବା ସହ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମା’-ପୁଅଙ୍କ କଥା କଟାକଟି ହଠାତ୍ ଏଭଳି ରୂପ ନେବ କେହି ବିଶ୍ୱାସ କରିପାରି ନଥିଲେ। କିନ୍ତୁ ପୁଅର ଏଭଳି କାଣ୍ଡ ପରେ ଗାଁ ଲୋକେ ଘେରିଯାଇ ବିକ୍ରମକୁ କାବୁ କରିଥିଲେ। ସେ ଖସିଯିବାକୁ ଉଦ୍ୟମ କରିବା ବେଳେ ଲୋକେ ଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ।

ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଗ୍ରାମବାସୀଙ୍କ କବଳରୁ ବିକ୍ରମକୁ ଉଦ୍ଧାର କରିବା ସମୟରେ ସାମାନ୍ୟ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ଗାଁ ଲୋକଙ୍କ ମାଡ଼ରେ ବିକ୍ରମ ଆହତ ହୋଇଥିବା ବେଳେ ତାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ପୁଲିସ୍ ତଦନ୍ତ ଆରମ୍ଭ କରିଥିବା ଆଇଆଇସିଙ୍କ ଚାର୍ଜରେ ଥିବା ଡିଏସ୍‌ପି ବବିତା ଦଳେଇ କହିଛନ୍ତି। ପୂର୍ବରୁ ବିକ୍ରମ ମଧ୍ୟ ପରିବାରରେ ଗଣ୍ଡଗୋଳ କରି ଜେଲ୍ ଯାଇଥିଲା। ଜାମିନରେ ଫେରିବା ପରେ ବି ତା’ ଆଚରଣରେ ସୁଧାର ଆସି ନଥିଲା ବୋଲି ପୁଲିସ୍ ସୂଚନା ଦେଇଛି। ସୂଚନାଯୋଗ୍ୟ ଯେ, ଗତବର୍ଷ ଜମି ବିବାଦକୁ କେନ୍ଦ୍ର କରି ସମଙ୍ଗରା ଗ୍ରାମରେ ଡବଲ ମର୍ଡର ହୋଇଥିଲା। ଗୁରୁବାର ଗାଁରେ ପୁଣି ଏକ ହତ୍ୟାକାଣ୍ଡ ଘଟିବାରୁ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

## ବଜ୍ରପାତରେ ୨ ମହିଳା ମୃତ

ବରଗଡ଼,୨୯।୫(ସମିସ): ବରଗଡ଼ ଜିଲ୍ଲା ଅତାବିରା ଅଞ୍ଚଳରେ ବଜ୍ରପାତ ଆଜି ଦୁଇ ମହିଳାଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ଖଇରପାଲି ନିକଟସ୍ଥ ନଳିଆଁ ଝୁପୁଡ଼ି ଗାଁର ଶାନ୍ତି ଛତ୍ରିଆ (୪୮) ଓ ଟୋପ ଗାଁର ସହରାପଡ଼ା ନିବାସୀ ଯଶୋଦା ମଲ୍ଲିକ (୩୬)। ଶାନ୍ତି ଆଜି ଜାଳେଣି କାଠ ସଂଗ୍ରହ କରି ଘରକୁ ଫେରୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ଅନୁରୂପ ଭାବେ, ବିଲରେ କାମ କରୁଥିବା ସ୍ୱାମୀ ଗଣନାଥ ମଲ୍ଲିକଙ୍କୁ ମଧ୍ୟାହ୍ନଭୋଜନ ଦେବା ପାଇଁ ଯାଉଥିବା ବେଳେ ବଜ୍ରପାତ ହେବାରୁ ଯଶୋଦା ପ୍ରାଣ ହରାଇଛନ୍ତି। ଉଭୟଙ୍କୁ ଅତାବିରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ଅତାବିରା ଥାନା ପୁଲିସ ପହଞ୍ଚି ଶବଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏନେଇ ପୁଲିସ୍ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଉଭୟଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ଜୁଲାଇ ୨୦ରେ ଓଟିଇଟି ପରୀକ୍ଷା

କଟକ, ୨୯।୫ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଏସ୍‌ଓଟିଇଟି) ପାଇଁ ଆଜି ସମୟ ଧାର୍ଯ୍ୟ ହୋଇଛି। ଆସନ୍ତା ଜୁଲାଇ ୨୦ ତାରିଖ, ରବିବାର ଦିନ ଦୁଇଟି ସିଟିଂରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ରାଜ୍ୟର ୪୩୦ଟି କେନ୍ଦ୍ରରେ ୧ଲକ୍ଷ ୪୧ ହଜାର ୨୭୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପେପର- ୧ ବିଷୟରେ ପରୀକ୍ଷା ସକାଳ ୯ଟାରୁ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଓ ପେପର-୨ ପରୀକ୍ଷା ଦିନ ୨ଟାରୁ ଅପରାହ୍ଣ ୪ଟା ୩୦ମିନିଟ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିଭଳି ଯେଉଁ ଦିବ୍ୟାଙ୍ଗ ପରୀକ୍ଷାର୍ଥୀମାନେ ଲେଖିପଢ଼ି ପାରୁନଥିବେ, ସେମାନେ ପରୀକ୍ଷାର ୪ଦିନ ପୂର୍ବରୁ ସେମାନଙ୍କ ପରୀକ୍ଷା କେନ୍ଦ୍ର ଅଧୀକ୍ଷକଙ୍କୁ ଅନ୍ୟଜଣଙ୍କ ସହାୟତା ନେବା ପାଇଁ ସମସ୍ତ ଅସଲି ଦସ୍ତାବିଜ ସହ ରିପୋର୍ଟ କରିବେ। ସମ୍ପୃକ୍ତ କେନ୍ଦ୍ର ଅଧୀକ୍ଷକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପରାମର୍ଶ କରି ଧାର୍ଯ୍ୟ ଗାଇଡଲାଇନ ଅନୁସାରେ ପଦକ୍ଷେପ ନେଇପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ପରୀକ୍ଷା ପାଇଁ ଆଡମିଟ କାର୍ଡ ଆସନ୍ତା ଜୁଲାଇ ୧୨ତାରିଖରୁ ବୋର୍ଡର ୱେବସାଇଟ୍‌ରେ ଉପଲବ୍ଧ ହେବ। ପରୀକ୍ଷାର୍ଥୀମାନେ ଏହାକୁ ଡାଉନଲୋଡ କରିପାରିବେ।

ପ୍ରକାଶଥାଉକି, ଗତବର୍ଷ ଏହି ପରୀକ୍ଷା ଆରମ୍ଭ ପୂର୍ବରୁ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ ଓ ଉତ୍ତରପତ୍ର ପ୍ରଘଟ ନେଇ ପରୀକ୍ଷାର୍ଥୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଗଣିତ, ଓଡ଼ିଆ, ଇଂରାଜୀ, ସିଡିପି ଭଳି ୪ଟି ବିଷୟର ପ୍ରାୟ ୧୦୦ଟି ଉତ୍ତର ଥିବା ଦୁଇଟି ଜେରକ୍ସ କାଗଜ ୟୁଟ୍ୟୁବ୍‌ରେ ମଧ୍ୟ ଛଡ଼ାଯାଇଥିଲା।ତେବେପ୍ରଶ୍ନପତ୍ରପ୍ରଘଟଅଭିଯୋଗକୁଗତବର୍ଷବୋର୍ଡକର୍ତ୍ତୃପକ୍ଷଖଣ୍ଡନକରଥିଲେ। ଏଥର ପରୀକ୍ଷା ଶୃଙ୍ଖଳିତ ଭାବେ ଶେଷ ହେଉଛି କି ନାହିଁ ତାହା ଆଗାମୀ ଦିନରେ ଜଣାପଡ଼ିବ।

## ମୁଖ୍ୟମନ୍ତ୍ରୀ ପାଣ୍ଠିରୁ ଶୀତଳ ଷଷ୍ଠୀ ପାଇଁ ୫୦ ଲକ୍ଷ ମଞ୍ଜୁର

ସମ୍ବଲପୁର, ୨୯।୫ (ସମିସ): ଦେବବିବାହ ଶୀତଳଷଷ୍ଠୀ ଯାତ୍ରାକୁ ଅଧିକ ଭବ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୫୦ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ଘୋଷଣା କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ତାଙ୍କ ‘ଏକ୍ସ’ ଆକାଉଣ୍ଟରେ ସୂଚନା ଦେଇଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ ‘ଶୀତଳଷଷ୍ଠୀ ଯାତ୍ରା’ ଆମ ସଂସ୍କୃତି, ପରମ୍ପରାର ଅନନ୍ୟ ବାର୍ତ୍ତାବହ। ଦେବଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଐତିହ୍ୟ ସମ୍ପନ୍ନ ‘ଶୀତଳଷଷ୍ଠୀ’ ଯାତ୍ରାକୁ ଆହୁରି ଭବ୍ୟ କରିବା ସହ ଏହାର ପ୍ରଚାରପ୍ରସାର ପାଇଁ ୫୦ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିବାକୁ ଘୋଷଣା କରୁଛି।




## ଭିଜିଲାନ୍ସ ପଞ୍ଝାରେ ଆକାଉଣ୍ଟାଣ୍ଟ ଓ ବରିଷ୍ଠ ସହାୟକ

ପାରଳାଖେମୁଣ୍ଡି,୨୯।୫(ସମିସ): ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଆଜି ପାରଳାଖେମୁଣ୍ଡିସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟର ଦୁଇ କର୍ମଚାରୀଙ୍କୁ ଗିରଫ କରିଛି। ସେମାନେ ହେଲେ, ଡିଭିଜନାଲ ଆକାଉଣ୍ଟାଣ୍ଟ ସୂରଜ ପ୍ରସାଦ ଜୟସ୍ୱାଲ ଓ ବରିଷ୍ଠ ସହାୟକ ନରେଶ ପଟ୍ଟନାୟକ। ଜଣେ ଠିକାଦାର ସରୋଜ ପାତ୍ରଙ୍କଠାରୁ ୩୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ଦୁହିଁଙ୍କୁ ମାଡ଼ି ବସିଛନ୍ତି। ବକେୟା ବିଲ୍ ପାସ୍ କରିବାକୁ ସେମାନେ ଏହି ଲାଞ୍ଚ ଟଙ୍କା ନେଉଥିବା ଜଣାପଡ଼ିଛି। ଠିକାଦାର ଓ ତାଙ୍କ ସଂପର୍କୀୟ ନାମରେ




**ଠିକାଦାରଙ୍କଠାରୁ ନେଉଥିଲେ ୩୦ ହଜାର ଲାଞ୍ଚ**

ମୋଟ ୪ଟି କାର୍ଯ୍ୟାଦେଶ ଦିଆଯାଇଥିଲା। ଏହି କାମର ପରିମାଣ ୮୬ ଲକ୍ଷ ଟଙ୍କାରୁ ଅଧିକ। ଏହି ସମୟ ମଧ୍ୟରେ ଉକ୍ତ ଠିକାଦାର ୩୨ଲକ୍ଷ ଟଙ୍କାର ରନିଂ ବିଲ୍ ଦାଖଲ କରିଥିଲେ। କିନ୍ତୁ ଅଭିଯୁକ୍ତଦ୍ୱୟ ୟୁପିଆଇ ଟ୍ରାଞ୍ଜାକ୍ସନ ମାଧ୍ୟମରେ ୩୨ଲକ୍ଷ ଟଙ୍କାର ବିଲ୍ ପୂର୍ବରୁ କ୍ଲିୟରାନ୍ସ ପାଇଁ ଏବଂ କାମ ଶେଷ ହେବା ପରେ ବାକି ବିଲ୍ ଦାଖଲ କରିବା ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ତେଣୁ ଠିକାଦାର ସରୋଜ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଆଜି ଶ୍ରୀ ଜୟସ୍ୱାଲ ଏବଂ ଶ୍ରୀ ପଟ୍ଟନାୟକଙ୍କୁ ୟୁପିଆଇ କାରବାର ମାଧ୍ୟମରେ ପ୍ରତ୍ୟେକ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ସେମାନଙ୍କୁ ଧରିଛି। ବ୍ରହ୍ମପୁର ଭିଜିଲାନ୍ସ ଦୁଇଟି ପୃଥକ୍ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ଫେରାର୍ ୭ ଶିକାରୀ ଶିମିଳିପାଳରୁ ଗିରଫ



ବାରିପଦା, ୨୯।୫ (ସମିସ): ଏକ ସମ୍ବର ଶିକାର ମାମଲାରେ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଫେରାର୍ ଥିବା ୭ ଶିକାରୀଙ୍କୁ ଆଜି ବନ ବିଭାଗ ଶିମିଳିପାଳରୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ରଘୁନାଥ ସଏ, ବାବୁରାମ ସଏ, ସୁକୁଲାଲ ହେମ୍ବ୍ରମ, ମଙ୍ଗଲ ବାଦ୍ରା, ଜୟସିଂହ ସିର୍କା, କୁନାରାମ ସାମାଡ ଓ ବାୟା ବାନାରା। ସେମାନଙ୍କ ନିକଟରୁ ୬ଟି ଧନୁ, ୧୧ତୀର, ୨ଟି ଫାଶ, ୨ଟି କାଟାପଲ୍ଟ, ଗୋଟିଏ ବାର୍କିଂ ହରିଣ ଏବଂ ଗୋଟିଏ ସ୍ପଟେଡ୍ ହରିଣର ଶିଙ୍ଘ ଜବତ ହୋଇଛି। ବର୍ଷ ୨୦୨୩-୨୪ରେ ଏମାନେ ଶିମିଳିପାଳ ଜାତୀୟ ଉଦ୍ୟାନର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ରେଞ୍ଜ ଅଧୀନରେ ଏକ ସମ୍ବର ଶିକାର କରିଥିଲେ। ବନ ବିଭାଗର ଗୁଇନ୍ଦା ବିଭାଗ ଏବଂ ଏଆଇ କ୍ୟାମେରା ସହାୟତାରେ ସେମାନଙ୍କୁ ଧରାଯାଇଛି। ବନ ବିଭାର ସ୍ୱତନ୍ତ୍ର ଟାସ୍କଫୋର୍ସ ଓ କର୍ମଚାରୀମାନେ କରଞ୍ଜିଆ ଥାନା ଦୁଧିଆଣି ଏବଂ ଅଁଳାକଟା ଗ୍ରାମରେ ଚଢ଼ଉ କରି ଏମାନଙ୍କୁ ଧରିଛନ୍ତି। ଅପରପକ୍ଷେ, ଏହି ଘଟଣାରେ ପୂର୍ବରୁ ବନ ବିଭାଗ ୧୩ଶିକାରୀଙ୍କୁ ଗିରଫ କରିସାରିଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ବନଖଣ୍ଡର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି।

**ମାରଣାସ୍ତ୍ର ଓ ବନ୍ୟଜନ୍ତୁ ଦେହାଂଶ ଜବତ**

www.sakalaepaper.com

# ଆଜି ପ୍ରକାଶ ପାଇବ ଏମ୍ଏସ୍‌ସିବି ବିଶ୍ୱବିଦ୍ୟାଳୟ ଯୁକ୍ତ ତିନି ଶେଷ ବର୍ଷ ପରୀକ୍ଷା ଫଳ

ବାରିପଦା, ୨୯ ।୫(ସମିସ): ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧୀନ ବିଭିନ୍ନ କଲେଜର ଯୁକ୍ତ ତିନି ଶେଷବର୍ଷ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇବ। ଏ ନେଇ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ବିଶ୍ୱବିଦ୍ୟାଳୟ ପରିସରରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ୮୪ଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ କଳା, ବିଜ୍ଞାନ ଏବଂ ବାଣିଜ୍ୟ ପରୀକ୍ଷାର୍ଥୀଙ୍କ ଫଳ ପ୍ରକାଶ ପାଇବାକୁ ଯାଉଛି। ଶୁକ୍ରବାର ଅପରାହ୍ନ ୪ଟାରେ ପରୀକ୍ଷା ଫଳ ପ୍ରକାଶ ପାଇବ। ଏହାସହିତ ଛାତ୍ରଛାତ୍ରୀ ପରୀକ୍ଷା ଫଳ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ. ଏନଓୟୁ.ଏନଆଇସି.ଇନ୍ ଡାଉନଲୋଡ କରିପାରିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଜଳ ଗୁଣବତ୍ତା ପରୀକ୍ଷଣ ପରିମଳ ସର୍ବେକ୍ଷଣ ଶିବିର



ଜାମଦା,୨୯।୫(ସମିସ): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ଅନ୍ତର୍ଗତ ବ୍ଲକ କନଫରେନ୍ସ ଗୃହରେ ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗ (ଆରଡବ୍ଲୁଏସଏସ) ପକ୍ଷରୁ ବ୍ଲକସ୍ତରୀୟ ଜଳ ଗୁଣବତ୍ତା ପରୀକ୍ଷଣ ଓ ପରିମଳ ସର୍ବେକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଜାମଦା ଆରଡବ୍ଲୁଏସଏସ ଜେଇ ନରେନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ରାଇରଙ୍ଗପୁର ସବ୍‌ଡିଭିଜନ ଆରଡବ୍ଲୁଏସଏସର ଲ୍ୟାବ ଆସିଷ୍ଟାଣ୍ଟ ପଙ୍କଜ ମହାନ୍ତ ଏବଂ ଲ୍ୟାବ କେମିଷ୍ଟ ରାଜେନ୍ଦ୍ର ମହାନ୍ତ ଜଳ ଗୁଣବତ୍ତା ପରୀକ୍ଷଣ ଏବଂ ପରିମଳ ସର୍ବେକ୍ଷଣ ସମ୍ବନ୍ଧୀୟ ତାଲିମ ଦେଇଥିଲେ। ଶିବିରରେ ଜାମଦା ବ୍ଲକର ସମସ୍ତ ଏମବିକେ ତାଲିମ ନେଇଥିଲେ।

## ୧୫ ବର୍ଷ ହେଲା ନିର୍ମାଣ ଶେଷ ହେଉନି ଜମ୍ବୀରା ଜଳ ପ୍ରକଳ୍ପ

# ଅନିଶ୍ଚିତାରେ ୨୪ ଘଣ୍ଟିଆ ପାନୀୟ ଜଳଯୋଗାଣ

ବାରିପଦା, ୨୯ ।୫(ସମିସ)




ବାରିପଦା ସହରକୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣରେ ଅନିଶ୍ଚିତତା ଦେଖାଦେଇଛି। ଦୀର୍ଘ ବର୍ଷ ହେଲା ପ୍ରକଳ୍ପ ନିର୍ମାଣ ଜାରି ରହିଥିବା ବେଳେ ଏଯାଏ ସଂପୂର୍ଣ୍ଣ ହୋଇପାରୁନାହିଁ। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷ ନିରବ ରହିଥିବାରୁ ଦିନ ପରେ ଦିନ ଗଡି ଚାଲିଛି। ବାରିପଦା ସହରବାସୀଙ୍କ ଦୀର୍ଘଦିନର ଦାବିକୁ ଦୃଷ୍ଟିରେ ରଖି ସହରକୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ଗତ ୨୦୦୯ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜମ୍ବୀରା ଜଳ ପ୍ରକଳ୍ପ ଘୋଷଣା କରିଥିଲେ। ଏହି ପ୍ରକଳ୍ପରୁ ବାରିପଦା ପୌରପରିଷଦ ୨୮ଟି ୱାର୍ଡ ୨୮,୦୦୦ରୁ ଉର୍ଦ୍ଧ୍ୱ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଯୋଜନା ରହିଥିଲା। ଏଥିପାଇଁ ୧୦୧ କୋଟି ଟଙ୍କା ପ୍ରକଳ୍ପ ଅଟକଳ ହୋଇଥିଲା। ପରେ ତାହା ବୃଦ୍ଧି ପାଇ ୧୬୧କୋଟି ୫୬ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପହଞ୍ଚିଲାଣି। ଯେଉଁଥିରେ କି ଓମ୍ବାଡସି ପକ୍ଷରୁ ୮୦ କୋଟି ୧୫ଲକ୍ଷ ଏବଂ ବିଭାଗ ପକ୍ଷରୁ ୮୧କୋଟି ୪୧ଲକ୍ଷ ଟଙ୍କା ବ୍ୟୟବରାଦ ରହିଛି। ଜମ୍ବୀରା ଡ୍ୟାମରୁ ପାଇପ ଯୋଗେ ପାଣି ଆସି ବାରିପଦାର ମୁର୍ଗାବାଡ଼ି ବିଶୋଧନ କେନ୍ଦ୍ରରେ ବିଶୁଦ୍ଧ ହୋଇ ପାଇପ ଯୋଗେ ପ୍ରତି ଘରେ ପହଞ୍ଚିବାର ବ୍ୟବସ୍ଥା ହୋଇଛି। ବାରିପଦା ପୌର ପରିଷଦର ୨୮ଟିଯାକ ୱାର୍ଡର ପ୍ରତି ଘରେ ମିଟର ବସାଯାଇ ପିଇବା ପାଣି ଯୋଗାଣ କରାଯିବ ବୋଲି ଯୋଜନା ମଧ୍ୟ ରହିଛି। ପ୍ରତି ୱାର୍ଡରେ ପମ୍ପ ହାଉସ କରଯାଇ ପାଣି ଯୋଗାଣ ହେବ। ୨୦୨୩ ସୁଦ୍ଧା କାର୍ଯ୍ୟ ଶେଷ ହୋଇ ଲୋକାର୍ପଣ ହେବାର ଯୋଜନା ରହିଥିଲା। ମାତ୍ର ପ୍ରକଳ୍ପ ଆରମ୍ଭ ହେବାର ଦୀର୍ଘ ୧୫ ବର୍ଷ ପୂରିବାକୁ ଯାଉଥିବା ବେଳେ ଏ ଯାଏ ଶେଷ ହୋଇନାହିଁ। ସହରବାସୀ ଏବେ ବି ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ପାଇଁ ଅପେକ୍ଷା କରି ରହିଛନ୍ତି। ଖୋଦ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ରହୁଥିବା ବାରିପଦା ପୌରପାଳିକା ଅଞ୍ଚଳରେ ଏପରି ସ୍ଥିତି ଦେଖାଦେଇଛି। ପ୍ରଥମେ ହାଇଦ୍ରାବାଦର ମେଘା ଇଞ୍ଜିନିୟରିଂ କମ୍ପାନୀ କାର୍ଯ୍ୟ କରୁଥିବା ବେଳେ ଏବେ ଜୟଭେରୀ କମ୍ପାନୀ କରୁଛି। ଗୋଟିଏ ପରେ ଗୋଟିଏ କମ୍ପାନୀ କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ପ୍ରାୟତଃ ୮୫ପ୍ରତିଶତ ବ୍ୟୟ ଅଟକଳ ଖର୍ଚ୍ଚ ମଧ୍ୟ ହୋଇସାରିଲାଣି। କିନ୍ତୁ ପ୍ରକଳ୍ପ କାର୍ଯ୍ୟ ଶେଷ ହେବାର ନାମ ଧରୁନାହିଁ। ଫଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ। ବାରିପଦା ସହରରେ ମଧ୍ୟ ପାଣି ପାଇପ ଲାଇନ ବିଛାଇବା ପାଇଁ ବିଭିନ୍ନ ସ୍ଥାନରେ ରାସ୍ତା ଖୋଳି ଦିଆଯାଇଥିବାବେଳେ ମରାମତି ମଧ୍ୟ ହେଉନି। ଯାହାକୁ ନେଇ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ସହରରେ ଜନ ଅସନ୍ତୋଷ ମଧ୍ୟ ବୃଦ୍ଧି ପାଉଛି। ବାରମ୍ବାର ପ୍ରତିବାଦ ପରେ ବି ୱାଟକୋ ଶୁଣୁନାହିଁ। ଗତ ବର୍ଷ ଓମ୍ବାଡସିର ରାଜ୍ୟ ମୁଖ୍ୟ ମୟୂରଭଞ୍ଜ ଜିଲ୍ଲା ଗସ୍ତ ସମୟରେ କାର୍ଯ୍ୟସ୍ଥଳ ପରିଦର୍ଶନ କରିଥିଲେ। ତେବେ ବର୍ଷକ ମଧ୍ୟରେ ନିର୍ମାଣ ସରିବ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ବର୍ଷକରୁ ଅଧିକ ହେଲାଣି କିନ୍ତୁ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ମୁର୍ଗାବାଡ଼ିଠାରେ ବିଶୋଧନ କେନ୍ଦ୍ର ଦେଢବର୍ଷରୁ ଉର୍ଦ୍ଧ୍ୱ ହେବ ପ୍ରସ୍ତୁତ ହୋଇଥିବା ବେଳେ

## ମନ୍ତ୍ରୀଙ୍କ ଜିଲ୍ଲାରେ ପ୍ରକଳ୍ପ ମନ୍ଥର; ୱାଟ୍‌କୋ ସ୍ଥାଣୁ

କାର୍ଯ୍ୟକ୍ଷମ ହୋଇ ନ ପାରି ତାହା ମଧ୍ୟ ପଡିରହିଛି। ମାତ୍ର ବିଭାଗ ଓ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଏବେ ବାରିପଦା ସହରବାସୀ ହନ୍ତସନ୍ତ ହେଉଛନ୍ତି। ଏନେଇ ୱାଟକୋ ସାଧାରଣ ପରିଚାଳକଙ୍କୁ ପଚାରିବାରୁ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି କହିଛନ୍ତି। ସମସ୍ତ କାର୍ଯ୍ୟ ଶେଷ ହୋଇଥିବା ବେଳେ ବିଦ୍ୟୁତିକରଣ କାର୍ଯ୍ୟ ପାଇଁ ବିଳମ୍ବ ହେଉଛି। ଜମ୍ବୀର ଡ୍ୟାମ ପାଖର ବାସିନ୍ଦା ମାନଙ୍କୁ ପୂର୍ବର କ୍ଷତିପୂରଣ ରାଶି ମିଳିନଥିବା ବେଳେ ନିର୍ମାଣ କାର୍ଯ୍ୟ କରିବାକୁ ଦେଇନଥିଲେ; ଯାହାକୁ ନେଇ ବିଳମ୍ବ ହୋଇଛି। ବର୍ତ୍ତମାନ ଉକ୍ତ ସମସ୍ୟାର ସମାଧାନ ହୋଇଯାଇଛି। ବିଦ୍ୟୁତିକରଣ ଓ ବାରିପଦା ସହରରେ ପାଇପ ଯୋଗାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଖୁବଶୀଘ୍ର ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଯୋଜନା ରଖାଯାଇଛି ବୋଲି ସେ କହିଛନ୍ତି।

# ଦୁଷ୍କର୍ମ ଉଦ୍ୟମ ଓ ତୀର ମାରିବା ଘଟଣାରେ ଅଭିଯୁକ୍ତ ଗିରଫ

ମହୁଲଡିହା,୨୯।୫(ସମିସ): ସୋମବାର ରାତିରେ ଜନୈକା ନାବାଳିକାକୁ ବଳାତ୍କାର ଉଦ୍ୟମ ଓ ବାପାକୁ ତୀର ମାରି ଜୀବନରୁ ମାରିବାକୁ ଉଦ୍ୟମ କରିଥିବା ଅଭିଯୁକ୍ତ ରାଧାଶ୍ୟାମ ବାନ୍ଦିଆ (୬୦)କୁ ଠାକୁରମୁଣ୍ଡା ପୁଲିସ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ଘଟଣାରୁ ପ୍ରକାଶ ଯେ, ଅଭିଯୁକ୍ତ ଜନୈକା ନାବାଳିକା ଝିଅକୁ ଦୁଷ୍କର୍ମ ଉଦ୍ୟମ କରିଥିଲା। ଝିଅର ମା' ପ୍ରତିବାଦ କରିବାରୁ ଅଭିଯୁକ୍ତ ସେଠାରୁ ଚାଲିଯାଇଥିଲ। ମାତ୍ର ସନ୍ଧ୍ୟାରେ ଧନୁ, ତୀର ନେଇ ପୁଣି ଆସିଥିଲା। ସେତେବେଳେ ଝିଅର ବାପାକୁ ଅଭିଯୁକ୍ତ ରାଧାଶ୍ୟାମ ତୀର ମାରିଥିଲା। ଫଳରେ ତୀରଟି ତାଙ୍କ ଛାତିରେ ନବାଜି ବାମ ବାହୁରେ ଭେଦ କରିଥିଲା। ପରଦିନ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିବା ପରେ ଡାକ୍ତର ତୀର ବାହାର କରିଥିଲେ। ପରେ ଝିଅର ମା' ଏ ନେଇ ଥାନାରେ ଏତଲା ଦେବା ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ସେତେବେଳକୁ ରାଧାଶ୍ୟାମ ଫେରାର ହୋଇଯାଇଥିଲା। ସେ ଭୁବନେଶ୍ୱର ପଳାଇଥିବା ଜଣାପଡିଥିଲା। ପୁଲିସ ରାଧାଶ୍ୟାମର ପୁଅ ଜରିଆରେ ଧରିବାରେ ସକ୍ଷମ ହୋଇଥିଲା। ରାଧାଶ୍ୟାମ ଗୁରୁବାର ସକାଳେ ଘରେ ପହଞ୍ଚିବା ପରେ ତାକୁ ଗିରଫ କରି ପକ୍ସୋ କୋର୍ଟରେ ହାଜର କରିଛି ପୁଲିସ।

# ଖଣି ଅଧିକାରୀଙ୍କୁ ଚକମା ଦେଇ ଖସିଗଲା ହାଇୱା

ବେତନଟୀ, ୨୯ ।୫(ସମିସ): ବଡସାହି ଥାନା ବୁଢାବଳଙ୍ଗ ନଦୀରୁ ବାଲି ବୋଝେଇ କରି ଯାଉଥିବା ଏକ ହାଇୱାଟି ଗୁରୁବାର ଖଣି ବିଭାଗ ଅଧିକାରୀଙ୍କୁ ଚକମା ଦେଇ ଖସିଯିବାରେ ସଫଳ ହୋଇଛି। ବୈଶିଙ୍ଗା ଅଞ୍ଚଳକୁ ଚୋରା ବାଲି ଚାଲାଣ ହେଉଥିବା ସୂଚନା ପାଇ ଖଣିବିଭାଗର ଏକ ସ୍କ୍ୱାଡ ବେତନଟୀ ବଙ୍ଗଳାଛକ ନିକଟରେ ଗାଡିକୁ ଅଟକାଇବାକୁ ଚେଷ୍ଟା କରିଥିଲେ; ହେଲେ ଚାଳକ ଚାଳକ ଜଣଙ୍କ ୧୮ ନଂ ଜାତୀୟ ରାଜପଥ ପାଶ୍ୱର୍ରେ ବାଲିକୁ ଖାଲି କରି ହାଇୱାକୁ ନେଇ ବାରିପଦା ଅଭିମୁଖେ ଦ୍ରୁତଗତିରେ ପଳାଇଥିଲା। ଏହା ଦେଖି ଖଣି ବିଭାଗ ଗାଡି ପିଛା କରି ୨କିମି ଦୂର ବେତନଟୀ ଉପଖଣ୍ଡ ପୁରୁଣାପାଣି (ଜଡିପାଳ) ଛକରେ ଅଟକାଇଥିଲେ। ଚାଳକ ଓ ଅଧିକାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ପରେ ଚାଳକ ହାଇୱା ନେଇ ପଳାଇଥିଲା। ଏନେଇ ଖଣି ନୀରିକ୍ଷକ ଶ୍ରୀ ସାହୁଙ୍କୁ ପଚାରିବାରୁ ସେ ଭୁବନେଶ୍ୱର ଅଫିସ କାର୍ଯ୍ୟରେ ଯାଇ ଫେରୁଛନ୍ତି କହିଥିବା ବେଳେ ଉପରୋକ୍ତ ଘଟଣା ସମ୍ବନ୍ଧରେ ଅଧୀନସ୍ଥ କର୍ମଚାରୀ ଏପର୍ଯ୍ୟନ୍ତ ଖବର ଦେଇନାହାନ୍ତି କହିଛନ୍ତି। ଅପରପକ୍ଷରେ ଖଣି ବିଭାଗ ଚଢଉ ସମୟରେ ପୁଲିସ ସହାୟତା ନ ନେବା, ଫେରାର ହାଇୱା ବିରୋଧରେ ମାମଲା ଦାଏର ନ କରିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଆନ୍ତଃ ବିଦ୍ୟାଳୟ କ୍ରିକେଟ ଉଦ୍‌ଯାପିତ; ଟିମ୍-ସି ଚାମ୍ପିଅନ



ବାରିପଦା, ୨୯ ।୫(ସମିସ): ବାରିପଦା ଷ୍ଟାଡିୟମ ପଡିଆରେ ଚାଲିଥିବା ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ-ସି ୫ରନରେ ଟିମ-ଡି'କୁ ପରାସ୍ତ କରି ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ-ସି ୧୫ ଓଭରରେ ୫ ଉଇକେଟ ହରାଇ ୫୯ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଗମ୍ଭୀର ପିଙ୍ଗୁଆ ୩୦ ରନ କରିଥିବା ବେଳେ ବିପକ୍ଷ ଦଳର ରାଜୀବଶଙ୍କର ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବବାରେ ଟିମ-ଡି ୧୫ ଓଭରରେ ୮ ଉଇକେଟ ହରାଇ ୫୪ ରନ କରିପାରିଥିଲେ। ବିପକ୍ଷ ଦଳର ଗମ୍ଭୀର ପିଙ୍ଗୁଆ, ତାଜରୋଶନ ପରିଡା ଓ ମଦିରସ ବେହେରା ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ଗମ୍ଭୀର ପିଙ୍ଗୁଆଙ୍କୁ ଲଲାଟେନ୍ଦୁ ବେହେରା ଗୋଟିଏ ବେଟ ଦେଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରିଥିଲେ। ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ। ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। ଏହି ଅବସରରେ ଜିଲ୍ଲାସ୍ତରୀୟ ବରିଷ୍ଠ ବର୍ଗ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ମେରି ଲୋକନାଥ ଓ କନିଷ୍ଠ ବର୍ଗରେ ପ୍ରୀତପାଲ ସିଂହଙ୍କୁ ଏବଂ କଳାହାଣ୍ଡି କପ ଚାମ୍ପିଅନ ରାଇରଙ୍ଗପୁର ଦଳ, ରନର୍ସ ଅପ ଡିଆରକେ-ବି ଦଳକୁ ତଥା କନିଷ୍ଠ ବର୍ଗର ଚାମ୍ପିଅନ ବିସିଏ ଓ ରନର୍ସ ଅପ କରଞ୍ଜିଆ ଦଳକୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ କ୍ରିକେଟ ଖେଳାଳି ଲଲାଟେନ୍ଦୁ ବେହେରା ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମ୍ବିକା ରାଉତ ଓ ପ୍ରସନ୍ନଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ବର୍କିଂ ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଲାଇଲମ ଘାଟୀ ସୀମାନ୍ତ ଘାଟି ରାସ୍ତା ମରଣଯନ୍ତା

ବହଳଦା, ୨୯।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ ଲାଇଲମ ଘାଟୀ ସୀମାନ୍ତ ଆନ୍ତଃରାଜ୍ୟ ରାସ୍ତା ମରଣଯନ୍ତା ପାଲଟିଛି। ବହଳଦାରୁ ଝରାଡିହି ସୀମାନ୍ତ ଲାଇଲମ ଘାଟୀ ଦେଇ ଝାରଖଣ୍ଡ ଜାମସେଦପୁର ଅଞ୍ଚଳକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥର କେତେକ ସ୍ଥାନରେ ଦବିଯାଇ ଅତ୍ୟନ୍ତ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଲାଖିରାମ କିସ୍କୁ (ଭୋଗଲା)ଙ୍କ ବାସଗୃହ ନିକଟରେ ଥିବା ପୋଲକୁ ସଂଯୋଗ କରୁଥିବା ରାସ୍ତା ଗୋଟିଏ ପାଶ୍ୱର୍ ବିପଜ୍ଜନକ ଭାବେ ଦବିଯାଇଛି। ଫଳରେ ଯାନବାହନ ବିପଦପୂର୍ଣ୍ଣ ଅବସ୍ଥାରେ ଯିବାଆସିବା କରୁଛି। ଦ୍ରୁତଗତିରେ ଆସୁଥିବା କିମ୍ବା ଅନ୍ୟମନସ୍କ ଥିବା ଦୁଇ ଚକିଆ କିମ୍ବା ଚାରି ଚକିଆ ବାହନ ଉକ୍ତ ରାସ୍ତାରେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାଗ୍ରସ୍ତ ହେବାର ସମ୍ଭାବନା ରହିଛି। ଏହି ରାସ୍ତାରେ ଯିବା ଆସିବା କରୁଥିବା ଯାତ୍ରୀ ଉକ୍ତ ସ୍ଥାନରେ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତିଯାଉଛନ୍ତି। ଚଳିତ ମାସ ପ୍ରାରମ୍ଭରେ ସୀମାନ୍ତବର୍ତ୍ତୀ ଝାରଖଣ୍ଡ ଅଞ୍ଚଳ କୁଆଳି ଗ୍ରାମର ପ୍ରସାଦ ଭକତ ଉକ୍ତ ସ୍ଥାନରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁମୁଖରେ ପଡିଥିଲେ। ସେହିପରି ଲାଇଲମ ଘାଟୀର ମୁଖ୍ୟ ପୋଲର ଉଭୟ ପାଶ୍ୱର୍ ରାସ୍ତା ଦବିଯାଇ ଅସମତଳ ଅବସ୍ଥାରେ ରହିଛି। ଫଳରେ ଉଭୟ ପଟରୁ ଯିବା ଆସିବା କରୁଥିବା ବାହନ ଚାଳକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ଏହି ରାସ୍ତାର ବିଭାଗୀୟ ନିରୀକ୍ଷଣ କରାଯାଇ ଯଥାଶିଘ୍ର ମରାମତି କରାଯିବାକୁ ସାଧାରଣରେ ଦାବି ହେଉଛି।



# ଦେଶୀମଦ ଜବତ; ଅଭିଯୁକ୍ତ କୋର୍ଟଚାଲାଣ

ବେତନଟୀ,୨୯ ।୫(ସମିସ): ବେତନଟୀ ଅବକାରୀ ଥାନା ପକ୍ଷରୁ ଯୋଗୀନୂଆଁଗାଁ ପଞ୍ଚାୟତ ଅଧୀନ କଇଁଫୁଲିଆ ଗ୍ରାମରେ ଚଢଉ କରି ଦେଶୀମଦ ଜବତ କରାଯିବା ସହିତ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଉଛି ବଡସାହି ଥାନା ଅଧୀନ କଇଁଫୁଲିଆ ଗ୍ରାମର ସୁଶୀଲ ମହାନ୍ତ। ଚଢଉ ସମୟରେ ସୁଶୀଲ ନିକଟରୁ ୧୪ଲିଟର ଚୋରା ଦେଶୀମଦ ଜବତ ହୋଇଥିଲା। ପରେ ତାକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ରାସ୍ତାସାରା ଖାଲଖମା; ମରାମତି ଦାବିକଲେ ବରିଷ୍ଠ ନାଗରିକ

ଖୁଣ୍ଟିଂ, ୨୯।୫(ସମିସ): ଶୁକୁଳି ବ୍ଲକ ଅନ୍ତର୍ଗତ କୁମ୍ଭୀର୍ଦା ଛକରୁ ଆଦିପୁରମୁଣ୍ଡାସାହିକୁ ସଂଯୋଗକରୁଥିବା ମୋରମରାସ୍ତା ଦୀର୍ଘବର୍ଷ ହେଲା ବିପର୍ଯ୍ୟସ୍ତ ହୋଇରହିଛି। ବର୍ଷାଦିନ ପୂର୍ବରୁ ସାମାନ୍ୟ ବର୍ଷାରେ ଖାଲଖମାରେ ପାଣି ଭର୍ତ୍ତି ହୋଇଯାଇଥିବାରୁ ଯାନବାହାନ ଓ ପଥଚାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଏହି ରାସ୍ତାରେ ବିଗତ ଦିନମାନଙ୍କରେ ଛୋଟ ବଡ ଦୁର୍ଘଟଣା ଘଟୁଥିବା ଖବର ମଧ୍ୟ ହସ୍ତଗତ ହୋଇଛି। ଏହି ରାସ୍ତା ଉପରେ ପ୍ରତିଦିନ ୩୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭରଶୀଳ। ବିଶେଷତଃ ସ୍କୁଲ କଲେଜ ଯାଉଥିବା ଛାତ୍ରଛାତ୍ରୀ ସମେତ ଡାକ୍ତରଖାନା ଯାଉଥିବା ରୋଗୀମାନଙ୍କ ଅନେକ ସମୟରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏ ନେଇ ଗ୍ରାମବାସୀ ଅଭିଯୋଗ କଲେ ମଧ୍ୟ କୌଣସି ଫଳ ମିଳୁନାହିଁ।



ରାଜ୍ୟ ସରକାର ବିକଶିତ ଗାଁ ବିକଶିତ ଓଡିଶା ପାଇଁ ବହୁବିଧ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରିଥିବା ବେଳେ ଏହି ଆଦିବାସୀବହୁଳ ଗ୍ରାମରେ ଯାତାୟାତ ଉପଯୋଗୀ ରାସ୍ତାଟିଏ ନିର୍ମାଣ ହୋଇପାରୁନାହିଁ। ତେଣୁ ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବରିଷ୍ଠ ନାଗରିକ ମୁଣ୍ଡା ସହଦେବ ମୁଣ୍ଡା ଦାବି କରିଛନ୍ତି।

# ଜିଲ୍ଲାର ୪୫ ଜଣ ପୁଲିସ ଏଏସ୍‌ଆଇଙ୍କ ଅଦଳବଦଳ

ବାରିପଦା, ୨୯ ।୫(ସମିସ): ମୟୂରଭଞ୍ଜ ଜିଲ୍ଲା ପୁଲିସ ମୁଖ୍ୟାଳୟ ଓ ବିଭିନ୍ନ ଥାନାର ୪୫ଜଣ ପୁଲିସ ଏଏସଆଇଙ୍କ ଅଦଳବଦଳ ହୋଇଛି। ଏହିସବୁ ଅଦଳବଦଳ ନିମନ୍ତେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲିଙ୍କ ନିର୍ଦ୍ଦେଶକ୍ରମେ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ ଭାବେ ତାଲିମ ଗ୍ରହଣ କରି ଜିଲ୍ଲା ପୁଲିସ ମୁଖ୍ୟାଳୟ ଯୋଗଦାନ କରିଥିବା ଏଏସଆଇଙ୍କୁ ବିଭିନ୍ନ ଥାନାରେ ନିଯୁକ୍ତ କରାଯାଇଛି। ଫଳରେ ଜିଲ୍ଲାର ବିଭିନ୍ନ ଥାନାରେ ଥିବା ଏଏସଆଇ ଅଭାବ କିଛି ମାତ୍ରାରେ ଦୂର ହେବ। ବଦଳି ଆଦେଶ ଅନୁଯାୟୀ ଉକ୍ତ ସ୍ଥାନରେ ଯଥାଶୀଘ୍ର ଯୋଗଦାନ କରିବାକୁ ଏସପିଙ୍କ ନିର୍ଦ୍ଦେଶ ରହିଛି।

## ବିଶ୍ୱବିଦ୍ୟାଳୟରେ ଗ୍ରୀଷ୍ମକାଳୀନ ତାଲିମ ଶିବିର ଉଦ୍‌ଯାପିତ

# ୧୩ ଅନୁବନ୍ଧିତ ମହାବିଦ୍ୟାଳୟର ୯୨ ଛାତ୍ରଛାତ୍ରୀ ସାମିଲ



ବାରିପଦା ୨୯ ।୫(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଅଣସ୍ନାତକ ଛାତ୍ରଛାତ୍ରୀଙ୍କ ପାଇଁ ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଗ୍ରୀଷ୍ମକାଳୀନ ତାଲିମ ଶିବିର ୨୮ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରାୟୋଜିତ ତିନି ସପ୍ତାହ ବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ତ୍ରିପାଠୀ ଛାତ୍ରଛାତୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନେ ବିଶ୍ୱବିଦ୍ୟାଳୟକୁ ନିକଟରୁ ଜାଣିବା, ପ୍ରାପ୍ତ ତାଲିମର ଲବଧ୍ ଜ୍ଞାନକୌଶଳ ଓ ଏଠାରେ ଗଢ଼ିଉଠିଥିବା ବନ୍ଧୁତା ଭବିଷ୍ୟତରେ ନିଶ୍ଚୟ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସେ ଅଧ୍ୟାପକ ଅଧ୍ୟାପିକାଙ୍କୁ ସାଧୁବାଦ ଜଣାଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଯୋଗ ଦେଇ ଏଭଳି କାର୍ଯ୍ୟକ୍ରମ ନୂତନ ଶିକ୍ଷାନୀତି-୨୦୨୦ର ଲକ୍ଷ୍ୟ ସାଧିତ କରିବ ବୋଲି କହିଥିଲେ। କାର୍ଯ୍ୟକ୍ରମର ଆବାହକ ପ୍ରଫେସର ସୁକାନ୍ତ କୁମାର ନାୟକ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳିତ ଆଚରଣକୁ ପ୍ରଶଂସା କରିଥିଲେ। ଉପ-ନିର୍ଦ୍ଦେଶକ ଡ. ପ୍ରତାପ କୁମାର ଜେନା ଏହି କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଆବାହିକା ଡ. ବିଷ୍ଣୁପ୍ରିୟା ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ। ସଂଯୋଜକ ଅଧ୍ୟାପକ ଅଧ୍ୟାପିକା ଗଣ ଛାତ୍ରଛାତ୍ରୀଙ୍କ ସହ ନିଜର ଶିକ୍ଷଣ ଅନୁଭୂତି ବର୍ଣ୍ଣନା କରିଥିଲେ। ଶିବିରରେ ନୃତତ୍ତ୍ୱ ଓ ଜନଜାତି ଶିକ୍ଷା, ଅର୍ଥନୀତି, ଜୈବ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, କମ୍ପ୍ୟୁଟର ବିଜ୍ଞାନ ଓ ପ୍ରୟୋଗ, ମ୍ୟାନେଜ୍‌ମେଣ୍ଟ, ବନ୍ୟପ୍ରାଣୀ ଓ ଜୈବବିବିଧତା ସଂରକ୍ଷଣ ଆଦି ୧୦ଟି ବିଷୟରେ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରରେ ଭାଗନେବାପାଇଁ ୨୯ଟି ମହାବିଦ୍ୟାଳୟର ୬୯୧ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ ଏବଂ ସେଥିମଧ୍ୟରୁ ବିଶ୍ୱବିଦ୍ୟାଳୟର ୧୩ଟି ଅନୁବନ୍ଧିତ ମହାବିଦ୍ୟାଳୟର ୯୨ ଜଣ ଛାତ୍ରଛାତୀଙ୍କୁ ମେରିଟ୍ ଆଧାରରେ ଚୟନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ପାଇଁ ରହିବା ଓ ଖାଇବାର ବନ୍ଦୋବସ୍ତ ବିଶ୍ୱବିଦ୍ୟାଳୟ ତରଫରୁ କରାଯାଇଥିଲା।

# ଏମ୍‌କେସି ହାଇସ୍କୁଲ ପୁରାତନ ଛାତ୍ର ସଂସଦର ବୈଠକ

ବାରିପଦା, ୨୯ ।୫(ସମିସ): ବାରିପଦା ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ କାର୍ଯ୍ୟନିର୍ବାହୀ କମିଟିର ଏକ ବୈଠକ ସଂସଦର ସଭାପତି ପୂର୍ଣ୍ଣେନ୍ଦୁ କୁମାର ଦାସଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ରଞ୍ଜନ ବାନାର୍ଜୀଙ୍କ ଦ୍ୱାରା ବିଗତ ଦିନର ସଂସଦର କାର୍ଯ୍ୟକଳାପ ସମ୍ପର୍କିତ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ସର୍ବସମ୍ମତି ନିଷ୍ପତ୍ତି ଅନୁଯାୟୀ ଡ. ସୁଶାନ୍ତ କୁମାର ପାତ୍ରଙ୍କ ନେତୃତ୍ୱରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ନିରନ୍ତର ଭାବେ ସମନ୍ୱୟ ରଖି ବିଦ୍ୟାର୍ଥୀଙ୍କ ପ୍ରତିଭାର ବିକାଶ ନିମନ୍ତେ ଗୁଣାତ୍ମକ ଢ଼ଙ୍ଗରେ ଏକ ମଡେଲ ପ୍ରସ୍ତୁତ ପାଇଁ ପଦକ୍ଷେପ ନିଆଯିବ। ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଭଞ୍ଜ ବଂଶ ରାଜତ୍ୱର ନବଯୁଗର ପ୍ରବର୍ତ୍ତକ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ଅମ୍ଳାନ ସ୍ମୃତିରେ ବିଦ୍ୟାଳୟର ଜୁନିୟର ଓ ସିନିୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚଳିତ ବର୍ଷରୁ ସଂସଦର ସୌଜନ୍ୟତାରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଆରମ୍ଭ ହେବ। ସେହିପରି ପାଠାଗାରର କଳେବର ବୃଦ୍ଧି ପାଇଁ ମୂଲ୍ୟବାନ ପୁସ୍ତକ ପ୍ରଦାନ ଅଭିଯାନକୁ ସାକାର କରିବା ପାଇଁ ପୁରାତନ ବିଦ୍ୟାର୍ଥୀଙ୍କ ସହଯୋଗ ପାଇଁ ନିଷ୍ପତ୍ତି ନିଆଗଲା। ପୁରାତନ ଛାତ୍ର ତଥା ଫୁଟବଲ୍ ତାରକା ପ୍ରଦୀପ କିଶୋର ମହାନ୍ତିଙ୍କୁ ଗୁରୁଦାୟିତ୍ୱ ଦିଆଯାଇ ଅତୀତର ଗୌରବମୟ ଐତିହ୍ୟକୁ ଉଜ୍ଜୀବିତ କରିବା ପାଇଁ ଜିଲ୍ଲାସ୍ତରରେ ଆନ୍ତଃ ସ୍କୁଲ ଫୁଟବଲ ପ୍ରତିଯୋଗିତା ପୁଣି ଆରମ୍ଭ କରାଯିବ। ଏଥିପାଇଁ ଆୟୋଜକ କମିଟିର ଅଧ୍ୟକ୍ଷ ଭାବରେ ମନୋନୀତ ହୋଇଥିବା ଶ୍ରୀ ମହାନ୍ତି ଖେଳର ସୁପରିଚାଳନା ନିମନ୍ତେ ବିଭିନ୍ନ ସବ୍ କମିଟି ଗଠନ କରିବା ସହ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ସେହି ଅନୁସାରେ ଶାରଦୀୟ ଦୁର୍ଗାପୂଜା ଅବକାଶ ପରେ ଜିଲ୍ଲାର ଚାରିଟି ଉପଖଣ୍ଡରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଫୁଟବଲ ଖେଳ ଆୟୋଜନ ହୋଇ ନଭେମ୍ବର ପ୍ରଥମ ସପ୍ତାହରେ ଚୂଡାନ୍ତ ମ୍ୟାଚ ବାରିପଦାରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି।



ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ପ୍ରଦୀପ କୁମାର ପାଣିଗ୍ରାହୀ, ଉମେଶ ଚନ୍ଦ୍ର ଦାସ, ଅନ୍ତର୍ଯ୍ୟାମୀ ସାହୁ, ସତ୍ୟବ୍ରତ ମହାନ୍ତି ଓ ସର୍ବତୋଷ ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶେଷରେ ସହ ସମ୍ପାଦକ ରବୀନ୍ଦ୍ର ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ବୈଠକ ଜୁଲାଇରେ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ।

# କୁଳିଅଣା ପଞ୍ଚାୟତ ସମିତିର ବୈଠକ



**କୁଳିଅଣା, ୨୯।୫(ସମିସ):** ଗୁରୁବାର କୁଳିଅଣା ପଞ୍ଚାୟତ ସମିତି ଚାନ୍ଦୁଆ ସ୍ଥିତ କାର୍ଯ୍ୟାଳୟରେ ଦଶମ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପଞ୍ଚାୟତ ଉନ୍ନୟନ ଅଧିକାରୀ ରଞ୍ଜିତ କୁମାର ନାୟକ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ବନ ସୁରକ୍ଷା ସମିତି ଗୃହଗୁଡିକ ଏ ଯାଏ ଆରମ୍ଭ ହୋଇନାହିଁ ବୋଲି ସମିତି ସଭ୍ୟ ବିବେକ ନାଥ, ପ୍ରଦୀପ କୁମାର ସିଂ, କୃଷ୍ଣଚନ୍ଦ୍ର ମହାକୁଡ଼, ସନୁ ସିଂ, ରାଇସେନ ହେମ୍ବ୍ରମ ପ୍ରମୁଖ ବିଡିଓ ଜିତେନ୍ଦ୍ର ମୁର୍ମୁଙ୍କୁ ପ୍ରଶ୍ନ କରିଥିଲେ। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କାର୍ଯ୍ୟର ବିଳମ୍ବ, ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀମାନେ କାର୍ଯ୍ୟ ଆରମ୍ଭ ହୋଇନଥିବା ଦର୍ଶାଇ ରିପୋର୍ଟ ପ୍ରଦାନ କରିବା, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବଣ୍ଟନ ଦାୟିତ୍ୱ ଦେବା ସମ୍ପର୍କରେ ସ୍ପଷ୍ଟୀକରଣ ମାଗିବା ସହିତ ହଟ୍ଟଗୋଳ କରିଥିଲେ। ବିଡିଓ ଶ୍ରୀ ମୁର୍ମୁ ସମସ୍ତ ପ୍ରଶ୍ନର ଉତ୍ତର ଦେବା ସହିତ ଶୀଘ୍ର ସମସ୍ତ ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ସାଧାରଣ ବଣ୍ଟନ ବ୍ୟବସ୍ଥା, ମନେରଗା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସମନ୍ୱିତ ଶିଶୁବିକାଶ, ପଶୁଧନ, କୃଷି, ବନବିଭାଗ, ମାଛ ଚାଷ, ଶିକ୍ଷା, ବିଦ୍ୟୁତ ବିଭାଗ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବ୍ଲକ ଉପାଧକ୍ଷା ଅନିମା ସାହୁ, ୮ ନଂ. ଜୋନ ଜିଲ୍ଲା ପରିଷଦ ସଭ୍ୟ ଦୁର୍ଗାଚରଣ ମାରାଣ୍ଡି, ୯ ନଂ. ଜୋନ ଜିଲ୍ଲା ପରିଷଦ ସଭ୍ୟ ଆନନ୍ଦ ଚନ୍ଦ୍ର ଟୁଡୁ, ସାଂସଦ ପ୍ରତିନିଧି ବିଶ୍ୱଜିତ ଭଞ୍ଜଦେଓ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ମଧ୍ୟ ଉପସ୍ଥିତ ଥିଲେ।

## ଇସ୍ପାତ କାରଖାନା ଓ କ୍ୟାପଟିଭ୍ ପାୱାର ପ୍ଲାଣ୍ଟ ପ୍ରତିଷ୍ଠାକୁ ଗ୍ରାମବାସୀଙ୍କ ବିରୋଧ

# କମ୍ପାନୀ ବିରୋଧରେ ତେଜୁଛି ଜନଆନ୍ଦୋଳନ

ରାଇରଙ୍ଗପୁର, ୨୯।୫(ସମିସ)



ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ବ୍ଲକର ପୁରୁଣାପାଣି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଆନନ୍ଦପୁର, ଦାଣ୍ଡବୋଷ ଏବଂ କଣ୍ଠାବଣି ଗାଁକୁ ନେଇ ରୁଙ୍ଗଟା କମ୍ପାନୀ ପକ୍ଷରୁ ହେବାକୁ ଯାଉଥିବା ଇସ୍ପାତ କାରଖାନା ଓ କ୍ୟାପଟିଭ ପାୱାର ପ୍ଲାଣ୍ଟକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏହାକୁ ନେଇ ଧୀରେ ଧୀରେ ଜନଆନ୍ଦୋଳନ ତେଜିବାରେ ଲାଗିଛି। ସୂଚନା ଅନୁସାରେ, ରାଇରଙ୍ଗପୁରରେ ଆରଏମପିଏଲ କମ୍ପାନୀ ମାଧ୍ୟମରେ ବାର୍ଷିକ ୧୦ ମିଲିୟନ ଟନ କ୍ଷମତା ବିଶିଷ୍ଟ ଏକ ସମନ୍ୱିତ ଇସ୍ପାତ କାରଖାନା ସ୍ଥାପନ କରିବାକୁ ଯୋଜନା କରିଛି। ଏହା ବ୍ୟତୀତ କମ୍ପାନୀ ୧୯୦ ମେଗାୱାଟ କ୍ୟାପଟିଭ ପାୱାର ପ୍ଲାଣ୍ଟ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ରାଇରଙ୍ଗପୁର ତହସିଲ ଅନ୍ତର୍ଗତ ପୁରୁଣାପାଣି ଗ୍ରାମ ପଞ୍ଚାୟତ ଆନନ୍ଦପୁର, ଦାଣ୍ଡବୋଷ ଓ କଣ୍ଠାବଣି ଗ୍ରାମରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରାଯାଇଛି; ଯାହାକୁ ଗ୍ରାମବାସୀ ଦୃଢ଼ ବିରୋଧ କରିଛନ୍ତି। ଏଥିପାଇଁ ଉକ୍ତ ଗାଁରେ ଆଦିବାସୀମାନେ ନିଜ ଅସ୍ତିତ୍ୱ ରକ୍ଷା ପାଇଁ ବୈଠକ କରୁଥିବା ସୂଚନା ମିଳିଛି। ଚଳିତ ବର୍ଷ ଫେବୃୟାରୀ ୧୭ ତାରିଖରେ ସମ୍ପୃକ୍ତ ଗାଁର ଲୋକେ ରୁଙ୍ଗଟା କମ୍ପାନୀର ପ୍ରସ୍ତାବକୁ ବିରୋଧ କରି ଉପଜିଲ୍ଲାପାଳ କାର୍ଯ୍ୟାଳୟ ସାମ୍ନାରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟସଭା ସାଂସଦଙ୍କ କୁଶ ପୁତ୍ତଳିକା ଦାହ କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗ୍ରାମବାସୀଙ୍କ କହିବା ଅନୁସାରେ, ଦାଣ୍ଡବୋଷ ଗାଁ ଅଞ୍ଚଳରେ କ୍ୟାପଟିଭ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା ହେଲେ ଆଦିବାସୀ ସମ୍ପ୍ରଦାୟ ଲୋକଙ୍କ ତୀର୍ଥସ୍ଥାନ ସହ ଅଲଚିକି ଲିପିର ସ୍ରଷ୍ଟା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଗାଁ ଓ ସମାଧିପୀଠ ସହିତ ଧାର୍ମିକ ସ୍ଥଳୀ 'କାପିବୁରୁଖ ଅଞ୍ଚଳ ପାଇଁ ନିଶ୍ଚିତଭାବେ ବିପଦ ସୃଷ୍ଟି ହେବ। ଏହା ବ୍ୟତୀତ କମ୍ପାନୀ ପ୍ରତିଷ୍ଠା ହେଲେ ଆଦିବାସୀଙ୍କ ଐତିହ୍ୟ ଓ ଗାଁର ସୁନ୍ଦର ପରିବେଶ ଦୂଷିତ ହେବା ସହିତ ବୀରଭୂମି, ଜାତି, ପରମ୍ପରା, ସଂସ୍କୃତି, ଭାଷା ଓ ସାହିତ୍ୟର ସୁରକ୍ଷା କ୍ଷୁଣ୍ଣ ହେବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେଣୁ କମ୍ପାନୀ ପ୍ରତିଷ୍ଠା ବିରୋଧରେ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳର ଲୋକେ ନିଜ ଜନ୍ମ ମାଟିର ସୁରକ୍ଷା ପାଇଁ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ସୂଚନା ମିଳିଛି।

# ମୋବାଇଲ ଚୋରକୁ ଛେଚିଲେ ଲୋକେ

**ବୈଶିଙ୍ଗା, ୨୯।୫(ସମିସ):** ବୈଶିଙ୍ଗା ଥାନା ଅଧୀନ ମହୁରୀ ଉପକଣ୍ଠ ଦାହିବାଡି ସାପ୍ତାହିକ ହାଟରୁ ଜନୈକ ବ୍ୟକ୍ତିଙ୍କର ମୋବାଇଲ ଚୋରାଇ ନେଉଥିବା ବେଳେ ସ୍ଥାନୀୟ ଲୋକଙ୍କ ହାତରେ ଧରାପଡ଼ି ନିର୍ଦ୍ଦୁମ ଛେଚା ଖାଇଲା ଲୁଟେରା। ପରେ ପୁଲିସ ପହଞ୍ଚି ଚୋରକୁ ଉଦ୍ଧାର କରିଛି। ଦାହିବାଡି ସାପ୍ତାହିକ ହାଟରେ ସନ୍ଧ୍ୟାରେ ଜଣେ ଗ୍ରାହକ ପରିବା କିଣୁଥିବା ସମୟରେ ଜଣେ ଯୁବକ ଆସି ତାଙ୍କ ପକେଟରୁ ମୋବାଇଲ ନେଇ ଚମ୍ପଟ ମାରିବାକୁ ବସିଥିବାବେଳେ ଗ୍ରାହକ ଜଣକ ଚୋର ଚୋର ବୋଲି ପାଟି କରିଥିଲା। ପରେ ଲୋକେ ତାକୁ କାବୁ କରିଥିଲେ। ସେଠାରେ ଉପସ୍ଥିତ ଥିବା ବ୍ୟବସାୟୀ ଓ ଗ୍ରାହକ ନିର୍ଦ୍ଦୁମ ଛେଚିଲେ। ପରେ ପୁଲିସ ପହଞ୍ଚି ଚୋରକୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରି ପଚରା ଉଚରା କରିଛି। ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତର ଘର ଯାଜପୁର ଜିଲ୍ଲା ଜଖପୁରା ଥାନା ଅଞ୍ଚଳର ପର୍ଶୁରାମ ପ୍ରଧାନଙ୍କ ପୁଅ ବିକ୍ରମ ବୋଲି ଜଣାପଡ଼ିଥିଲା।

# ସରକାରୀ ଜମିରେ ବେଆଇନ ଗୃହ ନିର୍ମାଣ



**ରାଇରଙ୍ଗପୁର, ୨୯।୫(ସମିସ):** ରାଜ୍ୟ ସରକାର ସରକାରୀ ଜମିରେ ଜବରଦଖଲ କରି ନିର୍ମାଣ କରିଥିବା ଘରଗୁଡିକ ଉଚ୍ଛେଦ କରୁଥିବାବେଳେ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳିଛି ବହଳଦା ବଜାରରେ। ବହଳଦା ତହସିଲ ନିକଟରୁ ଚାଇଁବସା ଯିବା ରାସ୍ତା ପାର୍ଶ୍ୱ, ଥାନା ନିକଟ ମୁଖ୍ୟ ରାସ୍ତାପାର୍ଶ୍ୱରେ କେତେକ ଲୋକ ବେଆଇନଭାବେ ସରକାରୀ ଜମିକୁ ଜବରଦଖଲ କରି ପକ୍କାଘର ନିର୍ମାଣ କରୁଛନ୍ତି। ତହସିଲ କର୍ମଚାରୀଙ୍କ ଅନୁକମ୍ପା ହାସଲ କରି ଏହି ଲୋକମାନେ ଘର ତିଆରି କରୁଛନ୍ତି। ମୟୂରଭଞ୍ଜ ଜିଲ୍ଲା ବାମନଘାଟି ଉପଖଣ୍ଡର ଦ୍ୱିତୀୟ ବୃହତ୍ତମ ସହର ଭାବରେ ବହଳଦା ପରିଚିତ। ଗତ କିଛି ବର୍ଷ ହେଲା ବହଳଦା ବଜାର ଅଞ୍ଚଳରେ ଜବରଦଖଲକାରଙ୍କ ଉତ୍ପାତ ବଢ଼ି ଚାଲିଛି। ବହଳଦା ତହସିଲ ନିକଟ ଅଞ୍ଚଳ ସହିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଭାଟିସାହି ଯିବା ମୁଖ୍ୟ ରାସ୍ତା ପାର୍ଶ୍ୱରେ ବେଆଇନଭାବେ ଲୋକେ ସରକାରୀ ଜମି ଉପରେ ପକ୍କା ଘର ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ଏହା ବ୍ୟତୀତ ଆବାସ ଯୋଜନାରେ ମିଳିଥିବା ଘରଗୁଡିକୁ ବିଭାଗୀୟ କର୍ମଚାରୀଙ୍କ ସହ ଚକ୍ରାନ୍ତ କରି ସରକାରୀ ଜମିରେ ନିର୍ମାଣ କରିଥିବା ମଧ୍ୟ ଜଣାପଡ଼ିଛି। ତେଣୁ ବହଳଦା ଅଞ୍ଚଳରେ ଜବରଦଖଲ କରି ବେନିୟମ ଭାବରେ ଗୃହ ନିର୍ମାଣ କରୁଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି।

# ମାଣ୍ଡିଆ ଚାଷରେ ଠକେଇ; ଏନ୍‌ଜିଓ ନାଁରେ ଅଭିଯୋଗ



**ଶୁକ୍ଳି, ୨୯।୫(ସମିସ):** ଶୁକ୍ଳି ବ୍ଲକରେ ସରକାର ଏବଂ ଚାଷୀଙ୍କୁ ଭୁଆଁ ବୁଲାଉଛନ୍ତି ଏନଜିଓ। ଚାଷୀ ରୋଜଗାରକ୍ଷମ ହୁଅନ୍ତୁ, ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ହୁଅନ୍ତୁ, ଆତ୍ମନିର୍ଭରଶୀଳ ହୁଅନ୍ତୁ ଆଦି ବହୁ ଯୋଜନା କରିଛନ୍ତି ସରକାର। ସରକାରୀସ୍ତରରେ ହେଉ କି ଏନଜିଓ ମାଧ୍ୟମରେ ହେଉ ଲକ୍ଷ୍ୟ ହେଉଛି ଚାଷୀଙ୍କ ମେରୁଦଣ୍ଡ ସୁଦୃଢ଼ କରିବା; କିନ୍ତୁ ମୟୂରଭଞ୍ଜ ଜିଲ୍ଲା ଶୁକ୍ଳି ବ୍ଲକରେ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗତ ଖରିଫ୍ ଋତୁରେ ଶୁକ୍ଳି ବ୍ଲକରେ ମାଣ୍ଡିଆ ଚାଷ ପ୍ରକଳ୍ପ ସରକାରଙ୍କଠାରୁ ହାତେଇ ନେଇଥିଲା ଫରୱାର୍ଡ ନାମକ ଏନ୍‌ଜିଓ। ଗତ ଖରିଫ୍ ଋତୁରେ ଶୁକ୍ଳି ବ୍ଲକରେ ସବୁଠାରୁ କମ୍ ବର୍ଷା ହୋଇଥିଲା। ଫଳରେ ଧାନ ଏବଂ ମାଣ୍ଡିଆ ଚାଷ ପ୍ରଭାବିତ ହୋଇଥିଲା। ହେଲେ ମାଣ୍ଡିଆ ଚାଷ ସମ୍ପୂର୍ଣ୍ଣ ବିଫଳ ହୋଇଥିଲା; କିନ୍ତୁ ଏନଜିଓ ଅନିୟମିତତା କରି କାଗଜପତ୍ରରେ ସଫଳ ହୋଇଥିବା ଦର୍ଶାଇଛି। ପୁଣି ଚଳିତ ବର୍ଷ ପ୍ରକଳ୍ପ ହାତେଇବାକୁ ଉଦ୍ୟମ ଜାରି ରଖିଛି ସମ୍ପୃକ୍ତ ସଂଗଠନ। ଗତ ଖରିଫ୍ ଋତୁରେ ମାଣ୍ଡିଆ ଚାଷ ଫେଲ ମାରିଥିବା ବେଳେ ସରକାରୀ ମଣ୍ଡି ବଦଳରେ ଗାଁଗାଁରେ ମଣ୍ଡି ଖୋଲି ବିଫଳତାକୁ ସଫଳ କରି ଦେଖାଇଲେଫ ଚାଷୀଙ୍କ ନାମରେ ମାଣ୍ଡିଆ ବିକ୍ରି ଟଙ୍କା ନ ଦେଇ ଜଣ ଜଣଙ୍କ ନାମରେ ମୋଟା ଅଙ୍କର ଟଙ୍କା ଜମା କଲେ ଏବଂ ପୁଣି ସେହି ଲୋକଙ୍କ ପାଖରୁ ବ୍ୟାଙ୍କ୍ ଖାତାରେ ଜମା ହୋଇଥିବା ଟଙ୍କା ମାଗିନେଲେ ଏନଜିଓ କର୍ମଚାରୀ। ମାଣ୍ଡିଆ ଚାଷରେ ଅଧିକ ଲାଭ ଏବଂ ସରକାର ଚାଷୀଙ୍କୁ ବିଭିନ୍ୟ ପ୍ରକାର ସହାୟତା ଯୋଗାଇ ଦେଉଥିବା କହି ଚାଷୀଙ୍କୁ ବୁଝାଇଥିଲେ; କିନ୍ତୁ ଦୁର୍ଭାଗ୍ୟର କଥା ଯେ ଯୋଗ୍ୟ ଚାଷୀଙ୍କୁ ସରକାରୀ ସହାୟତା ମିଳିଲା ନାହିଁ। ଯେଉଁ ଚାଷୀ ଚାଷ କଲା ତାକୁ ସରକାରୀ ସହାୟତା ମିଳିଲା ନାହିଁ; କିନ୍ତୁ ଯେଉଁମାନେ ଚାଷ କଲେ ନାହିଁ ସେମାନେ ସରକାରୀ ସହାୟତା ପାଇଲେ। ସମ୍ପୃକ୍ତ ଏନ୍‌ଜିଓକୁ ସୁହାଇଲା ଭଳି ଲୋକଙ୍କୁ ସହାୟତା ଟଙ୍କା ଦେଲେ। ଏ ନେଇ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଚାଷୀ ଅଭିଯୋଗ କରିଛନ୍ତି। ବ୍ଲକରେ କେତେ ଜାଗାରେ ମାଣ୍ଡିଆ ଚାଷ ହୋଇଥିଲା, କେଉଁ କେଉଁ ଚାଷୀ ଚାଷ କରିଥିଲେ, କେତେ ଅମଳ ହେଲା ତଥ୍ୟ ମାଗିଥିଲେ ବି ଦେଲାନାହିଁ ଏନଜିଓ କି କୃଷି ବିଭାଗ। କୃଷି ବିଭାଗ ବାରମ୍ବାର କହିବା ପରେ ବି ମାଣ୍ଡିଆ ଦାୟିତ୍ୱ ଆମର ନୁହେଁ ବୋଲି ଏନଜିଓ କହିଛି। କୃଷି ବିଭାଗରେ ଥିବା କିଛି ଅସାଧୁ ଅଫିସରଙ୍କ ପାଇଁ ଶୁକ୍ଳି ବ୍ଲକରେ ମାଣ୍ଡିଆ ଚାଷର ସୁଫଳ ପାଇପାରୁନାହାନ୍ତି ଚାଷୀ। ତେଣୁ ଏହି ଘଟଣାର ଏକ ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଭୁଜାଲିରେ ଯୁବକଙ୍କୁ ଆକ୍ରମଣ; ପୁଲିସ ନିରବ

ବୈଶିଙ୍ଗା, ୨୯।୫(ସମିସ): ବୈଶିଙ୍ଗା-ରୁପ୍ସା ରାସ୍ତାରେ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଲଗାତାର ୩ ଦିନ ଧରି ଲୁଟ କରିଚାଲିଛନ୍ତି ଲୁଟେରା। ପୂର୍ବଦିନ ଭଳି ଗୁରୁବାର ରାତିରେ ମଧ୍ୟ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ଲୁଟି ନେଇଛନ୍ତି। ଲୁଟର ଶିକାର ହୋଇଛନ୍ତି ରୁପ୍ସା ଥାନା ଅଧୀନ କସିପଦା ଗ୍ରାମର ଯୁଧିଷ୍ଠିର ବଢେଇଙ୍କ ପୁଅ ଗଦାଧର ବଢେଇ (୩୧)। ସୂଚନା ଅନୁଯାଇ, ଗତକାଲି ଗଦାଧର ବଡ଼ସାହି ଅଞ୍ଚଳର ନିଜ ବନ୍ଧୁଙ୍କ ଘରକୁ ଲିଜ ସୂତ୍ରରେ ଏକ ଟ୍ରାକ୍ଟର ଆଣିବା ପାଇଁ କଥାବାର୍ତ୍ତା ହେବାକୁ ଯାଇଥିଲେ। ତେବେ ରାତି ପ୍ରାୟ ୧୦ଟା ୩୦ମିନିଟରେ ସେ ବଡ଼ସାହିରୁ ନିଜ ଘର କସିପଦାକୁ ଫେରୁଥିବା ସମୟରେ ବୈଶିଙ୍ଗା-ରୁପ୍ସା ରାସ୍ତାର ଜାମୁନିଆ ଛକ ସ୍ଥିତ ମିଶନ ଶକ୍ତି ଗୃହ ସମ୍ମୁଖରେ ହଠାତ ପଛ ପଟୁ ଏକ ବାଇକରେ ଦୁଇ ଜଣ ଯୁବକ ଆସି ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ସେ ଦ୍ରୁତଗତିରେ ଚାଲିଯିବାକୁ ଚେଷ୍ଟା କରୁଥିବାବେଳେ ପଛରୁ ଆସୁଥିବା ଦୁର୍ବୃତ୍ତ ମଧ୍ୟରୁ ଜଣେ ଭୁଜାଲିରେ ଆକ୍ରମଣ କରିଥିଲା। ଗଦାଧର ନିଜକୁ ବଞ୍ଚାଇବାକୁ ଯାଇ ହାତ ଦେଖାଇଦେବାରୁ ତା ହାତରେ ଗଭୀର କ୍ଷତ ହୋଇ ରକ୍ତସ୍ରାବ ହୋଇଥିଲା। ସେ ବାଇକରୁ ପଡ଼ିଯାଇଥିଲା। ପରେ ଉଭୟ ଦୁର୍ବୃତ୍ତ ଭୁଜାଲିରେ ଆକ୍ରମଣ କରିଥିଲେ। ତା ନିକଟରୁ ମୋବାଇଲ ସମେତ ତା ନିକଟରେ ଥିବା ୧୫ ହଜାର ଟଙ୍କା ଲୁଟି ନେଇ ରୁପ୍ସା ପଟେ ଖସିଯାଇଥିଲେ। ପରେ ରାସ୍ତାରେ ଯାଉଥିବା ଲୋକ ଗଦାଧରକୁ ଉଦ୍ଧାର କରି ରୁପ୍ସା ଡାକ୍ତରଖାନାରେ ଚିକିତ୍ସା କରାଇ ଘରେ ଛାଡିଥିଲେ। ଏନେଇ ଗଦାଧରଙ୍କ ଲିଖିତ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଫାଇଲେରିଆ ରୋଗ ଚିହ୍ନଟ ପାଇଁ ୯୧୧ ଜଣଙ୍କ ରକ୍ତ ନମୁନା ସଂଗ୍ରହ



**ମୋରଡ଼ା, ୨୯।୫(ସମିସ):** ଫାଇଲେରିଆ ରୋଗ ନିରାକରଣ ପାଇଁ ମୋରଡା ବ୍ଲକ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ୩ଟି ସବ୍‌ସେଣ୍ଟରରେ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ମେଡ଼ିକାଲ ଅଫିସର ହାମ୍ବିରା ମୁର୍ମୁଙ୍କ ଅଧ୍ୟକ୍ଷତାରେ ରାତ୍ରିକାଳୀନ ରକ୍ତ ନମୁନା ସର୍ଭେ ପରୀକ୍ଷା କରାଯାଇଥିଲା। ମେଡ଼ିକାଲ ଟିମ ପ୍ରଥମେ ଚୁଆଖୋଲ ସବସେଣ୍ଟର ଅଧୀନ ଅସନବଣି ଗ୍ରାମରେ ସ୍ୱାସ୍ଥ୍ୟକର୍ମୀ ଧନଞ୍ଜୟ ମହାନ୍ତଙ୍କ ସହଯୋଗରେ ୩୦୬ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ଦ୍ୱିତୀୟ କ୍ୟାମ୍ପଟି ନୂଆଗାଁ ସବସେଣ୍ଟର ଅଧୀନ ଅଜାଣ ଘାଗରାରେ ସ୍ୱାସ୍ଥ୍ୟ କର୍ମୀ ଗୋପବନ୍ଧୁ ଟୁଡୁ ଏବଂ ଗୌରାଙ୍ଗ ଘୋଷଙ୍କ ସହଯୋଗରେ ୩୦୨ ଏବଂ ସାନମୁଣ୍ଡାବଣି ସବସେଣ୍ଟରରେ ସ୍ୱାସ୍ଥ୍ୟ କର୍ମୀ ବିବେକାନନ୍ଦ ଦେଓଙ୍କ ସହଯୋଗରେ ୩୦୩ଟି ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ସମସ୍ତ କ୍ୟାମ୍ପରେ ପିଏଜଇଓ ଫକୀରମୋହନ ସିଂଙ୍କ ଉପସ୍ଥିତିରେ ମେଡ଼ିକାଲ ଲ୍ୟାବ ଟେକ୍ନିସିଆନ ଜ୍ୟୋତିରଞ୍ଜନ ଜିତବାବୁ ଏବଂ ସ୍ୱରୂପ ଧଳ ରକ୍ତ ନମୁନା ସଂଗ୍ରହ କରିଥିଲେ।

# ଦୁର୍ଘଟଣାରେ ଆହତ ଶିକ୍ଷକଙ୍କୁ ଆର୍ଥିକ ସହାୟତା

**କପ୍ତିପଦା, ୨୯।୫(ସମିସ):** କପ୍ତିପଦା ବ୍ଲକ ଅନର୍ଗତ ବାଥୁଡି ସାହି ସ୍ଥିତ ଦାଣ୍ଡଘାଟ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅଞ୍ଜନ ବେହେରା ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇ ତାଙ୍କ ମସ୍ତିଷ୍କରେ ରକ୍ତ ଜମାଟ ଯୋଗୁଁ ଚେତାଶୂନ୍ୟ ଥିଲେ। କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ବ୍ରେନ ଅପରେସନ ସମୟରେ କପ୍ତିପଦା ବ୍ଲକ ଶିକ୍ଷକ ପରିବାର ତରଫରୁ ଦୁଇଟି ଦଫାରେ ଏକ ଲକ୍ଷ ଏକ ହଜାର ଏକ ଶତ ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ସେ ଦୀର୍ଘ ଦିନ ପରେ ସୁସ୍ଥହୋଇ ଘରକୁ ଫେରିଛନ୍ତି। ଆଜି ଶିକ୍ଷକ ପ୍ରତିନିଧି ଗୋଲକ ଚନ୍ଦ୍ର ବେଜ, ପ୍ରଫୁଲ୍ଲ ବରାଳ, ଆଶୁତୋଷ ସାହୁ, ଅଜିତ କୁମାର ଗିରି, ପଙ୍କଜ ବେହେରା, ମହେଶ୍ୱର ବାରିକ, ରବୀନ୍ଦ୍ର ସାହୁ ପ୍ରମୁଖ ଶିକ୍ଷକ ଅଞ୍ଜନ ବେହେରାଙ୍କ ବାସଭବନକୁ ଯାଇ ସାକ୍ଷାତ କରିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ। ଶିକ୍ଷକ ଅଞ୍ଜନ ବେହେରା ଓ ତାଙ୍କ ପରିବାରବର୍ଗ କପ୍ତିପଦା ବ୍ଲକ ଶିକ୍ଷକ ପରିବାରକୁ କୃତଜ୍ଞତା ଜ୍ଞାପନ କରିଥିଲେ।



## ନୂତନ ହାଟ ସ୍ଥାପନ ପାଇଁ ଅଣ୍ଟା ଭିଡ଼ିଲେ ଗ୍ରାମବାସୀ

# ବାରିପଦା ଉପଜିଲ୍ଲାପାଳଙ୍କୁ ଦେଲେ ଦାବିପତ୍ର

**ବଡସାହି, ୨୯।୫(ସମିସ):** ବଡସାହି ବ୍ଲକ ପଟିସାରୀ ପଞ୍ଚାୟତ ବେଗୁନିଆବଣି ଗ୍ରାମରେ ଏକ ନୂତନ ହାଟ ସ୍ଥାପନ ପାଇଁ ଗ୍ରାମବାସୀ ଅଣ୍ଟା ଭିଡିଛନ୍ତି। ଏ ନେଇ ଗ୍ରାମରେ ଏକ ବୈଠକ ବସି ପ୍ରତି ସପ୍ତାହର ମଙ୍ଗଳବାର ଓ ଶୁକ୍ରବାର ହାଟ ବସିବା ପାଇଁ ନିଷ୍ପତ୍ତି ହୋଇଛି। ଏହା ନିଷ୍ପତ୍ତି ହେବାପରେ ସରପଞ୍ଚ, ୱାର୍ଡମେମ୍ବର ସମେତ ଶତାଧିକ ଲୋକଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ବାରିପଦା ଉପଜିଲ୍ଲାପାଳ, ବଡସାହି ବିଡିଓ ଓ ପଟିସାରୀ ସରପଞ୍ଚଙ୍କୁ ପ୍ରଦାନ କରାଯାଇଛି। ଏଥିରେ ପ୍ରଶାସନ ଓ ପଞ୍ଚା।ୟତ ସହଯୋଗ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ। ପଞ୍ଚାୟତର ବେଗୁନିଆବଣି, କାହ୍ନପୁରା, ଯମୁନାଦେଇପୁର ଆଦିଡିହା ଓ ନିକଟ ଭୀମଦା ପଞ୍ଚାୟତର ଅର୍ଜ୍ଜୁନବାରିଆ, ଭୀମଦା, ଟିକାୟତପୁର ଓ ରାତନପୁରର ଲୋକେ ଏବଂ ଚାଷୀ ତଥା ବେପାରୀମାନେ ଉପକୃତ ହେବେ। ଏହି ଅଞ୍ଚଳରେ ଥିବା ଆଶ୍ରମ, ସେବାଶ୍ରମ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟର ଛାତ୍ରାବାସ ତଥା ସାଧାରଣ ଲୋକ ମଧ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ତଥା ପନିପରିବା, ଚାଉଳ ଓ ପାଠ୍ୟଉପକରଣ କିଣିବା ପାଇଁ ୩ରୁ ୫ କି.ମି ଦୂର କୁଆମରା, ପୁରୁଣାବାରିପଦା ଓ ମାଣତ୍ରୀ ହାଟ ଉପରେ ନିର୍ଭର କରୁଛନ୍ତି। ନିକଟରେ ହାଟ ନ ଥିବାରୁ ଲୋକେ ପନିପରିବା ଓ ଖାଦ୍ୟ ସାମଗ୍ରୀ କିଣିବାରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଫଳରେ ଗ୍ରାମବାସୀ ଏକତ୍ର ହୋଇ ନୂତନ ହାଟ ସ୍ଥାପନ ପାଇଁ ଆଗେଇ ଆସିଛନ୍ତି। ତେବେ ପ୍ରଶାସନ ପକ୍ଷରୁ ଏଠାରେ ନୂତନ ହାଟ ସ୍ଥାପନକୁ ବିରୋଧ କରିବା ପାଇଁ ଯୋଜନା କରାଯାଉଥିବା ସୂଚନା ମିଳିଛି। ଏହାକୁ ଗ୍ରାମବାସୀ ବିରୋଧ କରିବା ସହିତ ଜନସାଧାରଣ, ସ୍ଥାନୀୟ ଚାଷୀ ତଥା ବେପାରୀଙ୍କ ସୁବିଧା ଏବଂ ପଞ୍ଚାୟତର ରାଜସ୍ୱ ବଢ଼ାଇବା ପାଇଁ ପଛକୁ ଘୁଞ୍ଚିବେ ନାହିଁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ପରିଚୟ ଖୋଜୁଛି ଉଦଳା ଖେଳ ପଡ଼ିଆ

# ମୁହଁ ଫେରାଉଛନ୍ତି କ୍ରୀଡ଼ାବିତ୍




ଉଦଳା, ୨୯।୫(ସମିସ)

ବିଗତ ଦିନରେ ଉଦଳା ଅଞ୍ଚଳର କ୍ରୀଡ଼ା ପ୍ରତିଭା ବେଶ ସୁନାମ ଅର୍ଜନ କରିଥିଲା। ତେବେ ଗତ କିଛି ବର୍ଷ ହେବ ଉଦଳା ଅଞ୍ଚଳରେ କ୍ରୀଡ଼ା ପରିବେଶ ଅତ୍ୟନ୍ତ ବିପର୍ଯ୍ୟସ୍ତ ଅବସ୍ଥାକୁ ଆସିଯାଇଛି। କ୍ରୀଡ଼ାର ବିକାଶ ହେଉଛି ନା ପ୍ରତିଭା ବାହାରୁଛନ୍ତି। ମୋଟାମୋଟି କହିବାକୁ ଗଲେ କ୍ରୀଡ଼ା ଓ କ୍ରୀଡ଼ା ଭିତ୍ତିଭୂମି କୋମାକୁ ଚାଲିଗଲାଣି। ସହରର ସର୍ବପୁରାତନ ଉଦଳା ଉଚ୍ଚ ବିଦ୍ୟାଳୟକୁ ଦେଖିଲେ ସମସ୍ତ ସତ୍ୟାସତ୍ୟ ସାମ୍ନାକୁ ଆସିଯିବ। ଉଦଳା ହାଇସ୍କୁଲର ଦୁଇଟି ଖେଳ ପଡ଼ିଆ ଥିବାବେଳେ ଏବେ ସେଗୁଡିକର ଅବସ୍ଥା ଅତ୍ୟନ୍ତ ବିପର୍ଯ୍ୟସ୍ତ। ଏହି ଦୁଇଟି ପଡ଼ିଆରେ ହାଇସ୍କୁଲର ସମସ୍ତ କ୍ରୀଡ଼ା ଆୟୋଜିତ ହେଉଥିଲା। ଏପରିକି ଘରୋଇଭାବେ ମଧ୍ୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଉଦଳା ହାଇସ୍କୁଲର ଫୁଟବଲ ପଡ଼ିଆ ଜିଲ୍ଲାର ସର୍ବଶ୍ରେଷ୍ଠ ପଡ଼ିଆ ଭାବେ ପରିଗଣିତ ହେଉଥିଲା। ମାତ୍ର ଏବେ ଫୁଟବଲ ପଡ଼ିଆ ଚିହ୍ନିବା କଷ୍ଟକର। କିଛି ବର୍ଷ ହେବ ପଡ଼ିଆର ରକ୍ଷଣାବେକ୍ଷଣ ହେଉନି। ବିଭିନ୍ନ ସମୟରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଭା ଚୟନ କରାଯାଇଥାଏ। ଉପଖଣ୍ଡର ସର୍ବପୁରାତନ ବିଦ୍ୟାଳୟରେ କ୍ରୀଡ଼ା କ୍ଷେତ୍ର ଏମିତି ଅବସ୍ଥାରେ ପହଞ୍ଚିଛି। ଏପରିକି ଉକ୍ତ ପଡ଼ିଆରେ ଖାଲଖମା ସାଙ୍ଗକୁ ଅସମାନତା ପାଇଁ ମଧ୍ୟ ଖେଳିବାକୁ ଅମଙ୍ଗ ପ୍ରକାଶ କରୁଛନ୍ତି ଖେଳାଳି। ଫଳରେ ପଡ଼ିଆ ଏବ ନିଶାଖୋରଙ୍କ ପାଇଁ ଆଡ୍ଡାସ୍ଥଳୀ ପାଲଟିଛି। ଉଦଳା ହାଇସ୍କୁଲ ପଡ଼ିଆ ଏବେ ସାର୍ବଜନୀନ ହେବା ସହିତ ରାଜନୈତିକ, ସାମାଜିକ, ଅଧ୍ୟାତ୍ମିକ ତଥା ମେଳା ମହୋତ୍ସବ ଆୟୋଜନ ହେଉଥିଲା; କିନ୍ତୁ ଏବେ କୋମାରେ ରହିଛି। ଏପରିକି ପଡ଼ିଆରେ ବହୁ ସଂଖ୍ୟାରେ ମଦ ବୋତଲ ସାଙ୍ଗକୁ ପ୍ଲାଷ୍ଟିକ ଗ୍ଲାସ ପଡ଼ିବା ନିତିଦିନିଆ ଘଟଣା ହେଲାଣି। ଅପରପକ୍ଷରେ ୫ କୋଟିରୁ ଊର୍ଦ୍ଧ୍ୱ ବ୍ୟୟ ଅଟକଳରେ ଏକ ଇନଡୋର ଷ୍ଟାଡିୟମ ନିର୍ମାଣ କ୍ରିକେଟ ପଡ଼ିଆକୁ ସଂକୁଚିତ କରିଦେଇଛି। ବିଭିନ୍ନ ନିର୍ମାଣ କରାଯାଉଥିଲେ ହେଁ ସ୍କୁଲ କର୍ତ୍ତୃପକ୍ଷ କେବଳ ମୂକସାକ୍ଷୀ ସାଜିଛନ୍ତି। ବିନା ଅନୁମତିରେ ଚାଲିଛି ନିର୍ମାଣ। କେବଳ ଭିତ୍ତିଭୂମି ନାମରେ ନିର୍ମାଣ କାର୍ଯ୍ୟକୁ ଗୁରୁତ୍ୱ ଦେଇ ପ୍ରଶାସନ ଦାୟିତ୍ୱ ଶେଷ କରୁଥିବାବେଳେ ବାସ୍ତବରେ କ୍ରୀଡ଼ାର ବିକାଶ ଏକ ପ୍ରହସନ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ରାସ୍ତା ଖୋଳିଦେଲେ ଠିକାଦାର; ମରାମତି ନ ହେଲେ ଆନ୍ଦୋଳନ

**ମାଣତ୍ରୀ, ୨୯।୫(ସମିସ):** ଆରଡି ରାସ୍ତାକୁ ଜେସିବି ଲଗାଇ ଖୋଳି ଦେଲେ ଠିକାଦାର। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବଡ଼ସାହି ବ୍ଲକ ମାନଗୋବିନ୍ଦପୁର ପଞ୍ଚାୟତ ମିରିଗିଦାରୀ ଗ୍ରାମରେ। ଏହି ଗାଁରେ ମନରେଗା ଯୋଜନାରେ ଏକ ନୂତନ କେନାଲ ପାଇଁ ଲକ୍ଷ୍ମୀ ମଣ୍ଡପରୁ ନାଳ ପର୍ଯ୍ୟନ୍ତ କାର୍ଯ୍ୟ ମଞ୍ଜୁର ହୋଇଥିଲା। ଏହି କାର୍ଯ୍ୟଟି ସମ୍ପୂର୍ଣ୍ଣ ଶ୍ରମିକଙ୍କ ଦ୍ୱାରା କରାଯିବା କଥା; କିନ୍ତୁ ସମସ୍ତ କାମ ମେସିନ ଦ୍ୱାରା କରାଯାଇଛି। ମନରେଗା ନିୟମକୁ ଉଲ୍ଲଙ୍ଘନ କରାଯାଇ ଠିକାଦାର ଏଭଳି କାମ କରିଛନ୍ତି। ଏହି କେନାଲଟି ମିରିଗିଦାରୀରୁ ମହୁପୁରା ଯିବା ରାସ୍ତାର ଡାହାଣ ପାର୍ଶ୍ୱ ଦେଇ ଯିବାର ସୁବିଧା ରହିଛି। କେନାଲଟି ଆରମ୍ଭରୁ ଠିକ୍ ଭାବରେ ରାସ୍ତାର ଡାହାଣ ପାର୍ଶ୍ୱରେ ନିର୍ମାଣ ଚାଲିଥିଲା; କିନ୍ତୁ ହଠାତ୍ କେନାଲକୁ ଜଣେ ଲୋକଙ୍କ ଘର ସାମ୍ନାରେ ବେଆଇନ୍ ଭାବେ ଆରଡି ରାସ୍ତାକୁ ମେସିନରେ ଖୋଳି ଦିଗ ପରିବର୍ତ୍ତନ କରାଯାଇଥିଲା। ବେଆଇନ ରାସ୍ତା ଖୋଳିବା ନେଇ ସରପଞ୍ଚ, ବ୍ଲକ ଯନ୍ତ୍ରୀ, ଆରଡି ଯନ୍ତ୍ରୀ ସମସ୍ତଙ୍କୁ ଅବଗତ କରାଯାଇଥିଲା। ଏହିଭଳି ଅନିୟମିତତା କାର୍ଯ୍ୟ ବ୍ଲକ ଯନ୍ତ୍ରୀ ବିରୋଧ କରିବା ସହ ଏହି କାର୍ଯ୍ୟର କୌଣସି ବିଲ୍ ପାସ କରିବେନି ଓ ଖୋଳାଯାଇଥିବା ଆରଡି ରାସ୍ତାକୁ ୪/୫ ଦିନ ମଧ୍ୟରେ ମରାମତି କରିବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ; କିନ୍ତୁ ଇତିମଧ୍ୟରେ ୨୦ ଦିନ ବିତିଯାଇଥିଲେ ହେଁ ରାସ୍ତା ମରାମତି କରାଯାଇନାହିଁ। ଫଳରେ ଯାନବାହନ ଯାତାୟାତ କରିବା ସମ୍ଭବ ହେଉନି ଏବଂ ଲୋକ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଉପର ୩/୪ଟି ଗ୍ରାମର ଲୋକ ନିର୍ଭର କରୁଛନ୍ତି। ତେଣୁ ଆଗାମୀ ଦୁଇଦିନ ମଧ୍ୟରେ ରାସ୍ତା ମରାମତି ନ ହେଲେ ଗ୍ରାମବାସୀ ବାଧ୍ୟହୋଇ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି।



ସକାଳ
THE SAKALA

# ସମ୍ପାଦକୀୟ



ସମ୍ବିଧାନ କେବଳ ଅଧିବକ୍ତାଙ୍କ ପାଇଁ ଉଦ୍ଦିଷ୍ଟ ଆଇନର ସଂକଳନ ନୁହେଁ;
ଏହା ଜାତୀୟ ଜୀବନର ବାହକ ଏବଂ ଯୁଗୋପଯୋଗୀ ତତ୍ତ୍ୱର ସଂଚାଳକ।
-ଡ. ବି ଆର ଆମ୍ବେଦକର

## ମନୁଆ ମୌସୁମୀ

ଗତ କିଛିବର୍ଷ ହେଲା 'ମଠୁଆ' ଅପବାଦ ବହନ କରିଆସୁଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଏଥର 'ସଅଳ' ଆସିଛି। ଭାରତୀୟ ପାଣିପାଗ ସଂସ୍ଥା ଆକଳନର ଏକ ସପ୍ତାହ ପୂର୍ବରୁ କେରଳ ଏବଂ ଦୁଇସପ୍ତାହ ପୂର୍ବରୁ ମହାରାଷ୍ଟ୍ର ଓ ଓଡ଼ିଶାରେ ପାଦ ଥାପିଛି। ସାଧାରଣତଃ ବୃଷ୍ଟିପାତ ଉପରେ ନିର୍ଭରଶୀଳ ଭାରତୀୟ କୃଷି କ୍ଷେତ୍ର ମନୁଆ ମୌସୁମୀ ଯୋଗୁଁ ପ୍ରଭାବିତ ହୋଇଆସୁଛି। ଏହା କେତେବେଳେ ବିଳମ୍ବରେ ଆସି ରୁଆ କାର୍ଯ୍ୟକୁ ବିଳମ୍ବିତ କରୁଛି ତ କେତେବେଳେ ପୁଣି ସପ୍ତାହିକ ଅତିଥି ହୋଇ ନିରୁଦ୍ଦିଷ୍ଟ ହୋଇଯାଇ ଗଜା ମରୁଡ଼ିର କାରଣ ହେଉଛି। ପୁଣି କେତେବେଳେ ଅବେଳରେ ଖିରା ଧରିବା ବେଳେ ବର୍ଷି ଧାନଫସଲ ନଷ୍ଟ କରୁଛି। ଏଥର ସଅଳ ଆସି ମୌସୁମୀ ରାଜ୍ୟର କୃଷିଜୀବୀଙ୍କ ମନରେ ଅସୁମାରି ଆଶା ଓ ସ୍ୱପ୍ନ ଆଣିଛି। ଅପରପକ୍ଷରେ ଏଥିପାଇଁ ପ୍ରସ୍ତୁତ ନଥିବା ଚାଷୀ ଓ ସରକାରଙ୍କୁ ତତ୍ପର କରିଛି। ଯେଉଁମାନେ ମୌସୁମୀକୁ ଦେଖି ସାରିବା ପରେ ହିଁ ବେଉଷଣ ଆଦିର ଅପେକ୍ଷାରେ ଥିଲେ ସେମାନେ ଏବେ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତି ଆରମ୍ଭ କରିବାକୁ ପଡ଼ିବ।

ମନୁଆ ମୌସୁମୀର ଭାରତ ପଦାର୍ପଣରେ ଏଥର ବ୍ୟତିକ୍ରମ ଘଟିଥିଲେ ହେଁ ଆଧୁନିକ ବିଜ୍ଞାନକୁ ଭୁଲ୍ ସାବ୍ୟସ୍ତ କରିବାର ଧାରା ଅପରିବର୍ତ୍ତିତ ରହିଛି। ଅତ୍ୟାଧୁନିକ ସୂଚନା ପ୍ରଯୁକ୍ତି ବିଜ୍ଞାନ, ଦୂରସମ୍ବେଦୀ ଉପଗ୍ରହ, କୃତ୍ରିମ ବୁଦ୍ଧିମତ୍ତା ସମ୍ପନ୍ନ କମ୍ପ୍ୟୁଟର ମଡେଲ୍ ସମୃଦ୍ଧ ଭାରତୀୟ ପାଣିପାଗ ବିଭାଗ କ୍ରମାଗତ ଭାବେ ମୌସୁମୀକୁ ଠଉରାଉବାରେ ଯେ ବିଫଳ ହୋଇଛି ଏହା ସ୍ୱୀକାର କରିବାକୁ ପଡ଼ିବ। ଏହାକୁ ହାଲ୍‌କା ଭାବେ ଗ୍ରହଣ ନ କରି ବିଭାଗ ନିଜକୁ ଆହୁରି ସଜାଡ଼ିବାକୁ ହେବ। ଜଳବାୟୁର ଯେଉଳି ଭାବେ ଅସ୍ୱାଭାବିକ ପରିବର୍ତ୍ତନ ହୋଇଚାଲିଛି ତାହାକୁ ଦୃଷ୍ଟିରେ ରଖି ଉଭୟ ଚାଷୀ ଓ ସରକାର ଯେକୌଣସି ପରିସ୍ଥିତିର ମୁକାବିଲା ଆଗୁଆ ପ୍ରସ୍ତୁତି ନ କଲେ ହୀନସ୍ତା ହେବା ସାର ହେବ। ମୌସୁମୀ ଯେଉଳି ଆଗୁଆ ଆସିଲା ସେଉଳି ହଠାତ୍ ଅନ୍ତର୍ଦ୍ଧାନ ହେବା ମଧ୍ୟ ଅସମ୍ଭବ ନୁହେଁ। ଏଠାରେ ଉଲ୍ଲେଖ ପ୍ରାସଙ୍ଗିକ ଯେ ଅଧୁନା ଆମ ବିଳାସପୂର୍ଣ୍ଣ ଜୀବନଶୈଳୀ ହିଁ ଏଭଳି ଅସ୍ୱାଭାବିକ ପାଣିପାଗ ପାଇଁ ଦାୟୀ, ଯାହା ସମଗ୍ର ବିଶ୍ୱରେ ଖାଦ୍ୟ ନିରାପତ୍ତାକୁ ବିପନ୍ନ କରିଚାଲିଛି। ତେଣୁ ଏବେ ଅଧିକ ନିଶ୍ଚିତ ହେବାର ବେଳ ଆସିନାହିଁ, ବରଂ ସବୁପ୍ରକାର ପରିସ୍ଥିତିର ମୁକାବିଲା କରିବା ଲାଗି ସଜାଗ ରହିବାର ସଙ୍କେତ ମିଳିଛି ବୋଲି ଭାବିବା ହିଁ ବୁଦ୍ଧିମାନର କାମ ହେବ।

ପାଣିପାଗ ବିଜ୍ଞାନୀଙ୍କ ମତାନୁଯାୟୀ ଚଳିତ ଥର ମୌସୁମୀର ଆଗୁଆ ପଦାର୍ପଣ ପଛରେ ସ୍ଥାନୀୟବିଭିନ୍ନକାରକ ସମେତ ପ୍ରମୁଖ ହେଉଛି ମାଡେନ୍-ଜୁଲିଆନ୍ ଓସିଲେସନ୍(ଏମ୍‌ଜେଓ)। ଏହି ମଡେଲ୍ ଅନୁଯାୟୀ ବାୟୁ, ମେଘ ଓ ଚାପର ସମ୍ମିଶ୍ରଣରେ ସୃଷ୍ଟି ପାରିବେଶିକ ପ୍ରଭାବ ଫଳରେ ମୌସୁମୀର ଗତି ତ୍ୱରାନ୍ୱିତ ହୁଏ, ଯାହା ପୂର୍ବ ଦିଗକୁ ସେକେଣ୍ଡ ପ୍ରତି ହାରାହାରି ୮ ମିଟର ବେଗରେ ଗତିଶୀଳ ହୁଏ। ମାସେରୁ ଦୁଇମାସ ମଧ୍ୟରେ ସମଗ୍ର ବିଶ୍ୱକୁ ଆଚ୍ଛାଦିତ କରି ରଖେ। ଭାରତରେ ଏଥର ତାହାର ପ୍ରଭାବ ରହିଥିବାରୁ ଆଗାମୀ ମାସେ ଦୁଇମାସ ପର୍ଯ୍ୟନ୍ତ ମଧ୍ୟମ ଧରଣରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଭାରତୀୟ ଜନସଂଖ୍ୟାର ସିଂହଭାଗ କୃଷିଜୀବୀ ହୋଇଥିବାରୁ ଏମ୍‌ଜେଓ ଭାରତର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ଏବଂ ମୁଦ୍ରାସ୍ଫୀତିକୁ ଯଥାସମ୍ଭବ ନିୟନ୍ତ୍ରଣରେ ରଖିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

ମନୁଆ ମୌସୁମୀର ଆଉ ଏକ ସ୍ୱଭାବ ହେଲା ସାଧାରଣତଃ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷାର ପରିମାଣ ଅଧିକ ରହେ ଏବଂ ପଶ୍ଚିମ ଓ ଆଭ୍ୟନ୍ତରୀଣ ଜିଲ୍ଲାରେ କମ୍ ବର୍ଷା ହୁଏ। ତେଣୁ ଉପକୂଳ ଅଞ୍ଚଳରେ ଏଥର ମରୁଡ଼ି ଆଶଙ୍କା ବିଶେଷ ନାହିଁ ବୋଲି କୁହାଯାଇପାରେ। ତେବେ ମୁଖ୍ୟତଃ ବର୍ଷା ଉପରେ ନିର୍ଭରଶୀଳ ପଶ୍ଚିମ ଓଡ଼ିଶାରେ ଖରିଫ ଋତୁରେ ଚାଷୀମାନେ ଧାନ ବ୍ୟତୀତ ବିଭିନ୍ନ ପ୍ରକାର ତୈଳବୀଜ ଓ ଅଣଧାନ ଫସଲ ଚାଷ କରୁଥିବାରୁ ବର୍ଷା ସ୍ୱାଭାବିକ ନ ହେଲେ ତାହା ପ୍ରଭାବିତ ହୋଇପାରେ। ତେଣୁ ରାଜ୍ୟର ପଶ୍ଚିମ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ଚାଷୀଙ୍କୁ ଅସ୍ୱାଭାବିକ ବୃଷ୍ଟି ଭଳି ପରିସ୍ଥିତିର ମୁକାବିଲା କରିବା ପାଇଁ ଉପଯୁକ୍ତ କୃଷି ପଦ୍ଧତି ଓ ଫସଲ ଚାଷ ନୀତି ପ୍ରଣୟନ ପାଇଁ ରାଜ୍ୟ କୃଷି ବିଭାଗ ଆଗୁଆ ପଦକ୍ଷେପ ଗ୍ରହଣ କରିବାକୁ ହେବ। ଜଳବାୟୁ ସହନଶୀଳ ଫସଲ ପାଇଁ ପ୍ରୋତ୍ସାହନ ଦେବାରେ ଅବହେଳା କରିବାର ଆଉ ସମୟ ନାହିଁ। ଶୀଘ୍ର ଏ ଦିଗରେ ସତ୍ୱର ସଚେତନତା ଏବଂ ସରକାରୀ ନୀତି ପ୍ରଣୟନ ଚାଷୀ ଓ ଖାଉଟି ଉଭୟଙ୍କ ପାଇଁ ମଙ୍ଗଳପ୍ରଦ ହେବ।

ଓଡ଼ିଶାରେ ଚାଷୀମାନଙ୍କର ପ୍ରମୁଖ ସମସ୍ୟା ହେଉଛି ଖରିଫ୍ ଋତୁ ଆରମ୍ଭରୁ ସରକାରୀ ବିହନ ଓ ସାରର ଅଭାବ। ଚାଷୀର ଆବଶ୍ୟକ ମୁତାବକ୍ ଠିକ୍ ସମୟରେ ଏହା ମିଳେ ନାହିଁ। ଚଳିତ ବର୍ଷ ମୌସୁମୀ ଆଗୁଆ ଆସିଥିବାରୁ ଏ କ୍ଷେତ୍ରଟି ଆହୁରି ଅଧିକ ପ୍ରଭାବିତ ହୋଇପାରେ। ତେଣୁ ଏଥିପାଇଁ ଆଗୁଆ ପଦକ୍ଷେପ ନ ନେଲେ କୃଷିଋଣ ଠିକ୍ ସମୟରେ ପାଇବାରେ ଚାଷୀ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ସରକାରୀ ବ୍ୟବସ୍ଥାର ସବୁଠାରୁ ବଡ଼ ଦୁର୍ବଳତା ହେଲା ସବୁ ପ୍ରସ୍ତୁତି ଓ ଯୋଜନା ସତ୍ତ୍ୱେ ରୂପାୟନ ଶୃଙ୍ଖଳରେ ନିଷ୍ଠା ଓ ତତ୍ପରତାର ଅଭାବ। ତେଣୁ ସାର, ବିହନ, କୀଟନାଶକ ଯୋଗାଣ ଆଦି ସମୟୋପଯୋଗୀ ଓ ସୁନିଶ୍ଚିତ ହେବା ଆବଶ୍ୟକ।

ମନୁଆ ମୌସୁମୀର ଆଗୁଆ ଆଗମନ ଅସୁମାରୀ ଆଶା ସହିତ କିଛି ଆଶଙ୍କା ମଧ୍ୟ ନେଇ ଆସିଛି। ଏବେ କୋଭିଡ୍‌ର ନୂଆ ପ୍ରଜାତି ଏନ୍‌ବି.୧.୮.୧ ସଂକ୍ରମିତ ହେଉଛି। ଏଥିସହିତ ଦେଶର ବିଭିନ୍ନ ଅଞ୍ଚଳର ଇନ୍‌ଫ୍ଲୁଏଞ୍ଜା ସଂକ୍ରମଣ ମଧ୍ୟ ଦେଖାଦେଇଛି। ବର୍ଷା ଓ ଜଳବାୟୁରେ ଆର୍ଦ୍ରତା ଏହି ସଂକ୍ରମଣକୁ ତୀବ୍ର କରିପାରେ। ତେଣୁ ଏଥିପାଇଁ ଜନସ୍ୱାସ୍ଥ୍ୟ ବିଭାଗ ମଧ୍ୟ ସଜାଗ ରହିବାକୁ ପଡ଼ିବ। ତେବେ ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇ ନଥିବାରୁ ଅଯଥା ଭୟଭୀତ ହେବାର କାରଣ ନାହିଁ। ଆଗୁଆ ମୌସୁମୀର ଆଉ ଏକ ସମସ୍ୟା ହେଲା ସହରାଞ୍ଚଳରେ କୃତ୍ରିମ ବା ମନୁଷ୍ୟକୃତ ବନ୍ୟା। ବିଭିନ୍ନ ପ୍ରାକୃତିକ ଜଳ ନିଷ୍କାସନ ପ୍ରଣାଳୀର ଜବରଦଖଲ ଓ ଅବୈଧ ନିର୍ମାଣ ଯୋଗୁଁ ବର୍ଷା ଜଳ ନିଷ୍କାସନ ହୋଇପାରୁ ନ ଥିବା ବେଳେ ବର୍ଜ୍ୟ ପରିଚାଳନାରେ ବିଭ୍ରାଟ ଯୋଗୁଁ ଡ୍ରେନେଜ୍‌ର ସ୍ୱାଭାବିକ କାର୍ଯ୍ୟକ୍ଷମତା ହ୍ରାସ ପାଉଛି। ଏହି ସମସ୍ୟାର ସମାଧାନ ପାଇଁ ମହାନଗର ନିଗମ, ପୌରପାଳିକା କର୍ତ୍ତୃପକ୍ଷଙ୍କ ତତ୍ପରତା କେବଳ ବର୍ଷା ଆସିଲେ ହିଁ ପ୍ରକାଶ ପାଏ; ତା' ମଧ୍ୟ କାଁ ଭାଁ କେଉଁଠି କେମିତି। ଦ୍ୱୈତନଗରୀର ଭୁବନେଶ୍ୱରରେ ଏ ପର୍ଯ୍ୟନ୍ତ ସବୁଅଞ୍ଚଳରେ ଏହି କାମଟି ଆରମ୍ଭ ହୋଇପାରି ନଥିବା ବେଳେ କଟକ ସହରର ଜାଇକା-ଯନ୍ତ୍ରଣା କଥା ନ କହିବା ଭଲ। ତେଣୁ ଆମକୁ ସବୁସ୍ତରରେ ଜଳବାୟୁ ପରିବର୍ତ୍ତନର ଅସ୍ୱାଭାବିକତାକୁ ମୁକାବିଲା କରିବା ଲାଗି ପ୍ରସ୍ତୁତ ରହିବାକୁ ହେବ। ବୋଧହୁଏ ଏହା ହିଁ ଆମ ପାଇଁ ମନୁଆ ମୌସୁମୀର ସଂକେତ।

## ସର୍ବଧର୍ମ ସମନ୍ୱୟ

**ମହମ୍ମଦ ହିଫ୍‌ଜୁର ରହେମାନ**

ମାର୍ଚ୍ଚ ୨୦୨୪। ମାଲାୟାଲମ୍ ଅଭିନେତା ମୋହନଲାଲ ସାବରିମାଲା ମନ୍ଦିର ଯାଇ ଅଭିନେତା ବନ୍ଧୁ ମାମୁଟି ଓରଫ ମହମ୍ମଦ କୁଟି ଇସମାଇଲଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କଲେ। ସାମାଜିକ ଗଣମାଧ୍ୟମକୁ ମିଳିଗଲା ମସଲା। ଚାହୁଁ ଚାହୁଁ ଏହି ମହାନ କାର୍ଯ୍ୟଟି ବିରାଟ ବିବାଦରେ ପରିଣତ ହୋଇଗଲା। ଜଣେ ମୁସଲମାନ ପାଇଁ ଜଣେ ହିନ୍ଦୁ ମନ୍ଦିର ଭିତରେ ପ୍ରାର୍ଥନା କରିବା ନିଶ୍ଚିତ ରୂପେ ଖବରଯୋଗ୍ୟ କଥା। କିନ୍ତୁ ଏହାକୁ ନେଇ ବିବାଦ ସୃଷ୍ଟି କରିବା ନିହାତି ନିନ୍ଦନୀୟ। ମାଲାୟଲମ ସିନେ ଜଗତରେ ମୋହନଲାଲ ଓ ମାମୁଟି ହେଉଛନ୍ତି ଦିଗ୍‌ଗଜ ଅଭିନେତା। ସେମାନେ ପରସ୍ପରର କେବଳ ପ୍ରତିଯୋଗୀ ନୁହନ୍ତି, ବନ୍ଧୁତ୍ୱର ପ୍ରତୀକ ମଧ୍ୟ। କିନ୍ତୁ ଯେଉଁମାନେ ଏହି ବିବାଦଟି ସୃଷ୍ଟି କଲେ ସେମାନେ ଧର୍ମ, ବିଶେଷକରି ସାବରିମାଲା ପରମ୍ପରା ବିଷୟରେ ବୋଧହୁଏ ସଂପୂର୍ଣ୍ଣ ଅଜ୍ଞ।

କୁହାଯାଏ ଯେ ଆୟାପ୍ପାଙ୍କ ଭକ୍ତମାନେ ମନ୍ଦିରରେ କେବଳ ନିଜ ପାଇଁ ପ୍ରାର୍ଥନା କରନ୍ତି ନାହିଁ, ନିଜ ପରିବାର, ବନ୍ଧୁବାନ୍ଧବ, ପଡ଼ୋଶୀ, ଏପରିକି ଅଚିହ୍ନା ଲୋକମାନଙ୍କ ପାଇଁ ମଧ୍ୟ ପ୍ରାର୍ଥନା କରନ୍ତି। 'ତୀର୍ଥ'ର ଅର୍ଥ ହିଁ ହେଉଛି ନିଃସ୍ୱାର୍ଥ ଚିନ୍ତା ଓ ଜନକଲ୍ୟାଣ। ପୁଣି ସାବରିମାଲା ହେଉଛି ଧାର୍ମିକ ସଦଭାବନାର ପ୍ରତୀକ। ପ୍ରତିବର୍ଷ ହଜାର ହଜାର ଆୟାପ୍ପା ଭକ୍ତ ସାବରିମାଲା ମନ୍ଦିରରେ ଏକତ୍ରିତ ହୋଇ ପୂଜା କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତି। ମନ୍ଦିର ଯିବା ପୂର୍ବରୁ ଭକ୍ତମାନେ ଏରୁମେଲିରେ ଥିବା ଭାଭର ମସଜିଦ ପରିକ୍ରମା କରନ୍ତି। ଏହା କୌଣସି ବାଧ୍ୟବାଧକତା ନୁହେଁ, ବରଂ ବର୍ଷ ବର୍ଷ ଧରି ଚାଲିଆସିଥିବା ପରମ୍ପରା। ଏହି ଉତ୍ସବରେ ହିନ୍ଦୁ ଓ ମୁସଲିମ ଏକାଠି ହୁଅନ୍ତି, ପରସ୍ପର ଦେହରେ ରଙ୍ଗ ବୋଳନ୍ତି ଏବଂ ରାସ୍ତା ଉପରେ ନୃତ୍ୟ କରନ୍ତି। ଏହାକୁ ନେଇ କେବେ କୌଣସି ଉତ୍ତେଜନା ନାହିଁ କି ବିତର୍କ ନାହିଁ। ଶହ ଶହ ବର୍ଷ ଧରି ଚାଲିଆସିଥିବା ଏହି ପରମ୍ପରା ଆସ୍ଥା ଓ ବନ୍ଧୁଭାବର ପ୍ରତୀକ।

କୁହାଯାଉଛି ଯେ ହିନ୍ଦୁ ଦେବତା ଆୟପ୍ପାନଙ୍କ ଘନିଷ୍ଠ ସହଯୋଗୀ ଥିଲେ ମୁସଲିମ ଭକ୍ତ ଭାଭର ଓରଫ ଭାଭରସ୍ୱାମୀ। କେରଳର ଏମୁରେଲିରେ ଆୟାପ୍ପା ମନ୍ଦିରର ଆରପାର୍ଶ୍ୱରେ ରହିଛି ଭାଭର ମସଜିଦ। ଆଧାମ୍ୱିକ ଇତିହାସରୁ ମିଳିଥିବା ତଥ୍ୟ ଅନୁଯାୟୀ ଭାଭର ଜଣେ କୁଖ୍ୟାତ ଦସ୍ୟୁ ଥିଲେ। ଜଙ୍ଗଲ ଭିତରେ ହୋଇଥିବା ଲଢ଼େଇରେ ଆୟପ୍ପାନଙ୍କ ଠାରୁ ପରାସ୍ତ ହୋଇଥିଲେ ଭାଭର। ସମୟକ୍ରମେ ସେ ଆୟାପ୍ପାଙ୍କ ଭକ୍ତ ପାଲଟିଯାଇଥିଲେ। ସେ ଭାଭରରୁ ଭାଭରସ୍ୱାମୀ ନାମରେ ପରିଚିତ ହୋଇଥିଲେ। ବିଶ୍ୱାସ କରାଯାଉଛି ଯେ କୋଟ୍ଟାୟମ ଜିଲ୍ଲାର ଏରୁମେଲିରେ ଭାଭରଙ୍କ ପାଇଁ ମସଜିଦ ନିର୍ମାଣ ଲାଗି ପ୍ରଭୁ ଆୟାପ୍ପା ହିଁ ପାଣ୍ଡ୍ୟା ରାଜବଂଶର ରାଜାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେଠାରୁ ସାବରିମାଲା ମନ୍ଦିରର ଦୂରତା ୫୦ କିଲୋମିଟର।

ଆଉ ଏକ ଉଲ୍ଲେଖନୀୟ ପର୍ବ ବା ଉତ୍ସବ ହେଉଛି ଅମରନାଥ ଯାତ୍ରା। ହିନ୍ଦୁ ସଂପ୍ରଦାୟ ପାଇଁ ଏହାସବୁଠୁ ପବିତ୍ର ତୀର୍ଥ ଏବଂ ଏହାସହିତ ଯୋଡ଼ି ହୋଇରହିଛନ୍ତି କାଶ୍ମୀର ମୁସଲିମ ସଂପ୍ରଦାୟ। ଏହାକୁ ହିନ୍ଦୁ-ମୁସଲିମ ଭାଇଚାରାର ଜ୍ୱଳନ୍ତ ଉଦାହରଣ ରୂପେ ବିଚାର କରାଯାଉଛି। ସେମାନେ ଶିବଭକ୍ତଙ୍କ ପାଇଁ କେବଳ ଶିବିର ପ୍ରତିଷ୍ଠା କରୁଛନ୍ତି ତାହା ନୁହେଁ, ୩୮୮୮ ମିଟର ଉଚ୍ଚରେ ଅବସ୍ଥିତ ମନ୍ଦିରକୁ ଯିବା ଲାଗି ବୟସ୍କ ଭକ୍ତମାନଙ୍କ ପାଇଁ ପାଲିଙ୍କି ଓ ଖଚ୍ଚରର ମଧ୍ୟ ବ୍ୟବସ୍ଥା କରନ୍ତି। ଏହାସହିତ କୌଣସି ବିପତ୍ତି ଆସିଲେ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଭକ୍ତମାନଙ୍କୁ ସବୁପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଅନ୍ତି। ଏହାକୁ କେବଳ ଆର୍ଥିକ ଦୃଷ୍ଟିରେ ଦେଖାଯାଏ ନାହିଁ, ବରଂ ସାଂପ୍ରଦାୟିକ ସଦ୍‌ଭାବନାର ଅନନ୍ୟ ଉଦାହରଣ ରୂପେ ବିଚାର କରାଯାଉଛି। ବିଶ୍ୱାସ କରାଯାଉଛି ଯେ ଏହି ଶିବଗୁମ୍ଫାର ଆବିଷ୍କାର ବୁଟା ମଲିକ ନାମକ ଜଣେ ମୁସଲିମ ହିଁ କରିଥିଲେ। ୧୮୫୦ରେ ସେ ଏହି ପାର୍ବତ୍ୟ ଅଞ୍ଚଳରେ ଛେଳି ଚରାଉଥିବା ବେଳେ ଜଣେ ସୁଫି ସନ୍ଥଙ୍କ ସହିତ ଭେଟ ହୋଇଥିଲା। ସେ ବୁଟାଙ୍କୁ କୋଇଲା ଭର୍ତ୍ତି ଏକ ମୁଣି ଦେଇଥିଲେ। ଘରେ ଆସି ମୁଣି ଖୋଲିଲା ବେଳେ ସେଥିରେ ସୁନା ଥିବା ଦେଖିଥିଲେ ବୁଟା। ବାବାଙ୍କୁ ଧନ୍ୟବାଦ ଜଣାଇବା ଲାଗି ବୁଟା ପୁଣି ପାହାଡ଼ ଉପରକୁ ଯାଇଥିଲେ। କିନ୍ତୁ ସେଠାରେ ସେ ଗୁମ୍ଫାରେ ପବିତ୍ର ଶିବଲିଙ୍ଗ ଦେଖିଥିଲେ। ସେ ଗାଁକୁ ଫେରି ଆସି ସବୁ କଥା ବର୍ଣ୍ଣନା କରିଥିଲେ। ଏହାପରେ ହିନ୍ଦୁମାନେ ଯାଇ ସେଠାରେ ଶିବଲିଙ୍ଗ ଦର୍ଶନ କରିଥିଲେ। ଏହି ଶିବଲିଙ୍ଗଙ୍କୁ ସେମାନେ 'ବାବା ବରଫାନି' ବୋଲି ମଧ୍ୟ କହନ୍ତି। ବୁଟାଙ୍କ ବଂଶଧର ଅମରନାଥର ବାଟକୋଟ ଗାଁରେ ବାସ କରୁଛନ୍ତି। ବୁଟାଙ୍କ ନାମରେ ନାମିତ ଏହି ଗାଁକୁ ଯାଇ ଅମରନାଥ ଯାତ୍ରୀମାନେ ବୁଟାଙ୍କ ଘର ଦର୍ଶନ କରନ୍ତି। କୁହାଯାଉଛି ଯେ ବୁଟାଙ୍କ ଘର ଦର୍ଶନ ନକଲେ ଅମରନାଥ ଯାତ୍ରା ଅସଂପୂର୍ଣ୍ଣ ହୋଇ ରହିବ।

ଓଡ଼ିଶା ଭୂମିରେ ସାମ୍ପ୍ରଦାୟିକ ସଦ୍‌ଭାବନା ଓ ସମନ୍ୱୟର କଥା ଆଲୋଚନା କଲା ବେଳେ ପବିତ୍ର ରଥଯାତ୍ରା ମନକୁ ଆସିଯାଏ, ଯାହା ବିଭିନ୍ନ ଧର୍ମ ଓ ଜାତିର ଲୋକଙ୍କୁ ଗୋଟିଏ ରଜ୍ଜୁରେ ବାନ୍ଧି ରଖିଛି। ଏଭଳି ମହାମିଳନ ଦୃଶ୍ୟ ଆଉ କେଉଁଠି ଦେଖିବାକୁ ମିଳେନାହିଁ। ସାରା ବିଶ୍ୱରେ ଧର୍ମ ଓ ଜାତିକୁ ନେଇ ବିଷାକ୍ତ ପରିବେଶ ଲାଗି ରହିଥିବା ବେଳେ ଜଗନ୍ନାଥ ହେଉଛନ୍ତି ଏକମାତ୍ର ଠାକୁର ଯିଏକି ସବୁ ବର୍ଗର ଲୋକଙ୍କୁ ତାଙ୍କ ବାହୁ ତଳେ ଏକାଠି କରି ରଖିଛନ୍ତି। ହିନ୍ଦୁମାନଙ୍କର ଆରାଧ୍ୟ କଳାଠାକୁରଙ୍କ ସହିତ ମୁସଲମାନଙ୍କ ସମ୍ପର୍କ ଦୀର୍ଘକାଳରୁ ରହିଆସିଛି। ଏହି ଭକ୍ତମାନଙ୍କୁ ଦର୍ଶନ ଦେବା ଲାଗି ତ ଠାକୁର ବର୍ଷକୁ ଥରେ ବଡ଼ଦାଣ୍ଡକୁ ଆସନ୍ତି। ତାଙ୍କର ସବୁଠାରୁ ବଡ଼ ଭକ୍ତ ହେଉଛନ୍ତି ମୁସଲ୍‌ମାନ୍ ସମ୍ପ୍ରଦାୟର ସାଲବେଗ, ଯାହାଙ୍କର ସମାଧି ପୁରୀ ବଡ଼ଦାଣ୍ଡରେ ରହିଛି। ସାଲବେଗ ତାଙ୍କ ଜୀବଦ୍ଦଶାରେ ଶ୍ରୀମନ୍ଦିରରେ ପ୍ରବେଶ କରିପାରି ନ ଥିଲେ। କିନ୍ତୁ ରଥଯାତ୍ରା ବେଳେ ନନ୍ଦିଘୋଷ ରଥ ସାଲବେଗଙ୍କ ସମାଧି ପୀଠ ପାଖରେ କିଛି ସମୟ ପାଇଁ ଅଟକି ଯାଆନ୍ତି। ଠାକୁର-ଭକ୍ତଙ୍କ ମଧ୍ୟରେ ଏଭଳି ନିଆରା ସମ୍ପର୍କ ଆଉ କେଉଁଠି ଦେଖିବାକୁ ମିଳେନାହିଁ। ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ସାଲବେଗଙ୍କ ଠାରେ ଭକ୍ତିର ଯେଉଁ ନିର୍ଝର ଉଦ୍ରେକ କଲା, ତାହା ତାଙ୍କୁ ଜଣେ ଅନନ୍ୟ ଭକ୍ତରେ ପରିଣତ କଲା ଏବଂ ଓଡ଼ିଆଙ୍କ ହୃଦୟ କନ୍ଦରରେ ଭକ୍ତ ସାଲବେଗ ଭାବେ ସେ ଅମର ହୋଇ ରହିଗଲେ। ୨୦୨୦ ମସିହାରେ କୋଭିଡ୍‌୧୯ ମହାମାରୀ ସମୟରେ ରଥଯାତ୍ରା ବନ୍ଦ ନିଷ୍ପତ୍ତିର ପୁନଃବିଚାର ପାଇଁ ସର୍ବୋଚ୍ଚ ନ୍ୟାୟାଳୟରେ ଯେଉଁମାନେ ଜନସ୍ୱାର୍ଥମାମଲା ଦାୟର କରିଥିଲେ ସେଥିରେ ପ୍ରମୁଖ ଥିଲେ ଅଫ୍‌ତାବ୍ ହୁସେନ୍ ନାମକ ନୟାଗଡ଼ର ଜଣେ ଛାତ୍ର।

ଝାରସୁଗୁଡ଼ା ଜିଲ୍ଲା ରେମଣ୍ଡାରେ ୧୨୦ ବର୍ଷ ଧରି ହିନ୍ଦୁ-ମୁସଲିମ ମିଳିତ ଭାବେ ରଥଯାତ୍ରା ଆୟୋଜନ କରିଆସୁଛନ୍ତି। ଏଠି ମୁସଲିମ ସଂପ୍ରଦାୟର ଗୋଷ୍ଠିଆ ମହମ୍ମଦ ଜମିଉଲ୍ଲା ନାମକ ଭକ୍ତ ତିନି ରଥରେ ଛେରାପହଁରା କରନ୍ତି ଏବଂ ମୁସଲିମ ଭକ୍ତମାନେ ଉତ୍ସାହ ସହ ଏହି ଉତ୍ସବରେ ସାମିଲ ହୁଅନ୍ତି। କେନ୍ଦ୍ରାପଡ଼ା ସମେତ ଅନେକ ସ୍ଥାନରେ ମୁସଲିମ ଭକ୍ତମାନେ ରଥ ଟାଣନ୍ତି। ଅହମ୍ମଦାବାଦର ଜମାଲପୁରରେ ରଥଯାତ୍ରା ଅବ୍ୟବହିତ ପୂର୍ବରୁ ମୁସଲମାନ ଭକ୍ତଙ୍କ ପକ୍ଷରୁ ରୁପା ନିର୍ମିତ ରଥ ମୁଖ୍ୟସେବକଙ୍କୁ ଅର୍ପଣ କରାଯାଏ। ୪୫୦ ବର୍ଷ ପୁରୁଣା ଏହି ମନ୍ଦିରରେ ପ୍ରାୟ ଦେଢ଼ ଶହ ବର୍ଷ ଧରି ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଛି।

ଜଗନ୍ନାଥଙ୍କର ଆଉ ଜଣେ ମହିଳା ମୁସଲିମ ଭକ୍ତ ଥିଲେ ରଜିଆ ବେଗମ। ସପ୍ତଦଶ ଶତାବ୍ଦୀରେ ମୋଗଲ ସେନାପତି ତକି ଖାଁ ପୁରୀ ଶ୍ରୀମନ୍ଦିର ଉପରେ ଆକ୍ରମଣ କରି ଗଜପତି ରାମଚନ୍ଦ୍ର ଦେବଙ୍କୁ ବନ୍ଦୀ କରିନେଇଗଲା। ଗଜପତିଙ୍କୁ ମୁକ୍ତ କରିବାକୁ ତକି ଖାଁ ତିନିଟି ସର୍ତ୍ତ ରଖିଲା ଯେ ରାମଚନ୍ଦ୍ର ଦେବ ତକି ଖାଁ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରିବେ, ଇସଲାମ ଧର୍ମ ଗ୍ରହଣ କରିବେ ଏବଂ ତା'ର ଭଗ୍ନୀ ରଜିଆ ବେଗମ୍‌କୁ ବିବାହ କରିବେ। ତକି ଖାଁ କବଳରୁ ଶ୍ରୀମନ୍ଦିରକୁ ସୁରକ୍ଷିତ ରଖିବା ପାଇଁ ଗଜପତି ସେ ସବୁ ସର୍ତ୍ତ ମାନିନେଲେ। ଏହାପରେ ରାମଚନ୍ଦ୍ର ଦେବ ପୁରୀ ଫେରିଥିଲେ ସତ, କିନ୍ତୁ ଧର୍ମ ପରିବର୍ତ୍ତନ କରିଥିବା କାରଣରୁ ମନ୍ଦିର ମଧ୍ୟକୁ ତାଙ୍କର ପ୍ରବେଶକୁ ବାରଣ କରାଗଲା। ତେଣୁ ତାଙ୍କ ଭଳି ଧର୍ମାନ୍ତରିତ ଭକ୍ତମାନଙ୍କ ଦର୍ଶନ ସକାଶେ ସେ ଶ୍ରୀମନ୍ଦିରର ପ୍ରବେଶ ଦ୍ୱାରଠାରେ ପତିତପାବନଙ୍କୁ ସ୍ଥାପନ କରାଇଲେ। ରାମଚନ୍ଦ୍ର ଦେବଙ୍କ ବିରୋଧୀଙ୍କ ଚକ୍ରାନ୍ତ ଓ ପ୍ରରୋଚନାରେ ତକି ଖାଁ ପୁଣି ଶ୍ରୀମନ୍ଦିର ଲୁଟ୍ ପାଇଁ ଯୋଜନା କଲା। କିନ୍ତୁ ରାମଚନ୍ଦ୍ର ଦେବଙ୍କ ରାଣୀ ରଜିଆଙ୍କ ମନରେ ଜଗନ୍ନାଥଙ୍କ ପ୍ରତି ଭକ୍ତି ଓ ଅନୁରକ୍ତି ଜାତ ହୋଇ ସାରିଥିଲା। ସେ ଏହାର ଖବର ରାମଚନ୍ଦ୍ର ଦେବଙ୍କୁ ଆଗତୁରା ଦେଇ ଦେବାରୁ ତିନି ଠାକୁରଙ୍କୁ ଶ୍ରୀମନ୍ଦିରରୁ ନେଇ ଚିଲିକାର କେଉଁ ଏକ ଅଜ୍ଞାତ ଟାପୁରେ ଲୁଚାଇ ରଖାଯାଇପାରିଲା। ପରବର୍ତ୍ତୀ ସମୟରେ ରାମଚନ୍ଦ୍ର ଦେବ ତିନି ଠାକୁରଙ୍କୁ ପୁରୀ ଅଣାଇବାର ବ୍ୟବସ୍ଥା କରିବା ସମୟରେ ପୁଣି ପଥ ଓଗାଳିଲେ ତକି ଖାଁର ସେନା। ଏଥର ଯୁଦ୍ଧରେ ବିଜୟୀ ହେଲେ ରାମଚନ୍ଦ୍ର ଦେବ, ଯହିଁରେ ରଜିଆଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଗଳ୍ପ ଭଳି ଲାଗୁଥିବା ଏହି ଦୃଷ୍ଟାନ୍ତଟି କେବଳ ତ୍ୟାଗ ଓ ପ୍ରେମର ଉଜ୍ଜ୍ୱଳ ପ୍ରମାଣ ନୁହେଁ, ସହିଷ୍ଣୁତା ଓ ସମନ୍ୱୟର ଉଚ୍ଚ ପରାକାଷ୍ଠାର ନିଦର୍ଶନ। ମହାପ୍ରଭୁଙ୍କ ପ୍ରତି ରଜିଆ ବେଗମଙ୍କ ଅନୁରକ୍ତି ଏବଂ ଭକ୍ତି ଧର୍ମ ବିଶ୍ୱାସର ପ୍ରାଚୀର ଅତିକ୍ରମ କରି ଓଡ଼ିଶାର ସର୍ବଧର୍ମ ସମନ୍ୱୟର ପରମ୍ପରା ଉପରେ ଏକ ମୋହର ମାରିଥିଲା।

ଏହା ହାତଗଣତି କିଛି ଉଦାହରଣ ମାତ୍ର। କିନ୍ତୁ ଏହା ସ୍ୱୀକାର କରିବାକୁ ହେବ ଯେ ଆମ ଭାରତବାସୀଙ୍କ ରକ୍ତରେ ଯେଉଁଭଳି ସାମ୍ପ୍ରଦାୟିକ ସହିଷ୍ଣୁତା ଓ ସମନ୍ୱୟ ଭାବନାର କଣିକା ଖେଳି ବୁଲୁଛି, ତାହା ଅନ୍ୟତ୍ର ବିରଳ।

ଭୁବନେଶ୍ୱର, ମୋ: ୯୯୩୭୦୫୯୯୫୪

## ପଶୁମାନେ କେତେ ବୁଝନ୍ତି ମଣିଷର ଭାଷା

**ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା**

ବିଭିନ୍ନ ଶବ୍ଦ ବ୍ୟବହାର କରି ଭାଷା ମାଧ୍ୟମରେ ବାର୍ତ୍ତାଳାପ କରିବା ମଣିଷର ଏକ ବିଶେଷ ଗୁଣ। ପଶୁପକ୍ଷୀ ମଧ୍ୟ ନାନାଦି ସ୍ୱର ମାଧ୍ୟମରେ ମନର କଥା ପ୍ରକଟ କରିଥା'ନ୍ତି। କିନ୍ତୁ ସେଥିରେ ଭାଷା ନଥାଏ। ଅନ୍ୟପକ୍ଷରେ, ସେମାନଙ୍କ ମଧ୍ୟରୁ କେତେକ ମଣିଷ ଦ୍ୱାରା ବ୍ୟବହୃତ ଶବ୍ଦଗୁଡ଼ିକ ବୁଝିପାରିଲା ଭଳି ମନେ ହୁଏ।

ବିବିଧ ଶ୍ରେଣୀର ବାନର, ପକ୍ଷୀ, ଡଲଫିନ୍ ଭଳି କେତେକ ଜୀବଙ୍କଠାରେ ଏ କ୍ଷମତା ଅଛିକି ନାହିଁ ତାହାରି ଉପରେ ୧୯୬୦- ୭୦ ଦଶକରେ ବ୍ୟାପକ ଅନୁଧ୍ୟାନ କରାଯାଇଥିଲା। ସେଥିରୁ ଜଣାପଡ଼ିଥିଲା ଯେ ଯଦିଓ ଅନେକ ପଶୁ ମଣିଷର ଅଙ୍ଗଭଙ୍ଗୀ ଓ ଧ୍ୱନିର ସ୍ୱରରୁ କିଛି କଥା ଅନୁମାନ କରି ନିଅନ୍ତି ତେବେ ସେମାନେ ଉଚ୍ଚାରିତ ଶବ୍ଦର ଅର୍ଥ ବୁଝି ପାରନ୍ତି ବୋଲି ନିଶ୍ଚିତ କରିହେବ ନାହିଁ। ଅନ୍ୟପକ୍ଷରେ ଉପଯୁକ୍ତ ପ୍ରଶିକ୍ଷଣ ପାଇଲେ କେତେକ ଜୀବ ମଣିଷ ଭାଷାର କିଛି କିଛି ଭାବ ହୃଦୟଙ୍ଗମ କରିପାରିବାର ସମ୍ଭାବନା ଥିବାର ମତ ଦିଅନ୍ତି ବିବର୍ତ୍ତନୀୟ ନୃତତ୍ତ୍ୱ ବିଶାରଦ ପ୍ରଫେସର ସିମନ୍ ଡବ୍ଲୁ ଟାଉନ୍‌ସେଣ୍ଡ। ତାଙ୍କ ମତରେ ଅନ୍ୟ ସବୁ ଜୀବମାନଙ୍କ ତୁଳନାରେ ଅନେକ ଦୃଷ୍ଟିରୁ ମଣିଷର ବିବିଧ ବିଶେଷତା ରହିଛି। ଭାଷା ସେଗୁଡ଼ିକ ମଧ୍ୟରୁ ଅନନ୍ୟ। ତେବେ କେତେକ ପ୍ରାଣୀମାନଙ୍କର ଏବଂ ମଣିଷର ଭାବର ଆଦାନ ପ୍ରଦାନ ପ୍ରକ୍ରିୟାରେ କିଛି ମାତ୍ରାରେ ସମାନତା ଥିବାର ମନେ ହୁଏ। ଏହାକୁ ନେଇ ଟାଉନ୍‌ସେଣ୍ଡ ୨୦୧୮ ମସିହାରେ ଏକ ମାଇ ଗରିଲା ଉପରେ ପରୀକ୍ଷାଟିଏ କରିଥିଲେ। ଗରିଲା, ସମ୍ପାଞ୍ଜି, ଓ୍ୱାରଂଗୁଟାନ୍ ଆଦି ଜୀବ ଉପମାନବ ଶ୍ରେଣୀର ଅନ୍ତର୍ଭୁକ୍ତ। ଆଜକୁ ପ୍ରାୟ ୬ରୁ ୮ ନିୟୁତ ବର୍ଷ ପୂର୍ବେ ସେମାନେ ତାଙ୍କ ସାଧାରଣ ପୂର୍ବ ପୁରୁଷଙ୍କ ଠାରୁ ଅଲଗା ଅଲଗା ରୂପେ ବିକଶିତ ହୋଇଥିଲେ। ଗରିଲା, ବାବୁନ୍ ଓ ସମ୍ପାଞ୍ଜି ସମେତ ମଣିଷର ଖୁବ୍ ଜିନୀୟ ସମାନତା ରହିଛି (ପ୍ରାୟ ୯୮ ରୁ ୯୯ ଶତାଂଶ)। ପ୍ରଶିକ୍ଷଣ ପରେ ଏହା ପ୍ରାୟ ୨୦୦୦ ପର୍ଯ୍ୟନ୍ତ ଇଂରାଜୀ ଶବ୍ଦର ଉତ୍ତର ଦେଇ ପାରୁଥିଲା। ତେବେ ବିଶେଷଜ୍ଞମାନେ କହିଛନ୍ତି ଯେ ଏଥିରୁ ଜୀବଟି ମଣିଷର ଭାଷା ବୁଝିଛି ବୋଲି ଉପସଂହାରରେ ପହଞ୍ଚିବା ଯଥେଷ୍ଟ ନୁହେଁ। କାରଣ, ବେଳେ ବେଳେ ସେ ଶବ୍ଦଗୁଡ଼ିକ ପ୍ରତି ଅର୍ଥହୀନ ପ୍ରତିକ୍ରିୟା ମଧ୍ୟ ପ୍ରକଟ କରୁଥିଲା।

ଆମେରିକା ମନସ୍ତତ୍ତ୍ୱ ବିଶାରଦ ତଥା ଭାଷାବିତ୍ ମାଇକେଲ୍ ଟୋମାସେଲୋ ଏକ ପୁରୁଷବାବୁନ୍ ଠାରେ ଭାଷା ଦକ୍ଷତା ସଂପର୍କରେ ପରୀକ୍ଷଣଟିଏ କରିଥିଲେ। ଏହାର ଜୀବନକାଳ (୧୯୮୦ ରୁ ୨୦୨୫) ମଧ୍ୟରେ ଏହା ଏକ 'କି'ବୋର୍ଡ' ମାଧ୍ୟମରେ ମଣିଷ ସହିତ 'ବାର୍ତ୍ତାଳାପ' କରି ପାରୁଥିଲା। ତାର ପରିବେଶ ମଧ୍ୟରେ ଥିବା ବିଭିନ୍ନ ପଦାର୍ଥମାନଙ୍କୁ ସୂଚୀତ କରଉଥିବା ପ୍ରାୟ ୨୦୦ଟି ସଙ୍କେତକୁ ସେ ପ୍ରକାଶ କରିପାରୁଥିଲା। ତାଙ୍କ ମତରେ ଜୀବଟି ଏଗୁଡ଼ିକୁ ଠିକ୍‌ରୂପେ ବୁଝିପାରୁଥିଲା ଏବଂ ପ୍ରଶିକ୍ଷକଙ୍କ ସହିତ ତାହା ବ୍ୟବହାର କରି ବାର୍ତ୍ତାଳାପ କରି ପାରୁଥିଲା। ଲୋକଙ୍କ ନାମ, କିଛି ସାଧାରଣ ପଦାର୍ଥ, କେତେକ କାମ ଏବଂ ସ୍ଥାନକୁ ସୂଚୀତ କରୁଥିବା ସଂକେତଗୁଡ଼ିକୁ ସେ ବ୍ୟବହାର କରିପାରୁଥିଲା ଏବଂ 'ହଁ' ଓ 'ନାହିଁ' ଶବ୍ଦ ଦୁଇଟିକୁ କହି ପାରୁଥିଲା। ଏପରିକି ସେ କି'ବୋର୍ଡ ବ୍ୟବହାର କରି କିଛି ଜିନିଷ ମାଗି ପାରୁଥିଲା କିମ୍ବା କୌଣସି ଅନୁରୋଧ କରି ପାରୁଥିଲା। ମାଇକେଲଙ୍କ ମତରେ ନିର୍ଦ୍ଦିଷ୍ଟଭାବେ ଅର୍ଥ ନ ବୁଝିଲେ ବି ତା'ର ତଦ୍‌ନୁଯାୟୀ କାମ କରିବା ଶକ୍ତ ଥିଲା।

ଅନେକ ଗୃହପାଳିତ ପଶୁ ଆମ ଭାଷା ସଂକେତ ଅନୁସାରେ କାମ କରନ୍ତି। ସେମାନଙ୍କ ମଧ୍ୟରେ କୁକୁର ଅଗ୍ରଗଣ୍ୟ। ଏ ଜୀବଟି ମଣିଷ ସହିତ ପ୍ରାୟ ୧୪୦୦୦ ବର୍ଷ ହେଲା ରହି ଆସୁଛି ଏବଂ ଏହାର ଏକ ବିଶେଷ ଧରଣର ଶକ୍ତି ରହିଛି ନିଜ ମାଲିକକୁ ବୁଝି ତଦନୁଯାୟୀ କାର୍ଯ୍ୟ କରିବାର। ସୁଦୀର୍ଘ ସଂପର୍କ ହେତୁ ମଣିଷ ଭାବ ବିନିମୟ ଲାଗି ବ୍ୟବହାର କରୁଥିବା ନିର୍ଦ୍ଦିଷ୍ଟ ଧ୍ୱନି ଏବଂ ସ୍ୱରଗୁଡ଼ିକ ସହିତ କୁକୁର ଅତିମାତ୍ରାରେ ପରିଚିତ ହୋଇପାରିଥିଲା। ପ୍ରକୃତରେ ବୟସ ପ୍ରାୟ ୮ ମାସ ହେଲା ପରଠାରୁ କୁକୁର ପ୍ରଭୁର ସ୍ୱର ଓ ଅଙ୍ଗଭଙ୍ଗୀ ପ୍ରତି ସ୍ପୃହା ପ୍ରଦର୍ଶନ କରିଆସୁଛି। ସ୍ନାୟୁ ବିଜ୍ଞାନ ଗବେଷଣାରୁ ଜଣାପଡିଛି ଯେ ଏ ଜୀବର ନିଜର ପ୍ରତ୍ୟେକ ଶବ୍ଦ ପାଇଁ ସ୍ୱତନ୍ତ୍ର ପ୍ରତିନିଧିତ୍ୱ କରିବାର ବ୍ୟବସ୍ଥା ରହିଛି। କେତେକଙ୍କର ୧୦୦୦ଟି ପର୍ଯ୍ୟନ୍ତ ଶବ୍ଦ ବାରିବାର କ୍ଷମତା ଥିବାର ଦେଖାଯାଇଛି।

ସାନ୍‌ଡିଏଗୋସ୍ଥିତ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ବୋଧଶକ୍ତି ବିଜ୍ଞାନ (ସ୍ନାୟୁ ବିଜ୍ଞାନ) ବିଭାଗର ଅଧ୍ୟାପକ ଫେଡେରିକୋ ରୋସାନୋ ପୋଷାକୁକୁରମାନଙ୍କ ଭାଷାଗତ ସାମର୍ଥକ ଅଧ୍ୟୟନ ଲାଗି ପରୀକ୍ଷାଟିଏ ଆରମ୍ଭ କରିଥିଲେ। ସେଥିରେ ସେ ବ୍ୟବହାର କରୁଥିଲେ ବୋତାମ୍ ଥିବା କିଛି ବୋର୍ଡ, ଯାହାକୁ ଟିପିଲେ ବାହାରୁଥିଲା ରେକର୍ଡ ହୋଇଥିବା ଗୋଟିଏ ଗୋଟିଏ ଅଲଗା ଶବ୍ଦ। ୨୦୨୪ ମସିହାରେ ପ୍ରାପ୍ତ ସୂଚନା ଅନୁଯାୟୀ କୁକୁର ପ୍ରତିଟ ଶବ୍ଦର ଉଚ୍ଚାରଣ ସୃଷ୍ଟି କରୁଥିବା ଧ୍ୱନି ପ୍ରତି ଭିନ୍ନଭିନ୍ନ ପ୍ରତିକ୍ରିୟା ପ୍ରକଟ କରେ। ଉଦାହରଣ ସ୍ୱରୂପ, ତା ପ୍ରଭୁ ବାହାରକୁ ଯିବା ପାଇଁ ସଙ୍କେତ ଦେଲେ ସେ ତାକୁ ଜୋତା ଆଣି ଦେଇଥାଏ। ତେବେ ମଣିଷ ଭଳି ଭାଷାର ଆକ୍ଷରିକ ଅର୍ଥ ବୁଝିବା ଏଥିରୁ ପ୍ରମାଣିତ ହୋଇପାରରେ ନାହିଁ। କିନ୍ତୁ ରୋସାନୋଙ୍କ ମତରେ ଏ ଗବେଷଣା କୁକୁରମାନେ ମଣିଷ କହୁଥିବା କଥାକୁ ବୁଝିପାରନ୍ତି ବୋଲି ପ୍ରମାଣିତ କରିଛି। ଅନ୍ୟ ପରୀକ୍ଷାରୁ ଜଣାପଡ଼ିଛି ଯେ ଏବର ଜୀବମାନେ ଏକାଭଳି ଉଚ୍ଚାରଣ ମଧ୍ୟରେ ଥିବା ପ୍ରଭେଦକୁ ସଂପୂର୍ଣ୍ଣ ରୂପେ ନ ହେଲେ ବି କିଛିମାତ୍ରାରେ ବୁଝି ପାରନ୍ତି। ଏସବୁ ସତ୍ତ୍ୱେ ବି ପଶୁଙ୍କ ଭାଷାବୁଝିବା ସାମର୍ଥ୍ୟ ଉପରେ ବିଭିନ୍ନ ସ୍ଥାନରେ ଗବେଷଣା ଜାରି ରହିଛି।

ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

## ମଧୁମେହ ଚିକିତ୍ସାର ମନ୍ଦିର: କରୁମ୍ବେଶ୍ୱର

**ବିଶ୍ୱାସ ଓ ବିଜ୍ଞାନ**

**ଓଜସ୍ୱିନୀ**

'ମୂକଂ କରୋତି ବାଚାଳମ୍, ପଙ୍ଗୁଂ ଲଙ୍ଘୟତେ ଗିରିମ୍, ଯତ୍‌କୃପା ତମହଂ ବନ୍ଦେ ପରମାନନ୍ଦ ମାଧବମ୍' - ଈଶ୍ୱରୀୟ ସତ୍ତା ଓ ଈଶ୍ୱରୀୟ ବିଶ୍ୱାସର ମହନୀୟତାକୁ ଦର୍ଶାଇଥାଏ ଈଶ୍ୱର ବିଶ୍ୱାସୀ ମନୁଷ୍ୟ ଜୀବନରେ ଘଟୁଥିବା ଅନେକ ଅଲୌକିକ ଘଟଣା ଓ ଚମତ୍କାର। ଏହି ପ୍ରଗାଢ଼ ବିଶ୍ୱାସ ମନୁଷ୍ୟ ଜୀବନରେ ଭଗବତ୍ କୃପା ରୂପରେ ଆର୍ବିଭାବ ହୋଇଥାଏ। ବିଭୁ କୃପା ନିର୍ବାକ୍ କୁ ବାଗ୍ମୀ କରିଦିଏ ତ ଆଉ କେତେବେଳେ ପଙ୍ଗୁ ଟିଏ ମଧ୍ୟ ଗିରିଶୃଙ୍ଗ ଅତିକ୍ରମ କରିପାରେ। ପୁଣି ଯେଉଁଠି ଅତ୍ୟାଧୁନିକ ଚିକିତ୍ସା ବିଜ୍ଞାନ ହାର ମାନେ ସେଠାରେ ଭଗବତ୍ ବିଶ୍ୱାସ ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତ କରେ ଏବଂ ମରଣମୁହଁରୁ ଫେରାଇ ଆଣିଥାଏ। ଏଭଳି ଭକ୍ତି ଓ ବିଶ୍ୱାସର ଅନେକ ମନ୍ଦିର ଭାରତରେ ଅଛି, ଯେଉଁଠି ଦୁରାରୋଗ୍ୟ ବ୍ୟାଧିରୁ ଭକ୍ତମାନେ ଆରୋଗ୍ୟ ଲାଭ କରୁଥିବାର ଦେଖାଯାଇଛି। ଏହି ସ୍ତମ୍ଭରେ ସେଭଳି କିଛି ବିଶ୍ୱାସର ବିଜୟଧ୍ୱଜା ବହନ କରିଥିବା ମନ୍ଦିର ବିଷୟରେ ଆଲୋଚନା କରିବା। ଏଥର କରୁମ୍ବେଶ୍ୱର ମନ୍ଦିର ବିଷୟରେ ଆସନ୍ତୁ ଜାଣିବା।

କେରଳର ତିରୁବରୁର୍ ଜିଲ୍ଲାର କୋଏଲ୍‌ଭେନ୍ନି ସହରରେ ଥିବା ଏହି ମନ୍ଦିର ଦେବଦେବ ମହାଦେବଙ୍କୁ ସମର୍ପିତ। ଏହି ସ୍ଥାନ ଐତିହାସିକ ମାନ୍ୟତା ଅନୁସାରେ ତିରୁଭେନ୍ନି ନାମରେ ବିଦିତ ଥିବାରୁ କରୁମ୍ବେଶ୍ୱର ମହାଦେବ ଏଠାରେ ଭେନ୍ନି କରୁମ୍ବେଶ୍ୱର ଭାବେ ପୂଜିତ। ମାଲାୟାଲାମ୍‌ରେ କରୁମ୍ବୁ ଶବ୍ଦର ଅର୍ଥ ଆଖୁ। ଏଠାରେ ପୂଜିତ ଶିବଲିଙ୍ଗ ଅନେକଗୁଡ଼ିଏ ଆଖୁଗଛକୁ ବନ୍ଧା ହୋଇଥିବା (ସମଷ୍ଟି) ଭଳି ଦୃଶ୍ୟମାନ ହୋଇଥିବାରୁ କରୁମ୍ବେଶ୍ୱର ନାମରେ ନାମିତ ହୋଇଥିବା କିମ୍ବଦନ୍ତୀ କହେ। ଭକ୍ତମାନେ କରୁମ୍ବେଶ୍ୱରଙ୍କୁ ରସପୁରୀଶ୍ୱର, ଭେନ୍ନିନାଥର୍ ଓ ତ୍ରୟମ୍ବକନାଥର୍ ଭାବେ ମଧ୍ୟ ପୂଜା କରିଥା'ନ୍ତି। ଅତି ସୁନ୍ଦର ଓ ବାତ୍ସଲ୍ୟ ମୁଦ୍ରାରେ ଉପବିଷ୍ଟା ମାତା ପାର୍ବତୀ ଏହି ମନ୍ଦିରରେ ଅରୁଲ୍‌ମିଗୁ ସୌନ୍ଦର୍ଯ୍ୟନୟାଗି ନାମରେ ପୂଜିତା। ସୌନ୍ଦର୍ଯ୍ୟନୟାଗିର ଅର୍ଥ ହେଉଛି ଅତୀବ ସୁନ୍ଦର ଓ କମନୀୟ।

ଏହି ମନ୍ଦିରର ବୈଶିଷ୍ଟ୍ୟ ହେଉଛି ଏଠାରେ ଭକ୍ତି, ବିଶ୍ୱାସ ଓ ପୂଜାର୍ଚ୍ଚନା ଦ୍ୱାରା ଦୁରାରୋଗ୍ୟ ମହୁମେହ ରୋଗରୁ ଆରୋଗ୍ୟ ମିଳିଥାଏ ବୋଲି ବହୁପରୀକ୍ଷିତ ଆଧାରିତ ଦୃଢ଼ ବିଶ୍ୱାସ ରହିଛି। ଭକ୍ତମାନେ କରୁମ୍ବେଶ୍ୱରଙ୍କୁ ଦର୍ଶନ କରିବା ସହିତ ମନ୍ଦିର ଭିତର ବେଢ଼ାରେ ଚିନି ପକାଇବାର ବିଧି ରହିଛି। ଭଗବାନ ଶିବଙ୍କ ମାହାତ୍ମ୍ୟ ଯୋଗୁଁ ପିମ୍ପୁଡ଼ିମାନେ ଚିନି ଖାଇଦେବା ଦ୍ୱାରା ମଧୁମେହ ରୋଗ ଭଲ ହୋଇଯାଉଥିବା ଭକ୍ତମାନଙ୍କର ବିଶ୍ୱାସ ରହିଛି। କରୁମ୍ବେଶ୍ୱରଙ୍କୁ ଭକ୍ତି ନିବେଦନ ପରେ ରକ୍ତସର୍କରା ନିୟନ୍ତ୍ରଣ ହୋଇଯାଇଥିବା ଅନେକ ଭକ୍ତ କହୁଥିବାବେଳେ ଆଉ କେତେଜଣ ଭକ୍ତଙ୍କର ମଧୁମେହ ସମ୍ପୂର୍ଣ୍ଣ ଭଲ ହୋଇଯାଇଥିବା ମଧ୍ୟ ଶୁଣିବାକୁ ମିଳେ। ଆରୋଗ୍ୟ ଲାଭ କରିବା ପରେ ଭକ୍ତମାନେ ମନ୍ଦରକୁ ଆସି କରୁମେଶ୍ୱରଙ୍କୁ ଘିଅରେ ଅଭିଷେକ କରାଇବାର ବିଧି ରହିଛି। ମନ୍ଦିର ଭିତରେ ଥିବା ପିମ୍ପୁଡ଼ିମାନେ ଅଲୌକିକ ଶକ୍ତିର ଅଧିକାରୀ ବୋଲି ଭକ୍ତମାନେ ବିଶ୍ୱାସ କରିଥାନ୍ତି। ମନ୍ଦିର ଉପରେ ମୋଗଲ ଆକ୍ରମଣ ସମୟରେ ପିମ୍ପୁଡ଼ିମାନେ ମନ୍ଦିରକୁ ସୁରକ୍ଷା ପ୍ରଦାନ କରିଥିବା ମଧ୍ୟ କିମ୍ବଦନ୍ତୀ କହେ।

କରୁମ୍ବେଶ୍ୱରଙ୍କ ସ୍ୱରୂପ ଆଖୁଗଛର ସମଷ୍ଟି ଭଳି କାହିଁକି ହେଲା, ସେ ସମ୍ପର୍କରେ ଏକ ପୌରାଣିକ କଥା ମଧ୍ୟ ଅଛି। ପୂର୍ବରୁ ଘଞ୍ଚ ଆଖୁବୃକ୍ଷରେ ପରିବେଷ୍ଟିତ ଏହି ସ୍ଥାନରେ ଅସଂଖ୍ୟ ଧଳା ଫୁଲରେ ମଣ୍ଡିତ ଏକ ବିରାଟ ବୃକ୍ଷ ଥିଲା, ଯାହାର ନାମ ହେଉଛି ନନ୍ଦିବର୍ଦ୍ଧନମ୍ ବା ଭେନ୍ନି। ଏହି ଫୁଲ ଶିବଙ୍କର ଅତି ପ୍ରିୟ ଥିଲା। ସେହି ସମୟରେ ରାଜା ମୁସୁକୁନ୍ଦା ନାମରେ ଚୋଳ ବଂଶର ଶାସକ ତିରୁବରୁର୍‌ର କିଛିଅଂଶରେ ରାଜୁତି କରୁଥିଲେ। ସେଥିଲେ ଭଗବାନ ଶିବଙ୍କର ଜଣେ ବଡ଼ ଭକ୍ତ। ଏକଦା ସେ ନିଜ ସୈନ୍ୟମାନଙ୍କ ସହିତ ଭେନ୍ନିୟୁର୍ ରାସ୍ତାରେ ଯାଉଥିବା ବେଳେ ଦୁଇଜଣ ଋଷିଙ୍କୁ କୌଣସି କଥାକୁ ନେଇ ବିବାଦ କରୁଥିବାର ଦେଖିଲେ। ଜଣେ ଋଷି କହୁଥିଲେ ଏଠାରେ ଆଖୁବଣ ଥିଲା ଏବଂ ଅନ୍ୟ ଜଣେ କହୁଥିଲେ ଏଠାରେ ସ୍ଥଳବୃକ୍ଷ ବା ଭେନ୍ନି ଥିଲା। ଏହା ଶୁଣି ରାଜା କହିଲେ ବର୍ତ୍ତମାନ ଏଠାରେ ନା କୌଣସି ବୃକ୍ଷ ଅଛି, ନା କୌଣସି ମନ୍ଦିର ଅଛି ନା କୌଣସି ବିଗ୍ରହ ଅଛନ୍ତି। ଏହାପରେ ଏକ ଆକାଶବାଣୀ ଶୁଣାଗଲା ଏବଂ ସ୍ୱୟଂ ଭଗବାନ ଶିବ ଆଦେଶ ଦେଇ କହିଲେ ଯେ, 'ଏଠାରେ ମୁଁ ଭୂଗର୍ଭରେ ଚାରିଯୁଗ ଧରି ସ୍ୱୟମ୍ଭୂ ଶିବଲିଙ୍ଗ ଭାବେ ଅଛନ୍ତି, ଯାହାଙ୍କର ନାମ କରୁମ୍ବୁ ଭାବେ ଏବଂ ଏଠାରେ ଥିବା ବୃକ୍ଷ ଭେନ୍ନି ନାମରେ ନାମିତ ହେବ। ରାଜା ଶିବଲିଙ୍ଗଙ୍କୁ ଉଦ୍ଧାର କରି ମନ୍ଦିର ନିର୍ମାଣ କରି କୁମ୍ଭାଭିଷେକ କରିବା ଦ୍ୱାରା ଭକ୍ତମାନଙ୍କ ଅଶେଷ ମଙ୍ଗଳ ସାଧନ ହେବ।' ଏହି ଆକାଶବାଣୀ ଶୁଣିବା ପରେ ରାଜା ସୈନ୍ୟମାନଙ୍କୁ ପ୍ରେରଣ କରି ଉକ୍ତ ସ୍ଥାନର ଖନନ କାର୍ଯ୍ୟ ଆରମ୍ଭ କରାଇଲେ। କିନ୍ତୁ ସେମାନେ ଯେତିକି ଖୋଳୁଥିଲେ ଶିବଲିଙ୍ଗ ଆହୁରି ଗଭୀରକୁ ଚାଲି ଯାଉଥିଲା। ପୁନର୍ବାର ଭଗବାନ ଶିବଙ୍କ ଆକାଶବାଣୀ ଶୁଣାଗଲା - ଶିବଲିଙ୍ଗକୁ ଅନେକଗୁଡ଼ିଏ ଆଖୁଗଛର ମୂଳରେ ବାନ୍ଧି ମାଟି ଉପରକୁ ଆଣିବାକୁ ହେବ। ଏହି ଉପାୟରେ ଶିବଲିଙ୍ଗ ମାଟି ଉପରକୁ ଆସି ପୂଜିତ ହେଲେ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆୟୁଷ୍ମାନ କାର୍ଡରେ ମିଳୁନି ମାଗଣା ସ୍ୱାସ୍ଥ୍ୟସେବା

# ଟାଟା ମେମୋରିଆଲରେ ଛଟପଟ ବସୁମତି



ବାଲେଶ୍ୱର(ଉତ୍ତର),୨୯।୫(ସମିସ): "ଆଗରୁ ବିଜୁକାର୍ଡ ଥିଲା କିଛି ଅସୁବିଧା ହେଉ ନଥିଲା। ଘରୁ କେବଳ ଖାଇବା ପାଇଁ କିଛି ଟଙ୍କା ପଇସା ନେଇଗଲେ, ହସ୍ପିଟାଲରେ ସମସ୍ତ ଡାକ୍ତରୀ ପରୀକ୍ଷା ସହିତ କେମୋ, ଔଷଧ ସବୁ କିଛି ମାଗଣାରେ ମିଳୁଥିଲା। ମାତ୍ର ନୂଆ ସରକାର ତାକୁ ବନ୍ଦ କରି ଆୟୁଷ୍ମାନ କାର୍ଡ ଦେଲେ। ଆମକୁ ଜଣା ନଥିଲା। ବମ୍ବେସ୍ଥିତ ଟାଟା ମେମୋରିଆଲ କ୍ୟାନସର ହସ୍ପିଟାଲରେ ପହଞ୍ଚିବା ପରେ ସେଠାରେ ରୋଗୀ ଭର୍ତ୍ତି କଲା ବେଳେ ହସ୍ପିଟାଲ କର୍ତ୍ତୃପକ୍ଷ ବିଜୁ ସ୍ୱାସ୍ଥ୍ୟକାର୍ଡ ବନ୍ଦ ହୋଇଛି ବୋଲି କହିଲେ। ଆୟୁଷ୍ମାନ କାର୍ଡରେ କେବଳ କେମୋ ଏବଂ ଅସ୍ତ୍ରୋପଚାର ମାଗଣାରେ ହୋଇପାରିବ, ବାକି ଯେତିକି ପରୀକ୍ଷା କିମ୍ବା ଔଷଧ ପାଇଁ ଟଙ୍କା ଲାଗିବ ବୋଲି କହିଲେ। ଆମେ ଘରୁ ଏତେ ଟଙ୍କା ନେଇ ନଥିଲୁ ତେଣୁ ଅସୁବିଧାରେ ପଡ଼ିଲୁ।" କ୍ୟାନସର୍‌ରେ ପୀଡ଼ିତ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ପଥରେଶ୍ୱର ଗାଁର ମହିଳା ବସୁମତି ମାତାଳ ଏହି ଦୁଃଖ ବଖାଣିବା ବେଳେ ତାଙ୍କ ଆଖିରେ ଲୁହ ଜକେଇ ଆସିଥିଲା।

ବସୁମତି ବେଶ୍ କିଛି ବର୍ଷ ହେଲା ବିଜୁ ସ୍ୱାସ୍ଥ୍ୟକାର୍ଡ ଜରିଆରେ ମୁମ୍ବଇର ଟାଟା ମେମୋରିଆଲ ହସପିଟାଲରେ ଚିକିତ୍ସିତ ହେଉଥିଲେ। କେମୋ, ସର୍ଜରୀଠୁ ଆରମ୍ଭ କରି ତାଙ୍କର ସବୁପ୍ରକାର ପରୀକ୍ଷା ଏହି କାର୍ଡ ବଳରେ ମାଗଣାରେ ହେଉଥିଲା। ମାତ୍ର ନିକଟରେ ଡବଲ ଇଞ୍ଜିନ ନୂଆ ସରକାର ବିଜୁ ସ୍ୱାସ୍ଥ୍ୟ କାର୍ଡ ବଦଳାଇ ଆୟୁଷ୍ମାନ କାର୍ଡ ଆଣିବା ପରେ ତାଙ୍କ ପୁଅ ଭଗୀରଥ ଆୟୁଷ୍ମାନକାର୍ଡ ସହ ମା'ଙ୍କୁ ନେଇ ଟାଟା ମେମୋରିଆଲ ହସପିଟାଲ ଯାଇଥିଲେ। ହସ୍ପିଟାଲ କିନ୍ତୁ ଆୟୁଷ୍ମାନ କାର୍ଡରେ ତାଙ୍କର ସବୁ ଚିକିତ୍ସା ମାଗଣାରେ ହୋଇପାରିବ ନାହିଁ ବୋଲି କହି ଫେରାଇ ଦେଇଥିଲା। ପରେ ପୁଣି ଘରୁ ଗହଣାପତ୍ର ବନ୍ଧା ପକାଇ ଧାର କରଜ କରି ଟଙ୍କା ପଠାଇବା ପରେ ଏବେ ସେଠାରେ ସେ ଚିକିତ୍ସିତ ହେଉଛନ୍ତି। କେବଳ ସେ ନୁହଁନ୍ତି, ଏମିତି ଆୟୁଷ୍ମାନ କାର୍ଡ ନେଇ ଓଡ଼ିଶାରୁ ମୁମ୍ବଇ ଯାଇଥିବା ଶହଶହ କ୍ୟାନସର ରୋଗୀ ଏବେ ସେଠାରେ ମାଗଣା ଚିକିତ୍ସା ନପାଇ ହଇରାଣ ହେଉଛନ୍ତି। ଓଡ଼ିଆ ଅସ୍ମିତାର କଥା କହୁଥିବା ଓଡ଼ିଶା ସରକାର ସବୁ ଜାଣି ନିରବ ଅଛନ୍ତି।

ଗରିବ ଲୋକେ ବର୍ତ୍ତମାନ ଘରୋଇ ହସ୍ପିଟାଲରେ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ସେବା ପାଇବା ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି। କର୍କଟ ପୀଡ଼ିତା ବସୁମତି ଗତ ୨୦୨୨ ମସିହାରୁ ଟାଟା ମେମୋରିଆଲ କ୍ୟାନସର ହସ୍ପିଟାଲରେ ଚିକିତ୍ସିତ ହେଉଥିଲା ବେଳେ ବିଜୁ ସ୍ୱାସ୍ଥ୍ୟ କାର୍ଡ ତାଙ୍କ ପାଇଁ ସଂଜୀବନୀ ପାଲଟିଥିଲା। ସ୍ୱାମୀ ଭଗୀରଥ ମାତାଳ ଜଣେ ଦିନ ମଜୁରିଆ ହୋଇଥିଲା ବେଳେ ପତ୍ନୀକୁ କ୍ୟାନସର ଭଳି ଖର୍ଚ୍ଚ ବହୁଳ ଚିକିତ୍ସା କରାଇବାକୁ ସମ୍ପୂର୍ଣ୍ଣ ଅକ୍ଷମ ତେଣୁ ଏଭଳି ସ୍ଥିତିରେ ପୁଅ ଜ୍ୟୋତି ପ୍ରକାଶ ଭୋଗରାଇ ବିଧାୟକଙ୍କୁ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ଏହାସହ ସହୃଦୟ ବ୍ୟକ୍ତିବିଶେଷ, ସାମାଜିକ, ଦାତବ୍ୟ ଅନୁଷ୍ଠାନମାନଙ୍କୁ ସହାୟତା ପାଇଁ ନିବେଦନ କରିଛନ୍ତି। ଯେଉଁମାନେ ଆର୍ଥିକ ସହାୟତା ଦେବେ, ତାଙ୍କ ଫୋନ୍ ପେ ନଂ ୯୫୯୪୨୧୯୯୧୪କୁ ପଠାଇବାକୁ ଅନୁରୋଧ କରିଛନ୍ତି।

## ଜୟହିନ୍ଦ୍ ସଭାରେ ବର୍ଷିଲେ ଦୀପେନ୍ଦର୍ ହୁଡ୍ଡା

# ସେନାକୁ ନେଇ ରାଜନୀତି କରୁଛି ବିଜେପି

ଭୁବନେଶ୍ୱର, ୨୯।୫ (ସମିସ): ଦେଶର ସୈନ୍ୟବାହୀଙ୍କ ତ୍ୟାଗ ଓ ବଳିଦାନକୁ ଏ ଦେଶ କେବେ ହେଲେ ବ୍ୟର୍ଥ ହେବାକୁ ଦେବ ନାହିଁ। ଦେଶର ସୈନ୍ୟବାହିନୀଙ୍କର ସୌର୍ଯ୍ୟ, ପରାକ୍ରମ ଓ ବଳିଦାନକୁ ନେଇ ବିଜେପି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜନୀତି କରୁଛନ୍ତି। ସୈନ୍ୟବାହିନୀରେ କାର୍ଯ୍ୟରତ ସେନାଧିକାରୀକୁ ସମ୍ମାନ ଜଣାଇବା ପରିବର୍ତ୍ତେ ତାଙ୍କର ଧର୍ମକୁ ନେଇ ତାଙ୍କୁ ସାରା ଦେଶରେ ନିନ୍ଦିତ କରାଯାଉଛି ବୋଲି କଂଗ୍ରେସ ସାଂସଦ ଦୀପେନ୍ଦର ସିଂ ହୁଡ୍ଡା କହିଛନ୍ତି।

ଦେଶର ସୈନ୍ୟବାହିନୀଙ୍କର ସୌର୍ଯ୍ୟ, ବିର୍ଯ୍ୟ ଓ ପରାକ୍ରମର ସମ୍ମାନରେ ଭୁବନେଶ୍ୱରଠାରେ ରାଜ୍ୟ କଂଗ୍ରେସ ପକ୍ଷରୁ ଆୟୋଜିତ ଜୟ ହିନ୍ଦ୍ ସଭାରେ ଯୋଗଦେଇ ଶ୍ରୀ ହୁଡ୍ଡା ବିଜେପିକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଦେଶର ସୈନ୍ୟବାହୀନିରେ କାର୍ଯ୍ୟରତ ମହିଳାଙ୍କୁ ଆତଙ୍କବାଦୀଙ୍କର ଭଉଣୀ ବୋଲି ଆଖ୍ୟା ଦିଆଯାଉଛି। ଭାରତବର୍ଷକୁ ଆଜି ଧର୍ମ ନାମରେ ଭାଗ କରୁଥିବା ବିଜେପି ପହଲଗାମରେ ମୃତ୍ୟୁବରଣ କରିଥିବା ଯାତ୍ରୀମାନଙ୍କୁ ଓ ତାଙ୍କର ପରିବାରକୁ ସମ୍ମାନ ଜଣାଇବା ପରିବର୍ତ୍ତେ ଏଥିରୁ ରାଜନୈତିକ ଫାଇଦା ହାସଲ କରିବାରେ ଲାଗିଛି। ଆମ ଦେଶର ସେନାବାହିନୀର ଅଧିକାରୀ ଓ ଯବାନମାନଙ୍କୁ ସମ୍ମାନ ଜଣାଇବା ପରିବର୍ତ୍ତେ ଖୋଦ୍ ପ୍ରଧାନମନ୍ତ୍ରୀ ନିଜର ଆତ୍ମପ୍ରଚାରରେ ଲାଗିଛନ୍ତି। ବିଜେପି ସାଂସଦ ଖୁଲମଖୋଲା ଦେଶର ସୈନ୍ୟବାହିନୀ ପ୍ରଧାନମନ୍ତ୍ରୀଙ୍କ ପାଦ ତଳେ ବୋଲି କହୁଛନ୍ତି। କଂଗ୍ରେସ ଦଳ ଏହାକୁ କେବେହେଲେ ସହ୍ୟ କରିବ ନାହିଁ। ଭାରତ ବର୍ଷର ବୈଦେଶିକ ମନ୍ତ୍ରୀ ସୀମା ଆରପଟେ ଥିବା ଆତଙ୍କବାଦୀଙ୍କ ଆଡ଼ାସ୍ଥଳୀ ଉପରେ ସେନାବାହିନୀ ଆକ୍ରମଣ କରିବାର ବହୁ ପୂର୍ବରୁ ପାକିସ୍ଥାନକୁ ସୂଚନା ଦେଉଛନ୍ତି। ଆମର ପର୍ଯ୍ୟଟକଙ୍କୁ ଆତଙ୍କବାଦୀମାନେ ବିନା କାରଣରେ ମାରୁଛନ୍ତି କିନ୍ତୁ ଆମେ ଆତଙ୍କବାଦୀମାନଙ୍କ ଆଡ଼ାସ୍ଥଳୀ ଉପରେ ଆକ୍ରମଣ ନେଇ ପୂର୍ବରୁ ସୂଚନା ଦେଉଛୁ। ତେଣୁ ଆମ ଦେଶର କେଉଁଭଳି ବୈଦେଶିକ ନୀତି ଚାଲିଛି, ତାହା ଏଥିରୁ ସ୍ପଷ୍ଟ ବୋଲି ଶ୍ରୀ ହୁଡ୍ଡା ପ୍ରଶ୍ନ କରିଛନ୍ତି।

ସେହିପରି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଭାରତୀୟ ସୈନ୍ୟବାହିନୀର ପରାକ୍ରମ ଓ ବଳିଦାନର ଭୂୟସୀ ପ୍ରଶଂସା କରିବା ସହ ୧୯୭୧ ମସିହାରେ ଆମ ସେନାବାହିନୀ ୯୧ ହଜାରରୁ ଅଧିକ ପାକିସ୍ତାନୀ ସୈନ୍ୟଙ୍କୁ ଗୃହବନ୍ଦୀ କରି ରଖିଥିବା କଥା କହିଥିଲେ। କିନ୍ତୁ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ପ୍ରଚାରଜୀବୀ ଓ ନିଜ ପଦ ମର୍ଯ୍ୟାଦାକୁ ସମ୍ମାନ ନଜଣାଇ ସୈନ୍ୟବାହିନୀର ସଫଳତା ଓ ପରାକ୍ରମକୁ ନିଜର ପରାକ୍ରମ କହି ପ୍ରଚାର କରି ବୁଲୁଛନ୍ତି ବୋଲି ଭକ୍ତ କହିଛନ୍ତି। ପ୍ରଭାରୀ ଅଜୟ କୁମାର ଲଲ୍ଲୁ ତାଙ୍କ ବକ୍ତବ୍ୟରେ ଭାରତବର୍ଷର ସୈନ୍ୟବାହିନୀର ସଫଳତାକୁ ଆଜି ବିଜେପି ନିଜର ସଫଳତା ବୋଲି କହୁଥିବାରୁ ଏହାକୁ ସମାଲୋଚନା କରିଥିଲେ। ଏହାସହ କାହିଁକି ଓ କେଉଁ ପରିସ୍ଥିତିରେ ଆମେରିକାର ରାଷ୍ଟ୍ରପତି ପ୍ରଥମେ ଯୁଦ୍ଧ ବିରତିର ଘୋଷଣା କଲେ, ତାକୁ ନେଇ ମଧ୍ୟ କଂଗ୍ରେସ ଦଳ ଏଠାରେ ପ୍ରଶ୍ନ ଉଠାଇଛି। ପ୍ରଧାନମନ୍ତ୍ରୀ ବୁଲିବୁଲି ଭାଷଣ ଦେଉଥିଲା ବେଳେ ରାହୁଲ ଗାନ୍ଧୀ ବିଭିନ୍ନ ରାଜ୍ୟକୁ ମୃତକଙ୍କୁ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ତେଣୁ ବିଜେପିର ନୀତି ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଛୁଇଁଦେଇ ବ୍ରେକ୍...

ପଶ୍ଚିମା ଝଡ଼ ମୌସୁମୀକୁ ଆଗରେ ପ୍ରତିବନ୍ଧକ ହେବ ବୋଲି ଜଣାପଡ଼ିଛି। ଯାହାର ଫଳ ସ୍ୱରୂପ ରାଜ୍ୟରେ ଉଭୟ ମୌସୁମୀ ଏବଂ ଲଘୁଚାପ ଥିବା ସତ୍ତ୍ୱେ ଓଡ଼ିଶାରେ ବିଶେଷ ବର୍ଷା ହୋଇନାହିଁ। ପଶ୍ଚିମା ଝଡ଼ ସକ୍ରିୟ ହେଲେ ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ଆସିଥାଏ। ଏହାଦ୍ୱାରା ବାୟୁ ମଣ୍ଡଳରେ ଆର୍ଦ୍ରତା କିମିବା ସହ ବର୍ଷା କମିଥାଏ। ପ୍ରାୟ ଦୁଇ ସପ୍ତାହେ ପର୍ଯ୍ୟନ୍ତ ଏଭଳି ସ୍ଥିତି ଯୋଗୁଁ ମୌସୁମୀର ବ୍ରେକ୍ ଲାଗିବ ବୋଲି ଜଣାପଡ଼ିଛି।

ଅନ୍ୟପଟେ ଗୁରୁବାର ରାଜ୍ୟର ଆଉ କିଛି ଅଞ୍ଚଳକୁ ମୌସୁମୀ ଅଗ୍ରସର ହୋଇଛି। ଉଭୟ ମୌସୁମୀ ଓ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷାର ପ୍ରଭାବ ଜାରି ରହିଛି। ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହୋଇଥିବା ବେଳେ ଏହା ରାଜ୍ୟରେ ମୌସୁମୀକୁ ଅଧିକ ସକ୍ରିୟ କରାଉଛି। ଫଳରେ ଗୁରୁବାର ରାଜ୍ୟର ଆଉ କେତେକ ଜିଲ୍ଲାକୁ ମୌସୁମୀ ଅଗ୍ରସର ହୋଇଛି। ଆଜି ମାଲକାନଗିରି, କୋରାପୁଟ,ଗଜପତି ଜିଲ୍ଲାକୁ ସମ୍ପୂର୍ଣ୍ଣ ଆଚ୍ଛାଦିତ କରିଥିବା ବେଳେ ନବରଙ୍ଗପୁର, ଗଞ୍ଜାମ, ରାୟଗଡ଼ା ଜିଲ୍ଲାର କିଛି ଅଞ୍ଚଳ ଓ କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାକୁ ଆଂଶିକ ଅଗ୍ରସର ହୋଇଛି। ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଏବେ ଏହା ଗଭୀର ଅବପାତ ଅବସ୍ଥାରେ ରହିଛି। ଏହା ସାଗର ଦ୍ୱୀପ ଏବଂ ବାଂଲାଦେଶ ଖେପୁପୁରା ମଧ୍ୟରେ ଉପକୂଳ ଅତିକ୍ରମ କରିବା ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ଗତ ୨୪ ଘଣ୍ଟାରେ ରାଜ୍ୟର ଅନେକ ସ୍ଥାନରେ ବର୍ଷା ହୋଇଥିବା ବେଳେ ଶୁକ୍ରବାର କିଛି କିଛି ସ୍ଥାନରେ ବର୍ଷା ଆଶଙ୍କା ରହିଛି। ତେବେ ବର୍ଷାର ପ୍ରଭାବ ଶୁକ୍ରବାରଠାରୁ ହ୍ରାସ ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଶୁକ୍ରବାର କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ହାଲୁକାରୁ ମଧ୍ୟମ ବର୍ଷା ଆଶଙ୍କା ରହିଛି।

### ଚୁକ୍ତି ହେଉଛି...

ଥିବାରୁ ଉଦବେଗ ପ୍ରକାଶ କରି ମାର୍ଶଲ ଅମପ୍ରୀତ କହିଲେ ଯେ କେବଳ ଭାରତରେ ଉତ୍ପାଦନ କଲେ ଚଳିବ ନାହିଁ, ଏହାର ଡିଜାଇନ୍‌କୁ ମଧ୍ୟ ଭାରତରେ ବିକଶିତ କରିବାକୁ ପଡ଼ିବ। କେବଳ ଚୁକ୍ତି କରିଦେଲେ ଚଳିବ ନାହିଁ, ଏହାକୁ ହାସଲ କରିବା ଲାଗି ଉଦ୍ୟମ କରିବାକୁ ପଡ଼ିବ। କିନ୍ତୁ ଦେଖାଯାଉଛି ଯେ ଚୁକ୍ତି ସ୍ୱାକ୍ଷରିତ ହେଲାପରେ ପରବର୍ତ୍ତୀ ପ୍ରକ୍ରିୟା ପଥଚ୍ୟୁତ ହୋଇଯାଉଛି। ଏହି ଅବସରରେ ସେ କହିଲେ ଯେ ସେନା ଓ ପ୍ରତିରକ୍ଷା ଶିଳ୍ପ ମଧ୍ୟରେ ଆସ୍ଥା ଓ ଯୋଗାଯୋଗ ବ୍ୟବସ୍ଥା ଦୃଢ଼ ରହିବା ଆବଶ୍ୟକ।

### ଟ୍ରମ୍ପଙ୍କ ହାତ...

ଟ୍ରମ୍ପ ମସ୍କଙ୍କୁ ଡିଓଜିଇ ମୁଖ୍ୟ ଭାବରେ ନିଯୁକ୍ତ କରିଥିଲେ। ମସ୍କ ଏହି ବିଭାଗର ଦାୟିତ୍ୱ ନେବା ପରେ ଅନେକ ବିଭାଗରୁ କର୍ମଚାରୀ ଛଟେଇ କରାଯାଇଥିବାବେଳେ ସରକାରୀ ଖର୍ଚ୍ଚ କାଟ୍ କରାଯାଇଥିଲା। ଏହି ବିଭାଗର କାର୍ଯ୍ୟ ଥିଲା ସରକାରୀ ଖର୍ଚ୍ଚ କମ୍ କରିବା ଏବଂ ଅଯଥା ନିଯୁକ୍ତିକୁ ହ୍ରାସ କରିବା। ତେବେ ଯେତେବେଳେ ମସ୍କ ଇସ୍ତଫା ଦେଇଛନ୍ତି ଏହା ପରେ ପରେ ତାଙ୍କର କାର୍ଯ୍ୟକାଳ ଶେଷ ହେଉଥିଲା। ଅପରପକ୍ଷେ ବିଗତ କିଛି ଦିନ ହେବ ଟ୍ରମ୍ପ ଯେଉଁ ନିଷ୍ପତ୍ତି ନେଉଛନ୍ତି ତାହା ବେଶ ବିବାଦୀୟ ହେଉଥଇଲା। ଏହି କାରଣରୁ ଉଭୟଙ୍କ ମଧ୍ୟରେ ମତଭେଦରୁ ମସ୍କ ଇସ୍ତଫା ଦେଇଛନ୍ତି ବୋଲି ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ ଯେ, କ୍ୟାବିନେଟ ବୈଠକରେ କର୍ମଚାରୀ ହ୍ରାସ ପ୍ରସଙ୍ଗରେ ମସ୍କ ଏବଂ ବୈଦେଶିକ ମନ୍ତ୍ରୀ ମାର୍କ ରୁବିଓଙ୍କ ମଧ୍ୟରେ ବିତର୍କ ହୋଇଥିଲା। ମସ୍କ ବୈଦେଶିକ ମନ୍ତ୍ରୀଙ୍କ ଉପରେ କର୍ମଚାରୀ ସଂଖ୍ୟା ହ୍ରାସ କରିପାରି ନ ଥିବା ଅଭିଯୋଗ କରିଥିଲେ। ରୁବିଓ ଏହାକୁ ଅସ୍ୱୀକାର କରିଥିଲେ। ଯେତେବେଳେ ଉଭୟଙ୍କ ମଧ୍ୟରେ ବିତର୍କ ତୀବ୍ର ହୋଇଥିଲା, ଟ୍ରମ୍ପ ରୁବିଓଙ୍କୁ ସୁରକ୍ଷା ଦେଇ କହିଲେ ଯେ ସେ ବହୁତ ଭଲ କାମ କରୁଛନ୍ତି। ଏହା ପ୍ରଥମ ଥର ଥିଲା ଯେତେବେଳେ ମସ୍କ ଏବଂ ପ୍ରଶାସନର ଜଣେ ବଡ଼ ନେତାଙ୍କ ମଧ୍ୟରେ ବିବାଦ ହୋଇଥିଲା, ଯେଉଁଥିରେ ଟ୍ରମ୍ପ ତାଙ୍କୁ ସମର୍ଥନ କରି ନ ଥିଲେ। ଅପରପକ୍ଷେ ଟ୍ରମ୍ପ ସରକାରରେ ମସ୍କଙ୍କ ହସ୍ତକ୍ଷେପ ବିରୁଦ୍ଧରେ ସାରା ଆମେରିକାରେ ପ୍ରବଳ ପ୍ରତିବାଦ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଏପ୍ରିଲ ୬ ସାରା ଦେଶରେ ୧୪୦୦ରୁ ଅଧିକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା।

ଓପନ୍‌ଏଆଇ ୟୁଏଇରେ ଏକ ବଡ଼ ଏଆଇ ଡାଟା ସେଣ୍ଟର ନିର୍ମାଣ ପାଇଁ ଚୁକ୍ତି ଜିତିଥିଲା। ମସ୍କଙ୍କ କମ୍ପାନୀ ଏକ୍ସ ଏଆଇ ମଧ୍ୟ ଏହି ଚୁକ୍ତିରେ ଯୋଗଦେବାକୁ ଚେଷ୍ଟା କରିଥିଲା, କିନ୍ତୁ ସେମାନେ ବିଫଳ ହୋଇଥିଲେ। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ଚୁକ୍ତି ପାଇବା ପରେ, ମସ୍କ ଟ୍ରମ୍ପଙ୍କ ପରାମର୍ଶଦାତା ଡେଭିଡ୍ ସାକ୍ସ ଏବଂ ଅନ୍ୟ ଅଧିକାରୀଙ୍କ ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଥିଲେ। ଦୁହିଁଙ୍କ ମଧ୍ୟରେ ଫାଟ ସମ୍ପର୍କରେ ଅନ୍ୟ ଏକ କଥା ମଧ୍ୟ ଚର୍ଚ୍ଚା ହେଉଛି ତା ହେଲା ମସ୍କ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପଙ୍କ ପାଇଁ ୨୫୦ ନିୟୁତ ଡଲାର ଖର୍ଚ୍ଚ କରିଥିଲେ। ସେ ୨୦୨୬ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ଟ୍ରମ୍ପଙ୍କ ଦଳକୁ ୧୦୦ ନିୟୁତ ଡଲାର ଦେବାକୁ ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ଏ ପର୍ଯ୍ୟନ୍ତ ସେହି ଅର୍ଥ ଦିଆଯାଇନାହିଁ ଯାହା ପାଇଁ ଟ୍ରମ୍ପଙ୍କ ଅନେକ ସହଯୋଗୀ କ୍ଷୁବ୍ଧ ଥିବା କୁହାଯାଉଛି।

### ବିସ୍ଫୋରକ ଉଭାନ୍...

ସୀମାନ୍ତବର୍ତ୍ତୀ ବାଙ୍କୋ ପଥର ଖାଦାନରୁ ୨୭ ତାରିଖ ଦିନ ସ୍ପଷ୍ଟ ଦିବାଲୋକରେ ୨୦୦ ଶହ ପେଟି ବିସ୍ଫୋରକ ସାମଗ୍ରୀକୁ ୩୦ରୁ ୪୦ ଜଣ ସଶସ୍ତ୍ର ମାଓବାଦୀ ବନ୍ଧୁକ ମୁନରେ ଲୁଟି ନେଇଥିଲେ। ପ୍ରତ୍ୟେକ ପେଟିରେ ୨୫ କିଲୋଗ୍ରାମ ଲେଖାଏଁ ଜିଲେଟିନ ପ୍ୟାକିଂ ହୋଇଥିବାରୁ ମୋଟ ୫ ଟନ୍ ବିସ୍ଫୋରକ ସାମଗ୍ରୀ ଲୁଟ୍ ହୋଇଥିଲା। ଲଙ୍ଗଳକଟା ନିକଟବର୍ତ୍ତୀ ବାଙ୍କୋ କ୍ୱାରୀ ନିକଟରେ ୩୦ ରୁ ୪୦ ଜଣ ସଶସ୍ତ୍ର ଅଜ୍ଞାତ ବ୍ୟକ୍ତି ବାରୁଦ ବୋଝେଇ ଟ୍ରକକୁ ଜଙ୍ଗଲ ଭିତରକୁ ନେଇଯାଇଥିଲେ। ସୂଚନା ପାଇ ଗତକାଲି ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ, ଆଇଜି ଅପରେସନ ଡ. ଦୀପକ କୁମାର ଘଟଣାସ୍ଥଳରେ ପହଞ୍ଚି ଅନୁଧାନ କରିଥିଲେ। ଗୁରୁବାର ସିଆରପିଏଫ୍ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା, ଡିଆଇଜି ଅସିତ କୁମାର ଚୌଧୁରୀ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ କେ. ବଲାଙ୍ଗରେ ପହଞ୍ଚିଥିଲେ। ସେମାନେ ବାଇକରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରକ୍ସି, ଜାମଡିହ, ସ୍ୱୟଂମ୍ବା, ବଡ଼ ପୁରୁଣାପାଣି ହୋଇ ଓଡ଼ିଶା - ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ବାଙ୍କୋ ସ୍ଥିତ ଲୁଟ୍ ହୋଇଥିବା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧାନ କରିଥିଲେ। ଏତେ ପରିମାଣର ବିସ୍ଫୋରକ ସାମଗ୍ରୀ ଲୁଟ୍ କରିବା ପରେ ମାଓବାଦୀମାନେ କେଉଁଠି ଲୁଚାଇ ରଖିଛନ୍ତି ତାକୁ ନେଇ ଚିନ୍ତାରେ ପୁଲିସ। ଏହି ବିସ୍ଫୋରକ ସାମଗ୍ରୀକୁ ନେଇ ଆଗାମୀ ଦିନରେ ମାଓବାଦୀମାନେ ଭୟଙ୍କର ବିସ୍ଫୋରଣ କରି ଧନଜୀବନ ହାନୀ କରିବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରୁନାହିଁ, ଯାହାକୁ ନେଇ ଉଭୟ ଓଡିଶା ଓ ଝାଡ଼ଖଣ୍ଡ ପୁଲିସର ନିଦ ହଜିଯାଇଛି।

ସୂଚନାଯୋଗ୍ୟ ଯେ ମାଓବାଦୀମାନେ ୨୦୦୯ ରେ ମଧ୍ୟ ରାଉରକେଲାର ଚମ୍ପାଝରନରୁ ଏକ ବିସ୍ଫୋରକ ଗାଡ଼ି ଲୁଟିନେଇଥଲେ। ତାର ପତ୍ତା ଏପର୍ଯ୍ୟନ୍ତ ମଧ୍ୟ ମିଳିନଥିବା ବେଳେ ସେମାନେ ପୁଣି ବିସ୍ଫୋରକ ଲୁଟିବା ଘଟଣା ସୁରକ୍ଷା ବାହିନୀର ହୋସ୍ ଉଡ଼ାଇଦେଇଛି।

### ୨ ନିଯୁକ୍ତି ଅଶାୟୀ...

ଏହି ପରୀକ୍ଷା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ଗୁମ୍ମା ମୁଖ୍ୟ ରାସ୍ତାର ଏକ କିଲୋମିଟର ଗଲା ପରେ ସେଠାରୁ ପୁଣି ଫେରିବାର ଥିଲା। ସକାଳୁ ସକାଳୁ ପାଗ ମଧ୍ୟ ଦୌଡ଼ ପାଇଁ ଅନୁକୂଳ ଥିଲା। ପ୍ରଥମ ପର୍ଯ୍ୟାୟରେ ମହିଳା ଆଶାୟୀ ଦୌଡ଼ିବା ପରେ ପୁରୁଷ ପ୍ରାର୍ଥୀଙ୍କ ପର୍ଯ୍ୟାୟକ୍ରମେ ପ୍ରଥମ ବ୍ୟାଚ୍‌ର ଦୌଡ଼ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାର୍ଥୀ ଦୌଡ଼ି ନିର୍ଦ୍ଧାରିତ ସ୍ଥାନକୁ ଫେରି ଆସିଥିଲେ। ଏଥିରେ ଉଭୟ ସୁଲନ୍ତ ଓ ଦୀପକ ଥିଲେ। ସେମାନେ ନିର୍ଦ୍ଧାରିତ ଦୌଡ଼ ଦୂରତାକୁ ସମାପନ କରି ଆସିବା ପରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସେମାନଙ୍କୁ ଚୟନସ୍ଥଳରେ ଉପସ୍ଥିତ ଥିବା ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ସୁଲନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେହି ସମୟରେ ଆଉ ୫ ଜଣ ପରୀକ୍ଷାର୍ଥୀ ମଧ୍ୟ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ମଧ୍ୟ ପରୀକ୍ଷା ସ୍ଥଳରେ ପ୍ରାଥମିକ ଚିକିତ୍ସା କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅସୁସ୍ଥଙ୍କ ମଧ୍ୟରେ ଗୁରାଣ୍ଡି ଗ୍ରାମର ଶିବ ପ୍ରସାଦ ମହାପାତ୍ର (୩୨), ପାରଳାଖେମୁଣ୍ଡିର ଦୀପକ, ଗୁମ୍ମାର ଆସବାନ୍ ପାଣି (୩୨), ଗୋଷାଣି ବ୍ଲକ ଘରୋଣୀର ସଞ୍ଜୟ ଶବର(୨୮) ଥିଲେ। ଅନ୍ୟ ଜଣେ ପ୍ରାର୍ଥୀ ସାମାନ୍ୟ ଅସୁସ୍ଥ ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ହୋଇ ଘରକୁ ଚାଲିଯାଇଥିଲେ। ଚିକିତ୍ସିତ ହେଉଥିବା ପ୍ରାର୍ଥୀଙ୍କ ମଧ୍ୟରୁ ଦୀପକଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସଂଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି।

ପାରଳାଖେମୁଣ୍ଡିରେ ଅସୁସ୍ଥ ପ୍ରାର୍ଥୀଙ୍କୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଭେଟି ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ପଚାରି ବୁଝିଥିଲେ। ପରେ ମୃତକଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ଏପରି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଥିଲେ।


Email ID: se_nerwkjr@rediffmail.com

O-216

GOVT. OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE: KEONJHAR

Identification No. NCB-04 / RWCKJR / 2025-26

No. 2377 / Date 27.05.2025

1. Name of the work :- Repair / Maintenance of the Rural roads Constructed under Pradhan Mantri Gram Sadak Yojana in the District of Keonjhar.
2. Total No. of Packages :- 03 (Three) Nos.
3. Estimated Cost (Approx.) :- From Rs.107.17 lakh to Rs.241.06 lakh (Approximately).
4. Period of completion :- 60 Calendar Months.
5. Other details :-

| Procurement Officer | Bid Identification No. | No. of Work | Availability of tender Online for bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Chief Construction Engineer, Rural Works Circle, Keonjhar | NCB-04 / RWCKJR / 2025-26 | 03 Nos. | 03.06.2025 at 11.00 A.M. | 17.06.2025 Upto 5.00 P.M. |

• Further details can be seen from the website: www.pmgsytenders.gov.in

Chief Construction Engineer,
R.W. Circle, Keonjhar

OIPR-25177/11/0075/2526

O-196

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I, MALKANGIRI
NATIONAL COMPETITIVE BIDDING THROUGH e-Procurement
Identification No. Online Tender 01/RWD-I, MKG/2025-26 dt. 23.05.2025

01.Name of the work: - Construction of Road, Building & Boxcell works (Detailed in Annexure)02. Total Number of Works: - 7 nos (Seven). 03.Estimated Cost: - Rs. 20.47 lakhs to Rs. 80.86 Lakhs ,04. Class of Contractor: C' & B' Class, 05. Period of Completion: - (As Per Detailed in Annexure), 6. Other Details

| Procurement Officer | Bid Identification No. | No of Works | Availability of Tender on-line for bidding | | Last Date & Time of seeking tender clarification | Date and time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender -01/ RWD-I, MKG /2025-26 | Total 7 nos (single cover & Double Cover) | 06.06.2025 from 11.00 AM | 20.06.2025 up to 5.00 PM | 19.06.2025 up to 5.00 P.M. | Tech Bid opening: - (Single Cover & Double Cover Tech. Bid) 21.06.2025 at 11.00 AM |

Further details can be seen from the website www.tendersorissa.gov.in

Sd/- Sujata Dishari
Superintending Engineer
R.W. Division-I, Malkangiri

OIPR-25058/11/0012/2526



**AFFIDAVIT**

I, Sabita Kumari Swain, W/o.: Nimain Charan Swain, Resident of At: Sumada, PO.: Kanipada, P.S.: Erasama, Dist.: Jagatsinghpur, PIN-754139, Odisha, declare by this affidavit No.: 02,dated-28/05/2025, that now onwards I shall be known as **SABITA SWAIN** for all future purposes

**LOST**

I Daulat Kumar Kampa, S/o-Late Surendra Kampa, resident of Sunalarambha, Po/Tah- Bheden the original sale deed bearing RSD No-72, dtd. 09.07.1999 and RSD No-67, dtd 17.01.1995 which are executed in fevour of Surendra Kampa and Banabasi Kampa have been lost the said original sale deed from my custody when I was traveling on dtd- 26.04.2025 from Sunalarambha to Bheden. I couldn't find out the same with my utmost effort and inquiry.

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/ E-Tender/21, ତା.26.05.2025ରିଖ

(1) eTender-CenKUR-75-2025, ତା.19.05.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର (P.WAY) ତାଳଚେର ଅଧୀନସ୍ଥ ବୁଢ଼ାପଙ୍କ ଯାର୍ଡରେ କମ୍ପ୍ଲିଟ୍ ଟ୍ରାକ୍ ନବୀକରଣ ସମାପନ (ଦ୍ୱିତୀୟକ)।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 49.60 ଲକ୍ଷ, EMD : ₹ 99,200/-

(2) eTender-CenKUR-74-2025, ତା.19.05.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବୁଢ଼ାପଙ୍କ ଠାରୁ ହିନ୍ଦୋଳ ରୋଡ଼ ପର୍ଯ୍ୟନ୍ତ ଲୁପ୍ ଲାଇନରେ ବେଗକୁ 30 କି.ମି. ପ୍ରତି ଘଣ୍ଟାରୁ 50 କି.ମି. ପ୍ରତି ଘଣ୍ଟାକୁ ପ୍ରସ୍ତାବିତ ବୃଦ୍ଧି ନିମନ୍ତେ P.WAY ସମ୍ବନ୍ଧିତ କାର୍ଯ୍ୟ ସମାପନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 49.95 ଲକ୍ଷ, EMD : ₹ 99,900/-

(3) e-Tender-estatekur-73-25, ତା.20.05.2025ରିଖ

ବିବରଣୀ : ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଠାରେ ରେଳ ସଦନ (କ୍ଷେତ୍ରୀୟ ମୁଖ୍ୟାଳୟ ଭବନ)ର କାର୍ଯ୍ୟାଳୟ, ଶୌଚାଳୟ ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହର ପ୍ରସ୍ତାବିତ ଉନ୍ନୟନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 301.82 ଲକ୍ଷ, EMD : ₹ 3,00,900/-

(4) e-Tender-NORTHKUR-76-2025, ତା.21.05.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର DATR-ଟମକା ଷ୍ଟେସନ ମଧ୍ୟରେ ରେଲୱେ କି.ମି. 147/44-148/2 ଠାରେ ବର୍ତ୍ତମାନର ପ୍ରହରୀଯୁକ୍ତ ଲେଭେଲ କ୍ରସିଂ ନଂ. JD-01 ପ୍ରତି ବଦଳରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ପ୍ରସ୍ତାବିତ ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 298.50 ଲକ୍ଷ, EMD : ₹ 2,99,300/-

ଶେଷ ହେବା ଅବଧି : 06 (ଛଅ) ମାସ (କ୍ରମ ସଂ. 1 ପାଇଁ), 10 (ଦଶ) ମାସ (କ୍ରମ ସଂ. 2 ପାଇଁ), 12 (ବାର) ମାସ (କ୍ରମ ସଂ. 3 ପାଇଁ) ଏବଂ 08 (ଆଠ) ମାସ (କ୍ରମ ସଂ. 4 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 11.06.2025, 1500 ଘଣ୍ଟାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ... (ସମ୍ପୂର୍ଣ୍ଣ ପାଠ ଅସ୍ପଷ୍ଟ)

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ... ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ... ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା ବିକ୍ରେତାମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-176/Q/25-26



**AFFIDAVIT**

By virtue of an affidavit sworn before Executive Magistrate: Papadahandi, on 29-05-2025. I Subarna Majhi, residing at: Chikiliaguda, Po: Majhiguda, Ps: Papadahandi, Dist: Nabarngpur, declare that I have changed my Daughter's name from Jalendri Majhi to Jayanti Majhi. Henceforth she shall be known as Jayanti Majhi for all purposes.

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 27/05/2025 I *BALI MALIK* S/o- Samara Malik, Village - Mallikput, Post - Bilaput, PS- Nandapur, Dist.- KORAPUT declare that, I have changed my name from ***GURU SISA** to ***BALI MALIK*** . Henceforth, I shall be known as ***BALI MALIK*** for all purpose.
Sd/- ***BALI MALIK***

**AFFIDAVIT**

I, Kirtan Behari Singh, S/o-Late Kanduri Singh, resident at Melana Padia, Gurujanga, Ps-Khordha, Dist-Khordha, Odisha, Pin-752055 declare by this affidavit No.283 dated-28/05/2025 that now onwards, I shall be known as **KIRTAN BIHARI SINGH** for all future purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 27/05/2025 I Sri *Murali BADANAYAK*, S/o- Keshab Badanayak, Village- Debagandhana, Post- Banamaliput, PS- Nandapur, Dist.- KORAPUT declare that, I have changed my Daughters name from ***Kumari Jasmini Badanayak to JASMINI BADANAYAK***. Henceforth,She shall be known as ***JASMINI BADANAYAK*** for all purpose.
Sd/- ***MURALI BADANAYAK***

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 27/05/2025, I *KHAGAPATI PANGI* S/o- Chandra Pangi, Village- Satasemili, Post- Thuba, PS- Nandapur, Dist - KORAPUT declare that, I have changed my name from ***KHOGPATE PANGYE** to **KHAGAPATI PANGI***. Henceforth, I shall be known as ***KHAGAPATI PANGI*** for all purpose.
Sd/- ***KHAGAPATI PANGI***

**AFFIDAVIT**

By virtue of an affidavit before the Executive Magistrate, Koraput, I, Sri Sami Dalei, S/o- Samara Dalei, resident of Khajuriguda, Po: Kunduli, Ps: Pottangi, District: Koraput do hereby declare that I have changed my minor son's name from Jana Dalei to John Dalei. Henceforth he shall be known as John Dalei for all future purposes.
**Sd/- Sami Dalei**

**AFFIDAVIT**

By virtue of an affidavit CA No. 167/2025, dtd. 03.01.2025 before the Executive Magistrate, Tentulikhunti, Dist.-Nabarangpur, I, Kuni Takri have changed my minor daughter's name and date of birth from Ribika Takri, DOB- 11.04.2014 to Rohini Takri, DOB- 26.07.2012 respectively. Henceforth she will be known as Rohini Takri born on dtd. 26.07.2012 for all purposes.
**Sd/- Kuni Takri**

**AFFIDAVIT**

**By virtue of an affidavit sworn before the Executive Magistrate, Vyasanagar, on dated 28/05/2025, I KANCHAN SAHU, W/o Late Binod Bihari Sahu resident of Village At/Po - Andhari, Ps- Korei, Dist- Jajpur, Odisha declare that I have changed my minor daughter name from PRATIMA SAHOO to LIPSA SAHU. Henceforth, she shall be known as LIPSA SAHU for all future purposes.**
**Sd- KANCHAN SAHU**

**AFFIDAVIT**

By virtue of an affidavit sworn before Executive MAGISTRATE KESINGA dated 17/05/2025. I NEERAJ KASHYAP, W/o- NITESH KUMAR JAIN At/po - Kesinga, Word no-3, Dist .: Kalahandi, Odisha declare that, I have changed my name from Neeraj Kashyap to NIRAJA JAIN. Henceforth, I shall be known as **NIRAJA JAIN** for all purpose.
**Niraja Jain**

**AFFIDAVIT**

SHAIK HASNAIN RAJA, S/o. SHAIK FAIZULLAH, Resident of Ward No.13, At. Muleswar, Po. Soro, Ps. Soro, Dist. Balasore, PIN-756045, Odisha declear by this Affidavit no. 739 dtd. 02/04/2024 that now onwards I shall be known as **SK. HASNAIN RAZA** for all future purposes.

**AFFIDAVIT**

I, Sreyash Gourab, S/o-Sidhanta Gourab Sethy, resident of At -Parbatia, Po-Shankarpur, Dist.: Dhenkanal, Pin–759013, Odisha declare by this affidavit No- 4447, Dtd 29/05/2025 that now onwards I shall be known as **SHREYASH GOURAB** for all future purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 27/05/2025 I RUKA SISA, D/o- Balu Sisa , Village-Kanta, Post- Banamaliput, PS-Nandapur, Dist.- KORAPUT declare that I have changed my name from **Rupa Sisa to RUKA SISA**. Henceforth, I shall be known as **RUKA SISA** for all purpose.
Sd/- **RUKA SISA**

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 27/05/2025 I *GUNAMATI KHILLA* W/o-Gopinath Khilla, Village - Makaput, Post - Kularsing, PS-Padua, Dist - KORAPUT declare that, I have changed my name from ***Gutumati Khila*** to ***GUNAMATI KHILLA***. Henceforth, I shall be known as ***GUNAMATI KHILLA*** for all purpose.
Sd/- ***GUNAMATI KHILLA***

**AFFIDAVIT**

I Amrut Sahu, S/o Ramchandra Sahu, resident of Bishipali, Ps-Padampur, have purchased Ac1.35dc land through RSD from Jitendra sahu and Makhunu sahu vide No-728, (2004) on 15.4.2025 in daily market of Padampur I have lost my original registered sale deed and mobile SIM 9937202140. I have not used the above RSD and SIM card for any other purpose.

**AFFIDAVIT**

I, Kshirod Kumar Pradhan, S/o- Abakash Pradhan, resident of House No. 138, PO-Nariso, PS- Balipatna, Dist- Khordha, PIN-752103, Odisha declared by this affidavit No. 1089, dtd-28/05/2025 that now onwards I shall be known as **KHIROD KUMAR PRADHAN** for all future purposes.

**AFFIDAVIT**

I, Chakradhara Dash, S/o- Sridhar Dash, resident of Plot No. K-7/597, Kalinga Nagar, Ghatikia, Ps- Khandagiri, Bhubaneswar, Dist-Khordha, PIN- 751003, Odisha declared by this affidavit No. 1088, dtd-28/05/2025 that now onwards I shall be known as **CHAKRADHAR DASH** for all future purposes.

**AFFIDAVIT**

According the adoption deed No. 22, dtd-13/09/2004 the S.R.D Niali and the affidavit of Executive Magistrate Niali on 12/08/2020. I **Umakanta Barik,** S/o-Subal Barik instead of **Uma Kanta Rout,** S/o-Balakrushna Rout, At-Balisahi, Po-Pahanga, Via-Niali of Cuttack, Pin-754004. Odisha for all purposes.

### ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମୀକ୍ଷା ବୈଠକ

# 'ଉନ୍ନୟନ କାର୍ଯ୍ୟ ସମ୍ପାଦନ ଦିଗରେ ସମସ୍ତେ ତତ୍ପର ହୁଅନ୍ତୁ'

ଚମ୍ପୁଆ,୨୯।୫(ସମିସ)



ଚମ୍ପୁଆ ବ୍ଲକ୍ ସଭାଗୃହରେ କେନ୍ଦୁଝର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦ୍ୱାରା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୁମାର ନାଗଭୂଷଣଙ୍କ ଅଧ୍ୟକ୍ଷତାରେ ବୈଠକରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶୁଭଦର୍ଶୀ ଯୋଶୀ, ଚମ୍ପୁଆ ବିଡିଓ ସ୍ମୃତି ରଞ୍ଜନ ସାହୁ, ଝୁମ୍ପୁରା ବିଡିଓ ହୃଦାନନ୍ଦ ଆଧା, ଯୋଡ଼ା ବିଡିଓ ଡେନିଶ ବେହେରା, ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ସରପଞ୍ଚ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଡିଆରଡିଏ ମାଧ୍ୟମରେ ଉପଖଣ୍ଡର ୩ଟି ବ୍ଲକରେ କରାଯାଉଥିବା ଉନ୍ନୟନ କାର୍ଯ୍ୟଗୁଡ଼ିକର ସୁସମ୍ପାଦନ ଉପରେ ସମସ୍ତେ ତତ୍ପରତା ହୁଅନ୍ତୁ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ କହିଥିଲେ। ବୈଠକରେ ମନରେଗାରେ ନିଯୁକ୍ତି, ଜୀବନ ଜୀବିକା, ପୋଖରୀ ଖନନ, ଜଳ ଓ ପରିମଳ ଆଦି ବିଷୟ ଉପରେ ସମୀକ୍ଷା କରାଯାଇଥିଲା। ମିଶନ ଶକ୍ତି ସହାୟତାରେ କରାଯାଉଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେବାପାଇଁ କୁହାଯାଇଥିଲା। ପ୍ରତ୍ୟେକ ଉନ୍ନୟନ କାର୍ଯ୍ୟକୁ ପଞ୍ଚାୟତସ୍ତରରୁ ସମୀକ୍ଷା କରିବା ପାଇଁ ବିଡିଓଙ୍କୁ ପରାମର୍ଶ ଦିଆଯାଇଥିଲା। ଚଳିତ ବର୍ଷାଋତୁରେ ଗ୍ରାମାଞ୍ଚଳର ସମସ୍ତ ବ୍ଲକ, ପଞ୍ଚାୟତ ଓ ଗାଁସ୍ତରରେ ଚାରାରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଯେଉଁ ଲୋକମାନଙ୍କୁ ଜବ୍‌କାର୍ଡ ଦିଆଯାଇନାହିଁ ସେମାନଙ୍କୁ ଚିହ୍ନଟ କରି ତୁରନ୍ତ ଶ୍ରମକାର୍ଡ ପ୍ରଦାନ କରି କାମ ଯୋଗାଇଦେବାକୁ ପରାମର୍ଶ ଦିଆଯାଇଛି। ମନରେଗାରେ ମେସିନ ବ୍ୟବହାରକୁ ବନ୍ଦ କରି ଶ୍ରମିକଙ୍କ ଦ୍ୱାରା କରାଇବାକୁ ପ୍ରକଳ୍ପ ନିର୍ଦ୍ଦେଶକ ତାଗିଦ୍ କରିଥିଲେ। ସମସ୍ତଙ୍କ ସହଯୋଗରେ ଚମ୍ପୁଆ ଉପଖଣ୍ଡର ତିନୋଟି ବ୍ଲକରେ ବିକାଶର ଧାରାକୁ ଆଗେଇ ନେବାପାଇଁ ସେ ପରାମର୍ଶ ଦେଇଥିଲେ।

## ପାଟଣା ରେଞ୍ଜରେ ୨୬ଟିକିଆ ହାତୀପଲ




ତୁରୁମୁଙ୍ଗା,୨୯।୫(ସମିସ): କିଛିଦିନ ବ୍ୟବଧାନରେ ପୁଣି ପାଟଣା ରେଞ୍ଜକୁ ୨୬ ଟିକିଆ ହାତୀପଲ ବୁଧବାର ରାତିରେ ପ୍ରବେଶ କରି ଉପଦ୍ରବ ଚଳାଇଥିବା ଜଣାପଡ଼ିଛି। ହାତୀ ଉପଦ୍ରବରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ହାତୀପଲ ଆନନ୍ଦପୁର ଡିଭିଜନ ଆସି ପାଟଣା ରେଞ୍ଜ ତଣ୍ଡବିଟ ଅନ୍ତର୍ଗତ ବଣମହୁଲଡିହା ଓ ବାଲିଯୋଡ଼ି ଗ୍ରାମରେ ୬ଟି ଘର ଭାଙ୍ଗି ଦେଇଥିବା ଜଣାପଡ଼ିଛି। ବଣ ମହୁଲ ଡିହାର ସୁଶୀଲ ମାଝୀ, ବିନୋଦି ସେଠୀ, ଶିବ ପ୍ରସାଦ ମାଝୀ, ଜୟନ୍ତୀ ମାଝୀ ଓ ବାଲିଯୋଡ଼ି ଗ୍ରାମର ମଙ୍ଗଳ ମୁଣ୍ଡା, ଚୈତନ୍ୟ ମୁଣ୍ଡାଙ୍କ ଘର ହାତୀ ପଲ ଭାଙ୍ଗି ଦେଇଛନ୍ତି। ଏଥିସହ ଧାନ ଚାଉଳ ଖାଇ ନଷ୍ଟ କରିଥିବା ଜଣାପଡ଼ିଛି। ସେହିପରି ଗ୍ରାମରେ ଖରାଟିଆ ଧାନ ଫସଲ ଓ ପରିବା ଚାଷ ମାଡ଼ି ଦଳି ନଷ୍ଟ କରିଥିବା ଦେଖିବାକୁ ମିଳିଛି। ଏବେ ହାତୀ ପଲ ଅଟେଇ ସଂରକ୍ଷିତ ଘାଟ ବାଲିଯୋଡ଼ି ନିକଟରେ ରହିଥିବା ଜାଣିବାକୁ ମିଳିଛି। ହାତୀପଲଙ୍କ ଗତିବିଧି ଉପରେ ବନ ବିଭାଗ ନଜର ରଖିଛି।

## ଜରାଜୀର୍ଣ୍ଣ ଅବସ୍ଥାରେ ସାଇଁକୂଳ ଫାଣ୍ଡି



**କେବେ ପଡ଼ିବ ଜିଲ୍ଲା ପ୍ରଶାସନର ଦୃଷ୍ଟି**

ବେଲବାହାଲ,୨୯।୫(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ୨୦ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ସାଇଁକୂଳ ଫାଣ୍ଡି ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ୧୯୬୯ ମସିହାରେ ସାଇଁକୂଳଠାରେ ଏହି ଫାଣ୍ଡି ସ୍ଥାପନ କରାଯାଇଥିଲା। ଏହା ରାମଚନ୍ଦ୍ରପୁର ଥାନା ଅଧୀନରେ ରହିଛି। ପରିତାପର ବିଷୟ ଫାଣ୍ଡି ପ୍ରତିଷ୍ଠାକୁ ୫୬ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଏହା ଆଜି ପର୍ଯ୍ୟନ୍ତ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଫାଣ୍ଡିରେ ହାତଗଣତି କେତେ ଜଣ କର୍ମଚାରୀ ଥିବାବେଳେ ଜଣେ ମାତ୍ର ଏସ୍ଆଇ ଫାଣ୍ଡି ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି। ଫାଣ୍ଡି ଗୃହଟି କାହିଁ କେଉଁ କାଳରୁ ନିର୍ମାଣ କରାଯାଇଥିଲେ ସୁଦ୍ଧା ମରାମତି ଅଭାବରୁ ଜରାଜୀର୍ଣ୍ଣ ହୋଇଗଲାଣି। ଫାଣ୍ଡି ପରିସରରେ କର୍ମଚାରୀଙ୍କ ରହିବା ପାଇଁ ଆବଶ୍ୟକ ବାସଗୃହ ନଥିବାରୁ କର୍ମଚାରୀମାନେ ବାହାରେ ରହିବାକୁ ବାଧ୍ୟ ହେଉଛନ୍ତି। ଫାଣ୍ଡି ପରିସରର ପାଚେରି ନଥିବାରୁ ବୁଲା ଗୋରୁ ଗାଈ ବିଚରଣ କରୁଛନ୍ତି। ବିଭିନ୍ନ ସମୟରେ ଦୁର୍ଘଟଣାରେ ଜବତ ଗାଡ଼ିଗୁଡ଼ିକ ଫାଣ୍ଡି ପରିସରରେ ଖୋଲାମେଲାରେ ପଡ଼ି ରହୁଥିବାରୁ ଚୋରି ହେବାର ଆଶଙ୍କା ରହିଛି। ସାଇଁକୂଳ ଫାଣ୍ଡି ୭ଟି ପଞ୍ଚାୟତକୁ ନେଇ ସ୍ଥାପିତ ହୋଇଥିବାବେଳେ ପାଖାପାଖି ୩୦ରୁ ଊର୍ଦ୍ଧ୍ୱ ଗାଁ ଏହି ଫାଣ୍ଡି ଉପରେ ନିର୍ଭର କରିଥାନ୍ତି। ସୀମିତ ସଂଖ୍ୟକ କର୍ମଚାରୀ ଯୋଗୁଁ ବିଭିନ୍ନ ମାମଲାରେ ତତକ୍ଷଣାତ୍ ସେବା ଯୋଗାଇବା ସମ୍ଭବପର ହୋଇପାରୁନାହିଁ। ସାଇଁକୂଳ ଅଞ୍ଚଳ ଘଷିପୁରା ନିର୍ବାଚନ ମଣ୍ଡଳୀର ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ହେବା ସହ ରାଜନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱ ବହନ କରେ। ତେଣୁ ଏହାର କର୍ମଚାରୀ ସଂଖ୍ୟା ବୃଦ୍ଧି ଏବଂ ଫାଣ୍ଡି ପରିସରର ଭିତ୍ତିଭୂମି ସଜାଡ଼ିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ରାଧାକୃଷ୍ଣ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ



ଯୋଡ଼ା,୨୯।୫(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅଧୀନ ୱାର୍ଡ ନମ୍ବର-୩ ହୁଡ଼ିସାହିରେ ଇସ୍କନ ତରଫରୁ ରାଧାକୃଷ୍ଣଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ କରାଯାଇଛି। ବୁଧବାର ଭୂମିପୂଜନ କାର୍ଯ୍ୟକ୍ରମ ସମୟରେ ତିନି ନମ୍ବର ୱାର୍ଡର କାଉନସିଲର ରଶ୍ମିତା ପାଣିଗ୍ରାହୀ, ବିଶ୍ୱହିନ୍ଦୁ ପରିଷଦ ତରଫରୁ ସଭାପତି ରଂଜିତ ମହାକୁଡ଼, ଟଙ୍କଧର ପାତ୍ର, ବିଜେପି ତରଫରୁ ଜଗନ୍ନାଥ ପାଣିଗ୍ରାହୀ, ସନ୍ତୋଷ ବାରିକଙ୍କ ସମେତ ଇସ୍କନ ସଂସ୍ଥାର ଅନେକ ଭକ୍ତ ଏବଂ କୁନ୍ଦୁରୁନାଳା ବସ୍ତି ବାସିନ୍ଦା ଉପସ୍ଥିତ ଥିଲେ।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ସୋସୋ,୨୯।୫(ସମିସ): ହାଟଡିହୀ ବ୍ଲକ୍ ନନ୍ଦିପଦା ଥାନାଞ୍ଚଳର ଜଣେ ମହିଳାଙ୍କୁ ଅଢ଼େଇଦୁଆର ଗ୍ରାମର ଜଣେ ଯୁବକ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ୱାମୀ ବାହାରେ ରହୁଥିବାରୁ ସେ ଏକୁଟିଆ ଘରେ ରୁହନ୍ତି। ଏହାର ସୁଯୋଗ ନେଇ ରାଜୀବ ବେହେରା ନାମକ ଜଣେ ଯୁବକ ତାଙ୍କ ଘରେ ପଶି ଗାଳିଗୁଲଜ କରିବା ସହିତ ଅସଦାଚରଣ କରିଥିଲେ। ଏ ନେଇ ମହିଳା ଜଣଙ୍କ ପାଟି କରିବାରୁ ରାଜୀବ ଦୌଡ଼ି ପଳାଇଥିଲେ। ଅବିଯୋଗ ପରେ ପୁଲିସ ତଦନ୍ତ କରି ମାମଲା ରୁଜୁ କରିଛି।

## 'ବିକାଶ ମେଳା' ପାଇଁ ପ୍ରସ୍ତୁତି ବୈଠକ




କେନ୍ଦୁଝର,୨୯।୫(ସମିସ): ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଅବସରରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ବିକାଶ ମେଳା ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ଗୁଡ଼ିକ ପ୍ରଦର୍ଶିତ କରାଯିବ। ଏହି ପରିପ୍ରେକ୍ଷୀରେ କେନ୍ଦୁଝରଠାରେ ଜିଲ୍ଲାସ୍ତରୀୟ ବିକାଶ ମେଳା ଆୟୋଜନ ନିମନ୍ତେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଆଜି ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଡିଏସ୍ ଶୁଭଦର୍ଶୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଆସନ୍ତା ଜୁନ୍ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ କେନ୍ଦୁଝରସ୍ଥିତ କାଳୀ ପଡ଼ିଆଠାରେ ଏହି ମେଳା ଆୟୋଜନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ପରବର୍ତ୍ତୀ ସମୟରେ ମେଳାରେ ଯୋଗ ଦେବାକୁ ଥିବା ଅତିଥିମାନଙ୍କ ତାଲିକା ପ୍ରସ୍ତୁତ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଷ୍ଟଲ ଆବଣ୍ଟନ, ସରକାରୀ ଯୋଜନା ଗୁଡ଼ିକର ବ୍ୟାପକ ପ୍ରଚାର ପ୍ରସାର, ଜନସାଧାରଣଙ୍କ ସୁବିଧା ଲାଗି ବ୍ୟବସ୍ଥା ସମେତ ସାନ୍ଧ୍ୟକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ବାବଦରେ ଆଲୋଚନା କରାଯାଇଥିଲା। ଓର୍‌ମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱପନ କୁମାର ଗୋସ୍ୱାମୀ ବୈଠକ ପରିଚାଳନା କରିଥିଲେ।

## ବାଇକ୍ ଚୋରି ନେଇ ଉତ୍ତେଜନା

ଆନନ୍ଦପୁର,୨୯।୫(ସମିସ): ଆନନ୍ଦପୁର ଥାନା ଶାଳବଣି ନିକଟସ୍ଥ ବେଲଦା ହାଟରେ ବାଇକ୍ ଚୋରିକୁ କେନ୍ଦ୍ରକରି ଉତ୍ତେଜନା ପ୍ରକାଶ ପାଇଛି। ବୁଧବାର ଅପରାହ୍ଣରେ ହାଟକୁ ଆସିଥିବା ଗୁନୁ ଜେନାଙ୍କ ବାଇକ୍ ଚୋରି ହୋଇଥିଲା। ଏ ନେଇ ସେ ହାଟ କମିଟିକୁ ଜଣାଇଥିଲେ। କମିଟି କର୍ମକର୍ତ୍ତା କିଛି ବୁଝିବା ପରିବର୍ତ୍ତେ ଓଲଟା ତାଙ୍କୁ ଗାଳିଗୁଲଜ କରିବାରୁ ହାଟରେ ଉତ୍ତେଜନା ପ୍ରକାଶ ପାଇଥିଲା। ହାଟରେ ବେଆଇନ ଭାବେ କୁକୁଡ଼ା ଲଢ଼େଇ ଓ ଜୁଆଖେଳ ଚାଲିଥିବାରୁ ବିଶୃଙ୍ଖଳା ବଢ଼ୁଥିବା ଅଭିଯୋଗ ହେଉଛି।

## ସାପ କାମୁଡ଼ାରେ ଜଣେ ମୃତ



ରାମଚନ୍ଦ୍ରପୁର,୨୯।୫(ସମିସ): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଶାଳଦେଇ ପଞ୍ଚାୟତ ବେଲଦା ଗାଁରେ ସାପ କାମୁଡ଼ାରେ ଈଶ୍ୱର ଦେହୁରୀ(୨୧)ଙ୍କ ମୃତ୍ୟୁ ଘଟିଛି। ବୁଧବାର ରାତି ପ୍ରାୟ ୩ଟାରେ ତାଙ୍କୁ ରଣା ସାପଟି କାମୁଡ଼ି ଦେଇଥିଲା। ଘଟଣା ଜାଣିବା ପରେ ପରିବାର ଲୋକେ ଈଶ୍ୱରଙ୍କୁ ପ୍ରଥମେ ସାଇଁକୁଳ ମେଡିକାଲ ଓ ପରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାରକୁ ରେଡକ୍ରସ୍ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## କନ୍ୟା ସନ୍ତାନ ସୁରକ୍ଷା ରଥକୁ ସ୍ୱାଗତ



ଆନନ୍ଦପୁର,୨୯।୫(ସମିସ): ରାଜ୍ୟ ପରିକ୍ରମା କରୁଥିବା "କନ୍ୟା ଅନ୍‌ମୋଲ ହେ' ରଥକୁ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଛି। ଶିଶୁକନ୍ୟାଙ୍କ ସୁରକ୍ଷା, ସମ୍ମାନ ଓ ସ୍ୱାଭିମାନ ଉଦ୍ଦେଶ୍ୟରେ ରଥ ୩ଦିନ ତଳେ ପୁରୀରୁ ବାହାରି ରାଜ୍ୟ ପରିକ୍ରମା କରୁଛି। ଭୁବନେଶ୍ୱର, କଟକ, ଯାଜପୁର ପରେ ଗୁରୁବାର କେନ୍ଦୁଝର ଜିଲ୍ଲା ଘସିପୁରାରେ ପହଞ୍ଚିଥିଲା। ଯୁବନେତା ଯଜ୍ଞପ୍ରସାଦ ସାହୁଙ୍କ ନେତୃତ୍ୱରେ ରଥକୁ ସ୍ୱାଗତ କରାଯାଇଥିଲା। "କନ୍ୟା ଅନ୍‌ମୋଲ ହେ'ର ରାଷ୍ଟ୍ରୀୟ ସଂଯୋଜକ ସରୋଜ ଦାସ, ଯୁବନେତା ଧବଳେଶ୍ୱର ସାହୁ, ସମ୍ପାଦକ ସୁରେଶ ସେଠୀ, ରାଜକିଶୋର ସାହୁ, ଦିଲ୍ଲୀପ ବେହେରା, ସୁଦର୍ଶନ ସାହୁ, ଦାମୋଦର ସାହୁ ଓ ଭରତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଶନି ମନ୍ଦିରର ହୁଣ୍ଡିବାକ୍ସ ଚୋରି



ସୋସୋ,୨୯।୫(ସମିସ): ହାଟଡିହୀ ବ୍ଲକ ସୋସୋ ଥାନା ପଡିଆରୀପଲ୍ଲି ପଞ୍ଚାୟତ ଝୁଣାବାଡ଼ିରେ ଥିବା ଶନିମନ୍ଦିର ଓ ଏକ ଦୋକାନରୁ ଚୋରି ହୋଇଛି। ମନ୍ଦିରର ହୁଣ୍ଡିବାକ୍ସକୁ ଭାଙ୍ଗି ଟଙ୍କା ନେଇ ତାହାକୁ ଫିଙ୍ଗି ଦେଇଥିବା ବେଳେ ପୂଜକଙ୍କ ଘରର କବାଟ ଓ ମନ୍ଦିର ତାଲାଗୁଡ଼ିକ ଭାଙ୍ଗି ଦିଆଯାଇଥିବା ଦେଖିବାକୁ ମିଳିଛି। ଠାକୁର ଘରୁ କୌଣସି ଜିନିଷ ଚୋରି ହୋଇନଥିବା ବେଳେ କେବଳ ହୁଣ୍ଡିବାକ୍ସ ଚୋର ନେଇଯାଇଥିବା ପୂଜକ କହିଛନ୍ତି। ସେହିପରି ଶନି ମନ୍ଦିର ଆଗରେ ଥିବା ମହୁଲପଙ୍କା ଗ୍ରାମର ଅଜୟ ନାୟକଙ୍କ ଦୋକାନ ତାଲା ଭାଙ୍ଗି ନଗଦ ୭ହଜାର ଟଙ୍କା ଚୋରି ହୋଇଛି। ଦୋକାନ ବାକ୍ସକୁ ପାଖରେ ଥିବା ଏକ ବୁଦାମୂଳେ ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ଏନେଇ ଦୋକାନ ମାଲିକ ଅଜୟ ନାୟକ ସୋସୋ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## ଶାଳଣିଆଁ ଲକ୍ଷ୍ମୀ ବଜାର କମିଟିର ବୈଠକ

ସୋସୋ,୨୯।୫(ସମିସ): ହାଟଡିହି ବ୍ଲକ୍‌ର ଶାଳଣିଆଁ ବଜାର ଲକ୍ଷ୍ମୀ ପୂଜା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦିବାରାତ୍ର ବାଲି ବୋଝେଇ ଗାଡି ଯାତାୟାତ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଭାରୀଯାନଗୁଡ଼ିକ ଦିବା ୧ଟାରୁ ୩ଟା ଓ ରାତି ୯ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ବଜାର ଦେଇ ଯାଇପାରିବ ବୋଲି ନିଷ୍ପତ୍ତି ହୋଇଥିବା କମିଟିର ସଭାପତି ଅମରବର ସେଠୀ, ସମ୍ପାଦକ ବ୍ରହ୍ମାନନ୍ଦ ଜେନା ସୂଚନା ଦେଇଛନ୍ତି।

### ଆନ୍ତଃସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ସେଣ୍ଟ ଜାଭିୟରକୁ ହରାଇ ଗୋପବନ୍ଧୁ ହାଇସ୍କୁଲ ଚାମ୍ପିଅନ



କେନ୍ଦୁଝର, ୨୯।୫ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ ଏବଂ ଜିଲ୍ଲା କ୍ରୀଡ଼ା ସଂସ୍ଥା, କେନ୍ଦୁଝର ସହଯୋଗରେ ସ୍ଥାନୀୟ ଷ୍ଟାଡିୟମ ପଡ଼ିଆଠାରେ ଅନୁଷ୍ଠିତ ଆଜିର ଆନ୍ତଃ ସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଫାଇନାଲ ଖେଳରେ ବଡ଼ବିଲର ଗୋପବନ୍ଧୁ ହାଇସ୍କୁଲ (ମିଳିତ) କେନ୍ଦୁଝର ସେଣ୍ଟ ଜାଭିୟର୍ ହାଇସ୍କୁଲ ବିପକ୍ଷରେ ୧୦୪ ରନରେ ଏକ ବିପୁଳ ବିଜୟ ହାସଲ କରି ପ୍ରଥମ ଥର ପାଇଁ ଚାମ୍ପିଅନ ହେବାର ଗୌରବ ଲାଭ କରିଛି। ଟସ୍‌ରେ ଜିଣି ଗୋପବନ୍ଧୁ ହାଇସ୍କୁଲ ପ୍ରଥମେ ପାଳି ଆରମ୍ଭ କରିଥିଲା। ୨୫ ଓଭରରେ ୩ଟି ଉଇକେଟ ହରାଇ ୨୩୫ ରନ ସଂଗ୍ରହ କରିଥିଲା। ଜବାବରେ ଜାଭିୟର ହାଇସ୍କୁଲ ନିର୍ଦ୍ଧାରିତ ୨୫ ଓଭର ବ୍ୟାଟିଂ କରି ୮ଟି ଉଇକେଟ ହରାଇ ୧୩୧ ରନ ସଂଗ୍ରହ କରିବାରେ ସମର୍ଥ ହୋଇଥିଲା। ଏକ ସ୍ୱତନ୍ତ୍ର ଉତ୍ସବରେ ଡିଏଭି ସ୍କୁଲର ଅଧ୍ୟକ୍ଷ ବ୍ରଜେନ୍ଦ୍ର ନାଥ ସଭାପତି, ମୁଖ୍ୟ ଅତିଥି ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ ସମ୍ମାନିତ ଅତିଥି ରୂପେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଜିଲ୍ଲା କ୍ରୀଡ଼ା ସଂସ୍ଥା ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ ଏବଂ କୋଷାଧ୍ୟକ୍ଷ ସରୋଜ ରଣା ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଥିଲେ। ଗୋପବନ୍ଧୁ ହାଇସ୍କୁଲର ଅଙ୍ଗଦ ଲୋଟିଆ ମ୍ୟାନ ଅଫ୍ ଦି ମ୍ୟାଚ୍, ଆଶୁତୋଷ ନାଏକ ବେଷ୍ଟ ବ୍ୟାଟ୍ସମ୍ୟାନ, ଅଙ୍ଗଦ ଲୋଟିଆ ବେଷ୍ଟ ବୋଲର ଏବଂ ଜାଭିୟର ହାଇସ୍କୁଲର ପବିତ୍ର ବାରିକ ବେଷ୍ଟ ଫିଲଡର ଭାବେ ପୁରସ୍କୃତ ହୋଇଥିଲେ। ଖେଳକୁ ବିଶ୍ୱମ୍ଭର ମହାକୁଡ଼, ଯଶୋବନ୍ତ ମହାପାତ୍ର (ଲୁନା) ପରିଚାଳନା କରିଥିବା ବେଳେ ଗିରୀଶ ଚନ୍ଦ୍ର ହୋତା ମ୍ୟାଚ ରେଫରୀ ଏବଂ ରାଜେନ୍ଦ୍ର ସାହୁ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ।

### ସଂସଦୀୟ କ୍ଷେତ୍ରସ୍ତରୀୟ ସଡ଼କ ସୁରକ୍ଷା ବୈଠକ

# ସଡ଼କ ସୁରକ୍ଷାରେ '୪-ଇ'ର ଉପଯୋଗକୁ ଗୁରୁତ୍ୱ

କେନ୍ଦୁଝର,୨୯।୫(ସମିସ)



ଗୁରୁବାର ସ୍ଥାନୀୟ ଦରବାର ହଲ୍‌ଠାରେ ସଂସଦୀୟ କ୍ଷେତ୍ରସ୍ତରୀୟ ସଡ଼କ ସୁରକ୍ଷା ବୈଠକ ଜିଲ୍ଲାପାଳଙ୍କ ମିନି କନ୍‌ଫରେନ୍ସ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଲ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଂସଦ ଅନନ୍ତ ନାୟକ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ଡିଏଫ୍ଓ ଧନରାଜ ଏଚ୍‌ଡି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଆଞ୍ଚଳିକ ପରିବହନ ଅଧିକାରୀ ଇଂ ଗୋପାଳକୃଷ୍ଣ ଦାସ, ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଞ୍ଜୀବ ବେହେରା, ଯୋଡ଼ା ଖଣି ଉପନିର୍ଦ୍ଦେଶକ ଦୀନେଶ ଅଗ୍ରୱାଲ, କେନ୍ଦୁଝର ଖଣି ଉପ ନିର୍ଦ୍ଦେଶକ ବିଷ୍ଣୁପଦ ରାଉତ, ଆନନ୍ଦପୁର ଉପ ଜିଲ୍ଲାପାଳ ନୀଳମାଧବ ସୁନା, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ସମ୍ବିତ ମହାନ୍ତି, ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ମହେଶ ଗାମି, ଏନ୍‌ଏଚ୍‌ର ଅଧୀକ୍ଷଣ ଯନ୍ତ୍ରୀ ରଜନୀକାନ୍ତ ମୀନା, ଅବକାରୀ ଅଧୀକ୍ଷକ ଦିବ୍ୟରଞ୍ଜନ ଦୀପ, ଏନ୍‌ଏଚ୍-୨୦ ଆର୍‌ଇ ଲକ୍ଷ୍ମୀଧର ନାୟକ, ଏନ୍‌ଏଚ୍ ୪୯ ଏବଂ ୫୨୦ କନସଲଟାନ୍ସି ସତ୍ୟରଞ୍ଜନ ରାଉତ, ଜୁନିୟର ଏମ୍‌ଭିଆଇ ରାଜେଶ କୁମାର ସେଠୀ, ଜୁନିୟର ଏମ୍‌ଭିଆଇ ଅରୁଣ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ସଡ଼କ ସୁରକ୍ଷା ସମ୍ପର୍କିତ '୪-ଇ' - ଏଜୁକେସନ, ଏନ୍‌ଫୋର୍ସମେଣ୍ଟ, ଏମରଜେନ୍ସି କେୟାର ଏବଂ ଇଞ୍ଜିନିୟରିଂର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶେଷକରି ରାସ୍ତା ଦୁର୍ଘଟଣାର କାରଣ ଖୋଜିବା ସହ ଏହା ନିରାକରଣ ପାଇଁ ରାସ୍ତା ସୁରକ୍ଷା କିପରି ପାଳନ ହେଉଛି ତାହା ଉପରେ ଆଲୋଚନା ହୋଇଥିଲା। ସେହିପରି ଜିଲ୍ଲାରେ ରାସ୍ତା ସୁରକ୍ଷା ଆକ୍ସନ ପ୍ଲାନ ପ୍ରସ୍ତୁତ କରି କାର୍ଯ୍ୟକାରୀ କରିବା ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଦୁର୍ଘଟଣାର ତଥ୍ୟ ବିଶ୍ଳେଷଣ ସହ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକଳାପର ସମୀକ୍ଷା କରାଯାଇଥିଲା। ରାସ୍ତା ପାର୍ଶ୍ୱରେ ଢାବା ଗୁଡ଼ିକରେ ମଦ ବିକ୍ରୟ ଯୋଗୁଁ ବାରମ୍ବାର ଦୁର୍ଘଟଣା ଏବଂ ଅପରାଧ ଘଟୁଥିବାରୁ ସେଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ବିଶାଲ ସିଂ ନିର୍ଦ୍ଦେଶ ଦେଇଥିଲେ। ଭଦ୍ରାସାହିରୁ ବଡବିଲ ପୂର୍ତ୍ତ ବିଭାଗର ରାସ୍ତାରେ କ୍ରସ ବେରିୟର ସ୍ଥାପନ ଏବଂ କାଞ୍ଜିପାଣି ଘାଟି ଅଞ୍ଚଳରେ ଟ୍ରାଫିକ ସିଗ୍‌ନାଲ ସହିତ କ୍ରସ ବାରିୟର ସ୍ଥାପନ କରିବାର ସ୍ଥିତି ଉପରେ ଆଲୋଚନା ହୋଇଥିଲା। ଯୋଡ଼ା ଫ୍ଲାଏ ଓଭର ନିକଟରେ ସିସିଟିଭି ଏବଂ ସ୍ପିଡି ସେନସରିଂ କ୍ୟାମେରା ଲଗାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କେନ୍ଦୁଝର ଜିଲ୍ଲାରେ ୧୫ଟି ପେଟ୍ରୋଲ ପମ୍ପ ଜାତୀୟ ରାଜପଥ ପ୍ରାଧିକରଣଠାରୁ ଅନୁମତି ନ ନେଇ ବ୍ୟବସାୟ ଚଳାଇଛନ୍ତି। ଏହି ପେଟ୍ରୋଲ ପମ୍ପଗୁଡ଼ିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା।

# ପାଟସୁରା ଶ୍ରୀଜଗନ୍ନାଥଙ୍କ ଦାରୁ ପୂଜନ

ଆନନ୍ଦପୁର,୨୯।୫(ସମିସ): ସ୍ଥାନୀୟ ତରୁଆଁ ପଞ୍ଚାୟତର ପାଟସୁରା ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥଙ୍କ ବିଗ୍ରହ ପାଇଁ ଦାରୁଦେବତାଙ୍କ ପୂଜନ କରାଯାଇଛି। ଗଡ଼ବାନ୍ଧଗୋଡ଼ା ପଞ୍ଚାୟତର କଇଁସିଆରୀ ଗ୍ରାମରେ ଦାରୁଙ୍କ ସନ୍ଧାନ ମିଳିବାପରେ ପାଟସୁରା ଗ୍ରାମବାସୀ



କଇଁସିଆରୀସ୍ଥିତ ସୁଆଁଳ ପୁରାତନ ବିଦ୍ୟାଳୟ ପରିସରରେ ପହଞ୍ଚି ଦାରୁ (ନିମ୍ବଗଛ) ପୂଜା ଓ ହୋମଯଜ୍ଞ କରିଥିଲେ। ପରେ ଦାରୁ ଛେଦନ କରାଯାଇ ମନ୍ଦିର ନିକଟକୁ ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ପୂଜକ କହ୍ନେଇ ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ସୁଆଁଳ ଗ୍ରାମର ଶ୍ରଦ୍ଧାଳୁ ପ୍ରମୋଦ କୁମାର ଦେଓ ଓ ପାଟସୁରା ଗ୍ରାମର ଜଗନ୍ନାଥ ମନ୍ଦିର ମୁଖ୍ୟ ଉଦୟନାଥ ମହାପାତ୍ର ପୂଜା ସଂକଳ୍ପରେ ବସିଥିଲେ। ଗ୍ରାମର ଗୌରଭକ୍ତଙ୍କ ଦ୍ୱାରା ଭଜନ ସଂକୀର୍ତ୍ତନ କରାଯାଇଥିଲା। ସମସ୍ତ ଭକ୍ତଙ୍କ ପାଇଁ ମହାପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପାଟସୁରା, ସୁଆଁଳ, ଭାଲୁକା, କଇଁସୀଆରୀ ଗ୍ରାମର ଶହଶହ ଜଗନ୍ନାଥ ପ୍ରେମୀ ଯୋଗଦାନ କରି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

■ ବିଦ୍ୟାଧରପୁର କେନାଲ ଡିଭିଜନରେ ଦୁର୍ନୀତି

# ଘଟଣା ଚପାଇ ଦେବାକୁ ରାଜନୈତିକ ଚାପ ଅଭିଯୋଗ

ହାଟଡ଼ିହୀ,୨୯।୫(ସମିସ): ବିଦ୍ୟାଧରପୁର କେନାଲ ଡିଭିଜନରେ ହୋଇଥିବା କୋଟି କୋଟି ଟଙ୍କାର ଦୁର୍ନୀତି ଘଟଣାକୁ ଅଧିକ ଖୋଳତାଡ଼ ନକରି ଚପାଇ ଦେବାକୁ ଉଦ୍ୟମ ହେଉଥିବା ଅଭିଯୋଗ ହେଉଛି। ଘଟଣା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜଳସମ୍ପଦ ବିଭାଗ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି। ଜଳସମ୍ପଦ ବିଭାଗର ଦୁର୍ନୀତି ନିବାରଣ ଅଧିକାରୀମାନେ ବିଦ୍ୟାଧରପୁର କେନାଲ ଡିଭିଜନର ବିଭିନ୍ନ ସବ୍‌ଡିଭିଜନକୁ ଯାଇ ଦୁର୍ନୀତି ଅଭିଯୋଗର ତଦନ୍ତ କରିଥିଲେ। ବିଶେଷ କରି ଖଇରା ସବ୍‌ଡିଭିଜନ ଓ ହଦଗଡ଼ ସବଡିଭିଜନରେ ଅଧିକାଂଶ କାମରେ ମିଥ୍ୟା କାମ ଦେଖାଇ ଅନୁଦାନ ହଡ଼ପ କରିଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏପରିକି ଜଣେ ଜଣେ ଠିକାଦାରଙ୍କ ନାମରେ ଆୱାର୍ଡ କାମ ନାମରେ ୩୦ରୁ ୪୦ଲକ୍ଷ ଲେଖାଏ ବଣ୍ଟାଯାଇଛି। କାଗଜପତ୍ରରେ କାମ ହୋଇଥିବା ଦର୍ଶାଯାଇ ଲକ୍ଷ ଲକ୍ଷ ଟଙ୍କା ଉଠାଇ ନିଆଯାଇଛି। ପ୍ରାୟ ୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବାଟମାରଣା ହୋଇଛି ବୋଲି ବିଦ୍ୟାଧରପୁର ବିକାଶ ମଞ୍ଚ ଅଭିଯୋଗ କରିଥିଲା। ଅଭିଯୋଗକୁ ଦୁର୍ବଳ କରିଦେବା ସହିତ ଦୁର୍ନୀତିକୁ ଚାପିଦେବା ପାଇଁ ଏବେ ଜୋରଦାର ପ୍ରୟାସ ଆରମ୍ଭ ହୋଇଥିବା କୁହାଯାଉଛି। ଗତ କିଛିଦିନ ହେଲା ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀମାନେ କିଛି ଠିକାଦାରଙ୍କ ମାଧ୍ୟମରେ ରାଜନୈତିକ ଚାପ ପ୍ରୟୋଗ କରିବା ଆରମ୍ଭ କରିଦେଇଛନ୍ତି। ନେତା, ମନ୍ତ୍ରୀଙ୍କୁ ଭେଟି କିପରି ରଫାଦଫା କରାଯିବ ସେ ନେଇ ଲାଗିପଡ଼ିଛନ୍ତି। ନେତାଙ୍କ ମାଧ୍ୟମରେ ଅଭିଯୋଗକାରୀଙ୍କୁ ଡାକି ଏ ବାବଦରେ ଆଉ ଆଗକୁ ନ ବଢ଼ିବାକୁ କୁହାଯାଇଛି। କିନ୍ତୁ ଅଭିଯୋଗକାରୀମାନେ ଏ ଘଟଣାରେ ଚୁପ ନରହିବାକୁ ନିଷ୍ପତ୍ତି ନେଇଥିବା ଚର୍ଚ୍ଚା ହେଉଛି। କୋଟି କୋଟି ଟଙ୍କାର ହରିଲୁଟରେ ସଂପୃକ୍ତ ଥିବା ଯନ୍ତ୍ରୀ ଓ ଠିକାଦାର ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଇନର ଆଶ୍ରୟ ନେବା ସହିତ ଆନ୍ଦୋଳନକୁ ଓହ୍ଲାଇବାକୁ ବିଦ୍ୟାଧରପୁର ବିକାଶ ମଞ୍ଚର କର୍ମକର୍ତ୍ତାମାନେ କହିଛନ୍ତି।

# ୨ ସାଇକଲ ଚୋରକୁ ବାନ୍ଧିଲା ପୁଲିସ

ଶୁଳିଆପଦା,୨୯।୫(ସମିସ): ଶୁଳିଆପଦା ବ୍ଲକ୍ କାଣୀମହୁଲି ପଞ୍ଚାୟତ ବେଗୁନାଡିହା ଗ୍ରାମରୁ ୨ ଜଣ ସାଇକଲ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଗତ ୨୭ ତାରିଖ ସନ୍ଧ୍ୟାରେ କାଣୀମହୁଲି ବଜାରରୁ ସେହି ଗ୍ରାମର ସଚିନ୍ଦ୍ର ଧଳ ଓ ବେଗୁନାଡିହା ଗ୍ରାମର ସତେନ୍ଦ୍ର ମହାନ୍ତଙ୍କ ସାଇକଲ ଚୋରି ହୋଇଯାଇଥିଲା। ପରେ ସେମାନେ ଖୋଜାଖୋଜି କରିବା ପରେ ବି ସାଇକଲ ପାଇ ନ ଥିଲେ। ଅଭିଯୁକ୍ତ ବେଗୁନାଡିହା ଗ୍ରାମର ପଟା ଓରଫ ସୁରେନ୍ଦ୍ର ବିନ୍ଧାଣି (୩୧) ଓ ସୁକଦେବ ଓରଫ ପ୍ରଦ୍ୟୁମ୍ନ ଟିପିରିଆ(୩୦) ସାଇକଲ ଚଲାଉଥିବା ଦେଖି ଗ୍ରମବାସୀ ପଚରା ଉଚରା କରିଥିଲେ। ପରେ ଉଭୟ ସ୍ୱୀକାର କରିଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ଶୁଳିଆପଦା ଏଏସଆଇ ସନ୍ତୋଷ କୁମାର ନାୟକ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ବାଣଫୁଟି ଯୁବକ ଗୁରୁତର



ଆନନ୍ଦପୁର,୨୯।୫(ସମିସ): ଘସିପୁରା ଥାନା ଅନ୍ତର୍ଗତ ଦରାଖୋଳା ଗ୍ରାମରେ ବାଣ ଫୁଟାଉଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ କାହ୍ନୁ ମୁଣ୍ଡା। ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଆନନ୍ଦପୁର ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଆଜି ଅପରାହ୍ଣରେ କାହ୍ନୁ ହାତରେ ଧରି ବାଣ ଫୁଟାଉଥିବା ବେଳେ ଏଭଳି ଅଘଟଣ ଘଟିଥିଲା।

ମନ୍ଥର ଗତିରେ ଚାଲିଛି କାମ

# ଏନ୍‌ଏଚ୍ ଠିକାସଂସ୍ଥାକୁ ୪୦ ଲକ୍ଷ ଜରିମାନା

ଆନନ୍ଦପୁର,୨୯।୫(ସମିସ):

୨୦ନଂ ଜାତୀୟ ରାଜପଥର ଶାଳପଡ଼ାଠାରେ ଆରମ୍ଭ ହୋଇଥିବା ଅଣ୍ଡରପାସ୍ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ଦୁଇପାଶ୍ୱର୍ ସର୍ଭିସ ରୋଡ୍

- ଜୁଲାଇ ସୁଦ୍ଧା ନିର୍ମାଣ ସାରିବାକୁ ତାଗିଦ
- ସର୍ଭିସ ରୋଡ୍‌ରେ ଫସୁଛି ଯାନବାହନ



ପ୍ରଭାବିତ ହେଉଛି। ଅସରାଏ ବର୍ଷାରେ ଆଣ୍ଠୁଏ ପାଣି ଜମି ରହୁଥିବାରୁ ଯାତାୟତ ସମ୍ପୂର୍ଣ୍ଣ ଠପ ହୋଇପଡୁଛି। ଏହି ସମସ୍ୟା ଆଜକୁ ବର୍ଷେ ଧରି ଲାଗିରହିଥିବାରୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏ ନେଇ ପ୍ରଶାସନ ପକ୍ଷରୁ ଏନ୍‌ଏଚ୍ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ପରେ ଆଜି ଏକ ବୈଠକରେ ତାଗିଦ କରାଯାଇଛି। ନିର୍ମାଣକାରୀ ଠିକା ସଂସ୍ଥାକୁ ବିଳମ୍ବିତ ପ୍ରକ୍ରିୟା ପାଇଁ ୪୦ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ଅଧ୍ୟକ୍ଷତାରେ ଏନ୍‌ଏଚ୍ ଯନ୍ତ୍ରୀ ଅରୁଣ କୁମାର ଦାସ ଓ ମେଗା ପ୍ରକଳ୍ପ କର୍ତ୍ତୃପକ୍ଷ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ତେବେ ଜୁଲାଇ ମାସ ଶେଷ ସୁଦ୍ଧା ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ପ୍ରଶାସନର ତାଗିଦରେ କର୍ତ୍ତୃପକ୍ଷ ସହମତି ପ୍ରକାଶ କରିଛନ୍ତି। ଗତ ୨୦୨୪ ମସିହା ଜୁଲାଇ ମାସରୁ ଅଣ୍ଡରପାସ୍ ନିର୍ମାଣ ଆରମ୍ଭ ହୋଇଛି। ହେଲେ ଏହା ଅତ୍ୟନ୍ତ ମନ୍ଥରଗତିରେ ଚାଲିଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ୨୦ନଂ ଜାତୀୟ ରାଜପଥ ବନ୍ଦ ରହିଥିବାରୁ ବ୍ୟସ୍ତବହୁଳ ଓ ଜନଗହଳିପୂର୍ଣ୍ଣ ଶାଳପଡ଼ା ବଜାର ନିକଟରେ ଜାତୀୟ ରାଜପଥ ଅତିକ୍ରମ କରିବା କଷ୍ଟକର ବ୍ୟାପାର ହୋଇପଡ଼ିଛି। ଆଇଟିଆଇ ନିକଟରେ ରହିଥିବା ଛକ ଉପରେ ଶାଳପଡ଼ା ସହିତ ସେହି ପାଶ୍ୱର୍ରେ ଥିବା ୪ଟି ପଞ୍ଚାୟତର ଜନସାଧାରଣ ନିର୍ଭର କରନ୍ତି। ରାସ୍ତାର ଅପରପାଶ୍ୱର୍ରେ ଜଳସମ୍ପଦ ବିଭାଗ, ଗ୍ରାମ୍ୟଜଳ ଯୋଗାଣ, ଗ୍ରୀଡ୍, କନକମଞ୍ଜରୀ ମହାବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଜଳସମ୍ପଦ ଅତିଥି ଭବନ, କଲ୍ୟାଣମଣ୍ଡପ, ଆର୍‌ଏମ୍‌ସି, ସମବାୟ ନିବନ୍ଧକଙ୍କ କାର୍ଯ୍ୟାଳୟ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ, ଜଗନ୍ନାଥ ମନ୍ଦିର, ପେଟ୍ରୋଲ ପମ୍ପ, ଗ୍ରାମ୍ୟ ନ୍ୟାୟାଳୟ ରହିଥିବାବେଳେ ଲୋକାମାନଙ୍କ ଯାତାୟତରେ ବଡ଼ ସମସ୍ୟା ସୃଷ୍ଟି ହୋଇଛି। ଏଣୁ ଯଥାଶୀଘ୍ର ଏହି ଅଧାପନ୍ତରିଆ ରାସ୍ତା ଓ ଶାଳପଡ଼ା ଅଣ୍ଡରପାସ୍ ନିର୍ମାଣକାର୍ଯ୍ୟ ଶେଷ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

■ ଅଣଦେଖା କରୁଛନ୍ତି ଠିକାଦାର

# ବିଡିଓଙ୍କ ଦ୍ୱାରସ୍ଥ ହେଲେ ଗାଁ ସାଥୀ



ଚମ୍ପୁଆ,୨୯।୫(ସମିସ): କାର୍ଯ୍ୟକ୍ଷେତ୍ରରେ ଗାଁ ସାଥୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ତଥା ପଞ୍ଚାୟତ କର୍ମଚାରୀଠାରୁ ଆରମ୍ଭ କରି ଠିକାଦାରଙ୍କ ପର୍ଯ୍ୟନ୍ତ ସମସ୍ତେ ବିଭିନ୍ନ ସମୟରେ ଅଣଦେଖା କରୁଥିବା ନେଇ ଅଭିଯୋଗ କରିଛନ୍ତି ଗାଁ ସାଥୀ। ଗାଁ ସାଥୀମାନେ ଆଜି ଚମ୍ପୁଆ ବିଡିଓ ସ୍ମୃତି ରଞ୍ଜନ ସାହୁଙ୍କ ଦ୍ୱାରସ୍ଥ ହୋଇ ଏଭଳି ଅଭିଯୋଗ କରିଥିଲେ। ଗାଁ ସାଥୀ ସଂଘ ସଭାପତି ପରମାନନ୍ଦ ମହାନ୍ତ ଓ ସମ୍ପାଦକ ଶଶୀଭୂଷଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଗାଁ ସାଥୀ ବିଡିଓଙ୍କୁ ସାକ୍ଷାତ କରି କାର୍ଯ୍ୟ କ୍ଷେତ୍ରରେ ପଡୁଥିବା ଚାପ, ପଞ୍ଚାୟତ କର୍ମଚାରି, ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୂତରାରେ ଅଣଦେଖା ହୋଇପଡୁଥିବା, ଗାଁ ସାଥୀମାନଙ୍କୁ ଏକାଧିକ କାର୍ଯ୍ୟର ତଦାରଖ ଦାୟିତ୍ୱ ପଡୁଥିବା ନେଇ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନେକ ସମୟରେ ଗାଁ ସାଥୀଙ୍କ କାର୍ଯ୍ୟ ଆରମ୍ଭରେ ସୂଚନା ପ୍ରଦାନ ନକରି କାର୍ଯ୍ୟ ଆରମ୍ଭ ପରେ ତାଙ୍କୁ ଅବଗତ କରାଯାଉଥିବା ଅଭିଯୋଗ ହୋଇଥିଲା। ବିଶେଷ ଭାବରେ ଜଜପଶି ପଞ୍ଚାୟତରେ ଅମୃତ ସରୋବର କାର୍ଯ୍ୟରେ ଗାଁ ସାଥୀର ଭୂମିକାକୁ କ୍ଷୁର୍ଣ୍ଣ କରାଯାଉଥିବା ବେଳେ ବିଭିନ୍ନ ପଞ୍ଚାୟତର ଗାଁ ସାଥୀଙ୍କୁ କାର୍ଯ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଉ ନାହିଁ ବୋଲି ଅଭିଯୋଗ କରିଥିଲେ। ବିଡିଓ ଶ୍ରୀ ସାହୁ ସମସ୍ତ ଅଭିଯୋଗ ଶୁଣିବା ପରେ ଆଗକୁ ଏପରି ପରିସ୍ଥିତି ନ ଉପୁଜିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ଗାଁ ସାଥୀମାନେ ସମସ୍ୟାର ସମ୍ମୁଖୀନ ହେଲେ ତୁରନ୍ତ ବିଡିଓଙ୍କୁ ଅବଗତ କରିବାକୁ ପରାମର୍ଶ ଦେଇଥିଲେ।

# ମାଡ଼ରୁ ଭଉଣୀକୁ ବଞ୍ଚାଇବାକୁ ଯାଇ ଜଣେ ଗୁରୁତର

ତୁରୁମୁଙ୍ଗା,୨୯।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଟାଙ୍ଗରପଡ଼ା ଗୁଡ଼ାସାହିରେ ବୁଧବାର ରାତିରେ ଜଣେ ଯୁବତୀଙ୍କୁ ତାଙ୍କ ଭାଇ ବାଲାରେ ପିଟୁଥିବାବେଳେ ଏହାକୁ ଛଡ଼ାଇବାକୁ ଯାଇ ତାଙ୍କ ମାମୁ ପୁଅ ଗୁରୁତର ହୋଇଛନ୍ତି।

ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପାଟଣା ମେଡିକାଲ ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଭଉଣୀ ମଧ୍ୟ ସଂଜ୍ଞାହୀନ ହୋଇ ପାଟଣା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ ଗୁଡ଼ାସାହିର ଜୟନ ମୁଣ୍ଡାଙ୍କ ଭଉଣୀ ତୁଳସୀଙ୍କ ସହ କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ଜୟନ ଉତ୍‌କ୍ଷିପ୍ତ ହୋଇ ଏକ ବାଲାରେ ଆକ୍ରମଣ କରୁଥିବା ସମୟରେ ମାମୁ ପୁଅ ରବୀନ୍ଦ୍ର ମୁଣ୍ଡା ତୁଳସୀଙ୍କୁ ବଞ୍ଚାଇବାକୁ ଯାଇ ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଥିଲେ। ଖବର ପାଇ ପାଟଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ପାଟଣା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଆକ୍ରମଣ କରିଥିବା ଜୟନ ମୁଣ୍ଡା ଫେରାର ରହିଛି। ଏ ନେଇ ପାଟଣା ଥାନାରେ ଏକ ମାମଲା ରୁଜୁ ହେବା ସହ ପୁଲିସ ଘଟଣାର ତଦନ୍ତ କରୁଛି।

# ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀଙ୍କ ପରଲୋକ



ଆନନ୍ଦପୁର,୨୯।୫(ସମିସ): ଆନନ୍ଦପୁର ନିକଟସ୍ଥ କୋଡ଼ାପଡା ନିବାସୀ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଶଙ୍କର୍ଷଣ ତ୍ରିପାଠୀ (୮୪)ଙ୍କ ଗୁଜୁରାଟର ଅହମଦାବାଦ ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କ ସ୍ତ୍ରୀ, ପୁଅ, ଝିଅ ବୋହୂ, ନାତି ନାତୁଣୀ ଉପସ୍ଥିତ ଥିଲେ। ସେ ୧୯୬୭ମସିହାରେ କେନ୍ଦୁଝର ଜିଲ୍ଲାର ପ୍ରଥମ ଆଇଏଏସ୍ ଅଧିକାରୀ ଥିଲେ। ମୃତ୍ୟୁ ଖବର ଜଣାପଡ଼ିବା ପରେ କୋଡ଼ପଡ଼ା ପରିବାର ଓ କୋଡ଼ପଡ଼ା ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଭାଇ ଶଙ୍କର୍ଷଣ ତ୍ରିପାଠୀଙ୍କ ବାସଭବନରେ ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ ହେବା ଜଣାଯାଇଛି।

# ରଥକାର୍ଯ୍ୟ ତଦାରଖ କଲେ ଚମ୍ପୁଆ ଉପଜିଲ୍ଲାପାଳ

ଚମ୍ପୁଆ,୨୯।୫(ସମିସ): ପବିତ୍ର ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଚାଲୁରହିଥିବା ବେଳେ ଚମ୍ପୁଆ ସଦରମହକୁମାସ୍ଥିତ ଦେବୋତ୍ତର ବିଭାଗ ଅଧୀନରେ ଥିବା ଦଧିବାମନଜିଉଙ୍କ ରଥନିର୍ମାଣ କାର୍ଯ୍ୟକୁ ସ୍ଥାନୀୟ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ତଦାରଖ କରିଛନ୍ତି। ଦୀର୍ଘଦିନରୁ ବ୍ୟବହାର କରାହୋଇ ଆସୁଥିବା ରଥକୁ ପରିବର୍ତ୍ତନ କରାଯିବା ସହିତ ଚଳିତବର୍ଷ ବନବିଭାଗ ସହାୟତାରେ ନୂତନ କାଠ ବ୍ୟବହାର କରାଯାଇ ଏହି ରଥ ନିର୍ମାଣ ଚାଲିଛି। ୧୫ ଜଣ କୁଶଳୀ ରଥ କାରିଗର ଚମ୍ପୁଆ ଯାତ୍ରାପଡ଼ିଆଠାରେ ଏହିରଥ ନିର୍ମାଣ କାର୍ଯ୍ୟରେ ଲାଗିରହିଥିବା ବେଳେ ଜୁନ୍ ୧୫ ତାରିଖ ସୁଦ୍ଧା ରଥକାର୍ଯ୍ୟ ଶେଷ ହୋଇଯିବ ବୋଲି ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି। ପୂର୍ବବର୍ଷ ଭଳି ଚଳିତବର୍ଷ ମଧ୍ୟ ରଥର ଉଚ୍ଚତା ୪୫ ଫୁଟ ରହିବ ବୋଲି ଜଣାଯାଇଛି।

■ ଚୋରା ଖଣିଜ ବୋଝେଇ ବେଳେ ମାଡ଼ି ବସିଲା ପୁଲିସ

# ୩ ଗାଡ଼ି ସହ ଜେସିବି ଜବତ; ଜଣେ ଗିରଫ



ଯୋଡ଼ା,୨୯।୫(ସମିସ): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଜୁରୁଡ଼ି ଗ୍ରାମ ଆନ୍ତ୍ରାମାନ୍ତ୍ରା ନିକଟରେ ଥିବା ଏକ ଖଣିରୁ ବୁଧବାର ରାତିରେ ଚୋରା ଖଣିଜ ଦ୍ରବ୍ୟ ବୋଝେଇବେଳେ ପୁଲିସ ଚଢ଼ଉ କରିଥିଲା। ଚଢ଼ଉବେଳେ ୩ଟି ଗାଡ଼ି ସହ ଜେସିବି ଜବତ କରିଥିବା ଜଣାପଡ଼ିଛି। ଏଥିରେ ସଂପୃକ୍ତ ଜଣଙ୍କୁ ଗିରଫ କରାଯାଇଛି। ଗୁରୁବାର ସକାଳ ସମୟରେ ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ପିଙ୍ଗୁଆ ଏକ ସାମ୍ବାଦିକ ସମ୍ମିଳନୀ କରି ଏ ସମ୍ପର୍କିତ ତଥ୍ୟ ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ଯୋଡ଼ା ଖଣି ଅଞ୍ଚଳରେ ଖଣିଜ ଚୋରି ହେଉଥିବା ଖବର ଜାଣି ପୁଲିସ ସର୍ବଦା ସକ୍ରିୟ ରହିଛି। ଖଣିଜ ଚୋରିବେଳେ ତିନୋଟି ଟ୍ରକ୍, ଗୋଟିଏ ଜେସିବି ମେସିନ ସହ ଲକ୍ଷାଧିକ ଟଙ୍କାର ଲୁହାପଥର ଜବତ ହେବା ସହ ଜଣକୁ ଗିରଫ କରାଯାଇଛି। ଗିରଫ ହୋଇଥିବା ଯୁବକ ଜଣକ ହେଲେ ମୁନା ମହାନ୍ତ। ବାମେବାରୀ ଥାନା କେସ୍ ନମ୍ବର ୮୨/ ୨୦୨୫ରେ ମାମଲା ରୁଜୁ ହୋଇଛି। ତେବେ ଏହି ଖଣିଜ ଚୋରି ଘଟଣାରେ ଆହୁରି ଅନେକ ଲୋକ ସମ୍ପୃକ୍ତ ଥିବା ନେଇ ଏସ୍‌ଡିପିଓ ଶ୍ରୀ ପିଙ୍ଗୁଆ କହିବା ସହ ଘଟଣାର ତଦନ୍ତ ଚଳାଇଛନ୍ତି।

# ଭୀମସେନ ମଲ୍ଲିକ ଚିତ୍ରଡା ଫାଣ୍ଡିର ନୂତନ ଅଧିକାରୀ

ମୋରଡା,୨୯।୫(ସମିସ): ମୋରଡା ନିର୍ବାଚନମଣ୍ଡଳୀର ବିଭିନ୍ନ ଥାନା ଏବଂ ଫାଣ୍ଡିରେ କାର୍ଯ୍ୟରତ ଥିବା ଏଏସଆଇ ମାନଙ୍କ ଗୁରୁବାର ବଦଳି ହୋଇଛି। ଏସ୍‌ପିଙ୍କ କାର୍ଯ୍ୟାଳୟର ଚିଠି ସଂଖ୍ୟା ୧୨୩୦/ଆରଓରେ ଅନୁସାରେ ଚିତ୍ରଡା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନଙ୍କ ଶୁଳିଆପଦା ଥାନାକୁ ବଦଳି ହୋଇଛି। ତାଙ୍କ ସ୍ଥାନରେ ରାଇରଙ୍ଗପୁର କୋର୍ଟରେ କାର୍ଯ୍ୟରତ ଥିବା ଏଏସଆଇ ଭୀମସେନ ମଲ୍ଲିକ ଚିତ୍ରଡା ଫାଣ୍ଡିକୁ ବଦଳି କରାଯାଇଛି। ସେହିପରି ରାସଗୋବିନ୍ଦପୁର ଥାନା ଏଏସଆଇ ସପନ କୁମାର ବିଶ୍ୱାଳଙ୍କ ବୈଶିଙ୍ଗା ଥାନା, ଶୁଳିଆପଦା ଥାନା ଏଏସଆଇ ରସାନନ୍ଦ ମହାନ୍ତିଙ୍କ କୁଆମରା ଫାଣ୍ଡି, ମୋରଡ଼ା ଥାନା ଏଏସଆଇ ମଞ୍ଜୁଲତା ବେହେରାଙ୍କ ରାସଗୋବିନ୍ଦପୁର ଥାନା ଏବଂ ବହଳଦା ଥାନା ଏଏସଆଇ ସ୍ମୃତିରଞ୍ଜନ ସ୍ୱାଇଁଙ୍କ ମୋରଡା ଥାନା, ବାରିପଦା ହେଡକ୍ୱାର୍ଟସରେ କାର୍ଯ୍ୟରତ ଏଏସଆଇ ସମୀର କୁମାର ସେନାପତି ରାସଗୋବିନ୍ଦପୁର ଥାନା, ଅମରେଶ ବାରିକ, ମୋହନ କୁମାର ସାହୁଙ୍କ ମୋରଡା ଥାନାକୁ ବଦଳି ହୋଇଥିବା ଚିଠିରେ ଉଲ୍ଲେଖ ରହିଛି।

ଲୋପ ପାଉଛି ଔଷଧୀୟ ବୃକ୍ଷ

# ଗ୍ରାମାଞ୍ଚଳରେ କମୁଛି ଆୟୁର୍ବେଦ ଚିକିତ୍ସା

ବଡ଼ସାହି,୨୯।୫(ସମିସ):

ପୁରାତନ ଯୁଗରୁ ଚାଲି ଆସୁଥିବା ଆୟୁର୍ବେଦ ଚିକିତ୍ସା ପ୍ରତି ଏବେ ବି ଆଦର ରହିଛି। ବିଜ୍ଞାନର ଅଗ୍ରଗତି ପରେ ବି ଆୟୁର୍ବେଦର ପ୍ରଭାବ ରହିଛି। ଔଷଧୀୟ ବୃକ୍ଷ ଓ ପତ୍ର, ଚେର, ଫଳ, ମୂଳ ଓ ଫୁଲରୁ ପ୍ରସ୍ତୁତ ହେଉଥିବା ଔଷଧ ସେବନ କରି ଲୋକେ ରୋଗରୁ ମୁକ୍ତି ପାଉଛନ୍ତି। ଗାଁ ଗହଳିରେ ରହୁଥିବା ବୈଦ୍ୟମାନେ ଔଷଧ ପ୍ରସ୍ତୁତ କରି ରୋଗୀଙ୍କୁ ଚିକିତ୍ସା କରୁଛନ୍ତି; ମାତ୍ର ଏବେ ଔଷଧୀୟ ବୃକ୍ଷର ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଏହା ଧୀରେ ଧୀରେ ଲୋପ ପାଇବାକୁ ବସିଛି। ଫଳରେ ଆୟୁର୍ବେଦ ଚିକିତ୍ସା କରୁଥିବା ଲୋକେ ନିଜ ବୃତ୍ତିଠାରୁ ଦୂରେଇ ଯାଇଛନ୍ତି। ମୟୂରଭଞ୍ଜ ଜିଲ୍ଲାର ଚତୁଃପାଶ୍ୱର୍ରେ ଘେରି ରହିଛି ଜାତୀୟ ଉଦ୍ୟାନ ଶିମିଳିପାଳ। ଏହି ଘଞ୍ଚ ଜଙ୍ଗଲ ମଧ୍ୟରେ ରହିଛି ଅନେକ ଔଷଧୀୟ ବୃକ୍ଷ। ଆୟୁର୍ବେଦ କବିରାଜମାନେ ଔଷଧୀୟ ଗଛରୁ ଔଷଧ ପ୍ରସ୍ତୁତକରି ରୋଗୀ ସେବା କରୁଛନ୍ତି। ଏମାନଙ୍କ ମଧ୍ୟରୁ ୧୮ଶହ ପାଖାପାଖି ଲାଇସେନ୍ସପ୍ରାପ୍ତ କବିରାଜ ରୋଗୀ ସେବା କରୁଛନ୍ତି। ଏବେ ଡାକ୍ତରଖାନାରେ ଆୟୁଷ ଆୟୁର୍ବେଦ ଡାକ୍ତର ନିଯୁକ୍ତି ପାଇ ଚିକିତ୍ସା ଚଳାଇ ଆସୁଛନ୍ତି। ବିଜ୍ଞାନ ଯୁଗରେ ସରକାର ମଧ୍ୟ ଏହି ଚିକିତ୍ସାକୁ ସ୍ୱୀକୃତି ଦେଇଥିବା ସ୍ପଷ୍ଟ ହୋଇଛି। ଜିଲ୍ଲାରେ ଥିବା ଔଷଧୀୟ ଗଛ ଓ ବଗିଚା ରକ୍ଷଣାବେକ୍ଷଣ ଅଭାବରୁ ଲୋପ ପାଇବାକୁ ବସିଲାଣି। ଏପରିକି ବନ ବିଭାଗର କଟକଣା ପାଇଁ



ସ୍ଥାନୀୟ ବୈଦ୍ୟମାନେ ଶିମିଳିପାଳ ଜାତୀୟ ଉଦ୍ୟାନରୁ ଔଷଧୀୟ ବୃକ୍ଷ ପାଇପାରୁ ନାହାନ୍ତି। ଫଳରେ ଆୟୁର୍ବେଦ ଚିକିତ୍ସା ଦିନକୁ ଦିନ କମିବାରେ ଲାଗିଛି। ଆୟୁର୍ବେଦ ଚିକିତ୍ସାରେ ଅର୍ଶ, ଭଗନ୍ଦର, କାମଳ, ପକ୍ଷାଘାତ, ସନ୍ଧିବାତ, ମଧୁମେହ, ଅମ୍ଳପିତ, ଗ୍ରହଣୀ, ଅତିସାର, ଜଳ ରକ୍ତଚାପ ଓ ହାଡଭଙ୍ଗା ଆଦି ରୋଗର ସଫଳ ଚିକିତ୍ସା କରାଯାଇପାରୁଛି ବୋଲି ଡାକ୍ତର ସନତ ଦାଶ ପ୍ରକାଶ କରିଛନ୍ତି। ଆବଶ୍ୟକତା ଅନୁସାରେ ଅଁଳା, ହରିଡା, ବାହାଡା, ଅଶୋକା, ପିଙ୍ଗୁଆଁରୀ, ତୁଳସୀ, କରଞ୍ଜ, ନିମ୍ବ, ଗୁଡମାରୀ, ଅନନ୍ତମୂଳ, ଶତାବରୀ, ପାତାଳଗରୁଡ ଆଦି ବହୁ ଔଷଧୀୟ ଗଛ ଧୀରେ ଧୀରେ କମିବାକୁ ବସିଛି। ଶିମିଳିପାଳ ସଂଲଗ୍ନ ଅଞ୍ଚଳରୁ ଅନନ୍ତମୂଳ, ଭୂଇଁ ନିମ୍ବ, ଶତାବରୀ ଆଦି ବହୁ ଔଷଧୀୟ ଦ୍ରବ୍ୟ ବାହାର ରାଜ୍ୟ ଓ ପଡୋଶୀ ଜିଲ୍ଲାକୁ ଚୋରାରେ ଚାଲାଣ କରାଯାଉଛି। ଏହାକୁ ରୋକାଯାଇପାରିଲେ ଜିଲ୍ଲାରେ ଥିବା ବୈଦ୍ୟମାନେ ଏହାକୁ ବ୍ୟବହାର କରି ସୁଲଭ ମୂଲ୍ୟରେ ଔଷଧ ବଜାରରେ ବିକ୍ରି କରିପାରନ୍ତେ। ଏଭଳି ସ୍ଥିତିରେ ଆୟୁର୍ବେଦ ଚିକିତ୍ସାରୁ ଦୂରେଇ ଯାଇ ବୈଦ୍ୟମାନେ ଅନ୍ୟ କାମଧନ୍ଦା କରି ପରିବାର ଭରଣ ପୋଷଣ କରୁଛନ୍ତି। ଜିଲ୍ଲାରେ ଥିବା ଔଷଧୀୟ ବଗିଚାଗୁଡ଼ିକର ପୁନରୁଦ୍ଧାର କରିବା ସହିତ ଗ୍ରାମାଞ୍ଚଳରେ ରହୁଥିବା ବୈଦ୍ୟମାନଙ୍କୁ ସରକାରୀସ୍ତରରେ ତାଲିମ ଦିଆଗଲେ ଏହି ଚିକିତ୍ସା ବଞ୍ଚି ରହିବ ବୋଲି ବୈଦ୍ୟ ମନୋରଞ୍ଜନ ବାରିକ ପ୍ରକାଶ କରିଛନ୍ତି। ସେହିପରି ପ୍ରତି ବ୍ଲକରେ ଔଷଧୀୟ ଉଦ୍ୟାନ ସୃଷ୍ଟି କରି ଔଷଧୀୟ ବୃକ୍ଷଲତାର ସୁରକ୍ଷା ରକ୍ଷଣାବେକ୍ଷଣ ତଥା ଏହାର ବୃଦ୍ଧି ନିମନ୍ତେ ସରକାରୀ ପ୍ରୋତ୍ସାହନ ଯୋଗାଇଦେଲେ ଏହି ଚିକିତ୍ସା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିବ ବୋଲି ମତପ୍ରକାଶ ପାଇଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଔଷଧୀୟ ଜଙ୍ଗଲ ସୃଷ୍ଟି କରାଗଲେ ପରିବେଶ ସୁରକ୍ଷିତ ରହିବା ସହିତ ଆୟୁର୍ବେଦୀୟ ଔଷଧୀୟ ପ୍ରସ୍ତୁତିର ସହାୟକ ହୋଇପାରନ୍ତା ବୋଲି ଡାକ୍ତର ସନତ କୁମାର ଦାଶ କହିଛନ୍ତି। ପ୍ରତି ବ୍ଲକରେ ଔଷଧୀୟ ବଗିଚା ସହିତ ଜିଲ୍ଲାରେ ଏକ ଗବେଷଣାକେନ୍ଦ୍ର ସ୍ଥାପନ କରିବାକୁ ଦାବି ହୋଇଛି।

# ମହାପ୍ରଭୁଙ୍କ ଦର୍ଶନ କଲେ ଆକାଶ ଅମ୍ବାନୀ



ପୁରୀ, ୨୯।୫(ସମିସ): ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି ଭାରତର ବିଶିଷ୍ଟ ଶିଳ୍ପପତି ତଥା ରିଲାଏନ୍ସ ଜିଓର ପ୍ରତିଷ୍ଠାତା ମୁକେଶ ଅମ୍ବାନୀଙ୍କ ବଡ଼ପୁଅ ଆକାଶ ଅମ୍ବାନୀ। ବୁଧବାର ବିଳମ୍ବିତ ରାତିରେ ଆକାଶ କଡ଼ା ସୁରକ୍ଷା ମଧ୍ୟରେ ଆସି ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ସିଂହଦ୍ୱାର ଥାନା ପାଖରେ ଶ୍ରୀମନ୍ଦିର ପ୍ରଶାସନ, ପୁଲିସ ଏବଂ ତାଙ୍କର କୌଳିକପଣ୍ଡା ସମେତ ଅନ୍ୟ ବରିଷ୍ଠ ସେବାୟତ ସ୍ୱାଗତ କରିଥିଲେ। ପରେ ତାଙ୍କୁ ଶ୍ରୀମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ଯେହେତୁ ବୁଧବାର ଠାକୁରଙ୍କ ବନକଲାଗି ଥିଲା, ନୀତିକାନ୍ତି ବିଳମ୍ବରେ ଚାଲିଥିଲା। ଆକାଶ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଢ଼ା ପରିସର ବୁଲି ଅନ୍ୟ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ପ୍ରାୟ ଅଧଘଣ୍ଟା ମନ୍ଦିରରେ ସମୟ ଅତିବାହିତ କରିଥିବା ବେଳେ ୧୫ ମିନିଟ୍ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ମହାପ୍ରଭୁଙ୍କ ଦର୍ଶନ କରି ଆକାଶ ବେଶ୍ ଖୁସି ପ୍ରକଟ କରିଥିଲେ ବୋଲି କହିଛନ୍ତି ତାଙ୍କର କୌଳିକପଣ୍ଡା ଜଗନ୍ନାଥ କର। ଶ୍ରୀମନ୍ଦିରରୁ ପ୍ରତ୍ୟାବର୍ତ୍ତନ ସମୟରେ ମନ୍ଦିର ପ୍ରଶାସନ ତରଫରୁ ତାଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ଠାକୁରଙ୍କ ପ୍ରତିମୂର୍ତ୍ତି ଆଦି ପ୍ରଦାନ କରାଯାଇଥିଲା। ସେ ମଧ୍ୟ ଏକ ଖାମ୍‌ରେ ମନ୍ଦିର ପାଇଁ ଚେକ୍ ଦେଇଥିବା ସୂଚନା ମିଳିଛି। କିନ୍ତୁ କେତେ ଟଙ୍କା ତାହା ଜଣାପଡ଼ିନାହିଁ।

ସୂଚନା ଥାଉକି, ମୁକେଶ ଅମ୍ବାନୀଙ୍କ ସାନପୁଅ ଅନନ୍ତ ଅମ୍ବାନୀ ତାଙ୍କ ବିବାହ ପୂର୍ବରୁ ଗତବର୍ଷ ଏପ୍ରିଲ ୧୬ ତାରିଖରେ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ସେ ଶ୍ରୀମନ୍ଦିର ପ୍ରଶାସନକୁ ୨.୫କୋଟି ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

# ସରକାରଙ୍କ ବର୍ଷପୂର୍ତ୍ତି ପ୍ରସ୍ତୁତି; ଜବାବ ଦେବାକୁ ବିରୋଧୀଙ୍କ ସଜବାଜ

ଭୁବନେଶ୍ୱର,୨୯।୫(ସମିସ): ଆଉ ଦିନ କେଇଟା ପରେ ରାଜ୍ୟରେ ବିଜେପି ସରକାର ପାଳିବେ ଶାସନର ଏକ ବର୍ଷ ପୂର୍ତ୍ତି ଉତ୍ସବ। ରାଜ୍ୟବ୍ୟାପୀ ଏହି ଉତ୍ସବ ପାଳନ କରାଯିବ। ଏଥିପାଇଁ ରାଜ୍ୟଠାରୁ ଜିଲ୍ଲା ଓ ବ୍ଲକ୍ ପ୍ରଶାସନିକ ସ୍ତରରେ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରି ରାଜ୍ୟବାସୀଙ୍କୁ ଡବଲ ଇଂଜିନ ସରକାରରେ ପ୍ରଥମ ବର୍ଷର କାର୍ଯ୍ୟ ବିଷୟରେ ଅବଗତ କରାଇବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ରାଜ୍ୟ ସରକାରଙ୍କ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଭିତରେ ସରକାରଙ୍କୁ ଘେରିବାକୁ ବିରୋଧୀ ମଧ୍ୟ ପ୍ରସ୍ତୁତ ହେଉଛନ୍ତି। ସରକାର ଦେଇଥିବା ପ୍ରତଶ୍ରୁତି ପୂରଣରେ ବିଫଳ ଓ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତିକୁ ନେଇ ସୃଷ୍ଟି ହୋଇଥିବା ଆହ୍ୱାନ ସହ ଲୋକଙ୍କୁ ବିଜେପି ସରକାରର ବିଫଳତା ଜଣାଇବାକୁ ଉଭୟ ବିଜେଡି ଓ କଂଗ୍ରେସ ଯୋଜନା କରୁଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ବିଜେପି ସରକାର ବର୍ଷପୂର୍ତ୍ତି ଉତ୍ସବ ପାଳନ ପାଇଁ ସାରାରାଜ୍ୟରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରିବେ। ଅନେକ ସାମ୍ବାଦିକଙ୍କଠାରୁ ଆରମ୍ଭ କରି ଶିଳ୍ପ ସଂସ୍ଥାର କର୍ତ୍ତୃପକ୍ଷ ଓ ସ୍ୱେଚ୍ଛାସେବୀ ସଂଗଠନ ମୁଖ୍ୟ ଆଦିଙ୍କୁ ଭୋଜି ଦିଆଯିବ। ଏଥିରେ ନେତା ଓ ମନ୍ତ୍ରୀ ମଧ୍ୟ ସାମିଲ ହେବେ। ସେହିପରି ନୂଆ ଯୋଜନା ଓ ସଫଳତାର ଏକ ପୁସ୍ତିକା ଓ ପକେଟ୍ ବୁକ୍ ସାଙ୍ଗକୁ ଥିମ୍ ସଙ୍ଗ୍ ଏବଂ ଡକ୍ୟୁମେଣ୍ଟାରୀ ଫିଲ୍ମ ଆଦି ତିଆରି କରାଯାଉଛି। ୧୨ ଜୁନ୍‌ରେ ଜନତା ମୈଦାନରେ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଥିବା ବେଳେ ଏଠାରେ ରାଜ୍ୟର ପ୍ରମୁଖ ବିଭାଗଗୁଡ଼ିକ ସରକାରୀ ଯୋଜନାର ପ୍ରଚାର ପ୍ରସାର ସହିତ ସନ୍ଧ୍ୟାରେ ବିରାଟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନା ହେବ। ଜୁନ୍ ୧୩ ତାରିଖରେ ବ୍ରହ୍ମପୁରରେ ନାରୀ ଶକ୍ତି ସମାବେଶ ସାଙ୍ଗକୁ ଜୁନ୍ ୧୮ରେ ଢେଙ୍କାନାଳରେ ଯୁବ ଶକ୍ତି ସମାବେଶ, ଜୁନ୍ ୧୯ରେ ମୟୂରଭଞ୍ଜରେ ଆଦିବାସୀ ଶକ୍ତି ସମାବେଶ ଓ ୨୦ରେ ବରଗଡ଼ରେ ଚାଷୀ ଶକ୍ତି ନାମରେ ଏକ ବିରାଟ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଯୋଜନା ପ୍ରସ୍ତୁତ ହୋଇଛି। ସାରା ରାଜ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଭୁବନେଶ୍ୱରରେ ପ୍ରାୟ ସବୁ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ।

- **ରାଜ୍ୟବ୍ୟାପୀ ସରକାର ପାଳନ କରିବେ କାର୍ଯ୍ୟକ୍ରମ, ସମାବେଶ**
- **ଓଡ଼ିଶାବାସୀ ବିଜେଡିର ସ୍ୱର ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଜବାବ ଦେବେ: ଅରୁଣ**
- **ଲୋକଙ୍କୁ ଠକି ଲୋକଙ୍କ ପଇସାରେ ଉତ୍ସବ; ଇଏ କେବଳ ରଙ୍ଗ ବଦଳାଇବା ସରକାର: ତାରା**

ସରକାର ଜୁନ୍ ୧୨ରେ ବର୍ଷପୂର୍ତ୍ତି ଉତ୍ସବ ପାଳନ କରୁଥିବା ବେଳେ ବିଜେଡି ମଧ୍ୟ ସରକାରଙ୍କ ମୁଖା ଖୋଲିବାକୁ ପ୍ରସ୍ତୁତ ହେଉଛି। ସରକାରଙ୍କ ଏଭଳି କାର୍ଯ୍ୟକ୍ରମ ନେଇ ବରିଷ୍ଠ ବିଜେଡି ନେତା ଡ. ଅରୁଣ ସାହୁ କହିଛନ୍ତି, ମିଛ କାହାଣୀକୁ ସତ ଜବାବ ଦିଆଯିବ। ଓଡ଼ିଶାବାସୀ ବିଜେଡିର ସ୍ୱର ମାଧ୍ୟମରେ ସରକାରଙ୍କୁ ଜବାବ ଦେବେ। ବର୍ଷସାରା ସେମାନେ ପ୍ରଚାର କରୁଛନ୍ତି; ହେଲେ ତାଙ୍କ ସଭାରେ ତିନି ଭାଗ ଚେୟାର ଫାଙ୍କା ପଡୁଛି। କୌଣସି ପ୍ରତଶ୍ରୁତି ସେମାନେ ପୂରଣ କରି ନ ଥିବାରୁ ବିଜେଡି ଏହାର ଜବାବ ଦେବ ବୋଲି ଡ. ସାହୁ କହିଛନ୍ତି।

ସେହିପରି ବରିଷ୍ଠ କଂଗ୍ରେସ ନେତା ତାରା ପ୍ରସାଦ ବାହୀନିପତି କହିଛନ୍ତି, ଏଭଳି କାର୍ଯ୍ୟକ୍ରମ ଗରିବ ଲୋକଙ୍କ ଟିକସ ପଇସାରେ କରାଯିବ। ସରକାର ବିକାଶ ନୁହେଁ; ବିନାଶ କରିଛନ୍ତି। ସରକାର ୩୦୦ ୟୁନିଟ୍ ମାଗଣା ବିଜୁଳି ଦେବାରେ ବିଫଳ ହୋଇଛନ୍ତି। ଦାଦନ ବନ୍ଦ କରି ପାରିନାହାନ୍ତି। ମହିଳାଙ୍କ ସୁରକ୍ଷା, ବେକାରୀ ଯୁବକଙ୍କ ଚାକିରି, ମହିଳାଙ୍କୁ ବର୍ଷକୁ ୫୦ ହଜାର ଦେବା ଭଳି ଯୋଜନାର ପ୍ରତିଶ୍ରୁତି ଦେଇ ଫେଲ୍ ମାରିଛନ୍ତି। କଟ୍‌ନୀଛଟନୀ ବନ୍ଦ ବଦଳରେ ଏହାକୁ ବଢ଼ାଇ ଚାଷୀଙ୍କୁ ଉପହାସ କରିଛନ୍ତି। ସରକାର କେବଳ ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଆଖିରେ ରଖି ସରକାରୀ ପଇସାରେ ଡିଣ୍ଡିମ ପିଟିବାକୁ ବାହାରିଛନ୍ତି। ଲୋକେ ବୁଝି ସାରିଲେଣି। ଇଏ କେବଳ ରଙ୍ଗ ବଦଳାଇବା ସରକାର। କଂଗ୍ରେସ ଘରେ ଘରେ ପହଞ୍ଚିବ ଓ ଦୁର୍ନୀତି ବିଷୟରେ ଲୋକଙ୍କୁ ଅବଗତ କରାଇବ। ଲୋକଙ୍କୁ ଏ ସଂପର୍କରେ ଅବଗତ କରାଯିବ ବୋଲି ଶ୍ରୀ ବାହୀନିପତି କହିଛନ୍ତି।

# ଟାଇମ୍ସ ନାଓ ବିଜିନେସ୍ ଏକ୍ସିଲେନ୍ସ ଆୱାର୍ଡରେ ସୋଆକୁ ୮ ସମ୍ମାନ




ଭୁବନେଶ୍ୱର,୨୯।୫ (ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇଞ୍ଜିନିୟରିଂ, ଆଇନ ଏବଂ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନକୁ ପୂର୍ବ ଭାରତର ଶ୍ରେଷ୍ଠ ଶିକ୍ଷାକେନ୍ଦ୍ର ଭାବେ ଟାଇମ୍ସ ନାଓ ବିଜିନେସ୍ ଏକ୍ସିଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଛି। କୋଲକାତାଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଟାଇମ୍ସ ନାଓ ବିଜିନେସ୍ ଏକ୍ସିଲେନ୍ସ ଆୱାର୍ଡ- ଇଷ୍ଟ ୨୦୨୫ ଅବସରରେ ସୋଆର ୩ଟି ଶିକ୍ଷାନୁଷ୍ଠାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର), ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' (ଏସ୍‌ଏନ୍‌ଆଇଏଲ୍) ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)କୁ ପୂର୍ବ ଭାରତର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ ସମ୍ମାନିତ କରାଯାଇଛି। ସେହିପରି ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଅଙ୍କୋଲୋଜି, କାର୍ଡିଓଲୋଜି ଆଣ୍ଡ କାର୍ଡିଆକ୍ ସର୍ଜରୀ, ୟୁରୋଲୋଜି, ନ୍ୟୁରୋଲୋଜି ଏବଂ ନେଫ୍ରୋଲୋଜି ବିଭାଗ ଗୁଡ଼ିକୁ ଓଡ଼ିଶାର ମଲ୍ଟିସ୍ପେଶିଆଲିଟି ହସ୍ପିଟାଲଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ବିଭାଗ ଭାବେ ସମ୍ମାନ ପ୍ରଦାନ କରାଯାଇଛି।

ବଲିଉଡ୍ ଅଭିନେତ୍ରୀ ନିମ୍ରତ କୌର୍ ଏହି ସମ୍ମାନଗୁଡ଼ିକୁ ପ୍ରଦାନ କରିଥିବା ବେଳେ ଟାଇମ୍‌ସ ନେଟୱର୍କ ଡିଜିଟାଲ୍‌ର ପରିଚାଳନା ନିର୍ଦ୍ଦେଶିକା ପୂଜା ସେଠୀ, ବଲିଉଡ୍ ଅଭିନେତା ତଥା ଚଳଚ୍ଚିତ୍ର ନିର୍ମାତା ପରମବ୍ରତ ଚାଟାର୍ଜୀ, ଚଳଚ୍ଚିତ୍ର ନିର୍ମାତା ନନ୍ଦିତା ରାୟ, ଶିବପ୍ରସାଦ ମୁଖାର୍ଜୀ ଏବଂ ଚଳଚ୍ଚିତ୍ର ନିର୍ଦ୍ଦେଶକ ରାଜ ଚକ୍ରବର୍ତ୍ତୀ, ଟାଇମ୍ସ ନେଟୱାର୍କର ଆସିଷ୍ଟାଣ୍ଟ ଭାଇସ୍ ପ୍ରେସିଡେଣ୍ଟ ବିମାନ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସୋଆ ପକ୍ଷରୁ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ କର୍ପୋରେଟ୍ ରିଲେସନ୍ସ ଓ ଇଣ୍ଡଷ୍ଟ୍ରି ଏନ୍‌ଗେଜମେଣ୍ଟ ଦୀପ୍ତି ରଞ୍ଜନ ଦାଶ ଏବଂ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ଶୁଭଦର୍ଶିନୀ ମିଶ୍ର ଅତିଥିମାନଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ।

# ନୌସେନା, ତଟରକ୍ଷୀ ବାହିନୀ ସହ କିଟ୍‌ର ଦୁଇ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୨୯।୫(ସମିସ): ଶିକ୍ଷାଗତ ସଶକ୍ତୀକରଣ ଏବଂ ଅନ୍ତର୍ଭୁକ୍ତିମୂଳକ ରାଷ୍ଟ୍ର ନିର୍ମାଣ ଦିଗରେ ଏକ ପଦକ୍ଷେପସ୍ୱରୂପ, କିଟ୍ ବିଶ୍ୱବିଦ୍ୟାଳୟ, ଭାରତୀୟ ନୌସେନା ଓ ଭାରତୀୟ ତଟରକ୍ଷୀ ମଧ୍ୟରେ ଦୁଇଟି ଅଲଗା ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣାପତ୍ରରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ ଏବଂ ନୌସେନା ସ୍ତ୍ରୀ କଲ୍ୟାଣ ସଂଘର ସଭାପତି ଶଶି ତ୍ରିପାଠି ଏବଂ ନୌସେନା ଶିକ୍ଷା ଅଧିକାରୀ କମୋଡୋର ଏସଏମ୍ ଉରୁଜ ଆଥାର୍ ସ୍ୱାକ୍ଷର କରିଛନ୍ତି।

ବୁଝାମଣାପତ୍ର ଅନୁସାରେ, କିଟ୍ ବିଶ୍ୱବିଦ୍ୟାଳୟରେ ନୌସେନା କର୍ମଚାରୀ ଏବଂ ସେମାନଙ୍କ ପରିବାର ପିଲାଙ୍କ ପାଇଁ ଛାତ୍ରବୃତ୍ତି, ଟ୍ୟୁସନ୍ ଫି' ଛାଡ଼ ଏବଂ ବିଭିନ୍ନ ପାଠ୍ୟକ୍ରମରେ ସିଟ୍ ସଂରକ୍ଷିତ ରଖାଯିବ। ସେମାନଙ୍କ ପିଲାଙ୍କ ପାଇଁ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ଦୁଇଟି ସିଟ୍ ପାଇଁ ୧୦ ପ୍ରତିଶତ ଟ୍ୟୁସନ୍ ଫି' ଛାଡ଼, ବିଡିଏସ୍ଏବଂ ବିଏସ୍‌ସି ନର୍ସିଂରେ ୫ଟି ସିଟ୍ ସଂରକ୍ଷଣ, ବି.ଟେକ୍ (କମ୍ପ୍ୟୁଟର ବିଜ୍ଞାନ ଏବଂ ଆନୁଷଙ୍ଗିକ ପାଠ୍ୟକ୍ରମ)ରେ ୪ଟି ସିଟ୍ ସଂରକ୍ଷଣ ଏବଂ କାର୍ଯ୍ୟରତ ନୌସେନା ଅଧିକାରୀଙ୍କ ପିଲାମାନଙ୍କ ପାଇଁ ଅନ୍ୟ ସମସ୍ତ ଅଣ-ଡାକ୍ତରୀ ପାଠ୍ୟକ୍ରମରେ ୫୦ ପ୍ରତିଶତ ଇନ୍‌ଷ୍ଟିଚ୍ୟୁସନାଲ୍ ଫି ଛାତ୍ରବୃତ୍ତି ସହ ସେମାନଙ୍କୁ ଆବଶ୍ୟକ ସିଟ୍ ପ୍ରଦାନ କରାଯିବ।




ସେହିପରି କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ତଟରକ୍ଷୀର କୋଷ୍ଟଗାର୍ଡ ୱେଲଫେୟାର୍ ଆଣ୍ଡ ୱେଲନେସ୍ ସଂଘ ମଧ୍ୟରେ ଅନ୍ୟ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏଥିରେ ମଧ୍ୟ ଭାରତୀୟ ତଟରକ୍ଷୀରେ କର୍ମଚାରୀଙ୍କ ପିଲାଙ୍କ ପାଇଁ କିଟ୍ ବିଶ୍ୱବିଦ୍ୟାଳୟରେ ଇନ୍‌ଷ୍ଟିଚ୍ୟୁସନାଲ୍ ଫି' ଉପରେ ୧୦ ପ୍ରତିଶତ ବୃତ୍ତି ସହ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ୨ଟି, ବିଡିଏସ୍‌ରେ ୫ଟି, ବିଏସ୍ସି ନର୍ସିଂରେ ୫ଟି ସିଟ୍ ସଂରକ୍ଷିତ ରଖାଯିବ। ଏହାବ୍ୟତୀତ କମ୍ପ୍ୟୁଟର୍ ସାଇନ୍ସ ଓ ତତ୍ ସମ୍ପର୍କିତ ଅନ୍ୟାନ୍ୟ ବିଟେକ୍ ପାଠ୍ୟକ୍ରମରେ ୪ଟି ସିଟ୍ ସେମାନଙ୍କ ପାଇଁ ସଂରକ୍ଷିତ ରହିବ। ଅନ୍ୟାନ୍ୟ ସମସ୍ତ ଅଣ-ଡାକ୍ତରୀ ପାଠ୍ୟକ୍ରମରେ ସେମାନଙ୍କ ପିଲାଙ୍କ ପାଇଁ ଇନ୍‌ଷ୍ଟିଚ୍ୟୁସନାଲ୍ ଫି' ଉପରେ ୫୦ ପ୍ରତିଶତ ବୃତ୍ତି ପ୍ରଦାନ କରାଯିବ। ଏହି ସହଯୋଗ କିଟ୍‌ର ଜାତୀୟ ସେବା ଏବଂ ସାମାଜିକ ଦାୟିତ୍ୱବୋଧ ପ୍ରତି ଦୀର୍ଘସ୍ଥାୟୀ ପ୍ରତିବଦ୍ଧତା ପ୍ରତିପାଦିତ କରୁଛି ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି।

# ବିଶ୍ୱ ବାଣିଜ୍ୟ

## ମୁଦ୍ରା ବିନିମୟ ମୂଲ୍ୟ

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୭୫ • ପାଉଣ୍ଡ ୧୧୫.୩୮
- ୟୁରୋ ୯୭.୭୫୩ • ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୮,୯୫୦ (ନୂଆଦିଲ୍ଲୀ)
- ରୁପା : ୯୯,୧୦୦ (କେଜି)

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୬୩୩.୦୦
- ନିଫ୍ଟି ୨୪,୮୩୩.୦୦

## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ଟ୍ରମ୍ପଙ୍କ ଶୁଳ୍କରେ ରୋକ୍ ଲଗାଇଲେ ଆମେରିକା କୋର୍ଟ

## ଅର୍ଥନୀତିର ଦ୍ୱାହି ଦେଇ କିଛି ବି କରିବା ଭୁଲ

ନୂଆଦିଲ୍ଲୀ,୨୯।୫(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ନୀତିରେ ଲାଗିଛି ରୋକ୍। ଟ୍ରମ୍ପଙ୍କ ଯେଉଁ ନୀତି କାରଣରୁ ସାରା ବିଶ୍ୱରେ ଆରମ୍ଭ ହୋଇଛି ବାଣିଜ୍ୟିକ ଯୁଦ୍ଧ। ମୁହାଁମୁହିଁ ହୋଇଛନ୍ତି ଆମେରିକା-ଚୀନ୍। ଅବଶ୍ୟ ଏହି ନୀତି ଉପରେ ବେ ସାମୟିକ ଭାବେ ରୋକ୍ ଲାଗିଛି। ଆମେରିକା କୋର୍ଟ ଟ୍ରମ୍ପଙ୍କ ଶୁଳ୍କ ଉପରେ ରୋକ୍ ଲଗାଇଛନ୍ତି। ଏହା ସତ୍ତ୍ୱେ ଟ୍ରମ୍ପ ଆଗକୁ ପୁଣି ଥରେ ଶୁଳ୍କ ଲଗାଇପାରନ୍ତି ବୋଲି ଆଶଙ୍କା କରାଯାଇଛି। ଶୁଳ୍କ ନୀତି ବିରୋଧରେ ହୋଇଥିବା ଆବେଦନର ଶୁଣାଣି କରି ଅଦାଲତ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି।

ଟ୍ରମ୍ପଙ୍କ ଟାରିଫ୍ ନୀତି ଉପରେ ରୋକ ଲଗାଇଲେ ଆମେରିକାର ଫେଡେରାଲ ଟ୍ରେଡ କୋର୍ଟ। ଏହି ଶୁଳ୍କ ନୀତି ଅସାମ୍ବିଧାନିକ ଦର୍ଶାଇ କୋର୍ଟ ଏହି ରୋକ୍ ଲଗାଇଛନ୍ତି। କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି, ଟ୍ରମ୍ପ ନିଜ ଶକ୍ତିର ଦୁରୁପଯୋଗ କରିଛନ୍ତି। ସେ ନିଜ ଶକ୍ତିର ଦୁରୁପଯୋଗ କରି ସମ୍ବିଧାନର ନିୟମ ବାହାରକୁ ଯାଇ ଏହି ଟାରିଫ୍ ଲଗାଇବାକୁ ଚେଷ୍ଟା କରିଛନ୍ତି। ମ୍ୟାନହାଟନର ଫେଡେରାଲ କୋର୍ଟ ଅଫ୍ ଇଣ୍ଟରନାସନାଲ ଟ୍ରେଡର ତିନି ବିଚାରପତିଙ୍କ ବେଞ୍ଚ କହିଛନ୍ତି, ଟ୍ରମ୍ପ ଅନ୍ତର୍ଜାତୀୟଇମରଜେନ୍ସୀଇକୋନୋମିକ ପାୱାର୍ସ ଆକ୍ଟ (ଆଇଇଇପିଏ)ର ଅପବ୍ୟବହାର କରିଛନ୍ତି। ଏହି ଆଇନ ରାଷ୍ଟ୍ରପତିଙ୍କୁ ଜରୁରୀକାଳୀନ ସ୍ଥିତିରେ ଏଭଳି ଶକ୍ତି ଦେଇଥାଏ, କିନ୍ତୁ ଟ୍ରମ୍ପ ଏହାକୁ ବିନା କୌଣସି ଦୃଢ଼ କାରଣ ନଥାଇ ବ୍ୟବହାର କରିଛନ୍ତି।

ସୂଚନା ଥାଉକି, ଟ୍ରମ୍ପଙ୍କ ଟାରିଫ୍ ନୀତି ବିରୋଧରେ ଲିବର୍ଟୀ ଜଷ୍ଟିସ ସେଣ୍ଟରରେ ୫ ଛୋଟ ଆମେରିକୀୟ ବ୍ୟବସାୟୀ ଏବଂ ୧୨ ଆମେରିକୀୟ ଆମଦାନୀକାରୀ ମଧ୍ୟ ମାମଲା ରୁଜୁ କରାଇଥିଲେ। ଏମାନେ ଯୁକ୍ତି ରଖିଥିଲେ, ଟାରିଫ୍ କାରଣରୁ ଛୋଟ ବ୍ୟବସାୟୀଙ୍କୁ ବଡ଼ କ୍ଷତି ହେଉଛି। କାରଣ ଆମଦାନୀ ହେଉଥିବା ସାମଗ୍ରୀର ଦାମ ବଢ଼ିବା କାରଣରୁ ତାହାର ଖର୍ଚ୍ଚ ବଢୁଛି। ତେବେ କୋର୍ଟ ଏହି ଆବେଦନକୁ ଯଥାର୍ଥ ବୋଲି କହିବା ସହ କହିଛନ୍ତି ରାଷ୍ଟ୍ରପତିଙ୍କ ପାଖରେ ଏତେ ବଡ଼ ପରିମାଣରେ ଟାରିଫ୍ ଲଗାଇବା ପାଇଁ ସାମ୍ବିଧାନିକ ଅଧିକାର ନାହିଁ।



ଅପରପକ୍ଷେ କୋର୍ଟଙ୍କ ଏହି ନିଷ୍ପତ୍ତି ବିରୋଧରେ ଉପର କୋର୍ଟରେ ଅପିଲ କରିବ ଟ୍ରମ୍ପ ପ୍ରଶାସନର। ଟ୍ରମ୍ପ ନିଜ ସୋସିଆଲ ମିଡିଆ ସାଇଟରେ ଦାବି କରିଛନ୍ତି ଯେ, ତାଙ୍କ ଶୁଳ୍କ ନୀତି 'ଆମେରିକାକୁ ପୁଣି ଥରେ ମହାନ କରିବା' ପାଇଁ ଜରୁରୀ ଥିଲା। ଅବଶ୍ୟ କୋର୍ଟ ପରାମର୍ଶ ଦେଇଛନ୍ତି ଯେ, ଟ୍ରମ୍ପ ଟ୍ରେଡ ଆକ୍ଟ ୧୯୭୪ର ଧାରା ୧୨୨ ଅନ୍ତର୍ଗତ ୧୫୦ ଦିନ ପାଇଁ ୧୫% ପର୍ଯ୍ୟନ୍ତ ଟାରିଫ ଲଗାଇପାରିବେ। କିନ୍ତୁ ଏଥିପାଇଁ ମଧ୍ୟ ଠୋସ ଆଧାର ଦରକାର। ତେବେ ଟ୍ରମ୍ପ ପ୍ରଶାସନର ଅପିଲ ଏବଂ କୋର୍ଟଙ୍କ ଆଗାମୀ ନିଷ୍ପତ୍ତି ଏହି ମାମଲାର ଦିଗ ନିର୍ଦ୍ଧାରଣ କରିବ। ଟ୍ରମ୍ପ ପୂର୍ବରୁ ହିଁ କିଛି ଟାରିଫକୁ ୯୦ ଦିନ ପାଇଁ ସ୍ଥଗିତ କରିଥିଲେ। ଯାହାଦ୍ୱାରା ଅନ୍ୟ ଦେଶଙ୍କ ସହ ବାଣିଜ୍ୟିକ ବୁଝାମଣା ହୋଇପାରିବ। ଆଉ ଏବେ କୋର୍ଟଙ୍କ ନିଷ୍ପତ୍ତି ଏହି ନୀତିକୁ ଆହୁରି ଦୁର୍ବଳ କରିଛି। ଏହା ପୂର୍ବରୁ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ମଧ୍ୟ ପୂର୍ବରୁ ଚେତାବନୀ ଦେଇଥିଲା। ଡବ୍ଲୁଟିଓ କହିଥିଲା ଟ୍ରମ୍ପଙ୍କ ଟାରିଫ କାରଣରୁ ବିଶ୍ୱ ବ୍ୟାପାରରେ ୮୧% ପର୍ଯ୍ୟନ୍ତ ହ୍ରାସ ଆସିପାରେ। ହେଲେ କୋର୍ଟଙ୍କ ଏହି ନିଷ୍ପତ୍ତି ସେହି ଆଶଙ୍କାକୁ କମ୍ କରୁଛି।

ସୂଚନାଥାଉକି, ୨୦୨୫ ଏପ୍ରିଲ ୨ରେ ଟ୍ରମ୍ପ 'ଲିବରେସନ ଡେ' ନାମରେ ୧୦୦ରୁ ଅଧିକ ଦେଶରୁ ଆମେରିକାକୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ନୂଆ ଶୁଳ୍କ ଲାଗୁ ଘୋଷଣା କରିଥିଲେ। ସେ ଦାବି କରିଥିଲେ ଯେ, ଏହି ଶୁଳ୍କ ଆମେରିକା ଅର୍ଥ ବ୍ୟବସ୍ଥାକୁ ମଜଭୁତ କରିବ ଏବଂ ସେହି ଦେଶକୁ ଶିକ୍ଷା ଦେବ ଯେଉଁ ଦେଶ ଆମେରିକାଠାରୁ କମ୍ ସାମଗ୍ରୀ କିଣୁଛନ୍ତି କିନ୍ତୁ ଅଧିକ ବିକୁଛନ୍ତି।

# ଗୁଗଲ ପ୍ଲେ ଷ୍ଟୋରରୁ ହଟିଲା ବାଇଜୁ ଲର୍ଣ୍ଣିଂ ଆପ୍

ନୂଆଦିଲ୍ଲୀ,୨୯।୫(ଏଜେନ୍ସି): ଗୁଗଲ ପ୍ଲେ ଷ୍ଟୋରରୁ ହଟିଲା ଏଡଟେକ୍ କମ୍ପାନୀ ବାଇଜୁସ୍ ଲର୍ଣ୍ଣିଂ ଆପ୍। ଏହାର ବିକ୍ରେତା ଆମାଜନ ୱେବ୍ ସର୍ଭିସେସ୍‌କୁ ବକେୟା ଦେଇ ନଥିବାରୁ ଗୁଗୁଲ୍ ପ୍ଲେ ଷ୍ଟୋରରୁ ଆପକୁ ହଟାଇ ଦିଆଯାଇଛି। ଆମଜନ ପକ୍ଷରୁ ପେମେଣ୍ଟ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରାଯାଇଥିଲା। ରିପୋର୍ଟ ଅନୁସାରେ ଆମାଜନ ଗତ ବର୍ଷ ଏପ୍ରିଲ ମାସରୁ ବାଇଜୁର ବ୍ରାଣ୍ଡ ଅଧୀନରେ କାର୍ଯ୍ୟ କରୁଥିବା ଥିଙ୍କ ଆଣ୍ଡ ଲର୍ଣ୍ଣ ସହିତ ପେମେଣ୍ଟ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା ଜାରି ରଖିଛି। ଘଟଣା ସହ ଜଡ଼ିତ ଜଣେ ବ୍ୟକ୍ତି ପିଟିଆଇକୁ ପ୍ରତିକ୍ରିୟା ଦେଇ କହିଛନ୍ତି "ଆପକୁ ସମର୍ଥନ ଯୋଗାଉଥିବା ଆମାଜନ ୱେବ୍ ସର୍ଭିସେସ୍ କୁ ପେମେଣ୍ଟ ନ କରିବା କାରଣରୁ ବାଇଜୁସ୍‌ର ଲର୍ଣ୍ଣିଂ ଆପ୍ ପ୍ଲେଷ୍ଟୋରରୁ ହଟାଇ ଦିଆଯାଇଛି।

ବାଇଜୁର ବ୍ୟବସାୟ ଏବେ ଜଣେ ଇନସଲଭେନ୍ସି ରିଜୋଲ୍ୟୁସନ୍ ପ୍ରଫେସନାଲ୍ ଦ୍ୱାରା ପରିଚାଳିତ ହେଉଛି ଯାହାକୁ ସମସ୍ତ ପେମେଣ୍ଟ-ସମ୍ବନ୍ଧୀୟ ସମସ୍ୟାଗୁଡ଼ିକୁ ମଧ୍ୟ ପରିଚାଳନା କରିବାକୁ ପଡିବ।" ତେବେ ଅନ୍ୟ ଭେଣ୍ଡରମାନଙ୍କ ଦ୍ୱାରା ପରିଚାଳିତ ହେଉଥିବା ଆପ ଏବେ ବି କାର୍ଯ୍ୟକାରୀ ରହିଛି। ବାଇଜୁର ପ୍ରିମିୟମ୍ ଲର୍ଣ୍ଣିଂ ଆପ୍ ଏବଂ ବାଇଜୁର ପରୀକ୍ଷା ପ୍ରସ୍ତୁତି ଆପ୍ ଗୁଗୁଲ୍ ପ୍ଲେ ଷ୍ଟୋରରେ ଉପଲବ୍ଧ ରହିଛି। ତେବେ ଏ ନେଇ ଆମାଜନ ୱେବ୍ ସର୍ଭିସେସ୍ ପ୍ରବକ୍ତାଙ୍କୁ ଦ ହିନ୍ଦୁକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଏଡବ୍ଲ୍ୟୁଏସ୍ ୨୦୨୪ ଏପ୍ରିଲଠାରୁ ଥିଙ୍କ ଆଣ୍ଡ ଲର୍ଣ୍ଣ ପ୍ରାଇଭେଟ୍ ଲିମିଟେଡ୍ ସହିତ ଏହାର ବକେୟା ଏଡବ୍ଲ୍ୟୁଏସ୍ ଆକାଉଣ୍ଟ ବାଲାନ୍ସ ସମାଧାନ କରିବା ପାଇଁ କାମ କରୁଛି। ଆମେ ଆଶାବାଦୀ ଯେ ଏହି ମାମଲା ସମାଧାନ ହୋଇପାରିବ। ତେବେ ବାଇଜୁସ୍ ଆପ୍ ସମ୍ପର୍କରେ ଅନ୍ୟ ପ୍ରଯୁକ୍ତିବିଦ୍ୟା ପ୍ରଦାନକାରୀଙ୍କ ଦ୍ୱାରା ନିଆଯାଇଥିବା କୌଣସି ପଦକ୍ଷେପ ଉପରେ ଆମେ ମନ୍ତବ୍ୟ ଦେଇପାରିବୁ ନାହିଁ।

# ରିଜର୍ଭ ବ୍ୟାଙ୍କ ରିପୋର୍ଟ: ବଢ଼ିଲା ନୋଟ୍ ଛାପା ଖର୍ଚ୍ଚ

ନୂଆଦିଲ୍ଲୀ,୨୯।୫(ଏଜେନ୍ସି): ଦେଶରେ ବୃଦ୍ଧି ପାଇଛି ନୋଟ୍ ଛାପା ଖର୍ଚ୍ଚ। ମାତ୍ର ଗୋଟିଏ ବର୍ଷ ମଧ୍ୟରେ ନୋଟ୍ ଛାପିବା ଖର୍ଚ୍ଚ ୨୫ ପ୍ରତିଶତ ବୃଦ୍ଧି ପାଇଛି। ଗୁରୁବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍ବିଆଇ) ପକ୍ଷରୁ ଜାରି କରାଯାଇଥିବା ଏକ ରିପୋର୍ଟରେ ଏହା କୁହାଯାଇଛି। ୨୦୨୪-୨୫ ଆର୍ଥିକବର୍ଷରେ ବ୍ୟାଙ୍କ ନୋଟ୍ ଛାପିବା ଖର୍ଚ୍ଚ ବାର୍ଷିକ ଆଧାରରେ ପ୍ରାୟ ୨୫ ପ୍ରତିଶତ ବୃଦ୍ଧି ପାଇ ୬,୩୭୨.୮ କୋଟି ଟଙ୍କା ହୋଇଛି। ପୂର୍ବରୁ ୨୦୨୩-୨୪ ଆର୍ଥିକବର୍ଷରେ ଏହି ଖର୍ଚ୍ଚ ୫,୧୦୧.୪ କୋଟି ଟଙ୍କା ଥିଲା। ଏଥିଯୋଗୁ କେନ୍ଦ୍ରୀୟ ବ୍ୟାଙ୍କ ତିନୋଟି ନୋଟ୍ ଛାପିବା ମଧ୍ୟ ବନ୍ଦ କରିଦେଇଛି।

ଆର୍ବିଆଇର ୨୦୨୪-୨୫ ବାର୍ଷିକ ରିପୋର୍ଟ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରଚଳନରେ ଥିବା ବ୍ୟାଙ୍କ ନୋଟ୍ ମୂଲ୍ୟ ଏବଂ ପରିମାଣ ଯଥାକ୍ରମେ ୬ ପ୍ରତିଶତ ଏବଂ ୫.୬ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୪-୨୫ ସମୟରେ, ୫୦୦ ଟଙ୍କା ନୋଟର ଅଂଶ ୮୬ ପ୍ରତିଶତ ଥିଲା, ଯାହା ମୂଲ୍ୟ ଦୃଷ୍ଟିରୁ ସାମାନ୍ୟ ହ୍ରାସ ପାଇଛି। ଏଥିରେ କୁହାଯାଇଛି ଯେ ପ୍ରଚଳନରେ ଥିବା ମୋଟ ବ୍ୟାଙ୍କ ନୋଟରେ ୫୦୦ ଟଙ୍କା ମୂଲ୍ୟର ନୋଟର ଅଂଶ ସର୍ବାଧିକ ୪୦.୯% ଥିଲା। ଏହାପରେ ୧୦ ଟଙ୍କା ମୂଲ୍ୟର ନୋଟର ଅଂଶ ୧୬.୪ ପ୍ରତିଶତ ଥିଲା। ପ୍ରଚଳନରେ ଥିବା ମୋଟ ବ୍ୟାଙ୍କ ନୋଟରେ ନିମ୍ନ ମୂଲ୍ୟର ନୋଟ (୧୦ ଟଙ୍କା, ୨୦ ଟଙ୍କା ଏବଂ ୫୦ ଟଙ୍କା)ର ଅଂଶ ୩୧.୭ ପ୍ରତିଶତ ଥିଲା।

ଆରବିଆଇ ୨୦୨୩ ମେ'ରେ ପ୍ରଚଳନରୁ 2,000 ଟଙ୍କା ନୋଟ ପ୍ରତ୍ୟାହାର କରିବା ଆରମ୍ଭ କରିଥିଲା, ଯାହା ଗତ ଆର୍ଥିକ ବର୍ଷରେ ମଧ୍ୟ ଜାରି ରହିଥିଲା। ଘୋଷଣା ସମୟରେ ପ୍ରଚଳନରେ ଥିବା ୩.୫୬ ଲକ୍ଷ କୋଟି ଟଙ୍କା ମଧ୍ୟରୁ ୯୮.୨ ପ୍ରତିଶତ ମାର୍ଚ୍ଚ ୩୧ ସୁଦ୍ଧା ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଫେରି ଆସିଥିଲା।

ପ୍ରଚଳନରେ ଥିବା ମୁଦ୍ରାରେ ବ୍ୟାଙ୍କ ନୋଟ୍, କେନ୍ଦ୍ରୀୟ ବ୍ୟାଙ୍କ ଡିଜିଟାଲ୍ ମୁଦ୍ରା (ସିବିଡିସି) ଏବଂ ମୁଦ୍ରା ଅନ୍ତର୍ଭୁକ୍ତ। ବର୍ତ୍ତମାନ, ୨ ଟଙ୍କା, ୫ ଟଙ୍କା, ୧୦ ଟଙ୍କା, ୨୦ ଟଙ୍କା, ୫୦ ଟଙ୍କା, ୧୦୦ ଟଙ୍କା, ୨୦୦ ଟଙ୍କା ଏବଂ ୫୦୦ ଟଙ୍କା ମୂଲ୍ୟର ନୋଟ୍ ପ୍ରଚଳନରେ ଅଛି। ରିଜର୍ଭ ବ୍ୟାଙ୍କ ଆଉ ୨ ଟଙ୍କା, ୫ ଟଙ୍କା ଏବଂ ୨୦୦୦ ଟଙ୍କା ମୂଲ୍ୟର ବ୍ୟାଙ୍କ ନୋଟ୍ ଛାପୁ ନାହିଁ। ମୁଦ୍ରା ବିଷୟରେ କହିବାକୁ ଗଲେ, ୫୦ ପଇସା ଏବଂ ୧ ଟଙ୍କା, ୨ ଟଙ୍କା, ୫ ଟଙ୍କା, ୧୦ ଟଙ୍କା ଏବଂ ୨୦ ଟଙ୍କା ମୂଲ୍ୟର ମୁଦ୍ରା ବର୍ତ୍ତମାନ ପ୍ରଚଳନରେ ଅଛି।

**ବାର୍ଷିକ ୨୫% ବୃଦ୍ଧି, ବ୍ୟୟ ୬୦୦୦ କୋଟି ଟପିଲା**

**ତିନୋଟି ନୋଟ୍‌ର ମୁଦ୍ରଣ ବନ୍ଦ**




# ଦୁବାଇ, ଲଣ୍ଡନ, ବେଲଜିୟମ୍ ଗଲା ଓଡ଼ିଶା ଫଳ ଓ ପନିପରିବା

ନୂଆଦିଲ୍ଲୀ,୨୯।୫(ଏଜେନ୍ସି): ଏବେ ସହଜରେ ଅନ୍ତର୍ଜାତୀୟ ବଜାରକୁ ସିଧାସଳଖ ଫଳ ଓ ପନିପରିବା ରପ୍ତାନୀ କରୁଛି ଭାରତ। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ଦୁଇ ମାସରେ ଓଡ଼ିଶା ଦୁବାଇ, ଲଣ୍ଡନ, ବର୍ମିହାମ, ରୋମ, ଭେନିସ୍, ଡବଲିନ୍, ଫ୍ରାନ୍ସ ଏବଂ ବେଲଜିୟମ ଭଳି ପ୍ରମୁଖ ଅନ୍ତର୍ଜାତୀୟ ବଜାରକୁ ମୋଟ ୪୧.୩୫ ଟନ୍ ଫଳ ଏବଂ ପନିପରିବା ରପ୍ତାନି କରିଛି। ମୋଟ ରପ୍ତାନି ମଧ୍ୟରେ ସିଂହ ଭାଗ ୩୦.୫୩ ଟନ୍ କେବଳ ଆମ୍ବ ରହିଛି। ବିଶେଷକରି ଆମ୍ରପାଲୀ ଏବଂ ଦଶହରୀ ଭଳି ଉନ୍ନତ କିସମ ଆମ୍ବ ରପ୍ତାନୀ କରିଛି ଓଡ଼ିଶା। ଏହି ସପ୍ତାହରେ କେବଳ ୬.୭ ଟନ୍ ଆମ୍ବ ରପ୍ତାନି ହୋଇଛି। ଗୋଲ୍ଡେନ୍ ଆଗ୍ରୋ ଫାର୍ମର୍ ପ୍ରଡ୍ୟୁସର୍ କମ୍ପାନୀ ଲିମିଟେଡ୍ (ଏଫ୍‌ପିସିଏଲ୍) ଫ୍ରାନ୍ସକୁ ପ୍ରଥମ ଥର ପାଇଁ ଆମ୍ବ ପଠାଇଥିବା ବେଳେ ସପ୍ତସଜ୍ୟ ଏଫ୍‌ପିସିଏଲ୍ ବେଲଜିୟମକୁ ଆମ୍ବ ପଠାଇଛି। ମିଡିଆ ରିପୋର୍ଟ ଅନୁସାରେ, ଏହି ସଫଳତାଗୁଡ଼ିକ ଓଡ଼ିଶାର କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ନେତୃତ୍ୱରେ ସମ୍ଭବ ହୋଇପାରିଛି। ଯେଉଁଥିରେ ପାଲାଡିୟମ୍ ଇଣ୍ଡିଆ ଗେଟ୍ସ ଫାଉଣ୍ଡେସନ ସମର୍ଥିତ ପିଏସ୍‌ଏଫ୍‌ପିଓ (କୃଷକ ଉତ୍ପାଦକ ସଂଗଠନର ପ୍ରୋତ୍ସାହନ ଏବଂ ସ୍ଥିରୀକରଣ) ପ୍ରକଳ୍ପ ଅଧୀନରେ ମାର୍କେଟିଂ ପାଇଁ ବୈଷୟିକ ସହାୟତା ୟୁନିଟ୍ ଭାବରେ କାର୍ଯ୍ୟ କରିଛି। ରପ୍ତାନିରେ ବୃଦ୍ଧି ହେବା କେବଳ ଯେ ବଜାର ବିବିଧତା ସୃଷ୍ଟି କରିଛି ତାହା ନୁହେଁ, ଏହା ଚାଷୀଙ୍କ ପାଇଁ ଉଚିତ ମୂଲ୍ୟ ପ୍ରାପ୍ତି ମାତ୍ରାରେ ୬୦ ପ୍ରତିଶତରୁ ଅଧିକ ବୃଦ୍ଧି ହୋଇଛି ବୋଲି ଦ ହିନ୍ଦୁ ବିଜନେସ ଲାଇନ୍ରେ ରିପୋର୍ଟ ପ୍ରକାଶ ପାଇଛି। ରାଜ୍ୟକୁ ଏକ ପ୍ରମୁଖ କୃଷି-ରପ୍ତାନି କେନ୍ଦ୍ର ଭାବରେ ସ୍ଥାପନ କରିବାକୁ ପାଇଁ ଓଡ଼ିଶା ସରକାରଙ୍କର ଉଦ୍ୟମ ଏଥିରେ ପ୍ରତିଫଳିତ।

## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ । ବ୍ୟବସାୟରେ ସମସ୍ୟା ଦେଖା ଦେବ । କୌଣସି କଥାକୁ ନେଇ ଚିନ୍ତାରେ ରହିବେ । ନୂଆ କାମରେ ପରିବାରର ସହଯୋଗ ମିଳିବ । କଥାରେ ମଧୁରତା ରଖିବେ ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ । ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ । ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ଘରେ ପୂଜାପାଠ ଆୟୋଜନ କରିବେ ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ । ଧନ ବ୍ୟୟର ଯୋଗ ରହିଛି । ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ । ରାଜନୀତିରେ ସଫଳତା ମିଳିବ ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ଯାନବାହନ କିଣିପାରନ୍ତି । କୌଣସି ଇଚ୍ଛା ପୂରଣ ହେବ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ । ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ । ଅଧିକ ଖର୍ଚ୍ଚାନ୍ତ ହେବେ । ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ । ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ପୂଜାପାଠରେ ସାମିଲ ହେବେ । ପ୍ରେମ ଜୀବନରେ ମଧୁରତା ଆସିବ ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ । ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ । ସରକାରୀ କ୍ଷେତ୍ରରେ ସଫଳତା ମିଳିବ । ଜୀବନସାଥୀଙ୍କ ସହଯୋଗ ମିଳିବ ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ । ପିଲାଙ୍କ ସହ ସମୟ ଅତିବାହିତ କରିବେ । ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ । ସ୍ୱାସ୍ଥ୍ୟରେ ସୁଧାର ହେବ ।

**ଧନୁ:** ଅର୍ଥ ସଞ୍ଚୟ କରିବେ । ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ । ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ । ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ । ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ । ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ । କୌଣସି କାମରେ ପରିବାରର ସହଯୋଗ ମିଳିବ । ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି । ଉଧାର ଟଙ୍କା ଫେରିପାଇବେ ।

## ଆଜିର ଇତିହାସ

- ୧୪୯୮ - କଲମ୍ବସ୍ ଆମେରିକା ଯାତ୍ରାରେ ବାହାରିଲେ ।
- ୧୮୨୬- ପ୍ରଥମ ଥର ପାଇଁ ହିନ୍ଦୀ ସମ୍ବାଦପତ୍ର 'ଉଦନ୍ତ ମାର୍ତଣ୍ଡ'ର ପ୍ରକାଶନ ଆରମ୍ଭ ହେଲା ।
- ୧୯୭୫- ୟୁରୋପୀୟ ସ୍ପେସ୍ ଏଜେନ୍ସିର ପ୍ରତିଷ୍ଠା ।
- ୧୯୮୭- ଗୋଆ ଭାରତର ୨୫ତମ ରାଜ୍ୟ ହେଲା ।
- ୧୯୯୮ - ଉତ୍ତର ଆଫଗାନିସ୍ତାନରେ ଭୂମିକମ୍ପ ଯୋଗୁଁ ୫୦୦୦ ଲୋକ ପ୍ରାଣ ହରାଇଲେ ।
- ୨୦୧୨-ବିଶ୍ୱନାଥନ୍ ଆନନ୍ଦ ପଞ୍ଚମ ଥର ପାଇଁ ବିଶ୍ୱ ଚେସ୍ ଚାମ୍ପିୟନ୍ ହେଲେ ।



## ହିନ୍ଦୀ ସାମ୍ବାଦିକତା ଦିବସ

ପ୍ରତିବର୍ଷ ମେ' ୩୦ ତାରିଖକୁ ଭାରତରେ ହିନ୍ଦୀ ସାମ୍ବାଦିକତା ଦିବସ ଭାବେ ପାଳନ କରାଯାଏ । ୧୮୨୬ ମସିହା ଆଜିର ଦିନରେ ହିନ୍ଦୀ ଭାଷାର ପ୍ରଥମ ଖବରକାଗଜ 'ଉଦନ୍ତ ମାର୍ତଣ୍ଡ' ପ୍ରକାଶ ପାଇଥିଲା । ପଣ୍ଡିତ ଯୁଗଳ କିଶୋର ଶୁକ୍ଳ ଏହାକୁ କଲିକତାରୁ ଏକ ସାପ୍ତାହିକ ଖବରକାଗଜ ଭାବେ ଆରମ୍ଭ କରିଥିଲେ । ସେ ଏହାର ପ୍ରକାଶକ ଓ ସମ୍ପାଦକ ଥିଲେ । ପରାଧୀନ ଭାରତବାସୀ ସେହି ସମୟରେ ନିଜ ଅଧିକାରର ସ୍ୱର ଉତ୍ତୋଳନ କରିବା ଏକ ଆହ୍ୱାନ ଥିଲା । ସେତେବେଳେ ଭାଷଣ ଜରିଆରେ ଲୋକଙ୍କୁ ଦେଶର ପରିସ୍ଥିତି ସମ୍ପର୍କରେ ଜଣାଯାଉଥିଲା । ବିନା ଭାଷଣରେ ଭାରତୀୟଙ୍କ ଅଧିକାର ସପକ୍ଷରେ ସ୍ୱର ଉତ୍ତୋଳନ କରିବା ପାଇଁ ଯୁଗଳ କିଶୋର କଲିକତାରୁ ସାପ୍ତାହିକ 'ଉଦନ୍ତ ମାର୍ତଣ୍ଡ'ର ପ୍ରକାଶନ ଆରମ୍ଭ କରିଥିଲେ । ଉଦନ୍ତ ମାର୍ତଣ୍ଡର ଶବ୍ଦର ଅର୍ଥ ହେଉଛି ଉଦିତ ସୂର୍ଯ୍ୟ । ଏହାର ନାମ ଅନୁଯାୟୀ, ଉଦନ୍ତ ମାର୍ତଣ୍ଡ ହିନ୍ଦୀ ଖବର କାଗଜ ଜଗତର ସୂର୍ଯ୍ୟ ସହିତ ସମାନ ଥିଲା । ସେହି ସମୟରେ ଇଂରାଜୀ, ଫରାସୀ, ବଙ୍ଗଳାରେ ଅନେକ ଖବରକାଗଜ ପ୍ରକାଶ ପାଉଥିଲା । କିନ୍ତୁ ହିନ୍ଦୀ ଭାଷାରେ ଗୋଟିଏ ଖବରକାଗଜ ନ ଥିଲା । ଆଠ ପୃଷ୍ଠାର ଏହି ସାପ୍ତାହିକ ଖବରକାଗଜ ପ୍ରତ୍ୟେକ ସପ୍ତାହରେ ମଙ୍ଗଳବାର ଦିନ ପାଠକମାନଙ୍କ ନିକଟରେ ପହଞ୍ଚୁଥିଲା । ଏହି ସାପ୍ତାହିକ ଖବରକାଗଜର ପ୍ରଥମ ସଂସ୍କରଣର ୫୦୦ କପି ଛପାଯାଇଥିଲା । କିନ୍ତୁ କଲିକତାରେ ହିନ୍ଦୀ ଭାଷାଭାଷୀ ପାଠକଙ୍କ ସଂଖ୍ୟା କମ୍ ଥିବାରୁ ଏହି ସମ୍ବାଦପତ୍ରକୁ ବହୁ ସଂଖ୍ୟାରେ ପାଠକ ମିଳି ନ ଥିଲା । ସବୁଠୁ ବଡ଼ କଥା ହେଉଛି ହିନ୍ଦୀ ଭାଷାଭାଷୀ ରାଜ୍ୟଗୁଡ଼ିକୁ ଏହି ଖବରକାଗଜ ଡାକରେ ପଠାଇବା ଏକ ମହଙ୍ଗା ବ୍ୟାପାର ସାବ୍ୟସ୍ତ ହୋଇଥିଲା । ଡାକ ଦରରେ କିଛି ରିହାତି ଦେବା ପାଇଁ ଯୁଗଳ କିଶୋର ଅନୁରୋଧ କରିଥିଲେ ସୁଦ୍ଧା ଇଂରେଜ ସରକାର ତାଙ୍କ କଥା ଶୁଣି ନ ଥିଲେ । ଏହି ଖବରକାଗଜ ଆର୍ଥିକ ସମସ୍ୟା କାରଣରୁ ୪ ଡିସେମ୍ବର, ୧୮୨୬ରେ ବନ୍ଦ ହୋଇଯାଇଥିଲା । 'ଉଦନ୍ତ ମାର୍ତଣ୍ଡ' ତା'ର ସ୍ୱଳ୍ପକାଳର ଅବଧି ଏହା ସାଧାରଣ ଜନତାଙ୍କ ସ୍ୱର ହୋଇଥିଲା । ଏହି ଦିବସ ପାଳନ ଅବସରରେ ସେମିନାର, ବିତର୍କ ପ୍ରତିଯୋଗିତା ଓ ପୁରସ୍କାର ସମାରୋହର ଆୟୋଜନ କରାଯାଇ ହିନ୍ଦୀ ସାମ୍ବାଦିକ ଓ ହିନ୍ଦୀ ସାମ୍ବାଦିକତା କ୍ଷେତ୍ରରେ ଦେଖାଯାଉଥିବା ଆହ୍ୱାନଗୁଡ଼ିକ ଉପରେ ଆଲୋଚନା କରାଯାଏ ।

## ସନ୍ତୋଷଜନକ ଚାକିରି

ଆଜିର ବ୍ୟସ୍ତବହୁଳ ଜୀବନରେ ସମସ୍ତେ ଏମିତି ଚାକିରିଟିଏ ଚାହାନ୍ତି, ଯେଉଁଥିରେ ସେମାନଙ୍କୁ ଭଲ ପାରିଶ୍ରମିକ, ସମ୍ମାନ ଏବଂ ମନକୁ ଶାନ୍ତି ମିଳିପାରୁଥିବ । ହେଲେ ସମସ୍ତଙ୍କୁ ଚାକିରିରେ ଏଭଳି ସୁବିଧା ମିଳି ନ ଥାଏ । ତେବେ ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି କେଉଁ ଚାକିରିରେ ଲୋକଙ୍କୁ ଅଧିକ ଶାନ୍ତି ମିଳେ ଏବଂ କେଉଁ କାମରେ ମାନସିକ ଚାପ ବୃଦ୍ଧି ପାଏ । ଏସ୍ତୋନିଆର ଟାର୍ଟୁ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏମିତି ଏକ ଗବେଷଣା କରିଛନ୍ତି । ଉକ୍ତ ଗବେଷଣାରୁ ସେମାନେ ବିଶ୍ୱର ସନ୍ତୋଷଜନକ ଏବଂ କମ୍ ଶାନ୍ତି ଦେଉଥିବା ଚାକିରି ସମ୍ପର୍କରେ ଖୁଲାସା କରିଛନ୍ତି । ଏହି ଗବେଷଣାରେ ୫୯ ହଜାର ଲୋକଙ୍କୁ ସାମିଲ କରାଯାଇଥିଲା । ତା'ସହ ଏଥିରେ ୨୬୩ଟି ବୃତ୍ତିର ବିଶ୍ଳେଷଣ କରାଯାଇଥିଲା । ଏହି ଲୋକମାନଙ୍କୁ ସେମାନଙ୍କ ଚାକିରି, ଦରମା, ବ୍ୟକ୍ତିତ୍ୱ ଏବଂ ଜୀବନର ବିଭିନ୍ନ ଦିଗକୁ ନେଇ ପ୍ରଶ୍ନ କରାଯାଇଥିଲା । ଏହି ଆଧାରରେ ସ୍ଥିର କରାଯାଇଥିଲା ଯେ, କେଉଁ ଚାକିରି ଲୋକଙ୍କୁ ଅଧିକ ସନ୍ତୁଷ୍ଟି ପ୍ରଦାନ କରିଥାଏ । ତେବେ ଗବେଷଣାରେ ଏକଥା କୁହାଯାଇଛି ଯେ, ସବୁଠୁ ଆରାମଦାୟକ ଚାକିରି ମଧ୍ୟରେ ଧାର୍ମିକ କାର୍ଯ୍ୟ ସହ ଜଡ଼ିତ ବ୍ୟକ୍ତି, ଡାକ୍ତର, ନର୍ସ ଭଳି ମେଡିକାଲ ସହ ଜଡ଼ିତ ଅନ୍ୟାନ୍ୟ ବ୍ୟକ୍ତି, ଲେଖକ ତଥା ଅନ୍ୟ ସୃଜନାତ୍ମକ କାମ ସହ ଜଡ଼ିତ ବ୍ୟକ୍ତି, ମନୋବିଜ୍ଞାନୀ, ଶିକ୍ଷକ, ସିପ୍ ଇଞ୍ଜିନିୟର୍ ଭଳି ସାମିଲ ଅଛି । ଏହି ଚାକିରିଆଙ୍କୁ ଅଧିକ ସନ୍ତୁଷ୍ଟି ମିଳିଥାଏ । ସେହିପରି କେଉଁ ଚାକିରିରେ ଲୋକେ କମ୍ ସନ୍ତୁଷ୍ଟି ଲାଭ କରିଥାନ୍ତି, ସେକଥା ବି କୁହାଯାଇଛି । ଏଥିରେ ସିକ୍ୟୁରିଟି ଗାର୍ଡ, ୱେଟର, ସେଲ୍ସ ୱାର୍କର, ପୋଷ୍ଟମ୍ୟାନ, କେମିକାଲ ଇଞ୍ଜିନିୟର, କିଚେନ ଷ୍ଟାଫ ଏବଂ ମ୍ୟାନୁଫ୍ୟାକ୍ଚରିଂ ସହ ଜଡ଼ିତ କାମ ସାମିଲ ଅଛି । ବିଶେଷକରି କାମକୁ ନେଇ ଅଧିକ କଟକଣା, କମ୍ ସ୍ୱାଧୀନତା ଏବଂ ଦାୟିତ୍ୱବୋଧର ଚାପ ଥିବା କାମରେ ଲୋକଙ୍କୁ ସନ୍ତୁଷ୍ଟି ମିଳି ନ ଥାଏ । ସେହିପରି ଉଚ୍ଚ ପ୍ରତିଷ୍ଠିତ ଚାକିରିରେ ଅଧିକ ଶାନ୍ତି ମିଳିଥାଏ ଭାବିବା ଭୁଲ । ଯେଉଁ କାମରେ ଉପଲବ୍ଧି ଭାବନା ଅଧିକ ଥାଏ, ସେଠାରେ ସନ୍ତୋଷ ଭାବ ବି ଅଧିକ ଥାଏ । ଅନ୍ୟପଟେ ନିଜସ୍ୱ କାମ କରୁଥିବା ଲୋକ ଅଧିକ ଖୁସିରେ ରହନ୍ତି । ଏହାର କାରଣ ହେଉଛି ସେମାନଙ୍କ କାମ ଓ ସମୟ ଉପରେ ଅଧିକ ନିୟନ୍ତ୍ରଣ ରହିଥାଏ ବୋଲି ଉକ୍ତ ଗବେଷଣାରେ କୁହାଯାଇଛି ।






## 'ଲୁକ୍କା ଛୁପି-୨'ରୁ ବାଦ୍ ପଡ଼ିଲେ କାର୍ତ୍ତିକ୍-କ୍ରିତି

ବଲିଉଡ୍‌ରେ ଏବେ ନୂଆ ଫିଲ୍ମଗୁଡ଼ିକ ବ୍ୟତୀତ ପୁରୁଣା ଫିଲ୍ମଗୁଡ଼ିକର ସିକ୍ୱେଲ ମଧ୍ୟ ନିର୍ମାଣ କରାଯାଉଛି । ଏହି ତାଲିକାରେ ଏବେ ଆଉ ଏକ ନାମ ସାମିଲ ହୋଇଛି । ୨୦୧୯ରେ ଆସିଥିବା କାର୍ତ୍ତିକ୍ ଆର୍ୟନ୍ ଓ କ୍ରିତି ସାନନ୍‌ଙ୍କ ଫିଲ୍ମ 'ଲୁକ୍କା ଛୁପି'ର ଏବେ ସିକ୍ୱେଲ ଆସିବ । ଏହି ଯୋଡ଼ିକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ । କିନ୍ତୁ ଏହାର ସିକ୍ୱେଲରୁ କାର୍ତ୍ତିକ୍ ଓ କ୍ରିତିଙ୍କୁ ବାଦ୍ ଦିଆଯାଇଛି । ଏବେ ଏହି ରୋମାଣ୍ଟିକ୍ କମେଡି ଫିଲ୍ମରେ କାର୍ତ୍ତିକ୍‌ଙ୍କ ବଦଳରେ ବରୁଣ ଧୱନ୍ ଦେଖାଯିବେ । ସେହିଭଳି ଏଥିରେ କ୍ରିତିଙ୍କ ସ୍ଥାନ ନେବେ ଶର୍ବରି ୱାଘ୍ । ଏହାର ସିକ୍ୱେଲ ମୂଳ ଫିଲ୍ମଠାରୁ ପୂରା ଅଲଗା ହେବ ବୋଲି ଫିଲ୍ମ ନିର୍ମାତା କହିଛନ୍ତି । ଏହାର ସୁଟିଂ ୨୦୨୬ରୁ ଆରମ୍ଭ ହେବ । 'ଲୁକ୍କାଛୁପି'ର ନିର୍ଦ୍ଦେଶନା ଦେଇଥିବା ଲକ୍ଷ୍ମଣ ଉତେକର ଏହାର ସିକ୍ୱେଲରେ ପ୍ରଯୋଜନା ଦାୟିତ୍ୱରେ ରହିବେ । ସେହିଭଳି ଲକ୍ଷ୍ମଣଙ୍କର ଜଣେ ନିକଟ ସମ୍ପର୍କୀୟ ଏହାର ନିର୍ଦ୍ଦେଶନା ଦେବେ ।

## ସଞ୍ଜୀବନୀ

### ବିଶ୍ୱ ଏମ୍‌ଏସ୍ ଦିବସ

ଅତ୍ୟଧିକ ତେଲ ମସଲାଯୁକ୍ତ ଖାଦ୍ୟପେୟ ଓ ଜୀବନଚର୍ଯ୍ୟା ଯୋଗୁଁ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହେଉଛି । ଏହି କ୍ରମରେ ମଲ୍‌ଟିପଲ୍ ସ୍କେଲେରୋସିସ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା । ମଲ୍ଟିପଲ ସ୍କେଲେରୋସିସ୍ ମସ୍ତିଷ୍କ ସହିତ ଜଡିତ ସମସ୍ୟା । ଏଥିରେ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡ଼ିଥାଏ । ଏହି ରୋଗ ହେଲେ ରୋଗପ୍ରତିରୋଧକ ପ୍ରଣାଳୀ ନିଜସ୍ୱ ଟିସୁ ଏବଂ କୋଷିକାକୁ ନଷ୍ଟ କରିବା ଆରମ୍ଭ କରିଦିଏ । ମୁଖ୍ୟତଃ ଏହା ମସ୍ତିଷ୍କ ଏବଂ ମେରୁଦଣ୍ଡକୁ ପ୍ରଭାବିତ କରିଥାଏ । ଏହି ରୋଗର ବିଭିନ୍ନ ଲକ୍ଷଣ ଯଥା- ପୀଡ଼ିତଙ୍କୁ ହାଲିଆ ଲାଗିବା, ଦୃଷ୍ଟିସମ୍ବନ୍ଧୀୟ ସମସ୍ୟା, ଅବସାଦ, ସ୍ମୃତିଶକ୍ତି ହ୍ରାସ, ଥକ୍କାପଣ, ମାଂସପେଶୀ ଦରଜ, ଚଲାବୁଲା କରିବାକୁ ସମସ୍ୟା ହେବା ଆଦି ଲକ୍ଷଣ ଦେଖାଯାଏ । ରୋଗର ଲକ୍ଷଣ ଅନୁଯାୟୀ ଚିକିତ୍ସା ଜରୁରି ହୋଇଥିଲେ ହେଁ, ଅଧିକାଂଶ ଏହାକୁ ଅଣଦେଖା କରିଥାନ୍ତି । ତେଣୁ ଏହି ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ସହ ପୀଡ଼ିତଙ୍କୁ ସମର୍ଥନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ ମାସ ୩୦ ତାରିଖକୁ ବିଶ୍ୱ ଏମ୍‌ଏସ୍ ଦିବସ ଭାବେ ପାଳନ କରାଯାଇଥାଏ । ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ହେଉଛି "Navigating MS Together". । ଏହି ଦିବସକୁ ସର୍ବପ୍ରଥମେ ମଲ୍ଟିପଲ୍ ସ୍କେଲେରୋସିସ୍ ଇଣ୍ଟରନ୍ୟାସନାଲ ଫେଡେରେଶନ (ଏମ୍‌ଏସ୍‌ଆଇଏଫ୍) ଦ୍ୱାରା ୧୯୬୭ରେ ଆରମ୍ଭ କରାଯାଇଥିଲା । ଏହାର ସ୍ଥାପନା ୨୦୦୯ରେ ହୋଇଥିଲା । ଅନ୍ୟପଟେ ଏମ୍‌ଏସ୍ ପାଇଁ କୌଣସି ସ୍ଥାୟୀ ଚିକିତ୍ସା ପଦ୍ଧତି ନାହିଁ । କେବଳ ରୋଗର ଲକ୍ଷଣ ଅନୁସାରେ ଏହାକୁ ନିୟନ୍ତ୍ରିତ କରାଯାଇପାରିବ । ଏମ୍‌ଏସ୍ ପୀଡ଼ିତଙ୍କୁ ବିଭିନ୍ନ ପ୍ରକାର ସମର୍ଥନ ଯଥା- ଚିକିତ୍ସା ସହାୟତା, ସାମାଜିକ ସହାୟତା ଯୋଗାଇବା ଦ୍ୱାରା ରୋଗୀର ମନୋବଳ ଦୃଢ଼ ହୋଇଥାଏ ।



## ନାକରୁ ରକ୍ତ ପଡ଼ିବାର ଆୟୁର୍ବେଦ ଉପଚାର

ଖରାଦିନେ ତାପମାତ୍ରା ବୃଦ୍ଧି ଯୋଗୁଁ ସନ୍‌ବର୍ଣ୍ଣ, ଡିହାଇଡ୍ରେସନ୍ ଏବଂ ଚର୍ମ କୁଣ୍ଡାଇ ହୁଏ । ଏହା ସହିତ ନାକ ଶିରା ସୁଖି ଫାଟିଗଲେ ନାକରୁ ରକ୍ତ ବାହାରି ଜଳାପୋଡ଼ା ହୋଇଥାଏ । ପିଲା, ବୟସ୍କ ଏବଂ ଆଲର୍ଜି ସମସ୍ୟା ଥିବା ଲୋକଙ୍କ ନାକରୁ ରକ୍ତ ଆସିବା ସାଧାରଣ କଥା । ତେବେ ନାକରୁ ରକ୍ତ ପଡୁଥିଲେ ଏହାର ଉପଶମ ପାଇଁ ଆୟୁର୍ବେଦ ଉପଚାର ଆପଣାଇ ପାରିବେ ।

- ଦୂବଘାସ ରସ ଦୁଇଟୋପା ପ୍ରତ୍ୟେକ ନାକ ପୁଡ଼ାରେ ଦିନକୁ ଦୁଇଥର କରି ପକାଇଲେ ନାସାଗତ ରକ୍ତପିତ୍ତରେ ଉପକାର ହୁଏ ।
- ଶିଶୁଗଛର କଅଁଳ ପତ୍ର ରସ, ଅଶ୍ୱତ୍ଥ ଗଛର କଅଁଳ ପତ୍ର ରସ, ସଞ୍ଜୀବନୀ ଘାସର ରସ କିମ୍ବା ଦୂବଘାସ ରସ ବାହାର କରି ୧୦ ମିଲି ମାତ୍ରାରେ ଅଳ୍ପ ମିଶ୍ରି ମିଶାଇ ଦିନକୁ ଦୁଇଥର କରି ଖାଲି ପେଟରେ ସେବନ କଲେ ଉପକାର ହୁଏ ।
- ସେହିପରି ୧୫ରୁ ୨୦ ଗ୍ରାମ ଗୁଲକନ୍ଦକୁ ଥଣ୍ଡା କ୍ଷୀରରେ ମିଶାଇ ଦିନରେ ଦୁଇଥର ଲେଖାଏଁ ପିଇଲେ ଉପଶମ ମିଳିଥାଏ । ଯୋଗ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ନାକ ଧୌତି (ନେତିକ୍ରିୟା) କଲେ ଉପଶମ ମିଳିଥାଏ ।
- ଦୈନିକ ୮ରୁ ୯ ଗ୍ଲାସ୍ ପାଣି, ଆଖୁରସ, ଘୋଳଦହି, ବେଲପଣା, ଆଦି ସେବନ କରିପାରିବେ ।



## ଘାତକ ପାମୋଲିନ୍ ତେଲ

**ବର୍ତ୍ତମାନ ସମୟରେ ପାମୋଲିନ୍ ବା ପାମ୍ ତେଲ ବିନା କୌଣସି ଫାଷ୍ଟଫୁଡ୍ କିମ୍ବା ଖାଦ୍ୟ ଉପଲବ୍ଧ ହେଉନାହିଁ । ବଡ଼ ବଡ଼ ବିସ୍କୁଟ କମ୍ପାନୀ, ଚକୋଲେଟ୍ କମ୍ପାନୀମାନେ ମଧ୍ୟ ଏହି ତେଲ ବ୍ୟବହାର କରୁଛନ୍ତି । ସାଧାରଣତଃ ଏହି ତେଲ ଶସ୍ତା ହୋଇଥିବାରୁ ଏହାକୁ ହୋଟେଲ, ବୁଲାବେପାରୀ, କମ୍ପାନୀମାନେ ବହୁଳ ମାତ୍ରାରେ ବ୍ୟବହାର କରୁଛନ୍ତି । ତେବେ ଏହି ତେଲରୁ ତିଆରି ଜଙ୍କ୍‌ଫୁଡ, ଚକୋଲେଟ, ବିସ୍କୁଟ ଆଦି ସ୍ୱାସ୍ଥ୍ୟପାଇଁ କେତେ ବିପଜ୍ଜନକ ଜାଣିବା ।**

ବିଶ୍ୱରେ ପାମ୍ ତେଲର ସର୍ବାଧିକ ଆମଦାନକାରୀ ଦେଶ ହେଉଛି ଭାରତ । କିନ୍ତୁ ଆଶ୍ଚର୍ଯ୍ୟର କଥା, ଏହି ତେଲରେ ସ୍ୟାଚୁରେଟେଡ ଫ୍ୟାଟ୍ ତଥା ପାଲମିଟିକ୍ ଏସିଡ୍ ମାତ୍ରାଧିକ ଥାଏ । ତେଣୁ ଏହାର ବ୍ୟବହାର ନାନା ରୋଗକୁ ନିମନ୍ତ୍ରଣ କରିଥାଏ । ସାଧାରଣତଃ ନିଶା ସେବନ ଏବଂ ଧୂମ୍ରପାନଠାରୁ ଏହି ତେଲ ଅଧିକ ବିପଜ୍ଜନକ ବୋଲି ନୂଆଦିଲ୍ଲୀ, ଏମ୍ସର ଡାକ୍ତର ପେ.କେ ସାମନ୍ତରାୟ କହିଛନ୍ତି । ତାଙ୍କ କହିବାନୁଯାୟୀ, ପାମ୍ ତେଲ ବ୍ୟବହାର ଦ୍ୱାରା ମନୁଷ୍ୟ ମସ୍ତିଷ୍କ ଅନୁପଯୁକ୍ତ ଭାବେ କାର୍ଯ୍ୟକରିବା, ଏଲ୍‌ଡିଏଲ୍ କୋଲେଷ୍ଟ୍ରଲ୍ ବୃଦ୍ଧି, ହୃଦ୍‌ରୋଗ, ଷ୍ଟ୍ରୋକ୍ , ଉଚ୍ଚ ରକ୍ତଚାପ, ଅଳ୍ପ ବୟସରେ ଟାଇପ୍ -୨ ମଧୁମେହ, ପାଚନସମ୍ବନ୍ଧୀୟ ରୋଗ ଆଦି ହୋଇଥାଏ । ବିଭିନ୍ନ ଆକଳନ ଅନୁଯାୟୀ ଯୁବାବସ୍ଥାରେ ମୃତ୍ୟୁବରଣ କରୁଥିବା ୫୦ ପ୍ରତିଶତ ଲୋକ କେବଳ ମଧୁମେହ ଏବଂ ହୃଦ୍‌ରୋଗରେ ମୃତ୍ୟୁବରଣ କରୁଛନ୍ତି । ଏହାର ମୁଖ୍ୟ କାରଣ ହେଉଛି ଏହି ପାମ୍ ତେଲ । ତେବେ ପାମ୍‌ତେଲ ମାଫିଆମାନେ ବିଭିନ୍ନ ବିଜ୍ଞାପନ, ସୋସିଆଲ ମିଡିଆ ଦ୍ୱାରା ପିଲାଙ୍କୁ ଜଙ୍କଫୁଡ ପ୍ରତି ଆକର୍ଷିତ କରୁଛନ୍ତି । ଜଙ୍କଫୁଡ ତଥା ଚିପ୍‌ସ ଖାଇଲା ପରେ ପିଲାମାନେ ସ୍ୱାସ୍ଥ୍ୟପାଇଁ ହିତକର ଯଥା- ଫଳ ଏବଂ ପନିପରିବାଖାଇବା ଛାଡ଼ି ଦେଉଛନ୍ତି । ଏଥିପାଇଁ ସ୍ୱଳ୍ପ ବୟସରୁ ପିଲାମାନେ ମଧ୍ୟ ନାନା ରୋଗର ଶିକାର ହେଉଛନ୍ତି । ତେଣୁ ସର୍ବଦା ବଜାରରୁ କିଣୁଥିବା ଉତ୍ପାଦରେ ଯଦି ପାମତେଲ କିମ୍ବା ପାଲମିଟିକ୍ ଏସିଡ୍ ଲେଖା ଅଛି ଏହାକୁ କିଣିବାରୁ ଦୂରେଇ ରୁହନ୍ତୁ ।



## କାୟା ମେଲାଉଛି NB.1.8.1 ଏବଂ LF.7

**କିଛି ବର୍ଷ ବ୍ୟବଧାନରେ ମୁଣ୍ଡ ଟେକିଛି କୋଭିଡ-୧୯ । କରୋନାର ନୂତନ ଉପପ୍ରଜାତି ଜେଏନ୍.୧ ପରେ ଏବେ ଦୁଇଟି ନୂତନ ଭାରିଏଣ୍ଟ ଚିହ୍ନଟ ହୋଇଛି । ଏହାର ନାଁ ହେଉଛି NB.1.8.1 ଏବଂ LF.7 । ଇନ୍‌ସାକୋଗ୍ ତଥ୍ୟ ଅନୁସାରେ ଦିଲ୍ଲୀ, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ଗୁଜୁରାଟରେ ମଧ୍ୟ ଏହି କରୋନା ସଂକ୍ରମଣ ମାମଲା ଅଧିକ ବଢ଼ିବାରେ ଲାଗିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ଦୁଇଟି ଭାରିଏଣ୍ଟ ଉପରେ ଅଧିକ ଗବେଷଣା ଚଳାଇଥିବା ବେଳେ ଏହି ପ୍ରଜାତି ବିପଜ୍ଜନକ କି ନାହିଁ ଜାଣିବା ।**

ତାମିଲନାଡୁରେ ଏପ୍ରିଲମାସରେ NB.1.8.1ର ଜଣେ ଆକ୍ରାନ୍ତଙ୍କ ଠାବ ହୋଇଥିବାବେଳେ ଗୁଜୁରାଟରେ ମଇମାସରେ LF.7 ର ଚାରିଟି ମାମଲା ସାମନାକୁ ଆସିଥିଲା । NB.1.8.1 ଜେଏନ୍.୧ର ଉପ ପ୍ରଜାତି । LF.7 ମଧ୍ୟ ଅନ୍ୟ ଏକ ସମ୍ପର୍କିତ ପ୍ରଜାତି । ତେବେ ଏହି ନୂତନ ଭାରିଏଣ୍ଟ ନୂଆ ନୁହେଁ । ଭାରତରେ ୨୦୨୨ ମସିହାରେ କରୋନା ରୋଗୀଙ୍କଠାରେ ଏହି ଭାରିଏଣ୍ଟ ସକ୍ରିୟ ଦେଖାଯାଇଥିଲା । ଏହି ଦୁଇଟି ଭାରିଏଣ୍ଟ ଏତେ ଗମ୍ଭୀର ହୋଇନଥିଲେ ହେଁ, ଦ୍ରୁତ ଭାବେ ବ୍ୟାପିବାର ଏଥିରେ କ୍ଷମତା ରହିଛି । ତେଣୁ ଭୟଭୀତ ନ ହୋଇ ସତର୍କ ରହିବା ଜରୁରି ।

NB.1.8.1 ଏବଂ LF.7ର ଲକ୍ଷଣ ଓମିକ୍ରନ ଭାରିଏଣ୍ଟ ପରି । ଜ୍ୱର, ଗଳା ଦରଜ, ନାକରୁ ପାଣି ବହିବା, ଶୁଖିଲା କାଶ, ଥକ୍କାପଣ, ମୁଣ୍ଡବିନ୍ଧା, ମାଂସପେଶୀ ଯନ୍ତ୍ରଣା, ବେଳେ ବେଳେ ତରଳ ଝାଡ଼ା, ଭୋକ ନ ଲାଗିବା, ବାନ୍ତି, ଜେଏନ୍.୧ ଏବଂ ଏହାର ଉପ ପ୍ରଜାତିରେ ଡାଇରିଆ ଅଧିକ ହେବାର ଆଶଙ୍କା ଥାଏ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯେଉଁମାନେ ଟିକା ନେଇଛନ୍ତି ସେମାନଙ୍କଠାରେ ଲକ୍ଷଣ ଦେଖାଯିବାର ୪ରୁ୫ ଦିନ ମଧ୍ୟରେ ଠିକ୍ ହୋଇଯାଆନ୍ତି । କମ୍ ରୋଗପ୍ରତିରୋଧକଶକ୍ତି ଥିବା ବ୍ୟକ୍ତି, ମଧୁମେହ, ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ବୟସ୍କ, ନବଜାତ ଶିଶୁ, ଗର୍ଭବତୀ ମହିଳାଙ୍କ ପାଇଁ ଏହା ଅଧିକ ବିପଜ୍ଜନକ । ତେଣୁ ଶରୀରରେ ଏହି ଲକ୍ଷଣ ଦେଖାଗଲେ, ଆର୍‌ଟି-ପିସିଆର୍ କିମ୍ବା ରାପିଡ଼ ଆଣ୍ଟିଜେନ୍ ଟେଷ୍ଟ କରିବା ଜରୁରି । କରୋନାରେ ଆକ୍ରାନ୍ତ ହେଲେ ଘରେ ଡାକ୍ତରଙ୍କ ପରାମର୍ଶରେ ରୁହନ୍ତୁ ।

ଏହି ନୂତନ ଭାରିଏଣ୍ଟରେ ମୃତ୍ୟୁ ଆଶଙ୍କା କମ୍ ଥିଲେ ବି ଭିଡ ସ୍ଥାନରେ ମାସ୍କ ପିନ୍ଧିବା, ହାତକୁ ସାବୁନରେ ୨୦ ସେକେଣ୍ଡ ଧୋଇବା ଆବଶ୍ୟକ । ଛିଙ୍କିବା ବା କାଶିବା ସମୟରେ ମୁହଁରେ ମାସ୍କ ଦେବା ଜରୁରି । ସାମାନ୍ୟ ଲକ୍ଷଣ ଦେଖିଲେ, ଆଇସୋଲେଟ୍‌ରେ ରହିବା ଆବଶ୍ୟକ । ବୟସ୍କ ଏବଂ ରୋଗପ୍ରତିରୋଧକଶକ୍ତି ଦୁର୍ବଳ ଥିବା ବ୍ୟକ୍ତି ସତର୍କ ରହିବା ସହ ଦୈନିକ ଡାଏଟ୍‌ରେ ସନ୍ତୁଳିତ ଓ ପୌଷ୍ଟିକ ଖାଦ୍ୟ ସାମିଲ କରିପାରିବେ ।

ଆଇପିଏଲ୍-୧୮ : ମୁଲାନପୁରରେ କ୍ୱାଲିଫାୟର-୧ ମୁକାବିଲା

# ବେଙ୍ଗାଲୁରୁ ବୋଲିଂରେ ପଞ୍ଜାବ ଧରାଶାୟୀ

ମୁଲାନପୁର, ଚଣ୍ଡିଗଡ,୨୯।୫ (ଏଜେନ୍ସି): ଏଠାରେ ଗୁରୁବାର ଅନୁଷ୍ଠିତ ଆଇପିଏଲ୍-୧୮ ପ୍ରଥମ କ୍ୱାଲିଫାୟରରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଘାତକ ବୋଲିଂରେ ଆୟୋଜକ ପଞ୍ଜାବ କିଙ୍ଗ୍ସ ବ୍ୟାଟିଂ ଧରାଶାୟୀ ହୋଇଛି। ଏହି ମ୍ୟାଚ୍‌ରେ ବେଙ୍ଗାଲୁରୁ ବୋଲିଂର ଉଚିତ ମୁକାବିଲା କରି ନ ପାରି ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ମାତ୍ର ୧୪.୧ ଓଭରରେ ୧୦୧ ରନ୍ କରି ଅଲଆଉଟ ହୋଇଯାଇଛି। ଦଳର ସମସ୍ତ ତାରକା ଓ ସଫଳ ବ୍ୟାଟର ଜଣଙ୍କ ପରେ ଜଣେ ପାଭିଲିୟନ ଫେରିଯାଇଥିଲେ। ସେମାନଙ୍କ ମଧ୍ୟରେ ମାତ୍ର ୩ଜଣ ଖେଳାଳି ଦୁଇ ଅଙ୍କରେ ପହଞ୍ଚିବାକୁ ସମର୍ଥ ହୋଇଥିଲେ। ମାର୍କସ ଷ୍ଟୋଇନିସ ସର୍ବାଧିକ ୨୬, ପ୍ରଭସିମରନ ସିଂ ଓ ଆଜମତୁଲ୍ଲା ଓମରଜାଇ ୧୮ ରନ୍ ଲେଖାଏଁ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଶ୍ରେୟସ ଆୟର ୨, ଜୋଶ ଇଂଲିଶ ୪, ଯୁବ ଓପନର ପ୍ରିୟାଂଶ ଆର୍ଯ୍ୟ ୭, ନେହାଲ ୱାଧେରା ୮, ଶଶାଙ୍କ ସିଂ ୩ ଓ ଡେବ୍ୟୁ କରିଥିବା ମୁସୀର ଖାନ୍ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଯାଇଥିଲେ। ଫଳରେ ଦଳ ଏପରି ଦୟନୀୟ ବ୍ୟାଟିଂ ପ୍ରଦର୍ଶନ କରିଥିଲା। ବେଙ୍ଗାଲୁରୁ ପକ୍ଷରୁ ଫାଷ୍ଟ ବୋଲର ଜୋଶ ହାଜ୍‌ଲେଉଡ ଓ ସ୍ପିନର ସୂୟାଶ ଶର୍ମା ୩ଟି ଲେଖାଏଁ ୱିକେଟ ନେଇ ପଞ୍ଜାବର ବ୍ୟାଟିଂ ଲାଇନ୍‌କୁ ଧ୍ୱଂସ କରିଦେଇଥିଲେ। ଯଶ ଦୟାଲ ୨ଜଣ, ଭୁବନେଶ୍ୱର କୁମାର ଓ ରୋମାରିଓ ସେଫର୍ଡ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।



ସୂଚନାଯୋଗ୍ୟ ପ୍ରଥମ କ୍ୱାଲିଫାୟରରେ ବିଜେତା ଦଳ ଆଇପିଏଲ୍-୧୮ର ସିଧାସଳଖ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ପରାଜିତ ଦଳ କ୍ୱାଲିଫାୟର-୨ରେ ଖେଳିବ। ଆସନ୍ତାକାଲି ଗୁଜରାଟ ଟାଇଟନ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଖେଳାଯିବାକୁ ଥିବା ଏଲିମିନେଟର ମୁକାବିଲାର ବିଜେତା ସହ ଆଜିର ପରାଜିତ ଦଳ ଅହମ୍ମଦାବାଦ୍‌ରେ ଜୁନ୍ ୧ ତାରିଖ ଦିନ କ୍ୱାଲିଫାୟରକୁ ଯୋଗ୍ୟତା ଅର୍ଜନ କରିବ।

ବେଙ୍ଗାଲୁରୁ ଅଧିନାୟକ ରଜତ ପାଟିଦାର ଗୁରୁତ୍ୱପୂର୍ଣ୍ଣ ଟସ୍ ଜିତିବା ପରେ ପଞ୍ଜାବକୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲେ। ପଞ୍ଜାବର ଦୁଇ ସଫଳ ଅନ୍‌କ୍ୟାପ୍‌ଡ ଓପନର କିନ୍ତୁ ବେଶି ସମୟ ତିଷ୍ଠି ପାରି ନ ଥିଲେ। ବାମହାତୀ ପେସର ଯଶ ଦୟାଲ ପଞ୍ଜାବର ଯୁବ ଓପନର ପ୍ରିୟାଂଶ ଆର୍ଯ୍ୟ (୭)ଙ୍କୁ ଆଉଟ କରି ବ୍ରେକ୍ ଥ୍ରୁ ଦେବା ପରେ ଆଉ କେହି ବେଶି ସମୟ କ୍ରିଜ୍‌ରେ ତିଷ୍ଠି ପାରି ନ ଥିଲେ। ୨୭ ରନ୍‌ରେ ଅନ୍ୟତମ ଓପନର ପ୍ରଭସିମରନ ସିଂହ (୧୦ବଲ୍‌ରେ ୧୮ ରନ୍)ଙ୍କୁ ଆଉଟ କରି ଭୁବନେଶ୍ୱର କୁମାର ବିପର୍ଯ୍ୟୟର ଧାରା ପକାଇଥିଲେ। ଏହା ପରେ ହାଜ୍‌ଲେଉଡ୍ ଜୋଶ ଇଂଲିଶ (୪) ଓ ଅଧିନାୟକ ଶ୍ରେୟସ ଆୟର (୨)ଙ୍କୁ ଆଉଟ କରିବା ପରେ ପଞ୍ଜାବ ବ୍ୟାଟିଂ ଧରାଶାୟୀ ହୋଇଯାଇଥିଲା। ନେହାଲ ୱାଧେରା (୮)ଙ୍କୁ ଆଉଟ କରି ଦୟାଲ ବଡ଼ ସଫଳତା ଦେଇଥିଲେ। ୱାଧେରାଙ୍କ ଆଉଟ ପରେ ପଞ୍ଜାବ ୫୦ ରନ୍‌ରେ ୫ ୱିକେଟ ହରାଇଥିଲା। ଏହା ପରେ ୯ମ ଓଭରରେ ସୂୟାଶ ପଞ୍ଜାବର ଦୁଇ ଜଣ ଖେଳାଳି ଶଶାଙ୍କ ସିଂ(୩) ଓ ଡେବ୍ୟୁଟାଣ୍ଟ ମୁସୀର ଖାନ୍ (୦)ଙ୍କୁ ଆଉଟ କରି ବେଙ୍ଗାଲୁରୁକୁ ଶୀର୍ଷରେ ପହଞ୍ଚାଇଥିଲେ। ମାର୍କସ ଷ୍ଟୋଇନିସ ୨୬ ଓ ଆଜମତୁଲ୍ଲା ଓମରଜାଇ ୧୮ ରନ କରିବା ଫଳରେ ଦଳ ୧୦୦ ରନ୍ ଅତିକ୍ରମ କରିଥିଲା। ବେଙ୍ଗାଲୁରୁ ପକ୍ଷରୁ ଫାଷ୍ଟ ବୋଲର ଜୋଶ ହାଜ୍‌ଲେଉଡ ଓ ସ୍ପିନର ସୂୟାଶା ଶର୍ମା ୩ଟି ଲେଖାଏଁ ୱିକେଟ ନେଇଥିଲେ। ଯଶ ଦୟାଲ ୨ଜଣ, ଭୁବନେଶ୍ୱର କୁମାର ଓ ରୋମାରିଓ ସେଫର୍ଡ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

# ଗୁଜରାଟ-ମୁମ୍ବାଇ ଏଲିମିନେଟର ଆଜି

ମୁଲାନପୁର,ଚଣ୍ଡିଗଡ, ୨୯।୫ (ଏଜେନ୍ସି): ଆଇପିଏଲ୍‌ର ଦୁଇ ଦମ୍‌ଦାର ଦଳ ଗୁଜରାଟ ଟାଇଟନ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଚଳିତ ସଂସ୍କରଣର ଦ୍ୱିତୀୟ ପ୍ଲେ ଅଫ ବା ଏଲିମିନେଟର ମ୍ୟାଚ୍ ଏଠାରେ ଆସନ୍ତାକାଲି ଖେଳାଯିବ। ଦୀର୍ଘ ଦୁଇମାସ ଧରି ଲଢ଼େଇ କରୁଥିବା ଏହି ଦୁଇ ଦଳ ଲାଗି ମ୍ୟାଚ୍‌ଟି ସବୁଠାରୁ ଅଧିକ ଗୁରୁତ୍ୱ ବହନ କରୁଛି। ଏହାର ଅର୍ଥ ଏହି ମୁକାବିଲାରେ ଯେଉଁ ଦଳ ପରାଜିତ ହେବ, ସେହି ଦଳ ପ୍ରତିଯୋଗିତାରୁ ବିଦାୟ ନେବ। ଏଣୁ ତାରକା ବିହୀନ ଖେଳାଳିଙ୍କୁ ନେଇ ଉଭୟ



**ଆଇପିଏଲ୍ ଏଲିମିନେଟର**
**ଗୁଜରାଟ ବନାମ ମୁମ୍ବାଇ**
ମୁଲାନପୁର/ ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

ଦଳ କିପରି ଏହି ୪୦ ଓଭରକୁ ମୁକାବିଲା କରିବେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନଂ-୩ରେ ଥିବା ଗୁଜରାଟ ଟାଇଟନ୍ସର ଅଳ୍ପଦିନ ପ୍ରବେଶ ମଧ୍ୟରେ ଦୁଇଥର ଫାଇନାଲ ଖେଳିଥିଲାବେଳେ ୨୦୨୨ରେ ଚାମ୍ପିଅନ ହୋଇଥିଲା। ଆରମ୍ଭରୁ ଏଯାଏ ୧୮ଟି ଯାକ ସଂସ୍କରଣ ଖେଳିଥିବା ମୁମ୍ବାଇ ୫ଥର ଟାଇଟଲ ଜିତିଛି। ଏଭଳି ସ୍ଥିତିରେ କେହି କାହାରିକୁ ଇଞ୍ଚେ ଛାଡ଼ିବେ ନାହିଁ ବୋଲି ସେମାନଙ୍କ ରଣନୀତିରୁ ସୂଚନା ମିଳିଛି।

ଗୁଜରାଟ ଦଳରେ ୩ଜଣ ଖେଳାଳି ସର୍ବାଧିକ ରନ୍ ସଂଗ୍ରହ କରିଛନ୍ତି। ଦଳର ଦୁଇ ଓପନର ସାଇ ସୁଦର୍ଶନ ୬୭୯ ଓ ଅଧିନାୟକ ଶୁବମନ ଗିଲ୍ ୬୪୯ ରନ୍ କରିଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ଆଉଟ ହେଲେ ଇଂଲିଶ ଖେଳାଳି ଜୋଶ ବଟଲର ୫୩୮ ରନ୍ କରି ସ୍ଥିତି ସମ୍ଭାଳିଛନ୍ତି। ଏହି ମ୍ୟାଚ୍‌ରେ ବଟଲର କିମ୍ବା ଦକ୍ଷିଣ ଆଫ୍ରିକୀୟ ଫାଷ୍ଟ ବୋଲର କାଗିସୋ ରାବାଡ଼ା ଖେଳିବେ ନାହିଁ। ଏଣୁ ସୁଦର୍ଶନ ଓ ଗିଲ ଚାପରେ ରହିବେ। ଅନ୍ୟ ପକ୍ଷରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ଭଲ ଖେଳୁଥିଲାବେଳେ ସୂର୍ଯ୍ୟକୁମାର ଯାଦବ ୬୪୦ ରନ୍ କରି ସ୍ଥିର ପ୍ରଦର୍ଶନ ଦେଇଆସିଛନ୍ତି। ଓପନର ରିୟାନ ରିକେଲଟନ ଓ ୱିଲ ଜ୍ୟାକ୍ସ ଏହି ମ୍ୟାଚ୍ ଖେଳିବେ ନାହିଁ। ରୋହିତ ଶର୍ମା (୩୨୯) ହୁଅନ୍ତୁ କି ତିଲକ ବର୍ମା (୨୭୪) ସ୍ଥିର ପ୍ରଦର୍ଶନ ଦେଇପାରି ନାହାନ୍ତି। ବୋଲିଂରେ ମୁମ୍ବାଇର ଶକ୍ତି ଅଧିକ। ଯଶପ୍ରୀତ ବୁମ୍‌ରା (୧୭ ୱିକେଟ), ଟ୍ରେଣ୍ଟ ବୋଲ୍ଟ (୧୯ ୱିକେଟ), ହାର୍ଦ୍ଦିକ ପାଣ୍ଡ୍ୟା (୧୩) ଓ ଦୀପକ ଚହର (୧୧) ସ୍ଥିର ପ୍ରଦର୍ଶନ ଦେଇଛନ୍ତି। ଗୁଜରାଟର ଦୁଇ ସଫଳ ବୋଲର ହେଲେ ପ୍ରସିଦ୍ଧ କ୍ରିଷ୍ଣା ଓ ମହମ୍ମଦ୍ ସିରାଜ। କ୍ରିଷ୍ଣା ୨୩ଟି ଓ ସିରାଜ ୧୫ଟି ୱିକେଟ ପାଇଛନ୍ତି। ବାମହାତୀ ସ୍ପିନର ଆର୍ ସାଇ କିଶୋରଙ୍କୁ ୧୭ଟି ୱିକେଟ ମିଳିଛି। ଏମାନଙ୍କୁ ବାଦ୍ ଦେଲେ ରସିଦ୍ ଖାନଙ୍କ ସମେତ ଅନ୍ୟ ଖେଳାଳି ସଫଳ ହୋଇ ନାହାନ୍ତି। ପ୍ରଦର୍ଶନ ଯାହା ହେଉନା କାହିଁକି, ଦୁଇ ସମକକ୍ଷ ଦଳ ମଧ୍ୟରେ ଏହି ମୁକାବିଲାଟି ବେଶ ରୋମାଞ୍ଚକ ହେବ ବୋଲି ଆଶା କରିବା ସ୍ୱାଭାବିକ୍।

## ଭାରତ-ଏ ସହ ୧୦ଟି ମ୍ୟାଚ୍ ଖେଳିବେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା-ଏ


ନୂଆଦିଲ୍ଲୀ, ୨୯।୫ (ଏଜେନ୍ସି): ଅଷ୍ଟ୍ରେଲିଆ-ଏ ଓ ଦକ୍ଷିଣ ଆଫ୍ରିକା-ଏ' ଦଳ ଭାରତ ଗସ୍ତରେ ଆସିବେ। ଉଭୟ ଦଳ ଘରୋଇ ଭାରତ-ଏ'ସହ ୨ଟି ଲେଖାଏଁ ଅନ୍‌ଅଫିସିଆଲ ଟେଷ୍ଟ ଓ ୩ଟି ଲେଖାଏଁ ଦିନିକିଆ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଲକ୍ଷ୍ନୌରେ ସେପ୍ଟେମ୍ବର ମାସରେ ୨ଟି ଯାକ ଅନ୍‌ଅଫିସିଆଲ ଟେଷ୍ଟ ଖେଳିବ ଅଷ୍ଟ୍ରେଲିଆ-ଏ। ଏହି ମ୍ୟାଚ୍ ଦୁଇଟି ସେପ୍ଟେମ୍ବର ୧୬ରୁ ୧୯ ଓ ସେପ୍ଟେମ୍ବର ୨୩ରୁ ୨୬ ଯାଏ ଖେଳାଯିବ। ସେହିପରି ଦିନିକିଆ ମ୍ୟାଚ୍ ଗୁଡ଼ିକ କାନପୁରରେ ସେପ୍ଟେମ୍ବର ୩୦, ଅକ୍ଟୋବର ୩ ଓ ୫ରେ ଖେଳାଯିବ।


ଦକ୍ଷିଣ ଆଫ୍ରିକା-ଏ' ଦୁଇଟି ଅନ୍‌ଅଫିସିଆଲ ଟେଷ୍ଟ ବେଙ୍ଗାଲୁରୁ ସେଣ୍ଟର ଅଫ୍ ଏକ୍ସଲେନ୍ସ ଓ ୩ଟି ଦିନିକିଆ ମ୍ୟାଚ୍ ଏମ୍‌ଏ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଖେଳିବ। ଏହା ମଧ୍ୟରୁ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ଅକ୍ଟୋବର ୩୦ରୁ ନଭେମ୍ବର ୨, ଦ୍ୱିତୀୟ ଟେଷ୍ଟ ନଭେମ୍ବର ୬ରୁ ୯ ଯାଏ ଖେଳାଯିବ। ସେହିପରି ଦିନିକିଆ ମ୍ୟାଚ୍ ଗୁଡିକ ନଭେମ୍ବର ୧୩, ୧୬ ଓ ୧୯ରେ ଅନୁଷ୍ଠିତ ହେବ।

● ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

## ଭୁବନେଶ୍ୱର-ଏ ବିଜୟୀ

କଟକ,୨୯।୫(ସମିସ): ଡ୍ରିମସ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚ୍‌ରେ ଭୁବନେଶ୍ୱର-ଏ' ୯ ୱିକେଟରେ ରାଉରକେଲାକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲାର ଇନିଂସ୍ ମାତ୍ର ୮୭ରନରେ ସୀମିତ ରହିଥିଲା। ହିମାଂଶୁ ଚୌବେ ସର୍ବାଧିକ ୨୬ରନ କରିଥିଲେ। ଭୁବନେଶ୍ୱର-ଏ'ର ସୟଦ ଟି ଅହମ୍ମଦ ୧୩ରନ ବିନିମୟରେ ୨ଟି ୱିକେଟ ଦଖଲ କରିଥିଲେ। ଗୋଟିଏ ୱିକେଟ ହରାଇ ୨୧.୪ ଓଭରରେ ଭୁବନେଶ୍ୱର-ଏ ବିଜୟ ହାସଲ କରିଥିଲା। କ୍ରୀଷ୍ଣା ସାସମଲ ୩୩ରନ, ଆୟୁଷ ଚାନ୍ଦ ଅପରାଜିତ ୨୬ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ସୟଦ ଟି ଅହମ୍ମଦଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ରେଭେନ୍ସା ଗ୍ରାଉଣ୍ଡରେ କେନ୍ଦୁଝର ୮ ୱିକେଟରେ ପୁରୀକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ୫୫ରନରେ ଅଲଆଉଟ ହୋଇଥିଲା। କେନ୍ଦୁଝରର ସଙ୍କେତ ପଣ୍ଡା ୫ ଓଭର ବୋଲିଂ କରି ୪ରନ ବିନିମୟରେ ୪ଟି ୱିକେଟ ଦଖଲ କରିଥିଲେ। ୧୨.୪ ଓଭରରେ କେନ୍ଦୁଝର ବିଜୟୀ ହୋଇଥିବା ବେଳେ ଅନୁପ ନାୟକ ଅପରାଜିତ ୨୫ରନ କରିଥିଲେ। ସଙ୍କେତ ଶ୍ରେଷ୍ଠ ଖେଳାଳି ସାବ୍ୟସ୍ତ ହୋଇଥିଲେ। ସନସାଇନ ଗ୍ରାଉଣ୍ଡରେ କନ୍ଧମାଳ ୨ ୱିକେଟରେ ଢେଙ୍କାନାଳକୁ ହରାଇଛି। ପ୍ରୟାନ ସାମଲଙ୍କ ୩୮ରନ ଏବଂ ଆୟୁଷ୍ମାନ ସାହୁଙ୍କ ୨୭ରନ ସହାୟତାରେ ଢେଙ୍କାନାଳ ସମସ୍ତ ୱିକେଟ ହରାଇ ୧୩୪ରନ କରିଥିଲା। କନ୍ଧମାଳର ସୌରଭ ଯାଦବ ଏବଂ ଅନୁଜ କୁମାର ଯାଦବ ୨ଟି ଲେଖାଏ ୱିକେଟ ହାସଲ କରିଥିଲେ। ଜ୍ଞାନ ଚୌଧୁରୀଙ୍କ ଅର୍ଦ୍ଧଶତକୀୟ ଇନିଂସ (୫୧ରନ) ଏବଂ ସୌରଭଙ୍କ ୪୩ରନ ବଳରେ ୮ ୱିକେଟ ହରାଇ କନ୍ଧମାଳ ମ୍ୟାଚ୍ ବିଜୟୀ ହୋଇଥିଲା। ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ସୌରଭ ଯାଦବ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।


ସୟଦ ଟି. ଅହମ୍ମଦ


ସଂକେତ ପଣ୍ଡା


ସୌରଭ ଯାଦବ

ଆଜିଠାରୁ ଭାରତ ଏ- ଇଂଲଣ୍ଡ ଲାୟନ୍ସ ମୁକାବିଲା

## ଫୋକସ୍‌ରେ ଈଶ୍ୱରନ, ଜୟସ୍ୱାଲ, ନୀତୀଶ

କେଣ୍ଟବୁରୀ, ୨୯।୫ (ଏଜେନ୍ସି): ସ୍ଥାନୀୟ ସେଣ୍ଟ ଲରେନ୍ସସ୍ଥିତ ଦି ସ୍ପିଟ୍ ଫାୟାର ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଭାରତ-ଏ ଓ ଇଂଲଣ୍ଡ ଲାୟନ୍ସ ମଧ୍ୟରେ ପ୍ରଥମ ୪ ଦିନିଆ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଭଳି ବ୍ୟାଟିଂ ସୁପରଷ୍ଟାର ଟେଷ୍ଟରୁ ଅବସର ଘୋଷଣା କରିବା ଫଳରେ ଭାରତ ପାଇଁ ଏହି ମ୍ୟାଚ୍‌ର ଗୁରୁତ୍ୱ ବଢିଯାଇଛି। ଏହି ମ୍ୟାଚ୍ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ୱେବସାଇଟ୍ ଓ ଆପ୍‌ରେ ସିଧାପ୍ରସାରଣ ହେବ। କିନ୍ତୁ ଭାରତରେ ଏହି ମ୍ୟାଚ୍‌ର ପ୍ରସାରଣ ହେବ ନାହିଁ। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ମ୍ୟାଚ୍ ପୂର୍ବରୁ ଭାରତୀୟ ଖେଳାଳିମାନେ ଇଂଲଣ୍ଡ ପରିବେଶ ଖାପ୍ ଖୁଆଇବାର ସୁଯୋଗ ପାଇବେ। ଯଶସ୍ୱୀ ଜୟସ୍ୱାଲଙ୍କ ଭଳି ଓପନର ଓ ଅଲରାଉଣ୍ଡର ନୀତୀଶ ରେଡ୍ଡୀଙ୍କ ସମେତ ଭାରତ-ଏ ଦଳରେ ସ୍ଥାନ ପାଇଥିବା ଅଭିମନ୍ୟୁ ଈଶ୍ୱରନ, ଧ୍ରୁବ ଜୁରେଲ, ଅଭିଜ୍ଞ କରୁନ ନାୟର ଏବଂ ଦ୍ରୁତ ବୋଲର ଆକାଶ ଦୀପ ଓ ଶାର୍ଦ୍ଦୁଳ ଠାକୁର ମଧ୍ୟ ଭଲ ପ୍ରଦର୍ଶନ କରିବାକୁ ପ୍ରୟାସ କରିବା ସହ ଟେଷ୍ଟ ଦଳରେ ସ୍ଥାନ ପକ୍କା କରିବାକୁ ପ୍ରୟାସ କରିବେ। କରୁଣଙ୍କ ବାଦ ଦେଲେ ଦଳର ଅନ୍ୟ ସବୁ ଖେଳାଳି ପ୍ରଥମଥର ପାଇଁ ଇଂଲଣ୍ଡ ଗସ୍ତ କରିଛନ୍ତି। ଜୁନ ୨୦ରୁ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ ଆରମ୍ଭ ହେବ। ତାରକା ୱିକେଟକିପର ଇଶାନ କିଶାନ, ତନୁଷ କୋଟିଆନ, ହର୍ଷିତ ରାଣାଙ୍କ ଭଳି ଖେଳାଳି ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ଅନ୍ୟପଟେ ଇଂଲଣ୍ଡ ଦଳର ନେତୃତ୍ୱ ନେବେ ଜେମ୍ସ ରିୟୁ। ଦଳରେ ଆଣ୍ଡ୍ର୍ୟୁ ଫ୍ଲିଣ୍ଟଫ୍‌ଙ୍କ ପୁଅ ରକି, ସ୍ପିନର ରେହାନ ଅହମ୍ମଦ, କ୍ରିସ ୱକ୍ସ, ଫରହାନ ଅହମ୍ମଦଙ୍କ ଭଳି ଖେଳାଳି ମଧ୍ୟ ସ୍ଥାନ ପାଇଛନ୍ତି।

**ଭାରତୀୟ ଦଳ:** ଅଭିମନ୍ୟୁ ଈଶ୍ୱରନ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, କରୁଣ ନାୟର, ଧ୍ରୁବ ଜୁରେଲ, ନୀତୀଶ କୁମାର ରେଡ୍ଡୀ, ଶାର୍ଦ୍ଦୁଳ ଠାକୁର, ଇଶାନ କିଶାନ, ମାନବ ସୂତାର, ତନୁଷ କୋଟିଆନ, ମୁକେଶ କୁମାର, ଆକାଶ ଦୀପ, ହର୍ଷିତ ରାଣା, ଅଂଶୁଲ କାମ୍ବୋଜ, ଖଲିଲ ଅହମ୍ମଦ, ଋତୁରାଜ ଗାଏକ୍ୱାଡ, ସର୍ଫରାଜ ଖାନ, ତୁଷାର ଦେଶପାଣ୍ଡେ ଓ ହର୍ଷ ଦୁବେ।

## ୭ ବର୍ଷରୁ କମ୍ ଜାତୀୟ ଓପନ୍ ଚେସ୍‌ରେ ୫ ଲକ୍ଷ ପୁରସ୍କାର

ଭୁବନେଶ୍ୱର, ୨୯।୫ (ସମିସ): ୩୮ତମ ଜାତୀୟ ୭ ବର୍ଷରୁ କମ୍ ଓପନ୍ ଓ ବାଳିକା ଚେସ୍ ଆସନ୍ତା ୧ରୁ ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଆରମ୍ଭ ହେବାକୁ ଯାଉଛି। ୨୦୧୮ ଜାନୁଆରୀ ୧ କିମ୍ବା ଏହାପରେ ଜନ୍ମଗ୍ରହଣ କରିଥିବା ଖେଳାଳି ଏଥିରେ ଭାଗନେଇପାରିବେ। ଅଲ୍‌ଓଡ଼ିଶା ଚେସ୍ ଆସୋସିଏସନ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ମୋଟ୍ ପୁରସ୍କାର ରାଶି ୫ ଲକ୍ଷ ଟଙ୍କା ରଖାଯାଇଛି। ଓପନ୍ ଓ ବାଳିକା ବର୍ଗରେ ଚାମ୍ପିଅନ ହୋଇଥିବା ଖେଳାଳିଙ୍କୁ ୫୦ ହଜାର ଲେଖାଏ ଟଙ୍କା, ରନର୍ସଅପ୍ ଖେଳାଳିଙ୍କୁ ୩୬ ହଜାର ଓ ୩ୟ ସ୍ଥାନରେ ରହିଥିବା ଖେଳାଳି ୩୦ ହଜାର ଟଙ୍କା ଓ ଟ୍ରଫି ପାଇବେ। ର୍‍ୟାଙ୍କ ୧ରୁ ୨୦ ମଧ୍ୟରେ ରହିଥିବା ଖେଳାଳିଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି।

## ଖୋର୍ଦ୍ଧା ଜିଲ୍ଲା ଚେସ୍ : ସାତ୍ୱିକ, ଶୁଭସ୍ମିତା ଚାମ୍ପିଅନ

ଭୁବନେଶ୍ୱର,୨୯।୫ (ସମିସ): ବିଶ୍ୱ ୮ ବର୍ଷରୁ କମ୍ ରୌପ୍ୟ ପଦକ ବିଜେତା ସାତ୍ୱିକ ସ୍ୱାଇଁ ଓ ଶୁଭସ୍ମିତା ପ୍ରିୟଦର୍ଶିନୀ ଖୋର୍ଦ୍ଧା ଜିଲ୍ଲା୧୫ ବର୍ଷରୁ କମ୍ ଚେସ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ବାଳକ ବିଭାଗରେ ସାତ୍ୱିକ ୬ ରାଉଣ୍ଡରୁ ୬ ପଏଣ୍ଟ ସଂଗ୍ରହ କରି ପ୍ରଥମସ୍ଥାନରେ ରହିଥିଲେ। ଦେବପ୍ରୀତ ମିଶ୍ର, ମନୀଷ ମିଶ୍ର ଓ ସତ୍ୟସ୍ୱରୂପ ତ୍ରିପାଠୀ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଦ୍ୱିତୀୟରୁ ଚତୁର୍ଥ ସ୍ଥାନରେ ରହିଛନ୍ତି। ଏମାନଙ୍କ ପଛକୁ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିବା ଶୁଭମ ପ୍ରତୀକ ମିଶ୍ର ୫ମ ଓ ଦିବ୍ୟାଂଶୁ ଦାସ ୬ଷ୍ଠ ସ୍ଥାନରେ ରହିଛନ୍ତି। ସେହିପରି ବାଳିକା ବିଭାଗରେ ଶୁଭସ୍ମିତା, ଅମୃତା ପ୍ରିୟଲକ୍ଷ୍ମୀ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୪.୫ ପଏଣ୍ଟ ପାଇ ମୌକଥିକା ନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କ ପଛକୁ ୩ ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ ଆରାଧ୍ୟା ବୁଡେକ, ଆୟେଶା ମହାନ୍ତି ଓ ଅଦିତି ମହାରଣା ଯଥାକ୍ରମେ ଚତୁର୍ଥରୁ ୬ଷ୍ଠ ସ୍ଥାନରେ ରହିଛନ୍ତି। ରୁଷର ଅନ୍ତର୍ଜାତୀୟ ମାଷ୍ଟର ଡେଭିଡ୍ ଜି'ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲ୍‌ଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ଡଃ ସୁଶାନ୍ତ ଷଡଙ୍ଗୀ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ସର୍ବେଶ୍ୱର ସାହୁ, ଲଲାଟ ସାମଲ, ସନ୍ତୋଷ ମହାପାତ୍ର, ପ୍ରଦୀପ୍ତ ବଳିୟାରସିଂହ ଓ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହାୟତା କରିଥିଲେ।



ଫ୍ରେଞ୍ଚ୍ ଓପନ୍ ଟେନିସ

## ତୃତୀୟ ରାଉଣ୍ଡରେ ପେଗୁଲା, ଆନ୍ଦ୍ରୀଭା

ପ୍ୟାରିସ୍,୨୯।୫(ଏଜେନ୍ସି): ଚଳିତ ଫ୍ରେଞ୍ଚ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ଏକକ ପ୍ରତିଯୋଗିତାରେ ସିଡେଡ୍ ଖେଳାଳିମାନେ ଅଗ୍ରଗତି କରିଛନ୍ତି। ତୃତୀୟ ସିଡ୍ ଆମେରିକାର ଜେସିକା ପେଗୁଲା, ଷଷ୍ଠ ସିଡ୍ ରୁଷିଆର ମୀରା ଆନ୍ଦ୍ରିଭା, ୨୦ତମ ସିଡ୍ ଏକାଟେରିନା ଆଲକ୍‌ଜାଣ୍ଡ୍ରୋଭା, କାଜାଖସ୍ତାନର ୟୁଲିଆ ପୁତିନଶୋଭା ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି। ପେଗୁଲା ୬-୩, ୭-୬ ସେଟ୍‌ରେ ନିଜ ଦେଶର ଅନ୍ନ ଲି'ଙ୍କୁ, ଆନ୍ଦ୍ରୀଭା ୬-୩, ୬-୪ ସେଟ୍‌ରେ ଆମେରିକାର ଅଶଲିନ୍ କ୍ରୁଗେରଙ୍କୁ, ପୁତିନଶୋଭା ୭-୬, ୬-୩ ସେଟ୍‌ରେ ଚାଇନିଜ ତାଇପେର ଜୋଆନା ଗାର୍ଲାଣ୍ଡଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ସେହିପରି ରୁଷିଆର ଭରୋନିକା କୁଡେରମେଟୋଭା ୬-୦, ୬-୩ ସିଧାସଳଖ ସେଟ୍‌ରେ ୧୫ତମ ସିଡ୍ ଚେକ ଗଣରାଜ୍ୟର ବାର୍ବୋରା କ୍ରେଜିସିକୋଭାଙ୍କୁ ହରାଇ ବିପର୍ଯ୍ୟୟ ଘଟାଇବା ସହ ତୃତୀୟ ରାଉଣ୍ଡକୁ ଉଠିଛନ୍ତି।



**ସିନର, ଜ୍ୱେରେଭ ତୃତୀୟ ରାଉଣ୍ଡକୁ ଉନ୍ନୀତ**

ପୁରୁଷ ଏକକରେ ଟପ୍ ସିଡ୍ ଇଟାଲୀର ଜାନିକ ସିନର, ତୃତୀୟ ସିଡ୍ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭ, ୧୭ତମ ସିଡ୍ ରୁଷିଆର ଆନ୍ଦ୍ରେ ରୁବଲେଭ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସିନର ୬-୩, ୬-୦, ୬-୪ ସିଧା ସେଟ୍‌ରେ ଫ୍ରାନ୍ସର ରିଚାର୍ଡ ଗାସ୍‌କେଟଙ୍କୁ, ଜ୍ୱେରେଭ ୩-୬, ୬-୧, ୬-୨, ୬-୩ ସେଟ୍‌ରେ ଡଚ୍ ଖେଳାଳି ଜେସପେର ଡି ଜଙ୍ଗଙ୍କୁ ହରାଇ ଅଗ୍ରଗତି କରିଛନ୍ତି। କିନ୍ତୁ ୯ମ ସିଡ୍ ଅଷ୍ଟ୍ରେଲିଆର ଅଲେକ୍ସ ଡି ମିନାଉର ୬-୨, ୬-୪, ୪-୬, ୩-୬, ୨-୬ ମାରାଥନ ସେଟ୍‌ରେ କାଜଖସ୍ତାନର ଆଲେକଜାଣ୍ଡର ବଲ୍‌ବିକଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି।

**ପୁରୁଷ ଯୁଗଳରେ ୩ ଭାରତୀୟଙ୍କ ଅଗ୍ରଗତି**

ପୁରୁଷ ଯୁଗଳ ପ୍ରତିଯୋଗିତାରେ ଭାରତର ୩ ଜଣ ଖେଳାଳି ସେମାନଙ୍କ ପାର୍ଟନରଙ୍କ ସହ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି। ଅଭିଜ୍ଞ ଭାରତୀୟ ଖେଳାଳି ରୋହନ ବୋପାନ୍ନା ଓ ଚେକ ସାଥି ଆଡାମ ପାଭଲାସେକ ୬-୬, ୫-୭, ୬-୧ ସେଟ୍‌ରେ ଆମେରିକାର ରୋବେର୍ଟ କାସ ଓ ଜେମ୍ସ ଟ୍ରାସିଙ୍କୁ, ଅନ୍ୟତମ ଭାରତୀୟ ଖେଳାଳି ଯୁକି ଭାମ୍ବ୍ରୀ ଓ ଆମେରିକାର ରୋବେର୍ଟ ଗାଲୋୱେ ୬-୩, ୬-୭, ୬-୩ ସେଟ୍‌ରେ ନେଦରଲାଣ୍ଡସର ରବିନ ହାସ ଓ ଜର୍ମାନୀର ହେଣ୍ଡ୍ରିକ ଜେବେନ୍ସଙ୍କୁ, ଭାରତର ଅନ୍ୟତମ ଖେଳାଳି ଏନ ଶ୍ରୀରାମ ବାଲାଜୀ ଓ ମେକ୍ସିକୋର ମିଗୁଏଲ ଭାରେଲା ୬-୨, ୬-୧ ସେଟ୍‌ରେ ଆର୍ଜେଣ୍ଟିନାର କାମିଲୋ କାରାବେଲି ଓ ଚୀନ୍‌ର ୟୁନଚାଓକେଟ୍ ବୁଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡକୁ ଉଠିଛନ୍ତି।

## ସାବ୍‌ଲେଙ୍କୁ ସ୍ମରଣୀୟ ସ୍ୱର୍ଣ୍ଣିମ ସଫଳତା

ଗୁମି, ୨୯।୫ (ଏଜେନ୍ସି): ଦକ୍ଷିଣ କୋରିଆର ଗୁମି ସହରରେ ଚାଲିଥିବା ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ଭାରତ ଗୁରୁବାର ୩ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଜାତୀୟ ରେକର୍ଡ ଅଧିକାରୀ ଅବିନାଶ ସାବଲେ ଓ ଜ୍ୟୋତି ୟାରାଜୀ ପୋଡିୟମର ପ୍ରଥମ ସ୍ଥାନରେ ରହି ଦେଶକୁ ଗୌରବାନ୍ୱିତ କରିଛନ୍ତି। ସେହିଭଳି ୪ ଗୁଣା ୪୦୦ ମିଟର ମହିଳା ରିଲେ ଦଳ ମଧ୍ୟ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲା।



ଦୁଇଥରର ଅଲିମ୍ପିଆନ ଅବିନାଶ ପୁରୁଷ ୩୦୦୦ ମିଟର ଷ୍ଟିପଲେଚେଜକୁ ୮ ମିନିଟ୍ ୨୦.୯୨ ସେକେଣ୍ଡରେ ଫିନିଶ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଫଳରେ ଦୀର୍ଘ ୩୬ ବର୍ଷର ବ୍ୟବଧାନ ପରେ ଏହି ସମ୍ମାନଜନକ କ୍ରୀଡ଼ା ପ୍ରତିଯୋଗିତାର ୩୦୦୦ ମିଟର ଷ୍ଟିପଲେଚେଜ୍ ଇଭେଣ୍ଟରେ ଜଣେ ଭାରତୀୟ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଶେଷଥର ଲାଗି ଦୀନା ରାମ ୧୯୮୯ ଏସିଆନ୍ ଆଥ୍‌ଲେଟିକ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣପଦକ ଜିତିଥିଲେ। ଅପରପକ୍ଷରେ ଜ୍ୟୋତି ୟାରାଜୀ ମହିଳା ୧୦୦ ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣପଦକ ବାଜିମାତ୍ କରିନେଇଛନ୍ତି। ଏହି ଦୂରତାକୁ ଜ୍ୟୋତି ରେକର୍ଡ ୧୨.୯୬ ସେକେଣ୍ଡରେ ଶେଷ କରିଥିଲେ। ଜ୍ୟୋତି ୨୦୨୩ ସଂସ୍କରଣରେ ୩ୟ ସ୍ଥାନରେ ରହିଥିଲେ।

ସେହିଭଳି ଜିସ୍ନା ମାଥ୍ୟୁ, ରୁପାଲ, ରଜିଥା କୁଞ୍ଜ ଓ ଶୁଭ ଭେଙ୍କଟେଶଙ୍କୁ ନେଇ ଗଠିତ ଭାରତୀୟ ମହିଳା ରିଲେ ଦଳ ମଧ୍ୟ ସ୍ୱର୍ଣ୍ଣପଦକ ହାସଲ କରିଛି। ୪ ଗୁଣା ୪୦୦ ମିଟର ରେସକୁ ଭାରତୀୟ ଦଳ ୩ ମିନିଟ୍ ୩୪.୧୮ ସେକେଣ୍ଡରେ ଫିନିଶ କରିଥିଲା। ଭାରତୀୟ ପୁରୁଷ ୪ ଗୁଣା ୪୦୦ ମିଟର ରିଲେ ଦଳ କିନ୍ତୁ ୨ୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଥିଲା। ତେବେ ମହିଳା ଲଙ୍ଗ୍‌ଜମ୍ପରେ ଭାରତ ଡବଲ୍ ପୋଡିୟମ ଫିନିଶ କରିଥିଲା। ଆନସୀ ସୋଜାନ ଓ ଶାହିଲି ସିଂ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ବିଜୟୀ ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS